R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୮୭
ତିଥି : ଅମାବାସ୍ୟା
୨୪ ଜୁଲାଇ ୨୦୨୫, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 287
24 July 2025, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

ସଂସଦରେ ୨୯ରୁ ଅପରେସନ୍ ସିନ୍ଦୂର ବିତର୍କ

# ଉଭୟ ଗୃହରେ ୩୨ ଘଣ୍ଟାର ଆଲୋଚନା

## ଉତ୍ତର ରଖିବେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, ପ୍ରତିରକ୍ଷାମନ୍ତ୍ରୀ

ନୂଆଦିଲ୍ଲୀ, ୨୩।୭ : ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ଭାରତ ଆରମ୍ଭ କରିଥିବା ଅପରେସନ୍ ସିନ୍ଦୂର ସମ୍ପର୍କରେ ଆସନ୍ତା ୨୯ରେ ସଂସଦରେ ମହାବିତର୍କ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଆଲୋଚନାର ଉତ୍ତର ରଖିବେ। ଉଭୟ ରାଜ୍ୟସଭା ଓ ଲୋକସଭାରେ ୧୬ ଘଣ୍ଟା ଲେଖାଏଁ ଆଲୋଚନା କରାଯିବ। ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରୁ



ଫେରିବା ପରେ ଏହି ଆଲୋଚନା ନେଇ ସମୟ ଧାର୍ଯ୍ୟ ହୋଇଥିବା କାର୍ଯ୍ୟ ପରାମର୍ଶଦାତା କମିଟି ପକ୍ଷରୁ କୁହାଯାଇଛି। ତେବେ ପ୍ରଧାନମନ୍ତ୍ରୀଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଏହି ପ୍ରସଙ୍ଗରେ ଉତ୍ତର ରଖିବେ।

ବିରୋଧୀ ସଦସ୍ୟମାନେ ମୌସୁମୀ ଅଧିବେଶନର ପ୍ରଥମ ଦିନରୁ ଅପରେସନ୍ ସିନ୍ଦୂର ନେଇ ବିତର୍କ ଲାଗି ଦାବି କରିଆସୁଛନ୍ତି। ଏଥିପାଇଁ ଗୃହକାର୍ଯ୍ୟ ଠିକ୍ ଭାବେ ଚାଲିପାରୁନାହିଁ। ତେବେ ସରକାର ସେମାନଙ୍କ ଏହି ଦାବିକୁ ଗ୍ରହଣ କରିଛନ୍ତି। ତେବେ ବିହାରର ଏସ୍ଆଇଆରକୁ ନେଇ ବିରୋଧୀଙ୍କ ପକ୍ଷରୁ ହେଉଥିବା ଦାବି ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ପହଲଗାମ୍ ଆକ୍ରମଣରେ ଆତଙ୍କବାଦୀମାନେ ୨୬ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ବିରୋଧୀ ପ୍ରଧାନମନ୍ତ୍ରୀଙ୍କର ସାମରିକ କାର୍ଯ୍ୟାନୁଷ୍ଠାନ ନେଇ ଉତ୍ତର ଦାବି କରିଛନ୍ତି। ସେହିଭଳି ଆମେରିକା ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପ ବହୁବାର ଭାରତ ଓ ପାକିସ୍ତାନକୁ ଯୁଦ୍ଧ (୯ ପୃଷ୍ଠାରେ)

# ଉପ-ରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ

ନୂଆଦିଲ୍ଲୀ, ୨୩।୭ : ଉପ-ରାଷ୍ଟ୍ରପତି ପଦବୀରୁ ଜଗଦୀପ ଧନଖଡ ଇସ୍ତଫା ଦେବାପରେ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଗଷ୍ଟ ଶେଷ ସୁଦ୍ଧା ଦେଶକୁ ନୂଆ ଉପରାଷ୍ଟ୍ରପତି ମିଳିବେ ବୋଲି ଆଶା ପ୍ରକାଶ କରାଯାଉଛି। ତେବେ ଉପରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ଓ ବିରୋଧୀଙ୍କ ମଧ୍ୟରେ ସିଧାସଳଖ ଲଢ଼େଇ ହୋଇପାରେ ବୋଲି ଆଶା ରହିଛି। ବିରୋଧୀଙ୍କ ଠାରୁ ଏନ୍‌ଡିଏ ବେଶ୍ ସୁବିଧାଜନକ ସ୍ଥିତିରେ ରହିଛି।

ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ଧାରା ୩୨୪ ଅନୁସାରେ ଉପରାଷ୍ଟ୍ରପତି ପଦ ଲାଗି ନିର୍ବାଚନ ପରିଚାଳନା କରିବା ଲାଗି ଭାରତୀୟ କମିଶନ ଅଧିକାର ପ୍ରାପ୍ତ ଅଟନ୍ତି। ନିର୍ବାଚନ ଆଇନ୍ ୧୯୫୨ ଓ ଏହା ଅଧିନରେ ପ୍ରଣିତ ନିୟମ ଅର୍ଥାତ୍ ରାଷ୍ଟ୍ରପତି, ଉପରାଷ୍ଟ୍ରପତିଙ୍କ ନିର୍ବାଚନ ନିୟମ ୧୯୭୪ ଦ୍ୱାରା ଏହା ପରିକଳ୍ପିତ ହୋଇଥାଏ। ପ୍ରକ୍ରିୟା ଅନୁଯାୟୀ ରାଜ୍ୟସଭା ଓ ଲୋକସଭାର ନିର୍ବାଚିତ ଓ ମେନୋନୀତ ସାଂସଦଙ୍କୁ ନେଇ ଇଲେକ୍ଟୋରାଲ କଲେଜ ପ୍ରସ୍ତୁତ କରାଯିବ। ଏମାନେ ସମସ୍ତେ ଭୋଟ୍ ଦେବାକୁ ଅଧିକାରପ୍ରାପ୍ତ। ରିଟର୍ଣ୍ଣିଂ ଅଫିସର ଓ ସହକାରୀ ରିଟର୍ଣ୍ଣିଂ ଅଫିସରମାନଙ୍କର ଚୂଡାନ୍ତକ କରାଯିବ॥ ପୂର୍ବ ସମସ୍ତ ଉପରାଷ୍ଟ୍ରପତି ନିର୍ବାଚନ ସମୟରେ ଆବଶ୍ୟକ ଥିବା ସାମଗ୍ରୀର ପ୍ରସ୍ତୁତି ଏବଂ ପ୍ରସାରଣ ପାଇଁ ପଦକ୍ଷେପ ନିଆଯାଉଛି। ତେବେ ସଂସଦର ସଂଖ୍ୟା ଖେଳକୁ ନେଇ ସୂଚନା ମିଳିଛି ଯେ ଏନ୍‌ଡିଏ ଯଥେଷ୍ଟ ସୁବିଧାଜନକ ସ୍ଥିତିରେ ରହିଛି॥ ଲୋକସଭାରେ ୫୪୩ ସଦସ୍ୟ ଅଛନ୍ତି। ପଶ୍ଚିବଙ୍ଗର ଗୋଟିଏର ଆସନ ଖାଲି ରହିଛି। ଅପରପକ୍ଷରେ

## ସୁବିଧା ଜନକ ସ୍ଥିତିରେ ଏନ୍‌ଡିଏ

ରାଜ୍ୟସଭାର ୨୪୫ ସଦସ୍ୟଙ୍କ ମଧ୍ୟରୁ ୫ ପଦ୪ ଖାଲି ରହିଛି। ଉଭୟ ଲୋକସଭା ଓ ରାଜ୍ୟସଭାର ସଦସ୍ୟଙ୍କ ସଂଖ୍ୟା ୭୮୨ ରହିଛି। ଉପରାଷ୍ଟ୍ରପତି ପଦବୀ ଜିତିବାକୁ ହେଲେ ଜଣେ ପ୍ରାର୍ଥୀଙ୍କୁ (୯ ପୃଷ୍ଠାରେ)

# ଏନ୍‌ସିଇଆରଟି ଅଷ୍ଟମ ଶ୍ରେଣୀ ଦ୍ୱିତୀୟ ଖଣ୍ଡରେ ପାଇକ ବିଦ୍ରୋହର ବିସ୍ତୃତ ଅଧ୍ୟାୟ

ଭୁବନେଶ୍ୱର ୨୨।୭ (ସବ୍ୟୁ) : ଜାତୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ (ଏନ୍.ସି.ଇ.ଆର୍.ଟି)ର ନୂତନ ଅଷ୍ଟମ ଶ୍ରେଣୀ ସାମାଜିକ ପାଠ୍ୟପୁସ୍ତକରୁ ଓଡ଼ିଶାର ଐତିହାସିକ ପାଇକ ବିଦ୍ରୋହ ଅଧ୍ୟାୟ ଉଚ୍ଛେଦ ନେଇ ହେଉଥିବା ଅଭିଯୋଗକୁ ଆଜି ପରିଷଦ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଖଣ୍ଡନ କରାଯାଇଛି। କୁହାଯାଇଛି ଯେ, ପ୍ରଥମ ପର୍ଯ୍ୟାୟରେ ଏନ୍.ସି.ଇ.ଆର୍.ଟି ଅଷ୍ଟମ ଶ୍ରେଣୀର ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକ ପ୍ରଥମ ଖଣ୍ଡ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ'ରେ ଦି କଲୋନିଆଲ୍ ଏରା ଇନ୍ ଇଣ୍ଡିଆ ଚାପ୍ଟରରେ ଓଡ଼ିଶା ପାଇକ ବିଦ୍ରୋହ ବାଦ୍ ପଡ଼ିଥିବା ନେଇ ଚର୍ଚ୍ଚା ହୋଇଥିଲା। ଦ୍ୱିତୀୟ ଖଣ୍ଡରେ ଆଞ୍ଚଳିକ ଜନ ଆନ୍ଦୋଳନ ଓ ସଶସ୍ତ୍ର ବିଦ୍ରୋହ ସଂପର୍କିତ ବିଷୟ ସ୍ଥାନିତ ହେବ। ଏହି ପାଠ୍ୟପୁସ୍ତକର ଦ୍ୱିତୀୟ ଖଣ୍ଡ ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ଓଡ଼ିଶାର ଅପାଇକବିଦ୍ରୋହ, ପଞ୍ଜାବର କୁକା ବିଦ୍ରୋହ, ଶିଖ୍ ବିଦ୍ରୋହ ଆଦି ଅନେକ ଆଞ୍ଚଳିକ ବିଦ୍ରୋହକୁ ଅନ୍ତର୍ଭୁକ୍ତ କରାଯାଇ ଚଳିତ ବର୍ଷ ଅକ୍ଟୋବର ମାସରେ ଏହା ପ୍ରକାଶ କରାଯିବ। ଏନ୍.ସି.ଇ.ଆର୍.ଟିର ନିଜ 'ଏକ୍ସ' ପୋଷ୍ଟରେ ଆଜି ମଧ୍ୟ ଏଥିନେଇ ସ୍ୱଷ୍ଟୀକରଣ (୯ ପୃଷ୍ଠାରେ)

## ମହାନଦୀ ଜଳ ବିବାଦ ସମାଧାନ ଲାଗି ଉଚ୍ଚସ୍ତରୀୟ ବୈଠକ

# ଆପୋଷ ଆଲୋଚନାରେ ସମାଧାନକୁ ଗୁରୁତ୍ୱ

ଭୁବନେଶ୍ୱର, ୨୩।୭ (ସବ୍ୟୁ) : ବୁଧବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଛତିଶଗଡ଼ ସହିତ ଚାଲିଥିବା ମହାନଦୀ ଜଳବିବାଦର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦ୍ରୀୟ ଜଳ କମିଶନରେ ସମସ୍ୟା ସମାଧାନ ପାଇଁ ହେଉଥିବା ଉଦ୍ୟମ ମନ୍ଥର ଗତିରେ ଚାଲିଥିବାରୁ କେନ୍ଦ୍ର ସରକାରଙ୍କ ସହଯୋଗରେ ଉଭୟ ରାଜ୍ୟ



ମଧ୍ୟରେ ଆପୋଷ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ। ଏଥିରେ କେନ୍ଦ୍ର ଜଳ କମିଶନ ବୈଷୟିକ ସହଯୋଗ ପ୍ରଦାନ କରିପାରିବ। ଏହାଦ୍ୱାରା ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ଦୀର୍ଘଦିନର ବିବାଦ ସମାଧାନ ହୋଇପାରିବ ଏବଂ ଉଭୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ (୯ ପୃଷ୍ଠାରେ)

# ରାଜ୍ୟରେ ଆଉ ୨ ଓଆଇଏସ୍ଏଫ୍ ବାଟାଲିୟନ

ଭୁବନେଶ୍ୱର, ୨୩।୭ (ସବ୍ୟୁ): ରାଜ୍ୟରେ "ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ'ର ଆଉ ଦୁଇଟି ବାଟାଲିୟନ ଗଠନ କରାଯିବ। ଏହି ଦୁଇଟି ନୂଆ ବାଟାଲିୟନ ପାଇଁ ସମୁଦାୟ ୨୦୮୦ ଟି ପଦବୀ ମଧ୍ୟ ସୃଷ୍ଟି କରାଯାଇଛି। ଏଥିରୁ ୧୯୪୪ଟି ନିୟମିତ ପଦବୀ ଥିବାବେଳେ ୧୩୬ଟି ପଦବୀ ଆଉଟସୋର୍ସିଙ୍ଗ ଭିତ୍ତିରେ ସୃଷ୍ଟି କରାଯାଇଛି। ଏହି ନୂଆ ଓଆଇଏସ୍ଏଫ୍ ବାଟାଲିୟନରେ ୨୫୬ ହାବିଲଦାର ଓ ୧୩୫୦ କନଷ୍ଟେବଲ ନିଯୁକ୍ତି ପାଇବେ। ଏଥିସହ ୨ଜଣ କମାଣ୍ଡାଣ୍ଟ ଓ ୬ଜଣ ଡେପୁଟି କମାଣ୍ଡାଣ୍ଟ ବି ରହିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନ ପରେ ଗୃହ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

**ଦୁଇ ବାଟାଲିୟନରୁ ୨୦୮୦ ପଦବୀ ମଧ୍ୟ ସୃଷ୍ଟି ହେବ**

ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ଏହି ପଦକ୍ଷେପ ନେଉଛନ୍ତି। ନୂଆ ନୂଆ ଶିଳ୍ପ ପ୍ରତିଷ୍ଠା ହେବା ସହିତ ଆଗାମୀ ଦିନରେ ଏହି କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ଉତ୍କର୍ଷ ଓଡ଼ିଶା-ମେକ୍ ଇନ ଓଡ଼ିଶା ୨୦୨୫ ପରେ ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ତେଣୁ ଶିଳ୍ପ ପ୍ରତିଷ୍ଠାନ ଓ (୯ ପୃଷ୍ଠାରେ)

# ଆଜିଠୁ ପ୍ରବଳ ବର୍ଷା : ୨୪ ଘଣ୍ଟାରେ ଲଘୁଚାପ

ଭୁବନେଶ୍ୱର, ୨୩।୭ (ସବ୍ୟୁ) : ଆସନ୍ତାକାଲିଠୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ବଙ୍ଗୋପସାଗରରେ ସକ୍ରୀୟ ହୋଇଛି ଘୂର୍ଣ୍ଣି ବଳୟ। ଆସନ୍ତା ୨୪ ଘଣ୍ଟାରେ ଆହୁରି ଅଧିକ ଘନୀଭୂତ ହୋଇ ଲଘୁଚାପ ରୂପ ନେବ। ଏହାର ପ୍ରଭାବରେ ଗୁରୁବାରଠାରୁ ଅଧିକାଂଶ ସ୍ଥାନରେ ବର୍ଷା ସହ ପବନ ବହିବ। ୨୪ରୁ ୨୭ ତାରିଖ ସମୁଦ୍ର ଅଶାନ୍ତ ରହିବା ସହ ପବନ ଘଣ୍ଟା ପ୍ରତି ୩୫ରୁ ୪୫ ଝଟ୍କା ୫୫ କିମି ରହିବ। ତେଣୁ ସମୁଦ୍ର ମଧ୍ୟକୁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ମତ୍ସ୍ୟଜୀବୀ ପ୍ରବେଶ କରିବାକୁ ବାରଣ କରାଯାଇଛି।

- ୨୫ରେ ମୟୂରଭଞ୍ଜ, କେନ୍ଦୁଝରକୁ ରେଡ୍ ୱାର୍ଣ୍ଣିଂ
- ୨୭ଯାଏଁ ସମୁଦ୍ର ଯିବାକୁ ମତ୍ସ୍ୟଜୀବୀଙ୍କୁ ମନା

ପାଣିପାଗ ବିଭାଗ କହିବା ଅନୁଯାୟୀ, ବୁଧବାର ଭୁବନେଶ୍ୱରରେ ସର୍ବାଧିକ ୭୦ ମିମି ବର୍ଷା ହୋଇଥିବାବେଳେ ଦାରିଙ୍ଗିବାଡ଼ିରେ ୭୨ ମିମି, ଛତ୍ରପୁରରେ ୪୨ ମିମି, ଖୋର୍ଦ୍ଧାରେ ୨୧ ମିମି, ପାରଳାଖେମୁଣ୍ଡିରେ ୨୦ ମିମି, ରାୟଗଡ଼ାରେ ୧୭ ମିମି, ପୁରୀରେ ୧୧ ମିମି ଓ କଟକରେ ୫ ମିମି ବର୍ଷା ରେକର୍ଡ଼ କରାଯାଇଛି।

ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ଆସନ୍ତା (୯ ପୃଷ୍ଠାରେ)

## ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣା

# ପ୍ରତ୍ୟକ୍ଷଦର୍ଶୀ ଦୁଇ ଛାତ୍ରୀଙ୍କ ବୟାନ ରେକର୍ଡ଼

ବାଲେଶ୍ୱର, ୨୩।୭ (ସବ୍ୟୁ) : ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଥିବା ସୌମ୍ୟାଶ୍ରୀ ବିଶି ଆତ୍ମଦାହ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ପ୍ରତ୍ୟକ୍ଷଦର୍ଶୀ ୨ ଜଣ ଛାତ୍ରୀଙ୍କୁ ନେଇ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ବୟାନ ରେକର୍ଡ଼ କରିଥିବା ଜଣାପଡ଼ିଛି।

ଘଟଣାରୁ ପ୍ରକାଶ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ କରିବା ଘଟଣା ଚର୍ଚ୍ଚାର ପରିସରକୁ ଆସିଥିବା ବେଳେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମବ୍ରାଞ୍ଚ ଟିମ୍ ବାଲେଶ୍ୱରରେ ପହଞ୍ଚି ଗତ ୬ ଦିନ ଧରି ଘଟଣା ବାବଦରେ ତଦନ୍ତ ଚଳାଇଥିବାବେଳେ ବୁଧବାର ଦିନ ୨ ଜଣ ପ୍ରତ୍ୟକ୍ଷଦର୍ଶୀ ଛାତ୍ରୀଙ୍କୁ ନେଇ ବାଲେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଇ ୧୬୪ ଧାରାରେ ସେମାନଙ୍କ ବୟାନ ରେକର୍ଡ଼ କରାଯାଇଛି।

# ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତିଙ୍କ ନିଯୁକ୍ତି ରଦ୍ଦ

କଟକ, ୨୩।୭ (ସବ୍ୟୁ) : ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପଦରେ ଦିଆଯାଇଥିବା ନିଯୁକ୍ତିକୁ ରଦ୍ଦ କରି ଦେଇଛନ୍ତି ସରକାର। ଆଜି ଏହି ନିଷ୍ପତ୍ତି ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ଏହି ଜବାବ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଭାରପ୍ରାପ୍ତ କୁଳପତିଙ୍କ ନିଯୁକ୍ତିକୁ ଚାଲେଞ୍ଜ କରି ରୁଜୁ ମାମଲାର ଅନ୍ତ ଘଟାଇଛନ୍ତି। ତେବେ ଯେକୌଣସି ନିଷ୍ପତ୍ତି ନେଲାବେଳେ ରାଜ୍ୟ ସରକାର ଆଇନର ପ୍ରାବଧାନକୁ ନଜରରେ ରଖି ପଦକ୍ଷେପ ନେବାକୁ ହାଇକୋର୍ଟ ଏହି ଅବସରରେ ପରାମର୍ଶ ଦେଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ତଥା ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଓ ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ (୯ ପୃଷ୍ଠାରେ)

**ହାଇକୋର୍ଟଙ୍କୁ ଏ ସମ୍ପର୍କରେ କରାଗଲା ଅବଗତ**

**ମାମଲାର ଘଟିଲା ଅନ୍ତ**

# ସୁନା କାରବାରରେ ୫.୬ କୋଟି ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୩।୭ (ସବ୍ୟୁ) : ସୁନା କାରବାରରେ ୫.୬ କୋଟି ଟଙ୍କା ଆତ୍ମସାତ୍ ବିହାରର ଦମ୍ପତି ଠକେଇ କରିଛନ୍ତି। ସ୍ୱାମୀ ରମେଶ ଚନ୍ଦ୍ର ମାଝୀଙ୍କୁ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମୟୁନିଟ୍ ଗିରଫ କରିଛି। ତାଙ୍କ ସ୍ତ୍ରୀଙ୍କ ନାମରେ ଅଭିଯୋଗ ଥିବାରୁ ତାଙ୍କୁ ଗିରଫ କରାଯିବ ବୋଲି ସୂଚନା ମିଳିଛି।



ସୁନା ଓ ହୀରା ବ୍ୟବସାୟୀ ଭୋଳାନାଥ ମହାନ୍ତି ଅଭିଯୋଗ କରିଥିଲେ ଯେ ତାଙ୍କଠାରୁ ଦମ୍ପତି ଟଙ୍କା ଠକିନେଇଛନ୍ତି। ଏମ୍‌ଏସ୍ ଷ୍ଟାର ୱେ ସୁନା ଓ ହୀରା ପ୍ରା. ଲିଃ ଏବଂ ଏମ୍‌ଏସ୍ ଷ୍ଟାର୍ ଡେଭଲପର୍ସ ପ୍ରା.ଲିଃ.ର ଏମ୍‌ଡି ଭୋଳାନାଥ ମହାନ୍ତି। ୨୦୨୨ ମସିହାରେ ରମେଶ ଚନ୍ଦ୍ର ମାଝୀ ଓ ତାଙ୍କ ସ୍ତ୍ରୀ ଅନୀସା ସୁବୁଦ୍ଧିଙ୍କ ସହ ପରିଚୟ ହୋଇଥିଲା। ରମେଶ ମାଝୀ ଓ (୯ ପୃଷ୍ଠାରେ)

# ବିହାରର ଏସ୍ଆଇଆର୍‌କୁ ନେଇ ଚାଲିପାରୁନି ସଂସଦ

ନୂଆଦିଲ୍ଲୀ, ୨୩।୭ : ମୌସୁମୀ ଅଧିବେଶନର ତୃତୀୟ ଦିନରେ ବି ସଂସଦର ଉଭୟ ଗୃହରେ ଅଚଳାବସ୍ଥା ଦେଖାଦେଇଛି। ବିହାରରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍ଆଇଆର)କୁ ବିରୋଧ କରି ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଛନ୍ତି। ବିରୋଧୀ ସାଂସଦଙ୍କ ହଟ୍ଟଗୋଳ ଯୋଗୁ ଆଜି ଗୃହ କାର୍ଯ୍ୟ ଚାଲିବା ସମ୍ଭବପର ହୋଇନାହିଁ।

ଲୋକସଭାରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ଲାକାର୍ଡ ପ୍ରଦର୍ଶନ କରି ଏସ୍ଆଇଆର୍‌କୁ ବିରୋଧ କରିଥିଲେ। ତେବେ ଲୋକସଭା ବାଚସ୍ପତି ସଦସ୍ୟମାନେ




ସେମାନଙ୍କ ଆଚରଣ ଉପରେ ଧ୍ୟାନ ଦେବାକୁ ତାଗିଦ୍ କରିଥିଲେ। ରାଜ୍ୟସଭାରେ ମଧ୍ୟ ଅନୁରୂପ ସ୍ଥିତି ଦେଖାଦେଇଥିଲା। ତେବେ ଅଚଳାବସ୍ଥା ମଧ୍ୟରେ କ୍ରୀଡ଼ା ପ୍ରଶାସନ ବିଲ୍ ସଂସଦରେ ଆଜି ଉପସ୍ଥାପିତ ହୋଇଛି। ବିରୋଧୀ ସଦସ୍ୟମାନେ ବିହାରରେ ଚାଲିଥିବା ସଂଶୋଧିତ ଭୋଟର ତାଲିକାକୁ ବିରୋଧ କରିଛନ୍ତି। ସେମାନେ ଚାହୁଁଛନ୍ତି ଯେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏଭଳି ସ୍ଥିତି ଉପରେ ସରକାର ଉତ୍ତର ରଖନ୍ତୁ। ଏହି ସଂଶୋଧନ ତାଲିକାକୁ ନେଇ ଆଲୋଚନା କରାଯାଉ। ବିରୋଧୀ ସଦସ୍ୟମାନେ ଏନେଇ ଯୁକ୍ତି ଉପସ୍ଥାପନ କରିଛନ୍ତି। ସଂସଦର ମକରଦ୍ୱାରରେ ସେମାନେ ଏସଆଇଆର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏସଆଇଆର ଓ ଅପରେସନ୍ ସିନ୍ଦୂର ଏକ ପ୍ରମୁଖ ପ୍ରସଙ୍ଗ ହୋଇଛି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉତ୍ତର ରଖିବାକୁ ସେମାନେ କରିଛନ୍ତି। ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି (୯ ପୃଷ୍ଠାରେ)

**ତୃତୀୟ ଦିନରେ ବି ହଟ୍ଟଗୋଳ ଜାରି**

# ଭିଜିଲାନ୍ସ ଜାଲରେ ବିଏମ୍‌ସି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର, ୨୩।୭ (ସବ୍ୟୁ) : ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବୁଧବାର ବିଏମ୍‌ସି ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଜଗନ୍ନାଥ ପଟ୍ଟନାୟକଙ୍କ ଘରେ ଚଢ଼ାଉ କରିଛି। ଏକସଙ୍ଗେ ୪ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଚଢ଼ାଉ କରୁଥିବା ୪ ଟିମ୍‌ରେ ୬ ଡିଏସ୍‌ପି, ୧୦ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ। ସେମାନେ ୪ଟି ଟିମ୍‌ରେ ପୈତୃକ ଘର, ବିଏମ୍‌ସି ଅଫିସ, ବଡ଼ଗଡ଼ ଘର ଓ ବାଲିଅନ୍ତା ରଣପୁର ଫାର୍ମହାଉସ୍‌ରେ ଚଢ଼ାଉ କରି ବିପୁଳ ପରିମାଣର ସମ୍ପତ୍ତି ଠାବ କରିଛନ୍ତି।

ଭୁବନେଶ୍ୱର ବଡ଼ଗଡ଼ରେ ଗୋଟିଏ ୩ ମହଲା କୋଠା, ରାୟଗଡ଼ା ଗୁଣପୁରରେ ଦୁଇଟି କୋଠା, ବାଲିଅନ୍ତା ରଣପୁରରେ ୧.୫୭ ଏକର ଜମିରେ ଫାର୍ମହାଉସ, ବଡ଼ଗଡ଼ରେ ଦୁଇଟି ପ୍ଲଟ୍ ଓ ଖଣ୍ଡଗିରିରେ (୯ ପୃଷ୍ଠାରେ)



# ଚିତଉପିଠା

**ସାମଗ୍ରୀ–** ଏକ କପ ବତୁରା ଅରୁଆ ଚାଉଳ, ଅଧା ଫାଳ ନଡିଆ କୋରା, ସ୍ୱାଦ ଅନୁସାରେ ଲୁଣ, ଚିନି, ଅଳ୍ପ ତେଲ ।

**ପ୍ରଣାଳୀ–** ପ୍ରଥମେ ଚାଉଳକୁ କିଛି ସମୟ ବତୁରାଇ ନିଅନ୍ତୁ । ଏହାପରେ ଗ୍ରାଇଣ୍ଡରରେ ଏହାକୁ ନଡିଆ କୋରା ସହିତ ମିଶାଇ ବାଟି ଦିଅନ୍ତୁ । ଏହି ବଟାକୁ ଚିକ୍କଣ କରି ବାଟି କିଛି ଘଣ୍ଟା ଛାଡି ଦିଅନ୍ତୁ । ଏହାପରେ ଏଥିରେ ଆବଶ୍ୟକ ଅନୁଯାୟୀ ଲୁଣ ଓ ଚିନି ମିଶାଇ ଅଳ୍ପ ହାଲୁକା ଉଷୁମ ପାଣି ଦେଇ ଏକ ଆଣ ପ୍ରସ୍ତୁତ କରନ୍ତୁ । ଏହାକୁ ଟିକେ ପାଣି କରିବେ । ଏହାପରେ ଗ୍ୟାସରେ ଏକ କରେଇ ବସେଇ ଅଧିକ ଫ୍ଲେମ ଦେଇ ଗରମ କରନ୍ତୁ । କରେଇରେ ବର୍ତ୍ତମାନ ଅଳ୍ପ ତେଲ ଲଗାନ୍ତୁ ଏବଂ ଏଥିରେ କିଛି ଆଣ ପକାନ୍ତୁ । ଆଣ ପକାଇବା ପରେ ଏହାକୁ ଘୋଡାଇ ଦିଅନ୍ତୁ । କିଛି ସମୟରେ ପରେ ଏଥିରେ କଣାକଣା ଦେଖିବାକୁ ମିଳିବ, ଏହା ପିଠା କାଢିବାର ସମୟ । ଏହାପରେ ପିଠାକୁ କାଢି ନିଅନ୍ତୁ । ଏହି ପିଠାକୁ ଓଲଟାଇବାର ଆବଶ୍ୟକ ନାହିଁ । ବର୍ତ୍ତମାନ ଏହାକୁ କାଢି ନିଅନ୍ତୁ, ପ୍ରସ୍ତୁତ ହୋଇଯିବ ଚିତଉ ପିଠା । ଏହାକୁ ଖୀର କିମ୍ବା ଯେ କୌଣସି ତରକାରୀ ସହିତ ଖାଇପାରିବେ ।



## ସୋସିଆଲ କୋଟ୍ସ



“ବାଦଶାହର ଗୀତ ସୁଟିଂ ସମୟରେ ମୁଁ ଭୋକିଲା ଥିଲି । କେବଳ ସିଝା ଚଣା ଖାଇକି ବଞ୍ଚୁଥିଲି । ଆଉଟ୍ ଫିଟ୍‌ରେ ଫିଟ୍ ହେବା ପାଇଁ ଏଭଳି କରିବାକୁ ପଡିଥିଲା ।

**ଟୁଇଙ୍କିଲ୍ ଖନ୍ନା, ଅଭିନେତ୍ରୀ**



“ଥିଏଟରର ସମସ୍ତ ଝିଅଙ୍କୁ ଶାହରୁଖ ଘରେ ଛାଡିବାକୁ ଯାଉଥିଲେ । ସେ ସମୟରେ ଶାହରୁଖ ମାରୁତି ଭ୍ୟାନ ଚଳାଉଥିଲେ ।

**ଦୀପିକା ଦେଶପାଣ୍ଡେ, ଅଭିନେତ୍ରୀ**



“ସୈଫ ଅନେକ ଦୁଷ୍ଟାମୀ କରିଛନ୍ତି । ସେ ୟୁନିଭର୍ସିଟି ଯିବାକୁ ଯମାରୁ ପସନ୍ଦ କରୁନଥିଲେ । ଗୋଟେ ଥର ସେ ୟୁନିଭର୍ସିଟି ଯିବା ବଦଳରେ ଜଣଙ୍କ ସହିତ ଡେଟ୍‌ରେ ପଳାଇଥିଲେ ।

**ଶର୍ମିଳା ଟାଗୋର, ଅଭିନେତ୍ରୀ**

# ଚିତାଲାଗି ଅମାବାସ୍ୟା



ଆମ ଓଡ଼ିଆ ସଂସ୍କୃତିରେ ରହିଛି ବାର ମାସରେ ତେର ପର୍ବ ପର୍ବାଣୀ । ଶ୍ରାବଣ ମାସର ଅମାବାସ୍ୟା ପର୍ବ ସେଥିମଧ୍ୟରୁ ଅନ୍ୟତମ । ଏହି ଅମାବାସ୍ୟାକୁ ଚିତାଲାଗି ଅମାବାସ୍ୟା ବା ଚିତଉ ଅମାବାସ୍ୟା ମଧ୍ୟ କୁହାଯାଇଥାଏ । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ସମସ୍ତ କୃଷକ ପରିବାରରେ ଏହି ପର୍ବ ଖୁବ୍ ଧୁମ୍ ଧାମରେ ପାଳିତ ହୋଇଆସୁଛି । ଏହି ସମୟରେ ଚାଷୀମାନେ ନିଜ ନିଜ ବିଲରେ ଚାଷ କାର୍ଯ୍ୟ ଜୋର ସୋରରେ ଆରମ୍ଭ କରିଥାନ୍ତି । ଏହି ସମୟରେ ଧାନ ବିଲମାନଙ୍କରେ ବର୍ଷା ଜଳ ଜମା ହୋଇଥାଏ । ସେହି ଜଳରେ ଗେଣ୍ଡାମାନଙ୍କର ଆତଯାତ ହେଉଥିବାରୁ ଚାଷୀଙ୍କ ଗୋଡ଼ କାଟିବାର ଭୟ ରହିଥାଏ । ଏଣୁ ପ୍ରତି ଚାଷୀ ପରିବାରରେ ଚିତଉ ପିଠା ତିଆରି କରାଯାଇ ଗେଣ୍ଡାମାନଙ୍କୁ ଏହି ଦିନ ପୂଜା କରାଯିବା ସହିତ ଚିତଉ ପିଠା ଖାଇବାକୁ ଦେଇ କୁହାଯାଏ ଯେ, ହେ ଗେଣ୍ଡେଇଶୁଣି, ତୁମେ ପିଠା ଭୋଗ ଖାଇ ସନ୍ତୁଷ୍ଟ ହୁଅ ଆଉ ଚାଷୀମାନଙ୍କ ଗୋଡ଼ କୁ କାମୁଡ଼ ନାହିଁ । ବିଶ୍ୱାସ ରହିଛି ବିଲ, ପୋଖରୀରେ ଗେଣ୍ଡାମାନଙ୍କୁ ଚିତଉ ପିଠା ଭୋଗ ଅର୍ପଣ କଲେ ଗେଣ୍ଡାମାନେ ଆଉ ଚାଷୀମାନଙ୍କର କୌଣସି ଅନିଷ୍ଟ କରିନଥାନ୍ତି । ଚାଷୀମାନେ ନିର୍ଭୟରେ ନିଜ ବିଲରେ ଚାଷ କାର୍ଯ୍ୟକୁ ଆଗେଇ ନେଇଥାନ୍ତି । ଏଣୁ ଏହି ପର୍ବ ସାରା ରାଜ୍ୟରେ ଚାଷୀମାନଙ୍କ ପର୍ବଭାବେ ପାଳିତ ହୋଇ ଆସୁଛି । ଅପରପକ୍ଷରେ ଯାତ୍ରା ଭାଗବତ ସ୍ମୃତି ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି ଯେ, ପୁରୀ ଶ୍ରୀମନ୍ଦିରରେ ଚିତା ଲାଗି ଅମାବାସ୍ୟା ଏକ ପର୍ବ ଭାବେ ପାଳିତ ହୋଇଥାଏ । ସ୍ନାନପୂର୍ଣ୍ଣମା ଦିନ ଶ୍ରୀବିଗ୍ରହଙ୍କ ଲଲାଟରୁ ରତ୍ନ ଖଚିତ ଚିତା ସବୁ ଉଲାଗି କରାଯାଇ ସୋଲର ଚିତା ଲାଗି ହୋଇଥାଏ । ସେହି ରତ୍ନ ଖଚିତ ଚିତା ସବୁ ଏହି ଶ୍ରାବଣ ମାସ ଅମାବାସ୍ୟା ଦିନ ଶ୍ରୀବିଗ୍ରହମାନଙ୍କୁ ରତ୍ନ ସିଂହାସନ ଉପରେ ଲାଗି କରା ଯାଉଥିବାରୁ ଏହାକୁ ଚିତା ଲାଗି ଅମାବାସ୍ୟା ବୋଲି କୁହାଯାଇଥାଏ । ଦଇତାପତି ସେବକମାନେ ଶ୍ରୀ ବିଗ୍ରହମାନଙ୍କୁ ରତ୍ନ ଖଚିତ ଚିତା ସବୁ ଲାଗି କରିଥାନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚିତାରେ ଧଳା ରଙ୍ଗର ବ୍ରହ୍ମଜ୍ୟୋତି ହୀରା ଖଚିତ ହୋଇ ଥିବା ବେଳେ ବଡ଼ ଠାକୁର ଶ୍ରୀ ବଳଭଦ୍ରଙ୍କ ଚିତାରେ ନୀଳ ରଙ୍ଗର ନୀଳା ଓ ଦେବୀ ସୁଭଦ୍ରାଙ୍କ ଚିତାରେ ଲାଲ ରଙ୍ଗର ମାଣିକ୍ୟ ଖଚିତ ହୋଇଥାଏ । ରତ୍ନ ଖଚିତ ଚିତା ସବୁ ଲାଗି ହେବା ପରେ ଶ୍ରୀବିଗ୍ରହମାନଙ୍କୁ ଚିତଉ ପିଠା ଭୋଗ ଲାଗି କରାଯାଇଥାଏ ।

**ସନ୍ତୋଷ କୁମାର ଦାଶ**
**ମୋ– ୯୪୩୯୩୬୧୮୮୮**

# ନିଜେ କରୁଛି ନିଜ ବ୍ୟାଟେରୀ ପରିବର୍ତ୍ତନ



ଚୀନର ଏକ ରୋବଟ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ରୋବଟଟି ନିଜ ବ୍ୟାଟେରୀ ନିଜେ ପରିବର୍ତ୍ତନ କରିବାରେ ସକ୍ଷମ । ଚୀନର ବୈଜ୍ଞାନିକମାନେ ପ୍ରସ୍ତୁତ କରିଥିବା ଏହି ରୋବଟଟି ନିଜ ବ୍ୟାଟେରୀ ନିଜେ ପରିବର୍ତ୍ତନ କରିପାରୁଥିବାରୁ ତାହା ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିବାରେ ସକ୍ଷମ ହୋଇପାରୁଛି । ଏହି ରୋବଟର ନାଁ ରହିଛି ୱାକର ଏସ୍୨, ଯାହା ବିଶ୍ୱର ପ୍ରଥମ ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିପାରୁଥିବା ରୋବଟ । ଏହି ରୋବଟର ଉଚ୍ଚତା ୫ଫୁଟ ୩ଇଞ୍ଚ ଥିବାବେଳେ ଏମାନଙ୍କର ଓଜନ ୯୫ ପାଉଣ୍ଡ ବା ୪୩ କିଗ୍ରା ରହିଛି । ସେହିଭଳି ତାଙ୍କର ୨୦ଟି ଜଏଣ୍ଟ ବା ମେକାନିଜିମ୍ ରହିଛି ଯେଉଁଗୁଡିକ ବିଭିନ୍ନ ପ୍ରକାରରେ ଗତି କରୁଛନ୍ତି । ଯାହାଫଳରେ ରୋବଟଟି ଖୁବ ଫ୍ଲେକ୍ସିବୁଲ ଭାବେ କାମ କରିପାରୁଛି । ସେହିଭଳି ଏହାକୁ ୱାଇଫାଇ ଓ ବ୍ଲୁଟୁଥ୍ ସହିତ ମଧ୍ୟ ସଂଯୋଗ କରାଯାଇ ପାରୁଛି । ଏହି ରୋବଟଟି ୪୮ ଭୋଲ୍ଟର ଲିଥିଅମ ବ୍ୟାଟେରୀ ସାହାଯ୍ୟରେ ପରିଚାଳିତ ହେଉଛି । ସେହିଭଳି ଏହାର ଡୁଆଲ ବ୍ୟାଟେରୀ ସିଷ୍ଟମ ରହିଛି ଏବଂ ଗୋଟିଏ ବ୍ୟାଟେରୀ ଚାର୍ଜ ହେବା ପାଇଁ ପାଖାପାଖି ୯୦ ମିନିଟ୍ ସମୟ ନେଉଛନ୍ତି ।



# ଏଆଇ ଜିତିଲା ପଦକ

ଗୁଗୁଲର ଏଆଇ ଆର୍ମ ବିଭିନ୍ନ କାର୍ଯ୍ୟ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାଏ । ନିକଟରେ ମିଳିଥିବା ସୂଚନା ଅନୁସାରେ ଗୁଗୁଲର ଏଆଇ ରିସର୍ଚ୍ଚ ଆର୍ମ ଡିପ୍‌ମାଇଣ୍ଡ ନିକଟରେ ଆନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡ୍‌ରେ ସୁନା ପଦକ ଜିତିବାରେ ସକ୍ଷମ ହୋଇଛନ୍ତି । ଏହି ପ୍ରତିଯୋଗିତାରେ ସବୁବେଳେ ଛୋଟଛୋଟ ପିଲା ଭାଗ ନେଇଥାଆନ୍ତି । ତେବେ ଚଳିତ ପ୍ରତିଯୋଗିତାରେ ପ୍ରଥମଥର ପାଇଁ ଏକ ମେସିନ ଭାଗନେଇ ୬ଟି ଗଣିତ ପ୍ରଶ୍ନ ସମାଧାନ କରିବାରେ ସକ୍ଷମ ହୋଇଛି । ଏଗୁଡିକ ଜ୍ୟାମିତି, ବିଜଗଣିତ, ନମ୍ବର ଥିଓରୀ ଭଳି କାଟାଗୋରୀରେ ରହିଛି । ଘଟଣାଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ସମସ୍ତେ ଗୁଗୁଲ ଡିପ୍ ମାଇଣ୍ଡର କାର୍ଯ୍ୟଦକ୍ଷତାକୁ ଖୁବ ପ୍ରଶଂସା କରୁଥିବାର ଦେଖିବାକୁ ମିଳୁଛି ।

# ଭାଇରାଲ ଟେସଲା ଡିନର

ଏଲନ୍ ମସ୍କଙ୍କର ଟେସଲା ଡିନର ବର୍ତ୍ତମାନ ଖୁବ ଚର୍ଚ୍ଚା ସାଉଁଟିବାରେ ଲାଗିଛି । କାଲିଫର୍ଣ୍ଣିଆର ହଲିଉଡରେ ଖୋଲାଯାଇଥିବା ଏହି ସ୍ଥାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ସାଉଁଟିବାରେ ଲାଗିଛି । ଏଠାରେ କେବଳ ଖାଦ୍ୟ ନୁହେଁ ବିଭିନ୍ନ ପ୍ରକାର ସୁବିଧା ରହିଛି, ଯାହା ଗ୍ରାହକଙ୍କୁ ଆକୃଷ୍ଟ କରିବାରେ ଲାଗିଛି । ଏଠାରେ ଗ୍ରାହକମାନେ ସୁସ୍ୱାଦୁ ଖାଦ୍ୟ ଖାଇବା ସହିତ ନିଜର କାର ଚାର୍ଜ ମଧ୍ୟ କରିପାରିବେ । ଏହାସହିତ ଏଠାରେ ସମସ୍ତ କାର୍ଯ୍ୟ ରୋବଟମାନେ କରୁଥିବାର ଦେଖିବାକୁ ମିଳିବ, ଯାହା ଏକ ଆଡ୍‌ଭାନ୍ସଡ୍ କାଫେର ପରିବେଶ ଦେଇଥାଏ । ଏହାସହିତ ଏଠାରେ ଖୁବ ବଡବଡ ସ୍କ୍ରିନ୍ ମଧ୍ୟ ଲାଗିଛି ଯେଉଁଠି ଗ୍ରାହକମାନେ ଫିଲ୍ମ ଦେଖିପାରିବେ । ସେହିଭଳି ଏଠାରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ଅର୍ଗାନିକ ହେବା ସହିତ ସ୍ଥାନୀୟ ଅଞ୍ଚଳରେ ଚାଷୀଙ୍କ ଠାରୁ ସଂଗ୍ରହ କରାଯାଉଥିବା ସୂଚନା ରହିଛି । ଏଠାରେ ମିଳୁଥିବା ଟେଲସା ବର୍ଗର ଖୁବ ଭାଇରାଲ ହେଉଛି । ସେହିଭଳି ଟେଲସା କାରରୁ ମଧ୍ୟ ଗ୍ରାହକମାନେ ଏହି ଖାଦ୍ୟ ଅର୍ଡର କରିପାରିବେ । ଏହି କାଫେଟି ବର୍ତ୍ତମାନ ସ୍ଥାନୀୟ ଲୋକଙ୍କ ଭିତରେ ଖୁବ ଭାଇରାଲ ହେଉଛି ।





# ଆଇସ୍-କ୍ରିମ ସାଣ୍ଡୱିଚ୍

**ସାମଗ୍ରୀ–** ଚକୋଲେଟ୍ କୁକି, ଭାନିଲା ଫ୍ଲେବରର ଆଇସ୍‌କ୍ରିମ୍, ଲାଲ ଚେରୀ, ରେଡ୍‌ଚେରୀ ସିରଫ ।

**ପ୍ରଣାଳୀ–** ପ୍ରଥମେ ଚକୋଲେଟ୍ କୁକିଜ୍‌କୁ ଗୋଟିଏ ପ୍ୟାନରେ ରଖିଦିଅନ୍ତୁ । ଏହାପରେ ଏଥିରେ ଆଇସ୍‌କ୍ରିମ ଦିଅନ୍ତୁ । ଆଇସ୍‌କ୍ରିମ୍‌କୁ ଭଲକରି ସ୍ପ୍ରେଡ କରି ଦିଅନ୍ତୁ । ଏହାପରେ ଏହା ଉପରେ ଆଉ ଏକ କୁକିଜ୍ ରଖନ୍ତୁ । ଉପରେ ଚେରି ସିରପ ଓ ଚେରୀ ଦେଇ ପ୍ରସ୍ତୁତ କରନ୍ତୁ ଆଇସ୍‌କ୍ରିମ୍ ସାଣ୍ଡୱିଚ୍ ।



## ଇତିହାସ

୧୭୯୩– କପିରାଇଟ୍ ଆଇନ ପ୍ରଣୟନ କଲା ଫ୍ରାନ୍ସ ।
୧୮୭୦– ଆମେରିକାରେ ପ୍ରଥମ ଆନ୍ତଃଦେଶ ରେଳସେବା ଶୁଭାରମ୍ଭ ।
୧୯୨୮– ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ କେଶୁଭାଇ ପଟେଲଙ୍କ ଜନ୍ମ ।
୧୯୩୨– ରାମକୃଷ୍ଣ ମିଶନ ସେବା ଅନୁଷ୍ଠାନର ସ୍ଥାପନା ।
୧୯୩୮– ଇନ୍‌ଷ୍ଟାଣ୍ଟ କଫିର ସନ୍ଧାନ କରାଗଲା ।
୧୯୪୪– ଜର୍ମାନୀ ଉପରେ ୩୦୦ ଯୁଦ୍ଧ ବିମାନର ବମ୍ ବର୍ଷା ।
୧୯୬୯– ପୃଥିବୀପୃଷ୍ଠକୁ ସଫଳତାପୂର୍ବକ ଫେରିଲା ଆପୋଲୋ ୧୧ ମହାକାଶଯାନ ।
୧୯୮୯– ବୋଫର୍ସ ତୋପ ପ୍ରସଙ୍ଗରେ ଲୋକସଭାରେ ବିରୋଧୀ ଦଳର ପ୍ରାୟ ସମସ୍ତ ସଦସ୍ୟଙ୍କ ଇସ୍ତଫା ପ୍ରଦାନ ।
୧୯୯୧– ତତ୍କାଳୀନ ଅର୍ଥମନ୍ତ୍ରୀ ମନମୋହନ ସିଂହ ସଂସଦରେ ବଜେଟ୍ ଉପସ୍ଥାପନ କଲେ ।
୨୦୦୦– ଚେସ୍‌ର ପ୍ରଥମ ଗ୍ରାଣ୍ଡମାଷ୍ଟର ହେଲେ ଏସ୍. ବିଜୟଲକ୍ଷ୍ମୀ ।

# ସାହାଯ୍ୟ ମାଗୁଛନ୍ତି ତନୁଶ୍ରୀ

ନିକଟରେ ତନୁଶ୍ରୀଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏଥିରେ ସେ ସାହାଯ୍ୟ ମାଗୁଥିବାର ଦେଖିବାକୁ ମିଳୁଛି । ଗତ ମଙ୍ଗଳବାର ଦିନ ତନୁଶ୍ରୀ ଏକ ଭିଡିଓ କରି ପୋଲିସ୍‌କୁ ସହାୟତା ମାଗୁଥିବାର ଦେଖିବାକୁ ମିଳିଛି । ତନୁଶ୍ରୀଙ୍କ ମତରେ ବିଗତ ୪ରୁ୫ ବର୍ଷ ଧରି ତାଙ୍କୁ ବିଭିନ୍ନ ପ୍ରକାରର ନିର୍ଯ୍ୟାତନା ଦିଆଯାଉଛି । ତନୁଶ୍ରୀ ନିଜର ଅଫିସିଆଲ ଆକାଉଣ୍ଟରୁ ଏହି ଭିଡିଓ ପୋଷ୍ଟ କରିଛନ୍ତି । ଡେରି ହେବା ଆଗରୁ ତାଙ୍କର ସାହାଯ୍ୟ କରିବାକୁ ସେ ଏଥିରେ ମତ ଦେଇଛନ୍ତି । ସେହିଭଳି ନିଜ ଘରେ ହିଁ ତାଙ୍କୁ ଏହି ନିର୍ଯ୍ୟାତନା ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି । ତନୁଶ୍ରୀ ଖୁବଶୀଘ୍ର ଏନେଇ ପୋଲିସ ଷ୍ଟେସନରେ ଅଭିଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି । ତାଙ୍କର ସାହାଯ୍ୟ ନିତାନ୍ତ ଆବଶ୍ୟକ ବୋଲି ତନୁଶ୍ରୀ ପ୍ରକାଶ କରିଛନ୍ତି । ତାଙ୍କୁ ଘରେ ଶାନ୍ତିରେ ରହିବାକୁ ଦିଆଯାଉନାହିଁ, ବିଭିନ୍ନ ପ୍ରକାର ଉପାୟରେ ସମସ୍ୟାରେ ପକାଯାଉଥିବା ସେ ପ୍ରକାଶ କରିଛନ୍ତି । ସମସ୍ତ ଅଭିଯୋଗକୁ ସେ ନିଜ ଏଫଆଇଆର୍‌ରେ ଦର୍ଶାଇବେ ବୋଲି ତନୁଶ୍ରୀ ପ୍ରକାଶ କରିଛନ୍ତି ।

### ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟ ଚାଷୀ ପ୍ରଶିକ୍ଷଣ କେନ୍ଦ୍ରର ଶିଳାନ୍ୟାସ

# ଉତ୍ପାଦନ ବଢ଼ିବ, ଜୀବିକା ହେବ ଅଧିକ ସୁରକ୍ଷିତ: ମନ୍ତ୍ରୀ



## ୧୫ କୋଟି ବ୍ୟୟରେ ୩ ମହଲା ବିଶିଷ୍ଟ ପ୍ରଶିକ୍ଷଣ ଭବନ

## ପ୍ରତି ବ୍ୟାଚରେ ୧୦୦ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେବେ

ଭୁବନେଶ୍ୱର(ସବ୍ୟୁ): ମତ୍ସ୍ୟଚାଷୀ, ଉଦ୍ୟୋଗୀ ଏବଂ ମତ୍ସ୍ୟ ଅଧିକାରୀମାନଙ୍କୁ ଉନ୍ନତ ମତ୍ସ୍ୟ ପ୍ରଯୁକ୍ତିବିଦ୍ୟା ଓ ଆଧୁନିକ କୌଶଳ ବିଷୟରେ ଅତ୍ୟାଧୁନିକ ସମନ୍ୱିତ କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯିବ । ଫଳରେ ମାଛ ଉତ୍ପାଦନ ବହୁଗୁଣିତ ହେବା ସହ ମତ୍ସ୍ୟଚାଷୀଙ୍କ ଜୀବନଜୀବିକା ଅଧିକ ସୁରକ୍ଷିତ ହୋଇପାରିବ । ଭୁବନେଶ୍ୱର କୌଶଲ୍ୟାଗଙ୍ଗ ସରକାରୀ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ର ଠାରେ ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟ ଚାଷୀ ତାଲିମ କେନ୍ଦ୍ରର ଶିଳାନ୍ୟାସ କରି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହା କହିଛନ୍ତି ।

ମାଛ ଚାଷରେ ଓଡିଶାକୁ ଏକ ନମ୍ବର ରାଜ୍ୟ ଭାବେ ପ୍ରତିପାଦିତ କରିବା ଲକ୍ଷ୍ୟ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟ ଚାଷୀ ତାଲିମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଦୂରଦୃଷ୍ଟିକୁ ସାକାର କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ପ୍ରାୟ ୧୫ କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି । ପ୍ରାୟ ୧୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରଶିକ୍ଷଣ କେନ୍ଦ୍ରର କାର୍ଯ୍ୟ ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରହିଛି । ତିନି ମହଲା ବିଶିଷ୍ଟ ଏହି ପ୍ରଶିକ୍ଷଣ ଭବନରେ ୧୨୦ କ୍ଷମତା ବିଶିଷ୍ଟ ସମ୍ମିଳନୀ କକ୍ଷ, ୪୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ପରୀକ୍ଷାଗାର, ପାଠାଗାର, କର୍ମଚାରୀ କକ୍ଷ, ଅତିଥି କକ୍ଷ, ଅଭ୍ୟର୍ଥନା କକ୍ଷ, ଭୋଜନାଳୟ, ଯାନ ରହଣି ସ୍ଥାନ ପାଇଁ ସୁବିଧା ରହିବ । ପ୍ରତି ବ୍ୟାଚରେ ୧୦୦ ଜଣ ପ୍ରଶିକ୍ଷାର୍ଥୀ ଏଠାରେ ପ୍ରଶିକ୍ଷଣ ନେଇ ପାରିବେ ।

ମତ୍ସ୍ୟ ଚାଷୀ, ଉଦ୍ୟୋଗୀ, ମତ୍ସ୍ୟ ଅଧିକାରୀମାନେ ଉନ୍ନତ ଆଧୁନିକ ମାଛ ଚାଷ ପଦ୍ଧତି ଏବଂ ଜ୍ଞାନ କୌଶଳ ଉପରେ ପ୍ରଶିକ୍ଷଣ ପାଇବା ଫଳରେ ଆମର ମାଛ ଉତ୍ପାଦନ ବୃଦ୍ଧି ପାଇବ ଏବଂ ଚାଷୀଙ୍କ ଆୟ ବହୁଗୁଣିତ ହୋଇପାରିବ । ଚାଷୀଙ୍କ ଦକ୍ଷତା ବିକାଶ ଏବଂ ଉନ୍ନତ ମାଛ ଚାଷ ମାଧ୍ୟମରେ ମତ୍ସ୍ୟଚାଷୀଙ୍କ ସଶକ୍ତିକରଣ ଦିଗରେ ଏହା ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍, ବିଭାଗୀୟ ଅଧିକାରୀ, ମତ୍ସ୍ୟ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଘଟଗାଁ ମା’ ତାରିଣୀ ପୀଠ, ମା’ ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ

# ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ସବ୍ୟୁ): ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁ ମା’ ତାରିଣୀ ପୀଠ, ଯାଜପୁର ମା’ ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି ।

ସମୀକ୍ଷା ବୈଠକରୁ ଜଣାଯାଇଛି ଯେ, ଘଟଗାଁ ମା’ ତାରିଣୀ ମନ୍ଦିରର ବିକାଶ କାର୍ଯ୍ୟ ୫୯ ଏକର ପରିମିତ ଅଞ୍ଚଳରେ ୪ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଉଛି । ଅଢେଇ ବର୍ଷ ମଧ୍ୟରେ ଏହି ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି । ଘଟଗାଁ ମା’ ତାରିଣୀଙ୍କ ପୀଠରେ ୨୦୦ ଶଯ୍ୟା ବିଶିଷ୍ଟ ଏକ ଯାତ୍ରୀ ନିବାସ, ୩୦୦ ସିଟ୍ ବିଶିଷ୍ଟ ବ୍ୟାଖ୍ୟାନ କେନ୍ଦ୍ର, ନଡିଆ ଗୋଦାମ, ୫୦୦ ସିଟ୍ ବିଶିଷ୍ଟ ପ୍ରସାଦ ସେବନ ଗୃହ, ଫୁଡ ପ୍ଲାଜା, ପାର୍କିଂ ସୁବିଧା, ମାର୍କେଟ କମ୍ପ୍ଲେକ୍ସ, ଡ୍ରେନେଜ୍ ସିଷ୍ଟମ, ପୁଷ୍କରିଣୀ ଏବଂ ରାସ୍ତା ଉନ୍ନତିକରଣ କାର୍ଯ୍ୟ ଇତ୍ୟାଦି ରହିଛି । ମନ୍ଦିର କମିଟି ସହିତ ଆଲୋଚନା କରି ଏ ସବୁ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥି ସହିତ ଘଟଗାଁ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଦୋକାନ ଗୁଡିକୁ ମାର୍କେଟ କମ୍ପ୍ଲେକ୍ସରେ ସୁବ୍ୟବସ୍ଥିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ପ୍ରସିଦ୍ଧ ଶକ୍ତି ପୀଠ ଯାଜପୁର’ର ମା’ ବିରଜାଙ୍କ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ୪ଟି ପର୍ଯ୍ୟାୟରେ ଆରମ୍ଭ ହୋଇଛି । ଏଥିରେ ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ମନ୍ଦିର ଚତୁଃପାର୍ଶ୍ୱ ବିକାଶ, ବିରଜା ହାଟ ସ୍ଥାପନ, ବ୍ରହ୍ମକୁଣ୍ଡର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ବ୍ୟାଖ୍ୟାନ କେନ୍ଦ୍ର, ଧର୍ମଶାଳା, ହାତୀ ପୋଖରୀ ପୁନରୁଦ୍ଧାର ଏବଂ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରିବା ପାଇଁ କାର୍ଯ୍ୟ ଅନ୍ତର୍ଭୁକ୍ତ ଅଛ । ଆହୁରି ମଧ ପ୍ରଭୁ

## ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଛୋଟ ବଡ ମନ୍ଦିର’ର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଲିଙ୍ଗରାଜଙ୍କ ଏକାମ୍ର କ୍ଷେତ୍ରର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ପ୍ରଭୁ ଲିଙ୍ଗରାଜଙ୍କ କ୍ଷେତ୍ରରେ ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ମନ୍ଦିର ଚତୁଃପାର୍ଶ୍ୱର ରାସ୍ତା ଉନ୍ନତିକରଣ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଏକାମ୍ର କ୍ଷେତ୍ର ହେଉଛି ଭାରତ ବର୍ଷର ଏକ ପ୍ରାଚୀନ ଶୈବ ପୀଠ । ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଅନେକ ଛୋଟ ବଡ ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି । ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ସହିତ ଆଲୋଚନା କରି ଏ ସବୁ ମନ୍ଦିର ଗୁଡିକର ଉନ୍ନତିକରଣ କରାଗଲେ, ଏକାମ୍ର କ୍ଷେତ୍ରର ଆଧ୍ୟାତ୍ମିକ ପରିବେଶ ବଜାୟ ରହିବ ବୋଲି ସେ କହିଥିଲେ । ଏହି ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଆଗକୁ ହେବ ଆଳୁ ସଂକଟ

## ମମତାଙ୍କୁ ଭେଟିବେ ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ଖୁବ୍‌ଶୀଘ୍ର କୋଲକତା ଯାଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହିତ ଆଳୁ ସମ୍ପର୍କରେ ଆଲୋଚନା କରିବେ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି । ସେ କହିଛନ୍ତି, ଆମେ ତାଙ୍କ ସହିତ ଆଲୋଚନା କରି ରାଜ୍ୟକୁ କିଭଳି ଭାବରେ ଠିକ ସମୟରେ ଆଳୁ ଆସିବ ଓ ଲୋକମାନେ ପାଇବେ । ଏହା ଯୋଗାଣ ବିଭାଗର କାମ । ତାଙ୍କ ସହିତ ବସିଲେ ଅସୁବିଧା କଣ ? ଆମେ ଆତ୍ମନିର୍ଭରଶୀଳ ହେବୁ ।



ରାଜ୍ୟରେ ୫ ଲକ୍ଷ ମେଟ୍ରିକ ଟନ ଆଳୁ ଉତ୍ପାଦନ ହେଉଛି । କିନ୍ତୁ ଆବଶ୍ୟକ ହେଉଛି ୧୪ ଲକ୍ଷ ମେଟ୍ରିକ ଟନ ଆଳୁ । ଆମେ ପଶ୍ଚିମବଙ୍ଗ କିମ୍ବା ଉତ୍ତର ପ୍ରଦେଶରୁ ଆଳୁ ଆଣିବୁ ରାଜନୀତିରେ ରାଗ ରୋଷ କିଛି ନାହିଁ । ମମତା ଏନଡିଏରେ ଥିବା ସମୟରେ ଆମେ ତାଙ୍କ ସହିତ ଦୀର୍ଘ ଦିନ ଧରି କାମ କରିଛୁ । ପୁଣି ଏବେ ବସିବାରେ କୌଣସି ଅସୁବିଧା ନାହିଁ । ଦିଦି ଆମ ଉପରେ ରାଗିବେନି ଠିକ ସମୟରେ ଠିକ ଦରରେ ଦେଲେ ଆଣିବୁ, ନଚେତ ଉତ୍ତର ପ୍ରଦେଶରୁ ଆଳୁ ଆଣିବୁ ବୋଲି ମନ୍ତ୍ରୀ କହିଛନ୍ତି ।

### ନାରୀମାନଙ୍କ ଆଶ୍ୱାସନାର ଆଶ୍ରୟ

# ରାଜ୍ୟର ଏକମାତ୍ର ନାରୀବନ୍ଦୀ ନିକେତନ

**ଭୁବନେଶ୍ୱର,(ଗଗନ ସ୍ୱାଇଁ):** ରାଜ୍ୟରେ ଥିବା ନାରୀବନ୍ଦୀ ନିକେତନ କାରଗାର ନୁହେଁ ବରଂ ଜୀବନ ଗଢ଼ିବା କାରଖାନା । ସେଠାରେ ସମସ୍ତ କର୍ମଚାରୀ ମହିଳା ସାଙ୍ଗକୁ ଅନ୍ତେବାସୀ ମହିଳା । ଯେଉଁ ଅନ୍ତେବାସୀମାନେ ରହୁଛନ୍ତି, ସେମାନଙ୍କୁ ଯୋଗ, ଧ୍ୟାନ, ପ୍ରାଣାୟାମ ସାଙ୍ଗକୁ ବିଭିନ୍ନ କାର୍ଯ୍ୟ କରିବାର ବ୍ୟବସ୍ଥା କରାଯାଇଛି । ଅନ୍ତେବାସୀମାନେ କାମ କରି ଯାହା ରୋଜଗାର କଲେ ସେହି ଅର୍ଥକୁ ତାଙ୍କ ଘରକୁ ପଠାଇ ଦିଆଯାଉଛି । ଅନ୍ତେବାସୀମାନେ ପରିବାରକୁ ଆର୍ଥିକ ସହାୟତା ଯୋଗାଉଛନ୍ତି । ଯାହା ତାଙ୍କ ପିଲାଙ୍କ ପାଠ ପଢାରେ ଖର୍ଚ୍ଚ ହେଉଥିବା ଅନ୍ତେବାସୀ ମତ ଦେଇଛନ୍ତି ।

୧୯୯୪ ମସିହା ଅକ୍ଟୋବର ମାସରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକ ତାହା ନିର୍ମାଣ କରାଇଥିଲେ । ସେହି କାରାଗାରରେ ୫୫ଜଣ ଅନ୍ତେବାସୀ ରହିବା ବ୍ୟବସ୍ଥା ଥିବାବେଳେ ବର୍ତ୍ତମାନ ୩୦ଅନ୍ତେବାସୀ ଓ ୩ଜଣ ଶିଶୁ ରହୁଛନ୍ତି । କାରାଗାରରେ ରହୁଥିବା ଅନ୍ତେବାସୀଙ୍କ ଛୋଟପିଲା ୬ବର୍ଷ ପର୍ଯ୍ୟନ୍ତ ମା’ପାଖରେ ରହିବାର ବ୍ୟବସ୍ଥା ରହିଛି । ରାଜ୍ୟର ଏହା ଏକମାତ୍ର ମହିଳା କାରାଗାର ସମ୍ବଲପୁରର ଭୁତାପଡା ଛକଠାରେ ଅବସ୍ଥିତ । ସମାଜରେ ନାରୀର ସ୍ଥାନ ସ୍ୱତନ୍ତ୍ର ଥିବାବେଳେ ପରିସ୍ଥିତିରେ ପଡି ହେଉ କିମ୍ବା କ୍ଷଣିକ ଆବେଗ ବା କ୍ରୋଧର ବଶବର୍ତ୍ତୀ ହୋଇ ସେ ଅପରାଧ ଘଟାଇଥାଏ । ଯଦ୍ୱାରା ତାକୁ ଜେଲ୍ ଯିବାକୁ ପଡିଥାଏ । ଏହାଦ୍ୱାରା ସେ ପରିବାର ଓ ସମାଜରେ ନିନ୍ଦିତ ହୋଇଥାଏ । କିଏ ହତ୍ୟାକାଣ୍ଡ ତ ଆଉ କିଏ ହତ୍ୟା ଉଦ୍ୟମ କରି ଜେଲ୍‌ରେ ଅଛି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ସଙ୍ଗୀନ ଅପରାଧରେ ମଧ୍ୟ ମହିଳାମାନେ ଜେଲ୍‌ରେ ଜୀବନ କାଟୁଛନ୍ତି । ସମ୍ବଲପୁରଠାରେ ଥିବା ଏକମାତ୍ର ମହିଳା କାରାଗାର ଅନ୍ତେବାସୀଙ୍କ ଚିନ୍ତାଧାରାରେ ସୁଧାର ଆଣିବା ପାଇଁ ସେଠାରେ ଅନେକ ବ୍ୟବସ୍ଥା ରହିଛି । ଯଦ୍ୱାରା ସେମାନେ ରୋଜଗାରକ୍ଷମ ହୋଇପାରିଛନ୍ତି । କିଏ ସିଲେଇ କରି ରୋଜଗାର କରୁଛି ତ ଆଉ କିଏ ପିପିଲି ଚାନ୍ଦୁଆ ତିଆରି କରୁଛି । ଏହାସହ ଖଲି ଓ କାଗଜ ଠୁଙ୍ଗା ତିଆରି କରିବା ବ୍ୟବସ୍ଥା ରହିଛି । ଏହିସବୁ ବ୍ୟବସ୍ଥାରେ ଶ୍ରମ ବିନିମୟ କରି ଅନ୍ତେବାସୀ ମହିଳାମାନେ ରୋଜଗାର କରିପାରୁଛନ୍ତି ।



ନାରୀବନ୍ଦୀ ନିକେତନର ସୁପରିଣ୍ଟେଣ୍ଡେଣ୍ଟ ଅଛନ୍ତି ରୁନିବାଳା ଦେଇ । ତାଙ୍କ କହିବାନୁଯାୟୀ ରାଜ୍ୟରେ ପୂର୍ବରୁ ମହିଳା ଜେଲ୍ ନଥିଲା । କେବଳ ପୁରୁଷ ଜେଲ ଥିଲା । ଅପରାଧ ଘଟାଉଥିବା ମହିଳାମାନଙ୍କୁ ସେହି ପୁରୁଷ ଜେଲ୍‌ରେ ରଖାଯାଉଥିଲା । ମହିଳା ଅପରାଧୀମାନଙ୍କୁ ସ୍ୱତନ୍ତ୍ର ଭାବେ କାରାଗାରରେ କିପରି ସ୍ୱତନ୍ତ୍ର ଭାବେ ରଖାଯିବ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକ ଚିନ୍ତା କରିବା ପରେ ମହିଳା କାରଗାର ତିଆରି କରିବା ପାଇଁ ପଦକ୍ଷେପ ନେଇଥିଲେ । ଅନ୍ତେବାସୀମାନଙ୍କୁ କିପରି ରୋଜଗାରମୂଳକ ତାଲିମ୍ ଦିଆଯିବ ଓ କିପରି ସେମାନଙ୍କ ଦକ୍ଷତା ବିକାଶ କରାଯିବ ? ସେମାନେ କିପରି ସେମାନଙ୍କ ବହୁମୂଲ୍ୟ ସମୟ ନଷ୍ଟ ନକରି ତାହାର ସଦୁପଯୋଗ କରିବେ ସେ ଉଦ୍ଦେଶ୍ୟରେ ନାରୀବନ୍ଦୀ ନିକେତନ ପ୍ରତିଷ୍ଠା ହୋଇଥିଲା ।

ଜେଲ୍‌ରେ ରହି ମହିଳା ଅନ୍ତେବାସୀମାନେ ରୋଜଗାର କରିପାରୁଛନ୍ତି । ସେମାନଙ୍କ ପାଇଁ ସିଲେଇ କରିବା, ପିପିଲି ଚାନ୍ଦୁଆ ତିଆରି କରିବା, ପେପର ପ୍ଲେଟ୍ ଦନା ତିଆରି କରିବା ଓ କାଗଜ ଠୁଙ୍ଗା ତିଆରି କରି ରୋଜଗାର କରିବାର ସୁବିଧା ଯୋଗାଇ ଦିଆଯାଉଛି । ସେଥିପାଇଁ ୧୦ ସିଲେଇ ମେସିନ ଥିଲାବେଳେ ଅନ୍ତେବାସୀମାନଙ୍କୁ ସିଲେଇ ଶିକ୍ଷା ଦେବା ପାଇଁ ଜଣେ ମହିଳା ଇନ୍‌ଷ୍ଟ୍ରକ୍ଟର ନିଯୁକ୍ତି ପାଇଛନ୍ତି । ଏହି ଇନ୍‌ଷ୍ଟ୍ରକ୍ଟର ଅନ୍ତେବାସୀଙ୍କୁ ଶାଢୀ, ସାୟା, ବ୍ଲାଉଜ୍, ଡ୍ରେସ୍ ସିଲେଇ କରିବାର ତାଲିମ୍ ଦେଉଛନ୍ତି । ଏହା ଶିଖିବା ପରେ ଅନ୍ତେବାସୀମାନେ ଭଲ ରୋଜଗାର କରୁଛନ୍ତି । ଏହା ସହ ଖଲି, ଦନା ତିଆରି ପାଇଁ ମେସିନ ମଧ୍ୟ ରହିଛି । ଅନନ୍ୟା ଦାସ ଜିଲ୍ଲାପାଳ ଥିବା ସମୟରେ ଏହି ମେସିନକୁ ଜେଲ୍‌କୁ ଯୋଗାଇ ଦେଇଥିଲେ । ଏହାର ମୂଲ୍ୟ ୮ଲକ୍ଷ ଟଙ୍କା । ଏଥିରେ ପେପର ପ୍ଲେଟ୍, ଦନା ତିଆରି ପାଇଁ ଅନ୍ତେବାସୀଙ୍କୁ ଏକ ମାସର ତାଲିମ୍ ଦିଆଯାଇଥାଏ । ପିପିଲି ଚାନ୍ଦୁଆ ତିଆରି କରିବା ପାଇଁ ଜଣେ କ୍ରାଫ୍ଟ ଇନ୍‌ଷ୍ଟ୍ରକ୍ଟର ଅଛନ୍ତି । ଯେଉଁ ଅନ୍ତେବାସୀ ଟିକେ ଶାରୀରିକ ସ୍ତରରେ ଦୁର୍ବଳ ସେମାନେ କାଗଜ ଠୁଙ୍ଗା ତିଆରି କରି ରୋଜଗାର କରୁଛନ୍ତି । ଏହାସହ ବଡି, ପାମ୍ପଡ ଆଦି ଅନେକ ଜିନିଷ ଅନ୍ତେବାସୀଙ୍କ ଦ୍ୱାରା ତିଆରି କରାଯାଉଛି । ଏହିସବୁ ଜିନିଷକୁ ବାହାରେ ବିକ୍ରି କରାଯାଇ ଅନ୍ତେବାସୀଙ୍କୁ ତାଙ୍କ ପାରିଶ୍ରମିକ ଦିଆଯାଉଛି। ପାରିଶ୍ରମିକ ଟଙ୍କା ପରିବାର ଲୋକଙ୍କୁ ପଠାଇବା ପାଇଁ କାରାଗାର ପକ୍ଷରୁ ସହାୟତା କରାଯାଉଛି । ଏହିଭଳି ଅନେକ କାମରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଜେଲ୍‌କୁ ସିଲେଇ ମେସିନ ସହ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଯୋଗାଇ ଦେଉଛନ୍ତି ।

ଜଣେ ଅନ୍ତେବାସୀଙ୍କ କହିବାନୁଯାୟୀ ସେ ୪ବର୍ଷ ହେଲା ଜେଲ୍‌ରେ ଅଛନ୍ତି । ତାଙ୍କ ସ୍ୱାମୀ ମଧ୍ୟ ଅନ୍ୟ ଏକ ଜେଲ୍‌ରେ ଅଛନ୍ତି । ହତ୍ୟା ମାମଲାରେ ସେହି ମହିଳା ନାରୀବନ୍ଦୀ ନିକେତନରେ ଥିବାବେଳେ ଘରେ ତାଙ୍କର ତିନୋଟି ପିଲା ଅଛନ୍ତି । ପିଲାଙ୍କ ଲାଳନପାଳନକୁ ନେଇ ସେ ଚିନ୍ତାରେ ଥିଲେ । କାରଣ ପରିବାର ଲୋକେ ମଧ୍ୟ କୌଣସି ସହାୟତା କରୁନଥିଲେ କି ଜେଲ୍‌କୁ ଆସୁନଥିଲେ । ଜେଲ୍ ଭିତରେ ସେ ପେପର ପ୍ଲେଟ୍, ଖଲି ଓ ଦନା ତିଆରି କରୁଛନ୍ତି । ସେଥିରୁ ଯାହା ରୋଜଗାର ହେଉଛି, ସେହି ଟଙ୍କାକୁ ସେ ତାଙ୍କ ପିଲାଙ୍କ ପଢାଖର୍ଚ୍ଚ ପାଇ ପଠାଇ ପାରୁଛନ୍ତି ବୋଲି କହିଛନ୍ତି ।

ଅନ୍ତେବାସୀଙ୍କ ମାନସିକ ସ୍ଥିରତା ପାଇଁ ଜେଲ୍‌ରେ ଯୋଗ ପ୍ରାଣାୟାମ୍ ଶିକ୍ଷା ଦିଆଯାଉଛି । ଯଦ୍ୱାରା ସେମାନେ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରହୁଛନ୍ତି । ମହିଳାମାନେ ଜେଲ୍‌କୁ ଗଲେ ତାଙ୍କ ମାନସିକ ସ୍ଥିତି ଦୁର୍ବଳ ହୋଇଯିବା ସ୍ୱାଭାବିକ । ଏଥିପାଇଁ ସାମାଜିକ ଚାପ ଏକ ପ୍ରମୁଖ କାରଣ । ସେମାନେ ଜେଲ୍‌ରେ ଏକା ଏକା ରହି ଚିନ୍ତିତ ହୋଇଯାଉଥିବା ବେଳେ ତାଙ୍କୁ ଯୋଗ ପ୍ରାଣାୟାମ୍ ଶିକ୍ଷା ମଧ୍ୟ ଦିଆଯାଉଛି । ଏଥିପାଇଁ ଶିକ୍ଷକ ନିଯୁକ୍ତି ପାଇଛନ୍ତି । ନ୍ୟାସନାଲ ଅର୍ବାନ ହେଲ୍‌ଥ ମିଶନ ପକ୍ଷରୁ ୨୦୨୪ ଅକ୍ଟୋବରରୁ ଜଣେ ମହିଳା ଯୋଗ ଶିକ୍ଷକ ନିଯୁକ୍ତ ହୋଇଛନ୍ତି । ପ୍ରତ୍ୟହ ସପ୍ତାହର ଶୁକ୍ରବାର ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ସେ ଯୋଗ, ପ୍ରାଣାୟାମ୍ ଶିକ୍ଷା ଦିଅନ୍ତି । ଅନ୍ୟ ଦିନ ଅନ୍ତେବାସୀମାନେ ନିଜେ ସକାଳୁ ଉଠି ଯୋଗ, ପ୍ରାଣାୟାମ୍ କରନ୍ତି । ଯୋଗ ଶିକ୍ଷକ ଦିନି ନାୟକଙ୍କ କହିବାନୁଯାୟୀ ପ୍ରତ୍ୟେକ ଶୁକ୍ରବାର ସେ ୨ଘଣ୍ଟା ଯୋଗ, ପ୍ରାଣାୟାମ୍ ଶିଖାନ୍ତି । ଯୋଗ ପ୍ରାଣାୟାମ୍ ଶିଖାଇବା ପୂର୍ବରୁ ପ୍ରଥମେ ପ୍ରାର୍ଥନା କରାଯାଇଥାଏ । ପରେ ଶୁକ୍ଷ୍ମ ବ୍ୟାୟାମ ତଥା ଯୋଗ, ପ୍ରାଣାୟମ୍ କରାଯାଏ । ଅନ୍ତେବାସୀଙ୍କ ପିଲାମାନେ ୬ବର୍ଷ ପର୍ଯ୍ୟନ୍ତ ଜେଲ୍‌ରେ ରହିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଶ୍ରମରେ ରଖାଯାଇ ସେମାନଙ୍କ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଥାଏ ବୋଲି କାରଗାରର ସୁପରିଟେଣ୍ଡେଣ୍ଟ କହିଛନ୍ତି ।

## ରୂପା ରୋଶନ ସାହୁ ହେଲେ ରାଜ୍ୟପାଳଙ୍କ ସଚିବ



ଭୁବନେଶ୍ୱର,(ସବ୍ୟୁ): ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ରୂପା ରୋଶନ ସାହୁ ଓଡ଼ିଶା ରାଜ୍ୟପାଳଙ୍କ କମିଶନର-ତଥାଶାସନ ସଚିବ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଭାବେ ଅବସ୍ଥାପିତ ଥିଲେ । ୨୦୦୬ ମସିହା ଆଇଏଏସ୍ ବ୍ୟାଚର ଅଧିକାରୀ ଶ୍ରୀମତୀ ସାହୁ ପ୍ରଶାସନିକ ସେବା ଜୀବନର ଆରମ୍ଭରୁ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇ ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି ।

## ଲାଞ୍ଚ ଦେଣନେଣ ଘଟଣା: ଇଡି ଅଧିକାରୀଙ୍କୁ ଜାମିନ୍ ମାମଲାର ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ,(ସବ୍ୟୁ): ଲାଞ୍ଚ କାରବାର ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ଇଡି ଅଧିକାରୀ ଚିନ୍ତନ ରଘୁବଂଶୀଙ୍କ ଜାମିନ୍ ମାମଲାର ଶୁଣାଣି ହାଇକୋର୍ଟରେ ଶେଷ ହୋଇଛି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ସମସ୍ତ ପକ୍ଷଙ୍କୁ ଶୁଣିବା ପରେ ରାୟ ସଂରକ୍ଷିତ ରଖୁଛନ୍ତି । ୨୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲାବେଳେ ସିବିଆଇ ଇଡି ଅଧିକାରୀ ଶ୍ରୀ ରଘୁବଂଶୀଙ୍କୁ ଗତ ମେ’ ୩୦ତାରିଖ ଦିନ ଗିରଫ କରିଥିଲା । ଏହି ଘଟଣାରେ ନିୟମିତ ଜାମିନ୍ ଆବେଦନ କରି ରଘୁବଂଶୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ଏହି ନିୟମିତ ଜାମିନ୍ ମାମଲାର ଶୁଣାଣି ଚାଲିଥିଲାବେଳେ ତାଙ୍କ ନବଜାତ ଶିଶୁକୁ ଦେଖିବା ଲାଗି ହାଇକୋର୍ଟରୁ ଅନ୍ତରୀଣ ଜାମିନ୍ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ତାଙ୍କୁ ୧୦ଦିନ ପାଇଁ ଅନ୍ତରୀଣ ଜାମିନ୍ ପ୍ରଦାନ କରିଥିଲେ । ଅନ୍ତରୀଣ ଜାମିନ୍ ଶେଷ ହେବାପରେ ସେ ଅଦାଲତରେ ଆତ୍ମସମର୍ପଣ କରିଥିଲେ । ପୁନର୍ବାର ଜାମିନ୍ ମାମଲାର ଶୁଣାଣି ହୋଇଥିଲା । ଅଦାଲତ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି ।

# ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା କଲେ ଦିଆଯାଉଛି ଗୁଡ୍ ସମରିଟାନ ସମ୍ମାନ



କଟକ,(ସବ୍ୟୁ): ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା କରି ଜୀବନ ରକ୍ଷା କରୁଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରୁଛନ୍ତି ସରକାର । ଏହି କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବା ଉପରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରାଧାନ୍ୟ ଦେଇଛି । ଏ କ୍ଷେତ୍ରରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ପରାମର୍ଶ ଦିଆଯାଇଛି ।

ନିକଟରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗରର ତାରସିଂ ଥାନା ଘୋଗଡ଼ରେ ଏକ ସଡ଼କ ଦୁର୍ଘଟଣାରେ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବା ଦୁଇ ଯୁବକଙ୍କୁ ସମ୍ମାନ ସହ ଦୁଇ ହଜାର ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ । ଏଥିପାଇଁ ଗୁଡ୍ ସମରିଟାନ୍ ଭାବଗ୍ରାହୀ ମଲ୍ଲିକ ଓ ବସନ୍ତ ଜାନୀଙ୍କୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ପ୍ରଶଂସା କରାଯାଇଛି । ଏଭଳି ମାନବିକତା ଅନ୍ୟମାନଙ୍କୁ ମଧ୍ୟ ପ୍ରେରଣା ଦେବ ବୋଲି ଆଶା ପ୍ରକଟ କରାଯାଇଛି । ସେହିଭଳି ଗଞ୍ଜାମ ଏସପିଙ୍କ ପ୍ରସ୍ତାବ କ୍ରମେ ଗୁଡ୍ ସମରିଟାନ୍ ବା ଉତ୍ତମ ସାହାଯ୍ୟକାରୀଙ୍କୁ ସମ୍ମାନିତ କରିବାକୁ ଉପଯୁକ୍ତ ପଦକ୍ଷେପ ନେଇଥିବାରୁ ଭଞ୍ଜନଗର ଆରଟିଓଙ୍କୁ ମଧ୍ୟ ପ୍ରଶଂସା କରାଯାଇଛି । ସଡ଼କ ଦୁର୍ଘଟଣା ଘଟିବାର ପ୍ରଥମ ଏକ ଘଣ୍ଟା ବା ଗୋଲ୍ଡେନ ଆୱାର ମଧ୍ୟରେ ଯଦି ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ପହଞ୍ଚାଯାଇପାରେ ତେବେ ଜୀବନ ରକ୍ଷାର ଆଶା ବୃଦ୍ଧି ପାଏ । ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା ପ୍ରଦାନ କରୁଥିବା ବ୍ୟକ୍ତିବିଶେଷଙ୍କ ମାନବିକତାଙ୍କୁ ସମ୍ମାନ ଜଣାଇ ସରକାରଙ୍କ ତରଫରୁ ସମ୍ବର୍ଦ୍ଧନା ଓ ଦୁଇ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଏ । ଏହାସହ ସାହାଯ୍ୟକାରୀ ମଧ୍ୟ ଗୁଡ୍ ସମରିଟାନ ଆଇନ ଅନୁଯାୟୀ କୌଣସି ଅନାବଶ୍ୟକ ମାମଲାରେ ଛନ୍ଦି ହୁଅନ୍ତି ନାହିଁ । ତେଣୁ ଭୟ ନ କରି ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏପରିକି ଆଗାମୀ ପିଢ଼ି ମଧ୍ୟରେ ଏହି ମାନବିକତା ଓ ସାହାଯ୍ୟ ମନୋବୃତ୍ତି ସୃଷ୍ଟି କରିବାକୁ ଏନସିସି କ୍ୟାଡେଟ୍ ଛାତ୍ରଛାତ୍ରୀଙ୍କୁ ଜୁନିୟର ରକ୍ଷକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ସେମାନେ ମଧ୍ୟ କୌଣସି ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା କରି ଜୀବନ ରକ୍ଷା କଲେ ଗୁଡ୍ ସମରିଟାନ ଭାବରେ ସମ୍ମାନିତ ହୋଇପାରିବେ ।

TPCODL | TPNODL | TPSODL | TPWODL

(Joint Ventures of Tata Power and Government of Odisha)

**PUBLIC NOTICE**

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

## ଓଡ଼ିଶାରେ ଶିବସେନାର ପଦାର୍ପଣ

# ରୁଦ୍ରନାରାୟଣ ଜିତ୍‌ବାବୁ ରାଜ୍ୟ ଅଧ୍ୟକ୍ଷ



ଭୁବନେଶ୍ୱର,(ସବ୍ୟୁ): ବିଶିଷ୍ଟ ଯୁବ ନେତା ରୁଦ୍ରନାରାୟଣ ଜୀତ ବାବୁଙ୍କୁ ଶିବସେନା ଓଡ଼ିଶା ଶାଖାର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ହିନ୍ଦୁ ହୃଦୟ ସମ୍ରାଟ ବାଲା ସାହେବ ଠାକରେ ଏବଂ ତାଙ୍କର ରାଜନୈତିକ ଶିଷ୍ୟ ଆନନ୍ଦ ଦିଘେଜୀଙ୍କ ହିନ୍ଦୁତ୍ୱ ବାଦ ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ସମୃଦ୍ଧ ଓଡ଼ିଶା ଗଠନ ଏବଂ ଭାରତକୁ ବିଦ୍ଧି ବଧ ହିନ୍ଦୁ ରାଷ୍ଟ୍ର ଗଠନ ଉଦେଶ୍ୟରେ ରୁଦ୍ରନାରାୟଣ ଜୀତ ବାବୁଙ୍କ ଅଧ୍ୟକ୍ଷତାରେ ଏକ ଟିମ ଗତ ୧୨ ତାରିଖ ଦିନ ଶିବସେନାର ଓଡ଼ିଶା ପ୍ରଭାରୀ ଗୋଲାପ ଚାନ୍ଦ ଦୁବେ ଜୀ ଙ୍କ ଜରିଆରେ ମୁମ୍ବାଇ ସ୍ଥିତ ଶିବ ସେନା କାର୍ଯ୍ୟାଳୟ ଠାରେ ଶିବସେନା ମୁଖ୍ୟ ଏକନାଥ ସିନ୍ଦେ ଜୀ ଙ୍କୁ ସାକ୍ଷାତକାର କରିଥିଲେ । ସେଠାରେ ଓଡ଼ିଶା ରାଜ୍ୟ ପ୍ରଭାରୀ ଗୋଲାପ ଚାନ୍ଦ ଦୁବେ ଜୀ ଙ୍କ ଅନୁମୋଦନକ୍ରମେ ଶିବସେନା ମୁଖ୍ୟ ଏକନାଥ ସିନ୍ଦେ ଜୀ ଙ୍କ ନିର୍ଦ୍ଦେଶନାରେ ରୁଦ୍ରନାରାୟଣ ଜୀତ ବାବୁଙ୍କୁ ଓଡ଼ିଶା ଶିବସେନା ଅଧ୍ୟକ୍ଷ ରୁଦ୍ରନାରାୟଣ ଜୀତ ବାବୁଙ୍କୁ ସଞ୍ଜୟ କୁମାର ବାରିକଙ୍କୁ ଓଡ଼ିଶା ଶିବସେନା ସାଧାରଣ ସମ୍ପାଦକ ଏବଂ ଦେବାଶିଷ ମିଶ୍ରଙ୍କୁ ଓଡ଼ିଶା ଶିବସେନା କୋଷାଧ୍ୟକ୍ଷ ଭାବରେ ଅନୁମୋଦିତ କରାଯାଇଛି । ପରବର୍ତ୍ତୀ ସମୟରେ ସମସ୍ତ ମୋର୍ଚ୍ଚା ଗଠନର ଦାୟିତ୍ୱ ରୁଦ୍ରନାରାୟଣ ଜିଦ୍ ବାବୁଙ୍କ ଉପରେ ନ୍ୟସ୍ତ କରାଯାଇଛି । ନିଯୁକ୍ତି ପରେ ନୂଆ ଟିମ୍ ଦ୍ୱାରା ଓଡ଼ିଶାରେ କିପରି ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରାଯାଇପାରିବ ସେଥିପାଇଁ ଆଲୋଚନା କରାଯାଇଥିଲା ।

## ସୁରକ୍ଷିତ ଓ ମର୍ଯ୍ୟାଦାପୂର୍ଣ୍ଣ କର୍ମକ୍ଷେତ୍ର ପାଇଁ ସରକାର ପ୍ରତିବଦ୍ଧ : ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ସବ୍ୟୁ): ସୁରକ୍ଷିତ ଓ ମର୍ଯ୍ୟାଦାପୂର୍ଣ୍ଣ କର୍ମକ୍ଷେତ୍ର ପାଇଁ ଆମ ସରକାର ପ୍ରତିବଦ୍ଧ ଅଛନ୍ତି ବୋଲି ଯୌନ ଉତ୍ପୀଡନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ (ପୋଶ) ସମ୍ପର୍କରେ ଲୋକସେବା ଭବନ କର୍ମଚାରୀମାନଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମତ ପ୍ରକାଶ କରିଛନ୍ତି । ଲୋକସେବା ଭବନ କନଭେନସନ ସେଣ୍ଟରରେ ଆୟୋଜିତ ଯୌନ ଉତ୍ପୀଡନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ (ପୋଶ) ସମ୍ପର୍କରେ ଲୋକସେବା ଭବନ କର୍ମଚାରୀମାନଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲୋକସେବା ଭବନ କର୍ମଚାରୀମାନଙ୍କୁ ଲିଙ୍ଗଗତ ଉତ୍ପୀଡନ ବିରୋଧରେ ସ୍ୱର ଉଠେଇବା ପାଇଁ ଆହ୍ୱାନ ଦେଇଥିଲେ । ଉଭୟ ପୁରୁଷ ଓ ମହିଳା ଲିଙ୍ଗଗତ ଉତ୍ପୀଡନର ଶିକାର ହୋଇପାରନ୍ତି । ସେଥିପାଇଁ ଏହି ଆଇନ ବିଷୟରେ ଜାଣିବା ଓ ସଚେତନ ହେବା ସମସ୍ତଙ୍କ ପାଇଁ ନିହାତି ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । ସମାଜରେ ମହିଳା ଓ ପୁରୁଷ ସମାଜର ଦୁଇଟି ଚକ ସଦୃଶ, ଏହି ଦୁଇ ଚକ ମଧ୍ୟରେ ସମନ୍ୱୟ ରକ୍ଷା କରି ଆମେ ଏକ ସୁରକ୍ଷିତ କର୍ମକ୍ଷେତ୍ର ଓ ସୁରକ୍ଷିତ ସମାଜ ଗଢିପାରିବା । ସମସ୍ତ ଅନୁଷ୍ଠାନ ଓ ମହାବିଦ୍ୟାଳୟରେ ଇଣ୍ଟରନାଲ କମିଟି ଗଢା ଯିବା ପାଇଁ କଡା ନିର୍ଦ୍ଦେଶ ଜାରି କରାଯାଇଛି । ଯାଞ୍ଚ ପରେ ଦୋଷୀଙ୍କୁ ଉଚିତ ଦଣ୍ଡବିଧାନ ପ୍ରଦାନ କରିବା ସହ ଭୁଲ ଅଭିଯୋଗ କରୁଥିବା ଦୋଷୀଙ୍କୁ ମଧ୍ୟ ଦଣ୍ଡ ଦିଆଯିବ ବୋଲି ସେ ଦୃଢ ମତ ରଖିଛନ୍ତି ।

କାର୍ଯ୍ୟକ୍ରମରେ ବିଶିଷ୍ଟ ଆଇନଜୀବୀ ମାନସୀ ପାଢୀ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଶା ବାନାର୍ଜୀ ଓ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

ଦୁଇଟି ଅଧିବେଶନରେ ବିଶିଷ୍ଟ ଆଇନଜୀବୀ ମାନସୀ ପାଢୀ ୬୦୦ରୁ ଊର୍ଦ୍ଧ୍ୱ ଲୋକସେବା ଭବନ କର୍ମଚାରୀମାନଙ୍କୁ ଯୌନ ଉତ୍ପୀଡନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ ସମ୍ପର୍କରେ ସଚେତନ କରିବା ସହ ଏହି ଆଇନର ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ ।

## ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ

# ସର୍ବଦା ସଙ୍କୋଚତା, ନମ୍ରତା ଅବଲମ୍ବନ କରିବାକୁ ପରାମର୍ଶ



ଭୁବନେଶ୍ୱର(ସବ୍ୟୁ): ବିଭିନ୍ନ କ୍ଷେତ୍ରରେ ଅସାଧାରଣ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ ପାଟି ସମ୍ବର୍ଦ୍ଧିତ କରିଛନ୍ତି । ବୁଧବାର ରାଜଭବନରେ ନୂଆ ଅଭିଷେକ ହଲ୍ ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ବିଜେତା, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା, ଆନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତା ଏବଂ ୨୦୨୪ ମସିହା ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ରାଜ୍ୟର କୃତୀ ପ୍ରତିଭା ତଥା ସେମାନଙ୍କ ଗର୍ବିତ ପିତାମାତାଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ ।

ସମାବେଶକୁ ସମ୍ବୋଧନ କରି ରାଜ୍ୟପାଳ କହିଥିଲେ ଯେ ଏହା କେବଳ ଏକ ସମ୍ବର୍ଦ୍ଧନା ଉତ୍ସବ ନୁହେଁ, ଏହା କଠିନ ପରିଶ୍ରମ, ଉତ୍କର୍ଷତା, ଶୃଙ୍ଖଳା, ସୃଜନଶୀଳତା ଏବଂ ଜାତୀୟ ଗର୍ବ ଭଳି ମୂଲ୍ୟବୋଧର ଉତ୍ସବ । ପଦ୍ମଶ୍ରୀ ବିଜେତାମାନଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇ ସେମାନଙ୍କର ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ଏହା ରାଜ୍ୟ ପାଇଁ ଅପାର ଗର୍ବ ଆଣିଛି ବୋଲି କହିଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତାମାନଙ୍କୁ ସେମାନଙ୍କର ସାହିତ୍ୟିକ ପ୍ରତିଭା ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ସେମାନଙ୍କର ଅବଦାନ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରି ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ । ଆନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାରେ ଉତ୍କର୍ଷତା ହାସଲ କରିଥିବା କ୍ରୀଡ଼ାବିତଙ୍କ ସଫଳତାକୁ ଶୃଙ୍ଖଳା ଏବଂ ଦେଶପ୍ରେମର ପ୍ରତୀକ ଭାବେ ଅଭିହିତ କରି ସେମାନଙ୍କର ସଫଳତା ଓଡିଶାକୁ ବିଶ୍ୱ କ୍ରୀଡା ମାନଚିତ୍ରରେ ସ୍ଥାନିତ କରିଛି । ଓଡିଶାରୁ ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍ ପରୀକ୍ଷା–୨୦୨୪ରେ କୃତିତ୍ୱ ହାସଲ କରିଥିବା ପରୀକ୍ଷାର୍ଥୀଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇ ଭାରତର ସବୁଠାରୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାରେ ସେମାନଙ୍କର ଉତ୍ସର୍ଗ ଓ ଦୃଢ଼ତାକୁ ପ୍ରଶଂସା କରିଥିଲେ । ସବୁବେଳେ ସଙ୍କୋଚତା ଓ ନମ୍ରତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ । ବିଭିନ୍ନ ବର୍ଗର କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷ ସେମାନଙ୍କର ପ୍ରେରଣାଦାୟକ ଅଭିଜ୍ଞତା ବାଣ୍ଟିଥିଲେ । ଏହି ସମାରୋହରେ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍ପାଟି ଉପସ୍ଥିତ ଥିଲେ ।

# ନାରୀ ନ୍ୟାୟ ବାହିନୀ ଆପ୍ ଉନ୍ମୋଚିତ

## ନାରୀ ନ୍ୟାୟ ପାଇଁ ଲଢ଼ିବ ନାରୀ ନ୍ୟାୟ ବାହିନୀ




ଭୁବନେଶ୍ୱର,(ସବ୍ୟୁ): ନାରୀ ନ୍ୟାୟ ପାଇଁ ଲଢ଼ିବ ନାରୀ ନ୍ୟାୟ ବାହିନୀ। ନାରୀ ନ୍ୟାୟ ପାଇଁ ଜନ ସାଧାରଣଙ୍କ ଭିତରେ ସଚେତନତା ସୃଷ୍ଟି କରାଯିବ। ନାରୀ ନ୍ୟାୟ ସ୍ୱତଃ ଓଡ଼ିଶାରେ ଜାଗି ଉଠୁ । ସମାଜରେ ନାରୀ ଆଉ ଶୋଷିତ ହେବନି। ଭଗବାନ ରାମଙ୍କୁ ମାଆ ସୀତାଙ୍କୁ ନ୍ୟାୟ ଦେବା ପାଇଁ ଚଉଦ ବର୍ଷ କଷ୍ଟ କରିବାକୁ ପଡିଥିଲା। ସେହିପରି ଦ୍ରୌପଦୀଙ୍କୁ ନ୍ୟାୟ ଦେବା ପାଇଁ ଶ୍ରୀକୃଷ୍ଣ ଆଗେଇ ଆସିଥିଲେ । ରାଜ୍ୟ କଂଗ୍ରେସର ସମସ୍ତ ଶକ୍ତି ନାରୀ ନ୍ୟାୟ ପାଇଁ ସମର୍ପିତ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି । ବୁଧବାର ନାରୀ ନ୍ୟାୟ ବାହିନୀ ଆପ ଉନ୍ମୋଚନ ଅବସରରେ ଶ୍ରୀ ଦାସ କହିଛନ୍ତି, ଯୁଗ ଯୁଗରେ ନାରୀ ପ୍ରତି ଅତ୍ୟାଚାର ହୋଇ ଆସିଛି। ଏବେବି ବିଭିନ୍ନ ସ୍କୁଲ, କଲେଜରେ, ରାସ୍ତା, ଘାଟରେ ନାରୀ ପ୍ରତି ଅନ୍ୟାୟ ହେଉଛି। ମଙ୍ଗଳବାର ରାତିରେ, ଯେଉଁଠି ମନ୍ତ୍ରୀ ରହୁଛନ୍ତି ପିଏମଜି ଛକରେ ଜଣେ ନାରୀଙ୍କୁ ଦୁର୍ବୃତ୍ତ ଟାଣି ନେଲେ। ରାଜ୍ୟରେ ମହିଳା ଏବେ ସୁରକ୍ଷିତ ନୁହନ୍ତି। ଏହି ଅବସରରେ ସମାଜସେବୀ ରଂଯୁକ୍ତା କୁମାରୀ ବେହେରା ନାରୀ ନ୍ୟାୟ ଆପ ଉଦଘାଟନ କରି କହିଥିଲେ ଯେ ଏବେବି ବହୁ ନାରୀଙ୍କ ନିର୍ଯାତନା ମାମଲା ଲୋକଲୋଚନକୁ ଆସି ପାରୁନି। ଆମେ ବ୍ଲକ ସ୍ତରରେ ସଚେତନ କାର୍ଯ୍ୟକ୍ରମ କରିବୁ। ନାରୀ ନ୍ୟାୟ ବାହିନୀ ଆବାହକ ତଥା ସଂଯୋଜିକା ଗାୟତ୍ରୀ ବିଶ୍ୱାଳ କହିଥିଲେ, ସମାଜରେ ଏବେକାର ବ୍ୟବସ୍ଥାରେ ବହୁ ନାରୀ ହିଂସାର ଶିକାର ହେଉଛନ୍ତି। ଦୁଷ୍କର୍ମ, ଗଣ ଦୁଷ୍କର୍ମ ବଢ଼ି ଚାଲିଛି। ବହୁ ସମୟରେ ନାରୀଟିଏ ଅତ୍ୟାଚାର ହେବା ପରେ କେଉଁଠି ଅଭିଯୋଗ କରିବେ, ତାହା ଜାଣି ପାରୁନାହାନ୍ତି। ତେଣୁ ଗାଁକୁ ଯିବ ନାରୀ ନ୍ୟାୟ ବାହିନୀ। ଲୋକଙ୍କୁ ସଚେତନ କରିବ। ଓଡିଶାର ନାରୀମାନେ କିଭଳି ନ୍ୟାୟ ପାଇବେ, ସେ ନେଇ ଚେଷ୍ଟା ଜାରି ରହିବ ବୋଲି ସେ କହିଛନ୍ତି। ଆଇନଜୀବୀ ସୂର୍ଯ୍ୟସ୍ମିତା ପଣ୍ଡା କହିଲେ, ନାରୀଙ୍କୁ ସଶକ୍ତିକରଣ କରିବା ପାଇଁ ପୁରୁଷ ମନରେ ଚିନ୍ତାର ପରିବର୍ତ୍ତନ ଆବଶ୍ୟକ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଶେଫାଳି ଶର୍ମା, ସୃଷ୍ଟି ସୋମେନ୍, ନିବେଦିତା ପଟ୍ଟନାୟକ ପ୍ରମୁଖ ନାରୀ ନ୍ୟାୟ ପାଇଁ ଆନ୍ଦୋଳନ କରିବୁ ବୋଲି କହିଛନ୍ତି।

## ଅନୁସୂଚୀତ ଜାତି ଓ ଜନଜାତିଙ୍କ ଜମି ବିକ୍ରି ଖର୍ଦ୍ଦି ବେଳେ

# ସମସ୍ତ ଅଂଶୀଦାରଙ୍କ ସହମତି ବାଧ୍ୟତା ମୂଳକ: ହାଇକୋର୍ଟ

କଟକ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଦେଇଯାଇଥିବା ସିଙ୍ଗରା–ବିଞ୍ଜାବାହାଲ ଜାତୀୟ ରାଜପଥ–୬ର ସମ୍ପ୍ରସାରଣ ପାଇଁ ଅଧିଗ୍ରହଣ ହୋଇଥିବା ଜମିର ତିନି ଅଂଶୀଦାର ଭଉଣୀ କ୍ଷତିପୁରଣରୁ ବଞ୍ଚିତ ହୋଇଥିବା ଓ ଜମି ବିକ୍ରିଖର୍ଦ୍ଦ କରାଯାଇଥିବା ଘଟଣାରେ ବ୍ୟାପକ ବେଆଇନ କାରବାର ହୋଇଥିବା ହାଇକୋର୍ଟ ଅନୁଭବ କରିଛନ୍ତି । ଅନୁସୂଚିତ ଜନଜାତି ବର୍ଗର ଜମି କିପରି ଅଂଶୀଦାର (ଭଉଣୀମାନଙ୍କ)ଙ୍କ ଅନୁମତି ବିନା ବିକ୍ରି ହୋଇଗଲା ତାହାକୁ ନେଇ ହାଇକୋର୍ଟ ସନ୍ଦେହ ପ୍ରକଟ କରିଛନ୍ତି । ଏହି ଘଟଣାରେ କିଛି ରାଜ୍ୟ ଅଧିକାରୀଙ୍କ ସମ୍ପୃକ୍ତି ନେଇ ମଧ୍ୟ ହାଇକୋର୍ଟ ଆଶଙ୍କା ବ୍ୟକ୍ତ କରିବା ସହ କେନ୍ଦୁଝର ଜିଲ୍ଲାପାଳଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁମାନେ ଏହି ଘଟଣା ପାଇଁ ଦୟା ବୋଲି ତଦନ୍ତରୁ ଜଣାପଡ଼େ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅପରପକ୍ଷରେ ଜମି ଅଧିଗ୍ରହଣ ବାବଦକୁ କ୍ଷତିପୂରଣ ଆକାରରେ ୨୧କୋଟିରୁ ଅଧିକ ଟଙ୍କା ପ୍ରଦାନ ଲାଗି ଯେଉଁ ନିଷ୍ପତ୍ତି ନିଆଯାଇଥିଲା ତାହାକୁ ରିଲିଜ୍ ନକରିବାକୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚ ଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀମତୀ ସେଠୀ ଏବଂ ତାଙ୍କର ଅନ୍ୟ ଦୁଇ ଭଉଣୀଙ୍କ ପକ୍ଷରୁ ଆଗତ ମାମଲାରେ ରାୟ ପ୍ରକାଶ କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ, ପାଣିଗ୍ରାହୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏହି ମାମଲାରେ ଅନୁସୂଚିତ ଜନଜାତି ଏବଂ ଜନଜାତି ବର୍ଗଙ୍କ ଜମିବାଡ଼ି ଅନ୍ୟକୁ ନିୟମ ଆଧାରରେ କିପରି ବିକ୍ରି ହୋଇପାରିବ ସେହି ମର୍ମରେ ରାଜ୍ୟ ସରକାରଙ୍କୁ ଏକ ଗାଇଡ୍‌ଲାଇନ୍ ଜାରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟ ରାୟରେ କହିଛନ୍ତି , ଏସ୍ସି ଅବା ଏସ୍ଟି ବର୍ଗର ଲୋକଙ୍କ ଅଧୀନରେ ଯଦି କିଛି ଜମି ଥାଏ ଏବଂ ଉକ୍ତ ଜମିର ଯଦି କୌଣସି ଗୋଟିଏ ଭାଗ ଜମିର ଅଂଶଦାରଙ୍କ ମଧ୍ୟରୁ ଜଣେ କେହି ବିକ୍ରି କରିବାକୁ ଚାହୁଁଥାଏ ତାହେଲେ ଜଣେ ଅନ୍ୟଜଣଙ୍କ ଅନୁମତି ବିନା ବିକ୍ରି କରିପାରିବ ନାହିଁ । ଯଦି ଜମି କାହାରିକୁ ବିକ୍ରି କରିବାର ଥାଏ ତାହେଲେ ଜମିର ସମସ୍ତ ଅଂଶୀଦାର ଏଥିରେ ରାଜି ହେବା ବାଧ୍ୟତାମୂଳକ । ଯଦି ଏସ୍‌ସି ଏସଟି ବର୍ଗଙ୍କ ଅଧୀନରେ ଥିବା ଜମି ଜଣେ ଅନ୍ୟ ବର୍ଗର ବ୍ୟକ୍ତିଙ୍କୁ ବିକ୍ରି ହେବାକୁ ଥାଏ ତାହେଲେ ପ୍ରାଧିକୃତ ରାଜସ୍ ଅଧିକାରୀଙ୍କ ଅନୁମତି ବିନା ଉକ୍ତ ଜମି ବିକ୍ରି କରାଯାଇ ପାରିବ ନାହିଁ । ଏ କ୍ଷେତ୍ରରେ ସମ୍ପୃକ୍ତ ରାଜ୍ୟ ପ୍ରାଧିକୃତ ଅଧିକାରୀଙ୍କୁ ମଧ୍ୟ କେତେକ ନିୟମକୁ ଅନୁସରଣ କରିବାକୁ ହାଇକୋର୍ଟ ଏହି ରାୟ ପରିପ୍ରେକ୍ଷୀରେ କହିଛନ୍ତି । ଯଦି କ୍ରେତା ଏସସି, ଏସଟି ବର୍ଗଙ୍କଠାରୁ ଜମି କିଣିବା ପରେ ଏହାର ସମସ୍ତ ଆଇନଗତ ରେକର୍ଡ଼ ପ୍ରଧିକୃତ ଅଧିକାରୀଙ୍କ ନିକଟରେ ଦାଖଲ ନକରନ୍ତି ତାହେଲେ ଜମି ଦାଖଲ ଖାରଜ ପାଇଁ ଅନୁମତି ଦିଆଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି । ଯଦି ଏହି ନିୟମର କିଛି ବି ଉଲଂଘନ ହୋଇଥାଏ ତାହେଲେ ଜମି ଦାଖଲ– ଖାରଜ ଅପିଲ୍କୁ ରଦ୍ଦ କରାଯିବ । ଏପରିକି ଏଥିପାଇଁ ଜମି କ୍ରେତାଙ୍କ ବିରୋଧରେ ଆଇନଗତ କଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ରାଜ୍ୟ ସରକାର ଏହି ମର୍ମରେ ଗାଇଡ୍‌ଲାଇନ୍ ଜାରି କରିବାକୁ ହାଇକୋର୍ଟ ରାୟରେ କହିଛନ୍ତି ।

## ବଳଙ୍ଗା ପୀଡ଼ିତାଙ୍କ ଅସ୍ତ୍ରୋପଚାର ଭେଟିଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ସବ୍ୟୁ) : ଦିଲ୍ଲୀ ଏମ୍ସରେ ଭର୍ତ୍ତି ହୋଇଥିବା ପୁରୀ ଜିଲ୍ଲା ବଳଙ୍ଗା ପୀଡ଼ିତାଙ୍କ ଅସ୍ତ୍ରୋପଚାର ହୋଇଛି । ପୀଡ଼ିତାଙ୍କ ଗଭୀର ଭାବେ ପୋଡ଼ିଥିବା ଅଂଶରେ ଅସ୍ତ୍ରୋପଚାର କରାଯାଇଥିବା ନେଇ ଏମ୍ସ ଦିଲ୍ଲୀ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି । ଏମ୍ସ ପକ୍ଷରୁ ଜାରି ହୋଇଥିବା ସ୍ୱାସ୍ଥ୍ୟ ବୁଲେଟିନରେ କୁହାଯାଇଛି ଯେ, ପୀଡ଼ିତାଙ୍କ ଅବସ୍ଥା ଏବେ ମଧ୍ୟ ଗୁରୁତର ଅଛି । ତାଙ୍କର ଉତ୍ତମ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସ୍ଥିତି ଅନୁଧ୍ୟାନ କରୁଛନ୍ତି । ଏବେ ମଧ୍ୟ ସେ ଅକ୍ସିଜେନ୍ ସପୋର୍ଟରେ ଅଛନ୍ତି ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୁଧବାର ପୀଡ଼ିତାଙ୍କୁ ଭେଟିଥିଲେ । ଶ୍ରୀମତୀ ପରିଡ଼ା ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଏମ୍ସ ଡାକ୍ତରୀ ଟିମ୍ ଓ ପରିବାର ଲୋକଙ୍କ ସହିତ କଥାବାର୍ତ୍ତା ହୋଇଥିଲେ । ପୀଡିତାଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ ଅବଗତ ଅଛନ୍ତି । ରାଜ୍ୟ ସରକାର ଆବଶ୍ୟକ ସହଯୋଗ ଯୋଗାଇ ଦେବେ ବୋଲି ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏକ୍ସରେ ସେ ଲେଖିଛନ୍ତି ଯେ, ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବା ମୋ ନିର୍ବାଚନ ମଣ୍ଡଳୀ କ୍ଷେତ୍ର ଅନ୍ତର୍ଗତ ବଳଙ୍ଗାର ପୀଡ଼ିତାଙ୍କୁ ଭେଟିବା ସହ ତାଙ୍କ ପରିବାରବର୍ଗ ଏବଂ ସମ୍ପର୍କୀୟଙ୍କ ସହ ଦେଖା କଲି । ଏହି ଗସ୍ତ ସମୟରେ, ତାଙ୍କୁ ଚିକିତ୍ସା ପ୍ରଦାନ କରୁଥିବା ଡାକ୍ତରୀ ଦଳ ଏବଂ ବିଶେଷଜ୍ଞମାନଙ୍କ ସହ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଏବଂ ଆଗାମୀ ଦିନରେ ହେବାକୁ ଥିବା ଚିକିତ୍ସା ବିଷୟରେ ଆଲୋଚନା କଲି । ସେ ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ, ମହାପ୍ରଭୁଙ୍କ ନିକଟରେ ଏତିକି ପ୍ରାର୍ଥନା ।

ସୂଚନାଯୋଗ୍ୟ, ପୁରୀଜିଲ୍ଲା ବଳଙ୍ଗା ଥାନା ବାଇଆବରର ନାବାଳିକା ଜଣକ ଗତ ଶନିବାର ପୂର୍ବାହ୍ନରେ ନିଜ ସାଙ୍ଗ ଘରକୁ କୌଣସି କାମରେ ଯାଉଥିଲେ । ଏହି ସମୟରେ ଦୁର୍ବୃତ୍ତମାନେ ନାବାଳିକାକୁ ଅନୁସରଣ କରିଥିଲେ ଏବଂ ଅପହରଣ କରି ଏକ ନିର୍ଜନ ସ୍ଥାନକୁ ନେଇଯାଇଥିଲେଛ ସେଠାରେ ନିଆଁ ଲଗାଇ ଦେଇଥିଲେ । ଦେହରେ ନିଆଁ ଲାଗିବା ପରେ ନାବାଳିକା ଏଣେତେଣେ ଦେଡ଼ିବାରେ ଲାଗିଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେଛ ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରାଯିବା ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଥିଲା । କିନ୍ତୁ ପରେ ପୀଡ଼ିତାଙ୍କ ଅଧିକ ଚିକିତ୍ସା ପାଇଁ ଏମ୍ସ ଦିଲ୍ଲୀକୁ ସ୍ଥାନାନ୍ତରିତ କରାଯାଇଥିଲା ।

## ପଦ୍ମିନୀ ରଥଙ୍କ ୧୦ମ ବାର୍ଷିକ ସ୍ମୃତି ସମାରୋହ

# ବିନମ୍ରତା ବିନା ଶିକ୍ଷା ଅର୍ଥହୀନ – ବାବା ସତ୍ୟାନନ୍ଦ ଦାସ

କଟକ, (ସ୍ୱପ୍ର) : ଡ୍ରିମସ ବିଶ୍ୱବିଦ୍ୟାଳୟ ପକ୍ଷରୁ ମହୀୟସୀ ପଦ୍ମିନୀ ରଥଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକୀ ସମାରୋହ ସ୍ମୃତିରେ ପଦ୍ମିନୀ ରଥ ବୁଧବାର ଅନୁଷ୍ଠିତ ହୋଇଥିଲା । ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ ସ୍ମୃତିଚାରଣ ସମାରୋହରେ ମୁଖ୍ୟପୁରୋଧା ଭାବରେ ଯୋଗଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା ପୂଜ୍ୟ ସତ୍ୟାନନ୍ଦ ଦାସ ମହାରାଜ କହିଲେ, ସଂସାରରେ ପିତାମାତା ହେଉଛନ୍ତି ଶ୍ରେଷ୍ଠ, ଯାହା ଶ୍ରୀଜଗନ୍ନାଥ ସଂସ୍କୃତିରେ ବିଶେଷ ପ୍ରତିଫଳିତ । ଜାତସ୍ୟ ହିଁ ଧ୍ରୁବ ମୃତ୍ୟୁ । ତେବେ ନିଜର କାର୍ଯ୍ୟ ଏମିତି ହେବା ଦରକାର ମୃତ୍ୟୁ ପରେ ବି ମନୁଷ୍ୟ ଜନମାନସରେ ଅମର ହୋଇ ରହିବ । ଆଜିର ଜ୍ଞାନବିଜ୍ଞାନ ଯୁଗରେ ଆଧ୍ୟାତ୍ମିକତାର ଗୁରୁତ୍ୱ ସଂପର୍କରେ ଉଲ୍ଲେଖ କରି ବାବା ସତ୍ୟାନନ୍ଦ କହିଲେ ଯେଉଁଠି ବିଜ୍ଞାନ ନିରବୀ ଯାଏ ସେହିଠାରୁ ଆଧ୍ୟାତ୍ମିକତାର ଆରମ୍ଭ। ଧର୍ମକୁ ଛାଡି ବିଜ୍ଞାନ ସ୍ଥିତି ନାହିଁ, ସେମିତି ସମସ୍ତ ଶାସ୍ତ୍ରର ନିର୍ଯ୍ୟାସ ହେଉଛି ବିଜ୍ଞାନ–ଏହାକୁ ପ୍ରତ୍ୟେକ ବୁଝିବା ଦରକାର୍ । ଏକଥା ସତ୍ୟଯେ, ଜୀବନର ସୁଖ, ଶାନ୍ତି ଧନସମ୍ପତ୍ତି, ପ୍ରାଚୁର୍ଯ୍ୟ କିମ୍ବା ପ୍ରତିପତ୍ତି ଭିତରେ ନଥାଏ, ଈଶ୍ୱରଙ୍କ ଶରଣାଗତ ହୋଇପାରିଲେ ହିଁ ଜୀବନରେ ପ୍ରକୃତ ଆନନ୍ଦକୁ ପ୍ରାପ୍ତ ହୋଇଥାଏ। ଯେତେ ଉଚ୍ଚ ଶିକ୍ଷିତ ହେଲେ ବି ଯଦି ଜଣକ ପାଖରେ ବିନମ୍ରତା ନାହିଁ ତେବେ ସେ ଶିକ୍ଷା ଅର୍ଥହୀନ । ନିଜର ଜ୍ଞାନଗାରିମାକୁ ମାନବ ସମାଜର କଲ୍ୟାଣରେ ବିନିଯୋଗ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ପ୍ରାରମ୍ଭରେ ପଦ୍ମିନୀ ରଥଙ୍କ ପ୍ରତିକୃତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ସେବା ଆୟୋଗର ପୂର୍ବତନ ଅଧ୍ୟକ୍ଷ ଡ. ସତ୍ୟଜିତ ମହାନ୍ତି, ପ୍ରଫେସର ଡା. ବିରଂଚି ନାରାୟଣ ମହାପାତ୍ର, ଡ. ତିରୁପତି ପାଣିଗ୍ରାହୀ, ଡ. ଅଶୋକ କୁମାର ବାସା, ଶିଳ୍ପଦ୍ୟୋଗୀ ପଦ୍ମଲୋଚନ ପାତ୍ର, ଭାଲ ଚନ୍ଦ୍ର ମହାନ୍ତି, ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଇଂ ପ୍ରଭାକର ସ୍ୱାଇଁ, ସାହିତ୍ୟିକ ଡ. ବିଜୟାନନ୍ଦ ସିଂ, ଭାସ୍କର୍ଯ୍ୟ ଶିଳ୍ପୀ ରବି ରଥ, ବିଜେପି ନେତା ଚୌଧୁରୀ ହେମନ୍ତ କୁମାର ସାହୁ, ସାଂସଦଙ୍କ ପ୍ରତିନିଧି ପ୍ରଫୁଲ୍ଲ



ବଳରାମ କର ମୁଖ୍ୟ ଅତିଥିଙ୍କୁ ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଧନେଶ୍ୱର ରଥ ଫାଉଣ୍ଡେସନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ନିମନ୍ତ୍ରିତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରଶାନ୍ତ କୁମାର ବେହେରା, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ଓଡିଶା ଲୋକ କୁମାର ସ୍ୱାଇଁ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଇଂ ଲଳିତ ମୋହନ ମିଶ୍ର, ପଦ୍ମିନୀ କେୟାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା, ଶିକ୍ଷାବିତ୍ ଉତ୍କଳ ରଂଜନ ଦାସ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ଶିବ ପ୍ରସାଦ ରଥଙ୍କ ସମେତ ରଥ ପରିବାରର ସଦସ୍ୟ, ମାନ୍ୟଗଣ୍ୟ ବ୍ୟକ୍ତି ଓ ପଦାଧିକାରୀ, ବିଭିନ୍ନବିଭାଗର ଡିନ୍, ଅଧ୍ୟାପକ, ଅଧ୍ୟାପିକା, ଯୋଗଦେଇଥିଲେ ।

## ପୌରପରିଷଦ କର୍ତ୍ତୃପକ୍ଷଙ୍କ ଖାମ ଖିଆଲିଆ ନିତି...

# ବିପଦ ସଙ୍କୁଳ ଅବସ୍ଥାରେ ରହିଛି ଅର୍ଦ୍ଧଭଗ୍ନ ମନ୍ଦିର ଛାତ

ଖୋର୍ଦ୍ଧା,(ସବ୍ୟୁ): ସହର ର ସୌନ୍ଦର୍ଯ୍ୟକରଣ ଆଳରେ ରାସ୍ତପାର୍ଶ୍ୱ ଦୋକାନ, ବଜାର ଓ ମନ୍ଦିର ସବୁ ଉଚ୍ଛେଦ କରାଗଲା । ମାତ୍ର କଂକ୍ରିଟ୍ ବର୍ଜ୍ୟ ଅଧା ସଫା କରିଥିଲେ ହେଁ ଏବେ ବି ବହୁ ବର୍ଜ୍ୟ ବିପଦସଙ୍କୁଳ ଅବସ୍ଥାରେ ରହିଛି । କେତେବେଳେ ଯେ ଅଘଟଣ ନଘଟିବ ତାହା କହିବା ମୁସ୍କିଲ । ପ୍ରକାଶ ଥାଉକି, ଖୋର୍ଦ୍ଧା ସହର କୁ ସରସ ସୁନ୍ଦର କରିବା ପାଇଁ ରାସ୍ତା କାର୍ଯ୍ୟ ସମ୍ପ୍ରସାରଣ, କ୍ୟାବିନ ଗୁଡିକ ଉଚ୍ଛେଦ କାର୍ଯ୍ୟ ଖୋର୍ଦ୍ଧା ପୌରପରିଷଦ ପକ୍ଷରୁ ହାତ କୁ ନିଆଯାଇଥିବାବେଳେ ନୂଆବସଷ୍ଟାଣ୍ଡ ଜଳ ସେଚନ ବିଭାଜନ କାର୍ଯ୍ୟାଳୟ ନିକଟରେ ଥିବା ତ୍ରିନାଥ ମନ୍ଦିର ଟିକୁ କିଛି ଦିନ ତଳେ ଖୋର୍ଦ୍ଧା ପୌରପରିଷଦ ପକ୍ଷରୁ ଜେସିବି ମେସିନ ଦ୍ୱାରା ଆଂଶିକ ଭଙ୍ଗାଯାଇ ଅର୍ଦ୍ଧଭଗ୍ନ ଅବସ୍ଥାରେ ଛାଡି ଦିଆଯାଇଛି । ଫଳରେ ମନ୍ଦିର ଛାତ ଟି ସୁତାଖିଅ ରେ ଝୁଲି ରହିଛି ।ରାତ୍ରି ସମୟରେ କିଛି ଯାଯାବର ଏବଂ ମସ୍ତିଷ୍କ ବିକୃତ ବ୍ୟକ୍ତି ଏହି ଭଙ୍ଗା ଛାତ ତଳେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି ।ଏଥିପ୍ରତି ଖୋର୍ଦ୍ଧା ପୌର କର୍ତ୍ତୃପକ୍ଷ କିମ୍ବା ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ର ଦୃଷ୍ଟି ନପଡିବା ସାଧାରଣ ରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏହି ଛାତ ପଡି ଯଦି କୌଣସି ବ୍ୟକ୍ତି ଙ୍କର ଜୀବନ ହାନି ହୁଏ ସେଥିପାଇଁ କିଏ ଦାୟୀ ରହିବ ବୋଲି ସାଧାରଣ ରେ ଆଲୋଚନା ହେଉଛି ।

# ଏକ କ୍ୱିଣ୍ଟାଲ ୪୭ କେଜି ଗଞ୍ଜେଇ ଜବତ



ଭୁବନେଶ୍ୱର, (ସବ୍ୟୁ) : କୋଲକାତା ଅଭିମୁଖେ ମହିନ୍ଦ୍ରା ଥର୍ ଗାଡ଼ିରେ କ୍ୱିଣ୍ଟାଲ ୪୭ କେଜି ଗଞ୍ଜେଇ ବୋଝେଇ କରି କୋଲକାତା ଅଭିମୁଖେ ନେଉଥିବା ଅଭିଯୁକ୍ତ ଲଳିତ ଭୂଜବଳକୁ ତମାଣ୍ଡୋ ଥାନା ଅଞ୍ଚଳ ଜାତୀୟ ରାଜପଥ ୧୬ରୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗିରଫ କରିଛି ।

ଓଡ଼ିଶାରୁ ବହୁ ସମୟରେ ଲଳିତ କୋଲକାତା ଓ ଅନ୍ୟ ରାଜ୍ୟକୁ ଗଞ୍ଜେଇ ଚାଲାଣ କରେ । ଏସ୍‌ଟିଏଫ୍ ସୂଚନା ପାଇଥିଲା ଯେ ତମାଣ୍ଡୋ ଥାନା ନିକଟ ଜାତୀୟ ରାଜପଥରେ ଲଳିତ ଗଞ୍ଜେଇ ବୋଝେଇ ଗାଡ଼ି ନେଇ କୋଲକାତା ଅଭିମୁଖେ ଯାଉଛି । ଏହି ସୂଚନା ମିଳିବା ପରେ ଏସ୍‌ଟିଏଫ୍‌ର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ାଉ କରି ଥର୍ ଗାଡ଼ି ସହ ଗଞ୍ଜେଇ ଜବତ କରିଥିଲା । ଅଭିଯୁକ୍ତ ଲଳିତ ଭୂଜବଳକୁ ଗିରଫ କରି ଆଣିବା ପରେ ତା'ର ଅପରାଧ ରେକର୍ଡ଼ ଯାଞ୍ଚ କରାଯାଇଥିଲା । ପାରାଦୀପ ଥାନାରେ ଲଳିତ ନାମରେ ୧୭ଟି ଅପରାଧ ମାମଲା ଥିବା ଏସ୍‌ଟିଏଫ୍ ସୂଚନା ପାଇଥିଲା । ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ମାମଲାରେ ଲଳିତକୁ ବୁଧବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## କୃଷକ ଉନ୍ନତି ପାଇଁ କ୍ରେତା ଓ ବିକ୍ରେତା କର୍ମଶାଳା

# ଉନ୍ନତ କୃଷି କାର୍ଯ୍ୟ ପାଇଁ ଜିଲ୍ଲାର ୧୨ ଚାଷୀ ପୁରସ୍କୃତ

ବାରିପଦା, (ସବ୍ୟୁ) : କୃଷକ କ୍ଷେତ୍ରରେ ଉନ୍ନତି ସାଧନ କରିବା ଲକ୍ଷ୍ୟରେ ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ କ୍ରେତା ଓ ବିକ୍ରେତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଏଏଫସି ଇଣ୍ଡିଆ ଲିମିଟେଡ୍ ପକ୍ଷରୁ କର୍ମଶାଳାର ଆୟୋଜନ କରାଯାଇଥିଲା । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାଶଙ୍କ ପୌରହିତ୍ୟରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ବୃହତ ଉଠା ଜଳସେଚନ ପ୍ରକଳ୍ପ ରାଜ୍ୟ ମୁଖ୍ୟ ଡ଼ଃ ରବୀନ୍ଦ୍ର କୁମାର ପାଇକରାୟ, ମୁଖ୍ୟବକ୍ତା ଭାବେ ଓୟୁଏଟି ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ଼ଃ ସନତ ମିଶ୍ର, ଏଏଫସି ରାଜ୍ୟ ମୁଖ୍ୟ ବିଭୁଦତ୍ତ ପାଇକରାୟ, କେନ୍ଦ୍ରୀୟ କୃଷି ବିଜ୍ଞାନ କେନ୍ଦ୍ର-୧ର ମୁଖ୍ୟ ବୈଜ୍ଞାନିକ ଡ଼ଃ ସଂଘମିତ୍ରା ପଟ୍ଟନାୟକ, କେନ୍ଦ୍ରୀୟ କୃଷି ବିଜ୍ଞାନ କେନ୍ଦ୍ର-୨ର ମୁଖ୍ୟ ବୈଜ୍ଞାନିକ ଡ଼ଃ ଦୀପକ କୁମାର ମହାନ୍ତି, ବୃହତ ଉଠା ଜଳସେଚନ ପ୍ରକଳ୍ପ ନିର୍ବାହୀଯନ୍ତ୍ରୀ ପୁରୁଷୋତ୍ତମ, ଅତିରିକ୍ତ ନିର୍ବାହୀଯନ୍ତ୍ରୀ ଲସ ହେମ୍ବ୍ରମ, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ମଧୁସ୍ମିତା ଜେନା, ସହକାରୀ କୃଷି ଅଧିକାରୀ ରମାୟ ରଞ୍ଜନ ମହାନ୍ତ ଓ ଅର୍ଚ୍ଚନା ବଳା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଚାଷୀ ଓ କ୍ରେତା ମଧ୍ୟରେ ଏକ ସମ୍ପର୍କ ସୃଷ୍ଟି କରି ଚାଷ ଉତ୍ପାଦନ ଉଚିତ ବିକ୍ରି ବ୍ୟବସ୍ଥା କରିବା । ଯାହାଫଳରେ ଚାଷୀ ଅଧିକ ଭାବେ ଲାଭବାନ ହୋଇପାରିବ, ସେନେଇ କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ରହିଛି । କର୍ମଶାଳାରେ ଜିଲ୍ଲାର ୨୬ଟି ବ୍ଲକରୁ ୨୫୦ରୁ ଚାଷୀ ଅଂଶଗ୍ରହଣ କରିଥିଲେ । କର୍ମଶାଳାରେ ଚାଷୀଙ୍କ ଉଦ୍ଦେଶ୍ୟରେ ମିଲେଟ୍, ଇଫକୋ, ଲିମନ ଗ୍ରାସ ଓ ମୃତ୍ତିକା ବିଜ୍ଞାନ ଚାଷ ପକ୍ଷରୁ ଷ୍ଟଲ ଖୋଲା ଯାଇଥିଲା । ଯାହାକି ଚାଷୀମାନଙ୍କୁ ଚାଷ କ୍ଷେତ୍ରରେ ସହାୟତା ଯୋଗାଇବାକୁ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଉନ୍ନତ ଚାଷ କାର୍ଯ୍ୟ ପାଇଁ ଜିଲ୍ଲା ୬ଟି ବ୍ଲକର ୧୨ଜଣ ଚାଷୀଙ୍କୁ ପୁରସ୍କୃତ କରାଯାଇଛି । ସେମାନେ ହେଲେ ବାଙ୍ଗିରିପୋଷିରୁ କମଳେନ୍ଦ୍ର ମହାନ୍ତ ବକରାମ ଗିରି, ସୁଶାନ୍ତ କୁମାର ଗିରି ଓ ପର୍ଶୁ କୁମାର ଗିରି, ବଡ଼ସାହି ଓ ଗୋପବନ୍ଧୁନଗର ବ୍ଲକରୁ ସରୋଜ କୁମାର ପ୍ରଧାନ ଓ ଗିରିଶ୍ରୀ ରାଉତ, କାମତା ବ୍ଲକରୁ ଲାଲମୋହନ ନାଏକ ଓ ସାବିତ୍ରୀ ଗିରି, ସୁଳୁଳି ବ୍ଲକରୁ ସୁଶାନ୍ତ କୁମାର ମହାନ୍ତ ଓ ପ୍ରହ୍ଲାଦ ନାଏକ ଏବଂ କପ୍ତିପଦା ବ୍ଲକର ମୋହନ ଦାସ ଓ ଦୁର୍ଜନ ସିଂ । ଚାଷୀଙ୍କୁ ମାନପତ୍ର ସହ ଉତ୍ତରୀୟ ଦେଇ ଅତିଥି ମାନେ ପୁରସ୍କୃତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଟିମ ସହକାରୀ ମାନସ ମହାନ୍ତି, ଡିଏଲଏମ ଦୀପକ କୁମାର ସି ଓ ଏଏଫସିର ରଞ୍ଜିତ କୁମାର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।



## ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ବିରୋଧରେ ଜିଲ୍ଲା କଂଗ୍ରେସର ଏଫଆଇଆର

ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଂଯୋଜକ ବିଶ୍ୱଜିତ ଦାଶଙ୍କ ସହିତ ଜିଲ୍ଲାର ବହୁ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ବୁଧବାର ଭୁବନେଶ୍ୱରର କ୍ୟାପିଟାଲ ପୋଲିସ ଷ୍ଟେସନରେ ବିଜେପିର ଯୁବମୋର୍ଚ୍ଚା ଓଡିଶା ଶାଖା ସଭାପତି ଅଭିନାଶ ପଣ୍ଡାଙ୍କ ବିରୋଧରେ ଏଫଆଇଆର ଦେଇଛନ୍ତି । ଗତ ଜୁଲାଇ ୨୧ ତାରିଖ ଦିନ ବିଜେପି କାର୍ଯ୍ୟାଳୟ ଠାରେ ତାଙ୍କର ଅନ୍ୟ କିଛି ସହକର୍ମୀଙ୍କ ସହିତ ଏକ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ନେତା ତଥା ପୂର୍ବତନ ଜାତୀୟ କଂଗ୍ରେସ ଦଳର ସଭାପତି ରାହୁଲ ଗାନ୍ଧୀଙ୍କ ବିରୋଧରେ ଅତ୍ୟନ୍ତ ଆଶାଳୀନ ମନ୍ତବ୍ୟ ପ୍ରଦାନ କରିବା ସହିତ ଚରିତ୍ର ସଂହାର କରିଥିଲେ । ଏପରିକି ସମସ୍ତ କଂଗ୍ରେସ ଦଳର ନେତୃବର୍ଗ ଜଣେ ଜଣେ ବଳାତ୍କାରୀ ବୋଲି ଗଣମାଧମ ସମ୍ମୁଖରେ କହିବାକୁ କୁଣ୍ଠାବୋଧ କରିନଥିଲେ । ଏହା ପ୍ରତ୍ୟେକ କଂଗ୍ରେସ କର୍ମୀଙ୍କ ଘୋର ଆଘାତ ଦେବା ସହିତ ତାଙ୍କପ୍ରତି ଯେଉଁ ଆପତ୍ତିଜନକ ମନ୍ତବ୍ୟ ଶ୍ରୀ ପଣ୍ଡା ଦେଇଛନ୍ତି ତାହା ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଅନୁସାରେ ତାଙ୍କ ବିରୋଧରେ ତୁରିତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା କଂଗ୍ରେସ ନେତୃବର୍ଗ ଥାନା ଠାରେ ଦାବି କରିଛନ୍ତି ।

ଥାନାର ବରିଷ୍ଠ ଅଧିକାରୀ ଏହାକୁ ଏଫଆଇଆର ରୂପେ ଗ୍ରହଣ କରିବା ସହିତ ତାର ଏକକିତା ନକଲ ମଧ ପ୍ରଦାନ କରିଛନ୍ତି । ପ୍ରତିନିଧି ମଣ୍ଡଳୀରେ ସୁବ୍ରତ ମହାପାତ୍ର, ରଜନୀ ମହାନ୍ତି, ପ୍ରଶାନ୍ତ ଚମ୍ପି, ମୋହନ ଜେନା, ଦେବାଶିଷ ମହାପାତ୍ର, ଶ୍ରୀୟା ମହାନ୍ତି, ପ୍ରଶନ୍ନ ନାୟକ, ପ୍ରାଚୀ ରାଉତରାୟ, ଶ୍ରୀୟାସ୍ମିତା ପଣ୍ଡା, ମୁ ମଲ୍ଲିକ, ସୌମେନ୍ଦ୍ର ମହାନ୍ତି, ସଂକୁନା କହଁର, ଶିଶିର ରାଉତରାୟ, ଜ୍ୟୋତି ମହାନ୍ତି ପ୍ରମୁଖ ସାମିଲ ଥିଲେ ।

## ପ୍ରେରଣା ସମ୍ମାନ ସମାରୋହ: ମୟୂରଭଞ୍ଜର ପ୍ରିୟଙ୍କା ସମ୍ମାନିତ

ବାରିପଦା, (ସବ୍ୟୁ) : ଓଡିଶା ରାଜ୍ୟ ପ୍ରାଥମିକ ଶିକ୍ଷା ପରିଷଦ, ଭୁବନେଶ୍ୱର ଓ ଭିନ୍ନକ୍ଷମ ମାନଙ୍କ ସାମାଜିକ ଅଧିକାର ଓ ସଶକ୍ତିକରଣ ପାଇଁ କାର୍ଯ୍ୟରତ ସଂଗଠନ 'ସ୍ୱାଭିମାନଙ୍କ ମିଳିତ ଉଦ୍ୟମରେ ୧୦ତମ ପ୍ରେରଣା ସମ୍ମାନ ସମାରୋହ ଗତ ୨୨ଜୁଲାଇ ୨୦୨୫ ତାରିଖରେ ଜୟଦେବ ଭବନ, ଏ.ଜି. ଛକ, ଭୁବନେଶ୍ୱରରେ ଉଦଘାଟିତ ହୋଇଥିଲା । ଏହି ସମାରୋହରେ ରାଜ୍ୟର ୩୦ଟି ଜିଲ୍ଲାରୁ ଚୟନ ହୋଇଥିବା ୧୧୩ ଜଣ ଭିନ୍ନକ୍ଷମ ଶିକ୍ଷାର୍ଥୀ ମାନଙ୍କୁ ସମ୍ମାନିତ କରାଯାଇଥିଲା । ଯେଉଁମାନେ ୨୦୨୫ ମସିହାର ଦଶମ ଶ୍ରେଣୀ ପରୀକ୍ଷାରେ ୭୫ ଶତକଡା ଠାରୁ ଅଧିକ ମାର୍କ ପ୍ରାପ୍ତ କରିଛନ୍ତି । ମୟୂରଭଞ୍ଜ ଜିଲ୍ଲାର ତିରିଙ୍ଗ ବ୍ଲକ ଅନ୍ତର୍ଗତ ବଡଡାଳିମା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ମୁର୍ମୁ ଦଶମ ପରୀକ୍ଷାରେ ୮୪.୮୦ ଶତକଡା ଅଙ୍କ ଅର୍ଜନ କରି ଉଲ୍ଲେଖନୀୟ କୃତିତ୍ୱ ପ୍ରଦର୍ଶନ କରିଛନ୍ତି ।




ଓଡିଶା ସରକାରଙ୍କ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସହ ନିର୍ଦ୍ଦେଶକ ସନ୍ୟାସ ବେହେରା, ଓସେପା ଅନ୍ତର୍ନିବେଶି ବିଭାଗର ଉପ ନିର୍ଦ୍ଦେଶକ ପ୍ରଦୋଶ କୁମାର ନାଏକ, ସ୍ୱାଭିମାନର ନିର୍ଦ୍ଦେଶିକା ସୃତି ମହାପାତ୍ର ଓ ଓସେପା ଅନ୍ତର୍ନିବେଶି ବିଭାଗ ସଂଯୋଜକ ଅଶୋକ କୁମାର ମହାପାତ୍ରଙ୍କ ଉପସ୍ଥିତିରେ କୁମାରୀ ପ୍ରିୟଙ୍କା ମୁର୍ମୁ ରୂପା ପଦକ, ପ୍ରମାଣପତ୍ର ଓ ପୁସ୍ତକ ସାମଗ୍ରୀ ସହ ସମ୍ମାନିତ ହୋଇଛନ୍ତି । ଏହାଦ୍ୱାରା ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ମନୋବଳ ବଢ଼ାଇବା ସହ ବିଶେଷ ଆବଶ୍ୟକତା ଥିବା ଶିଶୁ ମାନଙ୍କର ଶିକ୍ଷାରେ ସାକାରାତ୍ମକ ପରିଣାମ ଆସିବ ବୋଲି ଆଶା କରାଯାଉଛି ।

## ବଜ୍ରାଘାତରେ ଗଲା ଯୁବକଙ୍କ ଜୀବନ

ଭଞ୍ଜନଗର, (ସବ୍ୟୁ) : ବଜ୍ରାଘାତରେ ଗଲା ଗାଈଆଳ ଯୁବକଙ୍କ ଜୀବନ । ଏଭଳି ଘଟଣା ଭଞ୍ଜନଗର ଥାନା ଅନ୍ତର୍ଗତ ଖାରିଗୁଡା ଗାଁ ନିକଟରେ ଘଟିଛି। ଖାରିଗୁଡା ଗାଁ ର ଉଦୟ ପ୍ରଧାନଙ୍କ ପୁଅ ବସନ୍ତ ପ୍ରଧାନ (୩୮) ସବୁଦିନ ଭଳି ବୁଧବାର ମଧ୍ୟ ନିଜର ଗାଈ ଗୋଠ ଧରି ଗାଁ ପାଖ ଜଙ୍ଗଲକୁ ଯାଇଥିଲେ। ତେବେ ଅପରାହ୍ନରେ ହଠାତ ବର୍ଷା ପବନ ସହ ଘଡ଼ଘଡ଼ି ବିଜୁଳି ମାରିବା ଦେଖି ସେ ଗାଈଗୋଠଙ୍କୁ ନେଇ ଗାଁ କୁ ଫେରିବା ବେଳକୁ ବାଟରେ ଅତର୍କିତ ଭାବେ ବଜ୍ରାଘାତ ହୋଇଥିଲା। ଆଉ ଘଟଣାସ୍ଥଳରେ ହିଁ ସେ ଟଳି ପଡିଥିଲେ। ତେବେ ସେଠାରେ ଥିବା ଅନ୍ୟ କିଛି ଚାଷୀ ଏଭଳି ଘଟଣା ଦେଖି ବସନ୍ତଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ତାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଆମ୍ବୁଲାନ୍ସ ଡାକିଥିଲେ। ଆମ୍ବୁଲାନ୍ସ ପହଞ୍ଚି ବସନ୍ତ ପ୍ରଧାନଙ୍କୁ ଘଟଣାସ୍ଥଳରୁ ଉଠାଇ ଆଣି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଏଠାରେ ଡାକ୍ତର ବସନ୍ତ ପ୍ରଧାନଙ୍କୁ ମୃତ ଘୋଷଣା କରିଥିଲେ। ଏସଂପର୍କରେ ସୂଚନା ପାଇ ଭଞ୍ଜନଗର ପୁଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରିବା ସହ ଭଞ୍ଜନଗର ଥାନାରେ ୨୩/୨୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ କୁ ବ୍ୟବଚ୍ଛେଦ ଗୃହ କୁ ପଠାଇ ଦେଇଛି। ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି ।

## ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବନ୍ୟା, ବାତ୍ୟା, ସାପ କାମୁଡା, ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଓ ବିଜୁଳି ଆଘାତରେ ମୃତ୍ୟୁ ବରଣ କରିଥିବା ଲୋକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ଅନୁକମ୍ପା ରାଶିକୁ ତୁରନ୍ତ ପ୍ରଦାନ କରିବା ସହ ବିଭିନ୍ନ ଜାତିଗତ ପ୍ରମାଣପତ୍ରକୁ ଲୋକଙ୍କୁ ସଠିକ୍ ସମୟରେ ପ୍ରଦାନ କରିବା ପାଇଁ ଉପଜିଲ୍ଲାପାଳ ଶ୍ରୀ ବରାଳ ନିର୍ଦ୍ଦେଶ ଦେଇଥିଲେ । ବସୁନ୍ଧରା ଯୋଜନା ଆନୁକୂଲ୍ୟରେ ହିତାଧିକାରୀ ମାନଙ୍କୁ ଚିହ୍ନଟ କରିବା, ସହରାଂଚଳ ଓ ଗ୍ରାମାଂଚଳରେ ସରକାରୀ ଜମି ଜବରଦଖଲ କରି କୋଠା ନିର୍ମାଣ କରିଥିବା ଲୋକଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କଲମ ଟୁ ଆର ଆରକରାକ୍ସନ (ଜମି ପଟ୍ଟା ଗୁଡିକ ଅପଡେଟ୍) ଗୁରୁତ୍ୱ ଦେବା, ସରକାରୀ ସ୍କୁଲ କଲେଜ ଓ ଡିଗ୍ରୀ କଲେଜ ଭଳି ଶିକ୍ଷାନୁଷ୍ଠାନକୁ ଜମି ପଟ୍ଟା ପ୍ରଦାନ କରିବା, ପୋଲସରା ଓ ପୁରୁଷୋତ୍ତମପୁର ତହସିଲରେ ଚାଲିଥିବା ହାଇଟେକ୍ ସର୍ଭେର ରିପୋର୍ଟ ପ୍ରଦାନ କରିବା, ଏହା ସହ ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥସାରଥି ହାଁସଦା, ଡେପୁଟି କଲେକ୍ଟର ଲୋପମୁଦ୍ରା ରଥ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଏସଆରଏ ମଧୁସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ବାପକୁ ମାଡ଼ ମାରିବା ଅଭିଯୋଗରେ ପୁଅ ଗିରଫ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ଚକରାପଲ୍ଲୀ ଗ୍ରାମରେ ବାପକୁ ମାଡ ମାରିବା ଅଭିଯୋଗରେ ପୁଅ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି। ଆହତ ବାପ ଜଣକ ହେଲେ ଜୁରିଆ ବେହେରା ଓ ଗିରଫ ପୁଅ ଜଣକ ହେଲେ ଲୋକନାଥ ବେହେରା। ଏନେଇ ଥାନାରେ କେସ୍ ନଂ ୪୬୦/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତ ମଙ୍ଗଳବାର ସକାଳେ ଲୋକନାଥ ନିଶାପାନ କରି ଘରକୁ ଆସିଥିଲେ। ଘରେ ଥିବା ତାଙ୍କର ସାଇକେଲଟି କୌଣସି କାରଣରୁ ପଡିଯାଇଥିଲା। ସେହି ସାଇକେଲଟିକୁ ଉଠାଇବାକୁ ପୁଅ ଲୋକନାଥ ବାପାଙ୍କୁ କହିଥିଲେ। ବାପା ସାଇକେଲଟିକୁ ଉଠାଇବାକୁ ମନା କରିବାରୁ ପୁଅ ରାଗିଯାଇ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲା। ଏଥିରେ ବାପା ଜୁରିଆ ଆହତ ହୋଇଥିଲେ ଏବଂ ଏନେଇ ପୋଲିସ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବୁଧବାର ଦିନ ଲୋକନାଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଏୟାରଷ୍ଟ୍ରିପ୍ ନିକଟରୁ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ବାରିପଦା, (ସବ୍ୟୁ) : ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ୍ ନିକଟରୁ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହେବାପରି ଅଭାବନୀୟ ଘଟଣା ଘଟିଛି। ମୃତକ ଜଣଙ୍କ ହେଲେ ରାସଗୋବିନ୍ଦପୁର ଅଞ୍ଚଳର ନିସିକାନ୍ତ ମୋହାନ୍ତି(୫୫)। ସୂଚନାଯୋଗ୍ୟ ଯେ, ମୃତକ ନିସିକାନ୍ତ ମଙ୍ଗଳବାର ସନ୍ଧ୍ୟାରେ ଘରୁ ବାହାରି ଆସି ଆଉ ଘରକୁ ଫେରି ନଥିଲେ। ମୃତକଙ୍କ ଦେହରେ ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବାବେଳେ କେହି ମାଡ ମାରି ଶେଷରେ ମୁଣ୍ଡରେ ପଥର ଛେଚି ହତ୍ୟା କରିଥିବା ନେଇ ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଇଛି। ଘଟଣା ସ୍ଥଳରେ ରସଗୋବିନ୍ଦପୁର ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ୨୮୨/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରହିଛି ।

## ମୋଦି ଜୀଙ୍କ ଆହ୍ୱାନରେ ମା' ପାଇଁ ଗଛଟିଏ

ବ୍ରହ୍ମପୁର, (ସବ୍ୟୁ) ସ୍ଥାନୀୟ ୨୩ ନମ୍ବର ୱାର୍ଡ ଅନ୍ତର୍ଗତ ଆନନ୍ଦ ସରଣୀ ପାର୍କରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀଙ୍କ ଆହ୍ୱାନ କ୍ରମେ ମା' ଙ୍କ ପାଇଁ ଗଛ ଟିଏ କ୍ରମେ ବ୍ରହ୍ମପୁର ମହାନଗର ଓ୍ୱାର୍ଡ ୨୩ ସ୍ଥିତ ଆନନ୍ଦ ସରଣୀ ପାର୍କ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇଥିବା ବେଳେ ଗଞ୍ଜାମ ଜିଲ୍ଲାର ସଭାପତି ସରୋଜ ସାବତ, ବନମାଳୀ ସେଠି କର୍ପୋରେଟର ବନିତା ସାହୁ, ସୁକାନ୍ତ ଦଳେଇ, ପ୍ରଭାତ ଷଡ଼ଙ୍ଗୀ, ବଦ୍ରି ନାୟକ, ଗୋପାଳ ରଥ, ପ୍ରତାପ ସେଠି, ସୂର୍ଯ୍ୟ ଦାସ ଶଙ୍କର ରାଓ, ସୁବ୍ରତ ପାଳ, ବୁଡୁ ପାତ୍ର, ପି ଶିବା, ସନ୍ତୋଷ ଦାସ, ରବି ନାରାୟଣ ମିଶ୍ର, କୁରେଶ ଚୌଧୁରୀ, ସୁଧୀର ପାଢ଼ୀ, ଶିବାନନ୍ଦ ବେହେରା, ସୂର୍ଯ୍ୟ ନାରାୟଣ ଦାସ, ସଞ୍ଜୟ ବେହେରାଙ୍କ ସମେତ ଭାରତୀୟ ଜନତା ପାର୍ଟିର ଅନେକ କାର୍ଯ୍ୟକର୍ତ୍ତା, ୱାର୍ଡ ବାସିନ୍ଦା, ଶୁଭେଚ୍ଛୁ ଏବଂ ଅଞ୍ଚଳବାସୀ ଯୋଗ ଦେଇଥିଲେ।

## ସାମ୍ବାଦିକ ସ୍ୱର୍ଗତଃ ଅମରେନ୍ଦ୍ର ଲାଲଙ୍କ ସ୍ମୃତିରେ ରକ୍ତଦାନ ଶିବିର : ୫୧ ୟୁନିଟ୍ ସଂଗୃହୀତ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକଙ୍କ ଭୀଷ୍ମ ପିତାମହ ସ୍ୱର୍ଗତଃ ଅମରେନ୍ଦ୍ରଲାଲ ବୋଷଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଜିଲ୍ଲା ସାମ୍ବାଦିକ ପରିବାର, ମୟୂରଭଞ୍ଜ ପକ୍ଷରୁ ଆୟୋଜିତ ଶିବିରକୁ ଜିଲ୍ଲାପାଳ ହେମକାନ୍ତ ସୟ ଉଦଘାଟନ କରିବା ସହିତ ଏପରି କାର୍ଯ୍ୟକୁ ପ୍ରଶଂସା କରିଥିଲେ ।

କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ବରିଷ୍ଠ ସାମ୍ବାଦିକ କଲ୍ୟାଣ କୁମାର ସିହ୍ନା, ରାମଚନ୍ଦ୍ର ଦାସ, ସୁକାନ୍ତ କୁମାର ଜିଉ, କବିବିଷ୍ଣୁ ଶତପଥି, ବିଭୁଦତ୍ତ ଦାସ ଓ ସମାଜସେବୀ ଅମରସେଠୀ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା କୋଣ ଅନୁକୋଣରୁ ସାମ୍ବାଦିକ ଓ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରି ସ୍ୱର୍ଗତ ଅମରେନ୍ଦ୍ର ଲାଲଙ୍କ ୬୦ବର୍ଷର ସାମ୍ବାଦିକତା ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଶିବିରରେ ମୋଟ ୫୧ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ଓ ରକ୍ତଦାତା କାର୍ଡ ସହିତ ଉତ୍ତୋରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ରକ୍ତ ଭଣ୍ଡାରର ଡାକ୍ତର ଓ ବୈଷୟିକ ଟିମ ରକ୍ତ ସଂଗ୍ରହରେ ସହଯୋଗ କରିଥିବାବେଳେ ଶିବିର ପରିଚାଳନାରେ ଅସୀମ ଚକ୍ରବର୍ତ୍ତୀ, ସୋମନାଥ ସିଂ ଓ ଶ୍ରୀମା ମହିଳା ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ । ୨୦୨୬ ଜାନୁଆରୀ ୧୭ତାରିଖରେ ଜିଲ୍ଲାର ଅନ୍ୟତମ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମଳୟ ମହାନ୍ତଙ୍କ ସ୍ମୃତିରେ ମଧ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ସିଦ୍ଧାନ୍ତ ନିଆଯାଇଛି ।

## 'କଂଗ୍ରେସରେ ନଥିବା ଲୋକ ନିଜକୁ କଂଗ୍ରେସର ଦାବି କରିବା ହାସ୍ୟାସ୍ପଦ'

ଭୁବନେଶ୍ୱର,(ସବ୍ୟୁ): କଟକ ଜିଲ୍ଲା ଅନ୍ତର୍ଗତ ବାଙ୍କୀ ନିର୍ବାଚନ ମଣ୍ଡଳୀର ଅଜୟ କୁମାର ପଣ୍ଡାଙ୍କର ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ଏକ ଦଳ ବିରୋଧି ବିବୃତି ପ୍ରଦେଶ କଂଗ୍ରେସ କମିଟିର ଦୃଷ୍ଟିଗୋଚର ହୋଇଛି। ଦଳୀୟ ଶୃଙ୍ଖଳା ଭଙ୍ଗ କାରଣରୁ ତାଙ୍କର ଦଳୀୟ ପ୍ରାଥମିକ ସଦସ୍ୟତା ରଦ୍ଦ ହେବା ସହ କଂଗ୍ରେସ ଦଳରୁ ଶ୍ରୀ ପଣ୍ଡାଙ୍କୁ ବହିଷ୍କାର କରାଯାଇଥିଲା।

ଉଲ୍ଲେଖଯୋଗ୍ୟଯେ, ଅଜୟ ପଣ୍ଡା ଗତ ଦୁଇବର୍ଷ ତଳେ ଆମ୍ ଆଦମୀ ପାର୍ଟିରେ ଯୋଗଦେଇଥିବା ସତ୍ତ୍ୱେ ନିଜକୁ ଜଣେ କଂଗ୍ରେସ ସଭ୍ୟ ଭାବରେ ଦାବି କରିବାର ଅଧିକାର ନାହିଁ। ତାଙ୍କର କଂଗ୍ରେସ ଦଳର କୌଣସି ସଂପୃକ୍ତି ନଥିବା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିବା ସତ୍ତ୍ୱେ ଶ୍ରୀ ପଣ୍ଡା କିଛି କଂଗ୍ରେସ ବିରୋଧି ଶକ୍ତିଙ୍କ ପ୍ରରୋଚନାରେ ନିଜକୁ ଜଣେ କଂଗ୍ରେସ ଦଳର କର୍ମୀଭାବରେ ପରିଚୟ ଦେବା ସହ ରାଜ୍ୟ ନେତୃତ୍ୱ ବିରୋଧରେ ବିଷୋଦଗାର କରିବା ଅତ୍ୟନ୍ତ ହାସ୍ୟାସ୍ପଦ ଏବଂ ନିନ୍ଦନୀୟ। ଏହାସହ ବିଭିନ୍ନ ଜିଲ୍ଲା କଂଗ୍ରେସ ଏବଂ ପ୍ରଦେଶ କଂଗ୍ରେସର ଗଣମାଧ୍ୟମ ପ୍ରବକ୍ତାମାନଙ୍କୁ ସଚେତନ କରାଇ ଦିଆଯାଉଛି ଯେ ସେମାନେ କୌଣସି ବିବୃତି ଦେବାପୂର୍ବରୁ ତାଙ୍କର ବକ୍ତବ୍ୟ ସମ୍ପର୍କରେ ପ୍ରଦେଶ କଂଗ୍ରେସ ସଭାପତି, ରାଜ୍ୟ ଗଣମାଧ୍ୟମର ଅଧ୍ୟକ୍ଷ ତଥା ଦଳର ବରିଷ୍ଠ ନେତୃବୃନ୍ଦଙ୍କ ସହିତ ଆଲୋଚନା କରି ବକ୍ତବ୍ୟ ପ୍ରଦାନ କରିବେ।

## ଦକ୍ଷତା ବୃଦ୍ଧି ଓ କାର୍ଯ୍ୟଶୈଳୀର ଉନ୍ନତି ନିମନ୍ତେ

# ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ପକ୍ଷରୁ ଦିନିକିଆ କର୍ମଶାଳା

ଛତ୍ରପୁର, (ସବ୍ୟୁ) : ବିକଶିତ ଓଡିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ପାଇଁ ସହରାଞ୍ଚଳର ବିକାଶ ଅପରିହାର୍ଯ୍ୟ । ସହରାଞ୍ଚଳ ମାନଙ୍କର ବିଭିନ୍ନ କ୍ଷେତ୍ରରେ ବିକାଶ ହୋଇପାରିଲେ ବିକଶିତ ଓଡିଶା ଓ ବିକଶିଥ ଭାରତ ଗଠନ ହୋଇପାରିବ । ସହରାଞ୍ଚଳରେ ପାନୀୟ ଜଳ, ପ୍ରଧାନମନ୍ତ୍ରୀ ଆବାସ, ସ୍ୱଚ୍ଛତା, ପରିମଳ ଆଦି କ୍ଷେତ୍ରରେ ଯେପରି ଆହୁରି ଅଧିକ ବିକାଶ ହୋଇପାରିବ ସେଥିଲାଗି ବୁଧବାର ଗଞ୍ଜାମ ଜିଲ୍ଲା ପରିଷଦର ରଷିକୁଲ୍ୟା ସମ୍ମିଳନୀ କକ୍ଷରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ୟୁଏଲବି ଗୁଡିକର ଜନପ୍ରତିନିଧିମାନଙ୍କ ଦକ୍ଷତା ବୃଦ୍ଧି ଓ କାର୍ଯ୍ୟ ଶୈଳୀର ଉନ୍ନତି କରଣ କରିବା ନିମନ୍ତେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ କ୍ରମେ ଗଞ୍ଜାମ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ପକ୍ଷରୁ ବ୍ରହ୍ମପୁର ମହାନଗର ନିଗମର ମେୟର, ଡେପୁଟି ମେୟର, କୋର୍ପରେଟର, ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଓ ସମସ୍ତ ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ/ଅଧ୍ୟକ୍ଷା, ଉପାଧ୍ୟକ୍ଷ/ ଉପାଧ୍ୟକ୍ଷା ଏବଂ କାଉନସିଲର ମାନଙ୍କୁ ନେଇ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସହରାଂଚଳ ଗୁଡିକରେ ଚାଲିଥିବା ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ସଠିକ୍ ଭାବେ କାର୍ଯ୍ୟକାରି କରିବା ଓ ସେଗୁଡିକୁ ହିତାଧିକାରୀ ମାନଙ୍କ ପାଖରେ ପହଂଚାଇବା, ବିକଶିତ ଓଡିଶା ୨୦୩୬, ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ, ପରିଷଦ ଓ ୟୁଏଲବିର ଭୂମିକା, ଦକ୍ଷତା ବୃଦ୍ଧି, ଗଠନ ଓ କାର୍ଯ୍ୟ ଓ ସୁଶାସନ, ପରିମଳ, ରାଜସ୍ୱ ଆଦାୟ, ବାସ ଯୋଗ୍ୟ ସହର ମିଶନ୍, ସମ୍ପ୍ରଦାୟ ସହରାଂଚଳ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମେୟର ସଙ୍ଘମିତ୍ରା ଦଳାଇ ଯୋଗ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ । ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜ ଶିନ୍ଦ୍ରେ, ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦେବଦତ୍ତ ପଣ୍ଡା, ଡେପୁଟି କମିଶନର ଆଶୀର୍ବାଦ ପରିଡ ପ୍ରମୁଖ ଯୋଗ ଦେଇ ବିଭିନ୍ନ ବିଷୟ ନେଇ ସମସ୍ତଙ୍କ କହିଥିଲେ ।

## ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ସମୀକ୍ଷା

ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ତ୍ରିସ୍ତରୀୟ ପଞ୍ଚାୟତରାଜ ନିର୍ବାଚନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତରାଜ ନିର୍ବାଚନର ସମୀକ୍ଷା କରିବା ସହିତ ଆଗକୁ କ'ଣ କ'ଣ ପଦକ୍ଷେପ ନେଲେ ନିର୍ବାଚନ ସୁରୁଖୁରରେ ହୋଇପାରିବ ଏବଂ ଲୋକମାନେ ଏଥିରେ ବହୁମାତ୍ରାରେ ଭାଗନେଇ ନିଜର ଯୋଗ୍ୟ ପ୍ରତିନିଧି ଚୟନ କରି ଗ୍ରାମ, ପଞ୍ଚାୟତ ଓ ଜିଲ୍ଲାର ବିକାଶରେ ଯୋଗଦାନ ଦେଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ ।




ବୈଠକରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ, ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ବୌଦ୍ଧ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ-ଜିଲ୍ଲାପାଳ, ଫୁଲବାଣୀ ଭିକାରୀ ସାହୁ, ଉପଜିଲ୍ଲାପାଳ, ବାଲିଗୁଡା ଡଃ. ରୀନା ପ୍ରଧାନ, ଉପଜିଲ୍ଲାପାଳ, ବୌଦ୍ଧ ଶ୍ରୀ ପ୍ରବୀଣ କୁମାର ବାଣୁଆ, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌରପରିଷଦର କାର୍ଯ୍ୟନିର୍ବାହ ଅଧିକାରୀ, ପଞ୍ଚାୟତ ଅଧିକାରୀ ନରେନ୍ଦ୍ର ନାୟକ, ସରକାରୀ କର୍ମଚାରୀ ଆଦି ଉପସ୍ଥିତ ଥିଲେ।

## ୭୯ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ୭୯ତମ ସ୍ୱାଧୀନତା ଦିବସ-୨୦୨୫ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ଆଚାର୍ଯ୍ୟ ଓ ରିଜର୍ଭ ଇନ୍ସପେକ୍ଟର ଆଲୋକ କୁମାର କାନୁନଗୋ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସଭାରେ ଯୋଗ ଦେଇଥିବା ସମସ୍ତଙ୍କୁ ଜିଲ୍ଲାପ୍ରଶାସନ ତରଫରୁ ସ୍ୱାଗତ କରି ପ୍ରସ୍ତୁତି ବୈଠକର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ ।

ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଚଳିତ ବର୍ଷ ୭୯ତମ ସ୍ୱାଧୀନତା ଦିବସକୁ ଜିଲ୍ଲାସ୍ତରରେ କିପରି ସୁନ୍ଦର ତଥା ଆକର୍ଷଣୀୟ ଭାବେ ବ୍ୟବସ୍ଥିତ ଢଙ୍ଗରେ ପାଳନ କରାଯିବ ସେ ବିଷୟରେ ପ୍ରତ୍ୟେକଟି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ତଦ୍‌ନୁସାରେ ଏହି ଜାତୀୟ ଦିବସ ପାଳନ ଅବସରରେ ଆବଶ୍ୟକୀୟ କାର୍ଯ୍ୟ, ଯଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପ୍ରତିଯୋଗିତା ଆୟୋଜନ ତଥା ଏଥିପାଇଁ ଉପଯୁକ୍ତ ବିଚାରକ ମଣ୍ଡଳୀ ପ୍ରସ୍ତୁତି, ପ୍ୟାରେଡ ପଡିଆ ସୁସଜ୍ଜିକରଣ, ଅଭିବାଦନ ମଞ୍ଚ ପ୍ରସ୍ତୁତି, ଅଭିବାଦନ ମଞ୍ଚର ଉଭୟ ପାର୍ଶ୍ୱରେ ନିମନ୍ତ୍ରିତ ଅତିଥିମାନଙ୍କ ବସିବା ପାଇଁ ଉତ୍ତମ ବ୍ୟବସ୍ଥା, ସହରାଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ କରିବା, ପ୍ୟାରେଡ ପଡିଆ ଠାରେ ପାନୀୟ ଜଳ ଯୋଗାଣ, ଆକସ୍ମିକ ଦୁର୍ଘଟଣାର ମୁକାବିଲା, ପ୍ୟାରେଡ ପରିଚାଳନା, ଅପାତକାଳୀନ ସ୍ୱାସ୍ଥ୍ୟସେବା, ରାମ ଧୁନ ପରିବେଷଣ, ଅତିଥି ମାନଙ୍କୁ ନିମନ୍ତ୍ରଣ ଓ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହି ଚିକିତ୍ସିତ ହେଉଥିବା ରୋଗୀ, ଗୋପବନ୍ଧୁ ବାଳାଶ୍ରମର ଅନ୍ତେବାସୀ ଓ ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଫଳ ବିସ୍କୁଟ ବଣ୍ଟନ ଇତ୍ୟାଦି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ବିଭିନ୍ନ କମିଟି ଗଠନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତଥା ବ୍ୟକ୍ତି ବିଶେଷଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯିବା ନେଇ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

ବୈଠକରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ, ଶିକ୍ଷାନୁଷ୍ଠାନର ମୁଖ୍ୟ ତଥା ଶିକ୍ଷକ ଶିକ୍ଷୟତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ବରିଷ୍ଠ ନାଗରିକ, ଆଇନଜୀବୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ରଖିଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ମୟୂରଭଞ୍ଜ ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରହ୍ମପୁର ମହାନଗର ନିଗମର ସାଧାରଣ ବୈଠକ

# ବିଭିନ୍ନ ପ୍ରସଙ୍ଗରେ ଆଲୋଚନା, ଅନୁଦାନ ଅର୍ଥ ସଠିକ୍ ବିନିଯୋଗ ପାଇଁ ମତ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ମହାନଗର ନିଗମରେ ସାଧାରଣ ରାସ୍ତା ଘାଟ ବିପର୍ଯ୍ୟସ୍ତ ହୋଇ ପଡିଥିବା ବେଳେ ବିକାଶ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ତାଳମେଳ ରହୁନଥିବା ଜନ ପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଭାବେ ବ୍ରହ୍ମପୁର ସହରର ପରିଚୟ ହୋଇଥିବା ବେଳେ ଏହି ସହର ଉପରେ ନିର୍ଭରଶୀଳ ଜନସାଧାରଣ ଠାରୁ ଆରମ୍ଭ କରି ବ୍ୟବସାୟୀମାନେ ଏଠାକୁ ଆସନ୍ତି। ସହର ବାହାରୁ ଆସୁଥିବାରୁ ସେମାନଙ୍କ ନିମନ୍ତେ ଶୌଚାଳୟ ନାହିଁ ଯାହା ଫଳରେ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।




ଏନେଇ ବହୁବାର କାଉନସିଲ ବୈଠକ ଉପସ୍ଥାପନ କରିଥିଲେ ମଧ୍ୟ କାର୍ଯ୍ୟକାରି କରାଯାଉ ନାହିଁ ବୋଲି ଅଭିଯୋଗ କରିଥିଲେ। ବ୍ରହ୍ମପୁର ମହାନଗର ନିଗମକୁ କେତେ ଅନୁଦାନ ଆସିଛି କେଉଁ ଠାରେ କେତେ ଖର୍ଚ୍ଚ କରାଯାଇ ଥିଲା ତାର ତଥ୍ୟ ପ୍ରଦାନ କରାଯାଉ। ସରକାରଙ୍କ ଅନୁଦାନ କେଉଁ କାରଣରୁ ଖର୍ଚ୍ଚ କରାଯାଇଥିଲା ବୋଲି ପ୍ରଶ୍ନ କରିଛନ୍ତି। ୧୨୫ କୋଟି ଟଙ୍କା ଆସିଥିବା ବେଳେ ପରିମଳ ବ୍ୟବସ୍ଥା ଉପରେ ୪୫ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ସହର ବିକାଶରେ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ କରିଥିଲେ। ସହରର କୁ ସରସ ସୁନ୍ଦର କରିବା ନିମନ୍ତେ କୋଟିକୋଟି ଟଙ୍କା ବିନିଯୋଗ କରାଯାଉଛି କିନ୍ତୁ ଗିରି ମାର୍କେଟ ଛକ ସ୍ଥିତ ଏକ ବୃଷଭ ଉପରେ ରଙ୍ଗ ଦିଆଯାଇ ପାରୁନାହିଁ। ସହର ମ୍ୟୁନିସପାଲଟି ଗେଷ୍ଟ ହାଉସକୁ ବେସରକାରୀ ଅଧିନରେ ଥିବା ବେଳେ ଏହାର ଅବଧି କେବେ ସରୁଛି ଓ ଏହାର ଭିତରେ ଏକ ମଦ ବାର ଖୋଲା ଯାଇଛି ତା ଉପରେ ପ୍ରଶ୍ନ ଉଠାଇ ଥିଲେ। ସହରରେ ରାସ୍ତା କଡ ଉଠା ଦୋକାନି ମାନଙ୍କ ଠାରୁ ଦୈନନ୍ଦିନ ପାନୁ ଆଦାୟ କରା ଯାଉଥିବା ବେଳେ ଗେଟ, ବିଜ୍ଞାପନ, ଘର ଭଡା ସହିତ ବିଭିନ୍ନ ଦିଗରୁ ରାଜସ୍ୱ ଆଦାୟ କରାଯାଉଛି। ଅନ୍ୟପଟେ ସହରରେ ରାସ୍ତା ଦେଇ ଯାତାୟତ କରିବା ବିପଦ ସଙ୍କୁଳ ହୋଇଛି। ଉଠା ଦୋକାନି ମାନଙ୍କ ଦୋକାନ ରାସ୍ତା ଉପରେ ରହିଥିବା ବେଳେ ବୁଲା ଗାଈ ଗୋରୁ ଓ କୁକରଙ୍କ ପ୍ରାଦୁର୍ଭାବ ବଢ଼ି ଥିବା ବେଳେ ଯାତାୟତ ବିପଦ ସଙ୍କୁଳ ହୋଇଛି। ଆଜି ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଏକ ସାଧାରଣ ବୈଠକ ମେୟର ସଂଘମିତ୍ରା ଦଳେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା, ଡେପୁଟି କମିଶନର ଆର୍ଶିବାଦ ରାଉତ, ଡେପୁଟି ମେୟର ଇ ବିବେକ ରେଡ୍ଡୀଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଟ୍ରାଫିକ୍, ଭେଣ୍ଡିଙ୍ଗ ଜୋନ ଓ ନନ ଭେଣ୍ଡିଙ୍ଗ ଜୋନ ଓ ପାର୍କିଂ ବ୍ୟବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ସରକାରୀ ଜମି, ବୁଲା ଗାଈଗୋରୁ, କୁକୁର, ବାର୍ଜ୍ୟବସ୍ତୁ ପରିଚାଳନା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ଓ ସମାଧାନ ନେଇ ମତ ପ୍ରକାଶ ପାଇଥିଲା । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ରହ୍ମପୁର ବିଧାୟକ ପ୍ରତିନିଧି ତଥା ଆଇନଜୀବୀ ଅଶୋକ କୁମାର ଶୁକ୍ଳ, ବ୍ରହ୍ମପୁର ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାୟ, ଗୋପାଳପୁର ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି ଶିବ ଶଙ୍କର ନାୟକ, କର୍ପୋରେଟର ତଥା ରାଜ୍ୟ ଆଇନ ପରିଷଦ ସଦସ୍ୟ ତଥା କର୍ପୋରେଟର ସଞ୍ଜିତ ପାଣିଗ୍ରାହୀ , ନିଳକଣ୍ଠ ସାହୁ, ପ୍ରଦୀପ କୁମାର ଶତପଥୀ, ଦୁର୍ଗା ଲାଇକ, ସୁରେନ୍ଦ୍ର ମହାରଣା, ଟି ତ୍ରିପତି ପାତ୍ର, ସମିର ମିଶ୍ର, ପ୍ରଦୀପ ପଟ୍ଟନାୟକ, ଧିରେଶ ସାବତ, ସବିତା ସାହୁ, ସନ୍ଧ୍ୟା ରାଣୀ ଶୁକ୍ଳା, ସୋନାଲି ଗନ୍ତାୟତଙ୍କ ସମେତ ବହୁ କର୍ପୋରେଟର ଉପସ୍ଥିତ ଥିଲେ ।

## ଜରାଜୀର୍ଣ୍ଣ ଅବସ୍ଥାରେ ଶତାୟୁ ରଣ୍ଡିମହୁଲ ପ୍ରାଥମିକ ସ୍କୁଲ

# ବିପଦପୂର୍ଣ୍ଣ ଆଜବେଷ୍ଟସ ଘରେ ଚାଲିଛି ପାଠପଢ଼ା

କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା ଶିକ୍ଷା ବିଭାଗର ଉଦାସୀନତାର ନଗ୍ନ ଚିତ୍ର ଦେଖିବାକୁ ମିଳିଛି ଜିଲ୍ଲାର ଉପାନ୍ତ କନ୍ଧମାଳ ବ୍ଲକର ସର୍ବ ପୁରାତନ ୧୨୧ ବର୍ଷର ଜରାଜୀର୍ଣ୍ଣ ରଣ୍ଡିମହୁଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ରଣ୍ଡିମହୁଲ ଗ୍ରାମରେ ପ୍ରାଥମିକ ଶିକ୍ଷାର ମୂଳଦୁଆ ପକାଇବା ପାଇଁ ୧୯୦୪ମସିହାରେ ସ୍ଥାନୀୟ ଗ୍ରାମବାସୀଙ୍କ ଉଦ୍ୟମରେ ସ୍ଥାପନ କରାଯାଇଥିଲା । ଏହି ବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରି ଏବେ ହଜାର ହଜାର ଛାତ୍ରଛାତ୍ରୀ ଦେଶର କୋଣ ଅନୁକୋଣ ବିଭିନ୍ନ ପଦପଦବୀରେ କାର୍ଯ୍ୟରତ । ହେଲେ ବିଦ୍ୟାଳୟର ଭିତ୍ତିଭୂମିରେ କୌଣସି ଆଖି ଦୃଶିଆ ପରିବର୍ତନ ହୋଇ ନାହିଁ । ପୁରୁଣା ଆଜବେଷ୍ଟ, ଛାତ ଘରେ ଆଜିବି ଛାତ୍ର ଛାତ୍ରୀ ଖରା, ବର୍ଷା, ଶୀତରେ ପାଠ ପଢୁଛନ୍ତି । ପ୍ରଥମେ ଶିକ୍ଷାର ବିକାଶ ପାଇଁ ୧୯୦୪ମସିହାରେ ଏକ ଝାଟି ମାଟି



ଘରେ ସ୍କୁଲ ଆରମ୍ଭ କରିଥିଲେ । ପରେ ଶ୍ରେଣୀ କୋଠରୀ ଗୁଡିକ ଝାଟିମାଟି, ନଡା ଛପରରୁ ରୁ ଟିଣ, ଆଜବେଷ୍ଟ ଛାତରେ ପରିବର୍ତ୍ତିତ ହୋଇଥିଲା । ଦେଶ ସ୍ୱାଧୀନ ହେବାର ଦୀର୍ଘ ବର୍ଷ ପରେ ଛାତ୍ର ଛାତ୍ରୀଙ୍କ ପାଇଁ ୨ଟି ପଢ଼ା ଶ୍ରେଣୀ କୋଠରୀ ନିର୍ମିତ ହୋଇଥିଲା । ହେଲେ ଏବେ ତାହା ବି ଭଲ ଅବସ୍ଥାରେ ନାହିଁ । ବର୍ଷା ହେଲେ ଛାତରୁ ପାଣି ଝରୁଥିବା ଦେଖା ଯାଉଛି। ବିଦ୍ୟାଳୟରେ ଥିବା ଆଜବେଷ୍ଟସ ଗୃହ ଗୁଡିକ ଜରାଜୀର୍ଣ ତଥା ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ପୁରୁଣା ଆଜବେଷ୍ଟ ଛାତ କୋଠରୀରେ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି । ଏହି ଶ୍ରେଣୀ କୋଠରୀରେ ପୁଣି ଭବିଷ୍ୟତ ନାଗରିକ ସ୍କୁଲ ଶ୍ରେଣୀ କୋଠରୀ ଆଗରେ ବର୍ଷା ଦିନେ ଫୁଟେ, ଦୁଇଫୁଟ ପାଣିରେ ଛାତ୍ର, ଛାତ୍ରୀ ମାନେ ଶ୍ରେଣୀ ଗୃହକୁ ଯାଇଥାନ୍ତି । ସେଥିପାଇଁ ଜରାଜୀର୍ଣ ତଥା ବିପଦ ପୂର୍ଣ୍ଣ ଥିବା ଶ୍ରେଣୀ କୋଠରୀ କୁ ସମ୍ପୂର୍ଣ ଡେମେଜ ଦେଖାଇ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ଓ ଶ୍ରେଣୀଗୃହ ଚାରିପଟେ ମାଟି ପକାଇ ଉଚ୍ଚା କରିବା ନିମନ୍ତେ ଗ୍ରାମବାସୀ ତରଫରୁ ଦାବି ହେଉଛି । ଚଳିତ ଶିକ୍ଷା ବର୍ଷରେ ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ଛାତ୍ର ଛାତ୍ରୀ୧୦୮ ପାଠପଢୁଛନ୍ତି । ଶିକ୍ଷାଦାନ ପାଇଁ ବିଦ୍ୟାଳୟରେ ମୋଟ ୬ ଜଣ ଶିକ୍ଷକ, ଶିକ୍ଷୟତ୍ରୀ ରହିଛନ୍ତି । ଅପର ପକ୍ଷରେ ସ୍କୁଲରେ ନୂତନ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ପୂର୍ବତନ ଏସଏମସି ସଭାପତି ପୂର୍ଣ୍ଣ ଚରଣ ସାହୁ ଅନେକ ଥର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିବା ପ୍ରକାଶ କରିଛନ୍ତି । ଅନେକ ସମୟରେ ବ୍ଲକ କାର୍ଯ୍ୟାଳୟରୁ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରୁ ଅଧିକାରୀ, ଯନ୍ତ୍ରୀ ମାନେ ଦେଖୁଥିଲେ ହେଁ ଶ୍ରେଣୀ କୋଠରୀସମସ୍ୟାର ସମାଧାନ ହେଇପାରିନାହିଁ । ତେବେ ଏ ଦିଗରେ କଣ୍ଟାମାଳ ବିଧାୟକ, କନ୍ଧମାଳ ସାଂସଦ,ସ୍ଥାନୀୟ ସରପଞ୍ଚ, କନ୍ଧମାଳ ସାଂସଦ ପ୍ରତିନିଧି, ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗ୍ରାମ ବାସୀ ଦାବି କରିଛନ୍ତି । ବିଇଓଙ୍କୁ ଯୋଗାଯୋଗ କରିବାରୁ ଏ ବିଷୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବିଡ଼ିଓଙ୍କୁ ଜଣାଯିବ ବୋଲି କହିଲେ ।

# ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ

କୋରାପୁଟ,(ସବ୍ୟୁ): କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ଅଞ୍ଚଳରେ ମାଓବାଦୀ ନିଜ ସ୍ଥିତି ଦୃଢ଼ ଥିବା ନେଇ ପରୋକ୍ଷରେ ସୂଚନା ଦେଇଛନ୍ତି । ବିଏସଏଫ ଯବାନଙ୍କୁ ଟାର୍ଗେଟ କରି ପାହାଡ଼ର ଏକ ପଥର ତଳେ ଲ୍ୟାଣ୍ଡମାଇନ ବିସ୍ଫୋରକ ସାମଗ୍ରୀ ରଖିଥିଲେ ମାଓବାଦୀ । ଏହାକୁ ବିଏସ୍ଏଫ୍ ଯବାନମାନେ ପଣ୍ଡ କରିଛନ୍ତି । ବୈପାରିଗୁଡା ବ୍ଲକ ଅନ୍ତର୍ଗତ ରାମଗିରି ଠାରେ ଅବସ୍ଥାପିତ ୧୮୦ ବିଏସଏଫ ବାଟାଲିୟନ ଯବାନଙ୍କୁ କୌଣସି ସୂତ୍ରରୁ ଖବର ମିଳିଥିଲା ଯେ, ଗୁପ୍ତେଶ୍ୱର ପଞ୍ଚାୟତର ସାବେରୀ ନଦୀ କୂଳରେ ଥିବା ଘୋଡାଘାଟ ପାହାଡ଼ ଉପରେ ଗୋଟିଏ ପଥର ତଳେ କିଛି ସାମଗ୍ରୀ ରଖାଯାଇଛି । ଖବର ପାଇ ରାମଗିରି ୧୮୦ ବିଏସଏଫ ଯବାନ ଉକ୍ତ ଅଞ୍ଚଳରେ ଅପରେସନ ଆରମ୍ଭ କରିଥିଲେ । ଅତି ସତର୍କତାର ସହ ପାହାଡ଼ ଉପରେ ଚଢ଼ି ବୋମା ସନ୍ଧାନ ମେସିନ ଦ୍ୱାରା ଖୋଜାଖୋଜି କରିବା ଆରମ୍ଭ କରିଥିଲେ । ଘୋଡାଘାଟ ପାହାଡ଼ର ଏକ ପଥର ତଳେ ଜିଲୋଟିନ ଷ୍ଟିକ୍ ଥିବା ଜଣାପଡିଥିଲା । ତୁରନ୍ତ ସମସ୍ତ ଜିଲୋଟିନ ଷ୍ଟିକ୍ ବାହାର କରାଯାଇଥିଲା । ବିଏସଏଫ କ୍ୟାମ୍ପକୁ ଆଣିବା ପରେ ଜବତ କରାଯାଇଥିବା ଜିଲୋଟିନ ଷ୍ଟିକ୍ ଗଣିବାରୁ ସେଥିରେ ୨୭ଟି ଷ୍ଟିକ୍ ରହିଥିବା ଜଣାପଡିଛି । ଜବତ ଜିଲୋଟିନ ଷ୍ଟିକ୍ ଗୁଡ଼ିକୁ ବୈପାରିଗୁଡା ଥାନାକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ରହିଛି ।

# ୧୦୮ ଜନନୀ ଏକ୍ସପ୍ରେସ ଦୁର୍ଘଟଣାଗ୍ରସ୍ତ

ଝାରସୁଗୁଡ଼ା,(ସବ୍ୟୁ):ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ କାର୍ଯ୍ୟାଳୟରୁ ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟକୁ ରୋଗୀ ସ୍ଥାନାନ୍ତର ପାଇଁ ଏକ ୧୦୮ ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସ ଧୁତରା ଶେଷମୁଣ୍ଡ ବୁଲାଣି ସ୍ଥାନରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ରାସ୍ତାର ମରାମତି ପାଇଁ ବ୍ୟବହୃତ ଚାରକୋଲ ଗୁଡିକ ବିଛା ଯାଇଥିବା ବେଳେ ସେହି ରାସ୍ତାରେ ଦ୍ରୁତ ଗତିରେ ଯାଉଥିବା ଆମ୍ବୁଲାନ୍ସର ଚକା ଗୁଡିକ ବର୍ଣ୍ଣ ହେବା ସହ ବିପରିତ ଦିଗରୁ ଆସୁଥିବା ଅନ୍ୟ ଏକ ଭାରୀଯାନକୁ ସାଇଟ ଦେବା ବେଳେ ଅଣଓସାରିଆ ରାସ୍ତାକଡର ଓଦା ମାଟିରେ ବାମପଟ ଚକା ଦବି ଦୁର୍ଘଟଣା ଘଟିଥିବାଜଣାପଡ଼ିଛି । ଘଟଣାସ୍ଥଳରୁ ଚାଳକ ଗାଡି ଛାଡି ଫେରାର ମାରିଥିଲା ।

# ଦୋକାନ ତାଲା ଭାଙ୍ଗି ଚୋରି, ଜଣେ ଗିରଫ

ସମ୍ବଲପୁର,(ସବ୍ୟୁ): ଦୋକାନର ତାଲା ଭାଙ୍ଗି ଚୋରି ଅଭିଯୋଗରେ ବୁର୍ଲା ଥାନା ପୋଲିସ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଯୁବକ ଠାରୁ ୧୬ଲିଟର ରିଫାଇନ ତେଲ, ୧୫ଲିଟର ସୋରିଷ ତେଲ ଓ ୧୦ପ୍ୟାକେଟ୍ ସିଗାରେଟ୍ ଜବତ ହୋଇଛି। ଏନେଇ ୨୯୫/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ବୁର୍ଲା ଜ୍ୟୋତି ବିହାର ମାର୍କେଟ କମ୍ପ୍ଲେକ୍ସରେ ଗୋଲଗୁଣ୍ଡା ଗ୍ରାମର ବବଲା ନାଗ(୩୨)ଙ୍କ ଦୋକାନ ରହିଛି। ତେବେ କେହି ଦୁର୍ବୃତ୍ତ ଦୋକାନର ତାଲା ଭାଙ୍ଗି କେହି ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ଏହାର ତଦନ୍ତ କରିଥିଲା। ତଦନ୍ତ ବେଳେ ଉପରୋକ୍ତ ସାମଗ୍ରୀ ଜବତ ହୋଇଛି। ଏହି ଅଭିଯୋଗରେ ଗାନ୍ଧିପଡାର ଗଙ୍ଗା ସେନ୍ଦ୍ରିଆ(୨୧)ଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବୁର୍ଲା ଥାନାରେ ୯ଟି ଓ ସଦର ଥାନାରେ ୧ଟି ମାମଲା ଥିବା ଜଣାପଡିଛି।

# ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆଇସିସି ଗଠିତ

ଏସ୍ .ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ସ୍ଥିତ ପଞ୍ଚାୟତ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷା ସୁଶ୍ରୀ କଳ୍ପନା ଦାଶଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇ ଆଭ୍ୟନ୍ତରୀଣ କମିଟୀ(ଆଇସିସି) ଗଠନ କରାଯାଇଛି । ସରକାରଙ୍କ ବିଜ୍ଞପ୍ତି ପତ୍ର ସଂଖ୍ୟା ୩୩୧୮ ତା. ୧୫/୦୭/୨୦୨୫ ଅନୁଯାୟୀ ବିଦ୍ୟାଳୟ ମାନଙ୍କରେ ହେଉଥିବା ବିଭିନ୍ନ ନିର୍ଯାତନାକୁ ରୋକିବା ଉଦ୍ଦେଶ୍ୟରେ କମିଟୀ ଗଠନ କରାଯାଇଛି । କମିଟୀ ଅଧକ୍ଷା ଭାବେ ସୁଶ୍ରୀ କଳ୍ପନା ଦାଶ ମନୋନୀତ ହୋଇଥିବା ବେଳେ ସଂଯୋଜିକା ମଧୁମିତା ମିଶ୍ର, ପଦ୍ମିନୀ ସ୍ୱାଇଁ, ମଧୁମିତା ନନ୍ଦ ଓ ପ୍ରଜ୍ଞା ବାବୁ ସଦସ୍ୟା ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିବା ଅଧକ୍ଷା ସୁଶ୍ରୀ ଦାଶ ସୂଚନା ଦେଇଛନ୍ତି ।

## ସ୍କୁଟି ସହ ଦେଶୀମଦ ଜବତ, ଜଣେ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଅବକାରୀ ପୋଲିସ ଏକ ସ୍କୁଟି ସହ ୫୦ଲିଟର ଦେଶୀମଦ ଜବତ କରିଛି। ଏହି ଅଭିଯୋଗରେ ଶାସନ ଥାନା କୁଡାମୁଣ୍ଡା ଗ୍ରାମର ବିଦ୍ୟାଧର ଓରାମ(୨୧)ଙ୍କୁ ଗିରଫ କରିଛି। ଏନେଇ ୧୦୬/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଅବକାରୀ ପୋଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସ୍କୁଟି ଗାଡି ନମ୍ବର( ଓଡି୧୫ଏସ୍-୯୮୭୫)କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ଉପରୋକ୍ତ ଦେଶୀମଦ ଜବତ ହୋଇଛି।

# ବାପା, ମାଆଙ୍କ ଅଭିଯୋଗ : ପୁଅକୁ ହତ୍ୟା କରାଯାଇଛି

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ସାହାଜେଟ ସ୍ଥିତ ଆଦିବାସୀ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଆଶ୍ରମ ବିଦ୍ୟାଳୟ ପରିସର ମଧ୍ୟରେ ଜନୈକ ଅଷ୍ଟମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିଥିବା ୧୭ ଜୁଲାଇ ୨୦୨୫ ଦିନ ଅଭିଯୋଗ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ତଦନ୍ତ କରି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସୁପାରିଶ କ୍ରମେ ଜିଲ୍ଲାପାଳ ପ୍ରଧାନ ଶିକ୍ଷକ ହର ଦେବ ହଂସଙ୍କୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇ ନିଲମ୍ବିତ କରିଥିଲେ ।

ଘଟଣା ଅନୁଯାୟୀ ଖରିଆର ଥାନା ଅନ୍ତର୍ଗତ ବଡ଼ ମହେଶ୍ୱର ଗ୍ରାମର ତୁଳସୀଦାସ ବନଛୋରଙ୍କ ପୁଅ ଅଶ୍ୱିନୀ (୧୫)କୁ ଉକ୍ତ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ । ସମ୍ପୃକ୍ତ ଛାତ୍ର ଜଣକ ପଛୁଆ ବର୍ଗର ହୋଇଥିବାବେଳେ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଜଗଦୀଶ ନାଗଙ୍କ ସମ୍ପର୍କୀୟ ଭଣଜା ହୋଇଥିବାରୁ ଆଦିବାସୀ ହରିଜନ ବର୍ଗର



ଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଛାତ୍ରାବାସରେ ରହିବାକୁ କୌଣସି ପ୍ରକାରେ ସମର୍ଥ ହୋଇଥିଲେ । ସହପାଠୀ ଅନ୍ତେବାସୀ ମାନଙ୍କ କହିବା ପ୍ରକାରେ ସେମାନେ ଏକାଠି ଛାତ୍ରାବାସରେ ରହୁଥିଲେ । ୧୬ ଜୁଲାଇ ୨୦୨୫ ରାତ୍ରୀ ଭୋଜନ ପରେ ସେ ଛାତ୍ରାବାସରେ ଅନୁପସ୍ଥିତ ଥିବା ଜାଣି ସହପାଠୀ ମାନେ ରାନ୍ଧୁଣୀଆଙ୍କୁ ଜଣେଇ ଖୋଜାଖୋଜି କରି ତାଙ୍କୁ ଛାତ୍ରାବାସରୁ ମାତ୍ର ୫୦ ଫୁଟ ଦୂର ଏକ ମହୁଲ ଗଛରେ ବେକରେ ଏକ ସାଲକୁ ବାନ୍ଧି ଝୁଲୁଥିବା ଦେଖି ସହକାରୀ ଶିକ୍ଷକ ତଥା ସହକାରୀ ତତ୍ୱାବଧାରକ ଲୋଚନ ଶବରଙ୍କୁ ଫୋନ୍ ଯୋଗେ ଜଣେଇ ଥିଲେ । ସେ ତରବୋଡ଼ରୁ ଆସି ଘଟଣା ସମ୍ବନ୍ଧେ ଅବଗତ ହୋଇଥିଲେ । ରାନ୍ଧୁଣିଆ ଓ ସହପାଠୀ ଛାତ୍ରଙ୍କ ସହାୟତାରେ ଗଛରୁ ଛାତ୍ର ଜଣକୁ ଉଦ୍ଧାର କରାଯାଇ ସାରିଥିବା ଦେଖି ତାଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଜିଲ୍ଲା ପ୍ରଶାସନ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟାନୁଷ୍ଠାନ ନେଇ ଉପରୋକ୍ତ ଆଶ୍ରମ ବିଦ୍ୟାଳୟ ସହକାରୀ ଶିକ୍ଷକ ଜଗଦୀଶ ନାଗ କୁ ନିଲମ୍ବିତ ,ଛାତ୍ରାବାସ ସହକାରୀ ତ%୦ବଧାରକ ଲୋଚନ ଶବର ଓ ଆଟେଣ୍ଡାଣ୍ଟ ପରମେଶ୍ୱର ମାଝୀଙ୍କୁ ଧରମବନ୍ଧାକୁ ସ୍ଥାନାନ୍ତରଣ ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ଘଟଣାର ପାଞ୍ଚ ଦିନ ପରେ ଭିନ୍ନ ମୋଡ ନେଇଛି ଛାତ୍ର ମୃତ୍ୟୁ ମାମଲା । ମୃତକ ଛାତ୍ର ଅଶ୍ୱିନୀ (୧୫) ଙ୍କ ମାତା ପିତା ନିଜ ପୁଅକୁ ହତ୍ୟା କରାଯାଇଥିବା କୋମନା ପୋଲିସ ଷ୍ଟେସନରେ ଲିଖିତ ରିପୋର୍ଟ କରିଛନ୍ତି । ସେମାନେ କହିଛନ୍ତି ଆମ ପୁଅ ଆତ୍ମହତ୍ୟା କରି ନାହିଁ, ତାକୁ ଜ୍ୱର ହେଉନଥିଲା, ଆମକୁ ସ୍କୁଲରୁ ଭୁଲ୍ ସୂଚନା ଦିଆଯାଇଥିଲା । ମୋ ପୁଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ଦୃଢ଼ତାର ସହ କହିଛନ୍ତି । ମାତା ଗୋମତୀ ବନଛୋର ଓ ପିତା ତୁଳସୀ ବନଛୋର ଏ ନେଇ ଲିଖିତ ରିପୋର୍ଟ କରି ହତ୍ୟା ହୋଇଥିବା ଦିଗରେ ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ପ୍ରକୃତ ରହସ୍ୟ ଉନ୍ମୋଚନ କରିବାକୁ କଂଗ୍ରେସ ନେତା କମଳ ଚରଣ ତାଣ୍ଡି, କଂଗ୍ରେସ ରାଜ୍ୟ ସମ୍ପାଦକ ପାଶା ମହାନନ୍ଦ, ସାହାରୁଖ ଖାନ,ପ୍ରବୀଣ ପଟ୍ଟନାୟକ ପ୍ରମୁଖ କୋମନା ପୋଲିସ ଷ୍ଟେସନରେ ଆନାଧିକାରୀଙ୍କ ଆଗରେ ଦାବି କରିଛନ୍ତି ।

# ଜିଲ୍ଲା କ୍ଷୀପ୍ରଲେଖକ ସଂଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ରାୟଗଡା,(ସବ୍ୟୁ): ଜିଲ୍ଲା ସ୍ତରୀୟ କ୍ଷୀପ୍ରଲେଖକ ସଂଘ ଓଡିଶାର ନିଷ୍ପତି ଆନୁସାରେ ରାୟଗଡ ଜିଲ୍ଲା ତରଫରୁ ଶିବ ପ୍ରସାଦ ମିଶ୍ର କ୍ଷୀପ୍ରଲେଖକ ଉପନିବନ୍ଧକ ସମବାୟ ସମିତି, ରାୟଗଡଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଓଡିଶାଙ୍କ ଉଦ୍ଦେଶ୍ୟରେ ଏକ ଚାରି ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଜରିଆରେ ପ୍ରଦାନ କରାଯାଇଛି । ଦାବି ଗୁଡିକ ହେଲା କ୍ଷୀପ୍ରଲେଖକ ନିଯୁକ୍ତି ନିମନ୍ତେ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ନାତକ କରାଯିବ ସହ ଲେବୁଲ-୯ ରେ ନିଯୁକ୍ତି । ଜିଲ୍ଲାପାଳ ଓ ସଭାପତି ଜିଲ୍ଲାପରିଷଦଙ୍କ କାର୍ଯ୍ୟାଳୟରେ ଥିବା ଦୁଇଟି ବ୍ୟକ୍ତିଗତ ସହାୟକ ପଦବୀକୁ ଉନ୍ନୀତ କରି ବ୍ୟକ୍ତିଗତ ସଚିବ ଘୋଷଣା । ତିନି ବର୍ଷ ଚାକିରୀ କଲା ପରେ କନିଷ୍ଠ କ୍ଷୀପ୍ରଲେଖକଙ୍କୁ ବରିଷ୍ଠ କ୍ଷୀପ୍ରଲେଖକ ପଦବୀକୁ ପଦୋନ୍ନତି ପ୍ରଦାନ । ୧୨ ବର୍ଷ ଚାକିରୀ କଲା ପରେ କନିଷ୍ଠ ବରିଷ୍ଠକୁ ବିଚାର କରି ବ୍ୟକ୍ତିଗତ ସହାୟକ ପଦବୀକୁ ପଦୋନ୍ନତି ପ୍ରଦାନ ଛ ଦୁଇ ବର୍ଷ ଚାକିରୀ କଲା ପରେ ବ୍ୟକ୍ତିଗତ ସଚିବ ପଦବୀକୁ ପଦୋନ୍ନତି ପ୍ରଦାନ କରାଯାଉ ବୋଲି ୪ଗୋଟି ଦାବି ରଖିଛନ୍ତି ।

# ଲକ୍ଷପତି ଦିଦି ବଣ୍ଡା ମହିଳା ସମାରୀ ଝିଗିଡ଼ି

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଅନ୍ତର୍ଗତ କଦମଗୁଡ଼ା ଗାଁର ସମାରୀ ଝିଗିଡ଼ି । ସରକାରୀ ଯୋଜନାର ସହାୟତା ନେଇ ଏବେ ସେ ମାସିକ ୨୫-୩୦ ହଜାର ଟଙ୍କା ରୋଜଗାର କରୁଛନ୍ତି । ଓଡ଼ିଶା ଜୀବିକା ମିଶନ ସହାୟତାରେ ବିଭିନ୍ନ ଚାଷ କରିବାକୁ ସମାରୀଙ୍କୁ ସୁଯୋଗ ମିଳିଥିଲା । ସୁଆଁ, ମାଣ୍ଡିଆ, କୋଳଥ, ସୋରିଷ, ଅଳସୀ, ବିରି ଓ ମୁଗ ଚାଷ କରିଛନ୍ତି ସମାରୀ । ସେହିପରି ମାଛଚାଷ ସହ ଛେଳି ଓ ଗାଈ ପାଳନ କରି ସଫଳ ହୋଇପାରିଛନ୍ତି । ଆଦିମ ଜନଜାତିର ମହିଳାଙ୍କର ଏଭଳି ଉଦ୍ୟମ ଉଦାହରଣ ସୃଷ୍ଟି କରିଛି । ପିଲାମାନଙ୍କ ପାଠପଢ଼ା ଓ ପରିବାର ଭରଣପୋଷଣ କରିବାରେ ସମାରୀ ଝିଗିଡ଼ି ପରିବାରର ମେରୁଦଣ୍ଡ ପାଲଟିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ଲକ୍ଷପତି ଦିଦି ଭାବେ ମାନପତ୍ର ପାଇବା ପରେ ଗାଁ ଓ ପରିବାର ଲୋକଙ୍କ ଖୁସି କହିଲେ ନସରେ । ପ୍ରଥମ ଥର ପାଇଁ ବଣ୍ଡା ସମ୍ପ୍ରଦାୟର ମହିଳା ସମାରୀ ଝିଗିଡ଼ି ଲକ୍ଷପତି ଦିଦି ଭାବେ ସମ୍ମାନିତ ହେବା ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି । ପୂର୍ବରୁ ସମାରୀଙ୍କ ପକ୍ଷେ ରୋଜଗାର କରିବା କଷ୍ଟକର ଥିଲା । ସରକାରୀ ସହାୟତା ପରେ ସମାରୀଙ୍କ ପରି ବଣ୍ଡା ମହିଳା ସ୍ୱାବଲମ୍ବୀ ହେବାର ବାଟ ଫିଟିଛି ।

## ପାରିବାରିକ କଳହ, ଆତ୍ମହତ୍ୟା କଲେ ଏସ୍ଆଇଙ୍କ ପୁଅ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଟାଉନ ଥାନା ଏସ୍ଆଇ ସୁଧିର ମହାକୁଡଙ୍କ ପୁଅ ପପୁ ମହାକୁଡ (୨୮) ପାରିବାରିକ କଳହ ଯୋଗୁଁ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଛି। ଏନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ପପୁ ରିଜର୍ଭ ପୋଲିସ କଲୋନୀରେ ପରିବାର ସହ ରହୁଥିଲେ। ପ୍ରାୟ ୧ମାସ ପୂର୍ବେ ସେ ବିବାହ କରିଥିଲେ। ଗତକାଲି କୌଣସି କଥାକୁ ନେଇ ପାରିବାରିକ କଳହ ଉପୁଜିଥିଲା। ପରେ ସମସ୍ତେ ଶୋଇଥିବା ବେଳେ ସେ ବେକରେ ଶାଢୀ ଦେଇ ଝୁଲି ପଡିଥିଲେ। ପାରିବାରିକ କଳହ ଆତ୍ମହତ୍ୟାର କାରଣ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ସ୍ୱାଧିନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ୭୯ତମ ସ୍ୱାଧିନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ ଭୋଇ ଅଧକ୍ଷତା କରିଥିଲେ। ସକାଳେ ରାମଧୂନ୍, ପ୍ରଭାତ ଫେରୀ, ମହାନଗର ନିଗମ ଅଞ୍ଚଳରେ ଥିବା ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପୂର୍ବାହ୍ନ ୯ଟା ୧୫ରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ଜିଲ୍ଲାସ୍ତରୀୟ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। ଏହା ପରେ ବିଭିନ୍ନ ସରକାରୀ ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ପ୍ରଜ୍ଞାପନ ମେଢ ପ୍ରଦର୍ଶିତ ହେବ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ପୁରସ୍କାର ବିତରଣ କରାଯିବ। ଏହାପରେ ମଣ୍ଡଳ କାରାଗାର, ନାରୀବନ୍ଦୀ ନିକେତନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଦୁର୍ଗାପାଲି ସ୍ଥିତ ଦୟାମଣି ଜରା ନିବାସ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ ବଣ୍ଟନ କରାଯିବ। ଏହି ଅବସରରେ ଉତ୍ସର୍ଗ ଅନୁଷ୍ଠାନ ପକ୍ଷରୁ ଓଡିଶା ସାଂସ୍କୃତିକ ସମାଜ ସଭାଗୃହ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଦିବସ ପାଳନ ପୂର୍ବରୁ ଚଳିତ ମାସ ୧୧,୧୨ ଓ ୧୩ତାରିଖରେ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ପ୍ୟାରେଡ୍ ଅଭ୍ୟାସ କରାଯିବ। ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଅତିରିକ୍ତ ଜିଲ୍ଲା ଅଧିକ୍ଷକ ପ୍ରକାଶ ଜେମ୍ସ ଟପୋଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ବରିଷ୍ଠ ନାଗରିକ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ ପ୍ରାରମ୍ଭିକ ସ୍ୱାଗତ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ବୈଷ୍ଣବ ଚରଣ ହୋତାଙ୍କ ପରଲୋକ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଧନୁପାଲି ଭବାନୀଫିଲ୍ଡ ନିବାସୀ ତଥା ସମ୍ବଲପୁର ପୌର ପରିଷଦର ଅବସରପ୍ରାପ୍ତ କର୍ମଚାରୀ ବୈଷ୍ଣବ ଚରଣ ହୋତା(୭୪)ଙ୍କ ପରଲୋକ ହୋଇଯାଇଛି। ଏହି ଖବର ଜଣାପଡିବା ପରେ ତାଙ୍କ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ସେ ଗତ କିଛି ମାସ ହେବ ଚିକିତ୍ସାଧିନ ଥିଲେ। ତାଙ୍କ ମୃତ୍ୟୁଶର୍ଯ୍ୟା ନିକଟରେ ସ୍ତ୍ରୀ ତରଙ୍ଗିନୀ ହୋତା, ବଡପୁଅ ବଳରାମ ହୋତା, ସାନପୁଅ ରାଜାରାମ ହୋତା, ସାନ ପୁତ୍ରବଧୂ ରୀନା ପଣ୍ଡା ଓ ନାତି ସିଦ୍ଧେଶ୍ୱର ପଣ୍ଡା ଉପସ୍ଥିତ ଥିଲେ। ସ୍ଥାନୀୟ ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ବଳରାମ ମୁଖାଗ୍ନି ଦେଇଥିଲେ।

# ରାସ୍ତା ନାହିଁ, ଜମୁଛି ପର୍ଯ୍ୟଟକଙ୍କ ଭିଡ଼

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡସ୍ଥ ଝାଞ୍ଜପାହାଡ଼ରେ ଜଙ୍ଗଲ ପରିବେଶ ମଧ୍ୟରେ ଅବସ୍ଥିତ କୁଠିଖୋଲ ଜଳପ୍ରପାତ । ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ଏହି ଝରଣାକୁ ଦେଖିବା ପାଇଁ ପ୍ରତିଦିନ ଶହ ଶହ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି । କିନ୍ତୁ ନିତିଦିନିଆ ରାସ୍ତା ନ ଥିବାରୁ ପର୍ଯ୍ୟଟକ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପର୍ଯ୍ୟଟକଙ୍କ ସୁବିଧା ଦୃଷ୍ଟିରୁ ଏଠାକୁ ଯିବା ଆସିବା ପାଇଁ ନିତିଦିନିଆ ରାସ୍ତା ଟିଏ ନିର୍ମାଣ କରିବାକୁ



ଅଞ୍ଚଳବାସୀଙ୍କ ତରଫରୁ ବରିହାପାଲି ସରପଞ୍ଚ ନିରୋଦ ସାହୁ, ପୂର୍ବତନ ସରପଞ୍ଚ ସୁଦାମ ପଧାନ, ଅଶ୍ୱିନୀ ଧରୁଆ, ଶିରୀଶ ସ୍ୱାଇଁ, ଦେବାର ବରିହା, ସରୋଜ ପଧାନ, ଅନ୍ତର୍ଯ୍ୟାମୀ ପଧାନ ଦାବି କରିଛନ୍ତି ।

# ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ଜାଫ୍ରିନଙ୍କୁ ସ୍ୱର୍ଣ୍ଣପଦକ

ସମ୍ବଲପୁର, (ସବ୍ୟୁ): ସ୍ଥାନୀୟ କଚେରୀ ଛକ ସ୍ଥିତ ସାଓଲିନ କୁମ୍ଫୁ ଉଷୁ ଆସୋସିଏସନ୍‌ର ଖେଳାଳୀ ଜାଫ୍ରିନ ଚୌଧୁରୀ ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଛି। ସେ ୫୫କିଲୋଗ୍ରାମ ବିଭାଗରେ ପ୍ରଥମ ସ୍ଥାନ ହାସଲ କରି ଏହି ସୁନାମ ପାଇଛନ୍ତି। ଆଗାମୀ ଜାତୀୟ କୁସ୍ତି ପ୍ରତିଯୋଗିତାରେ ସେ ଓଡିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସୂଚନାଯୋଗ୍ୟ, ସମ୍ବଲପୁର




ସହର ପେନସନ୍‌ପଡାର ଓକିଲ ଚୌଧୁରୀ ଓ ମମତା ଚୌଧୁରୀଙ୍କ ସୁପୁତ୍ରୀ ଜାଫ୍ରିନ ଜଣେ ପ୍ରତିଭାବାନ ଖେଳାଳୀ ଅଟନ୍ତି। ତାଙ୍କ ସଫଳତା ପାଇଁ ଜିଲ୍ଲା ସମ୍ପାଦକ ସୁବାସ ଚନ୍ଦ୍ର ବେହେରା, ରାଜ୍ୟ ସମ୍ପାଦକ କିଶୋର ବେହେରା, ପ୍ରଶିକ୍ଷିକା ଗାୟତ୍ରୀ ମିଶ୍ର, ଦିବ୍ୟ କରିସ୍ମା ପୃଷ୍ଟି, ଅରୁଣ ଅଜାଡିଓ୍ୱାଲ, ସ୍ୱାଗତ କୁମାର ଘଡେଇ, ସମୀର ବିଶ୍ୱାଳ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ।

# ବିଶ୍ୱ ମାନବ ଚାଲାଣ ବିରୋଧୀ ଦିବସ ପାଳିତ

ରାଜଗାଙ୍ଗପୁର,(ସବ୍ୟୁ): ଦେଶରେ ଅପରାଧିକ ଘଟଣା ବଢ଼ିବାରେ ଲାଗିଛି । ନାବାଳିକା ଝିଅ ଏବଂ ନାବାଳକ ପୁଅ ମାନଙ୍କୁ ମାନବ ତସ୍କରୀ ମାନେ ବିଭିନ୍ନ ଉପାୟରେ ଚୋରି କିମ୍ବା ବିଭିନ୍ନ ପ୍ରଲୋଭନ ଦେଖାଇ ସେମାନଙ୍କୁ ନେଇ ଦେହର ବିଭିନ୍ନ ଅଙ୍ଗକୁ କାଟି ବିକ୍ରି କରିବା ସହ ସେମାନଙ୍କୁ ଅକର୍ମଣ୍ୟ କରି ବଡ଼ ବଡ଼ ସହରରେ ଭିକ୍ଷା ବୃତ୍ତି କରିବାରେ ନିୟୋଜିତ କରୁଥିବା ଅଭିଯୋଗ ହେଉଛି । ପ୍ରଶାସନ ଏହି ଘଟଣା ଗୁଡିକୁ ଉପଲବ୍ଧ କରି ଆଇନକୁ କଡାକଡି ପାଳନ କରି ଆସୁଛି । ସେମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ କରିବା ପାଇଁ ପଛଘୁଞ୍ଚା ଦେଇନାହିଁ । କିନ୍ତୁ ଆମର କିଛି ଅବହେଳା ପାଇଁ ତସ୍କରୀ ମାନେ ସକ୍ରିୟ ହୋଇ କୌଣସି ନା କୌଣସି ସ୍ଥାନ ମାନଙ୍କରେ ଅଘଟଣ ଘଟେଇବା ଜାରି ରଖିଛନ୍ତି । ବିଶେଷ କରି ରେଳ ଯୋଗେ ମାନବ ଚାଲାଣ କରି ତସ୍କରି ମାନେ ସକ୍ରିୟ ରହିଛନ୍ତି । ଜନ ସାଧାରଣ ଙ୍କୁ ସଚେତନା କରିବା ପାଇଁ ଜିତ ଏନଜିଓ ରାଜ୍ୟରେ ଲୋକଙ୍କୁ ସଚେତନା କରିବା ପାଇଁ ସୁନ୍ଦରଗଡ଼ ଜିତ ଏନଜିଓର ଜିଲ୍ଲା ସଂଯୋଜକ ମଧୁସ୍ମିତା ମହାପାତ୍ରଙ୍କ ନେତୃତ୍ୱରେ ରାଜଗାଙ୍ଗପୁର ରେଳ ଷ୍ଟେସନଠାରେ ରାଜଗାଙ୍ଗପୁର ଷ୍ଟେସନ ମାଷ୍ଟର ସୁନୀଲ ରଞ୍ଜନ ମହାନ୍ତି ଓ ଆର ପି ଏଫ ଅଫିସର ସୁରେଶ ଚନ୍ଦ୍ର ଭୋଇଙ୍କ ଉପସ୍ଥିତିରେ ରେଳ ଯାତ୍ରା ପାଇଁ ଆପେକ୍ଷା କରିଥିବା ଯାତ୍ରୀଙ୍କୁ ମାନବ ତସ୍କରୀଙ୍କ କବଳରୁ ପିଲା ମାନଙ୍କୁ ବଞ୍ଚାଇବା ପାଇଁ କିପରି ଚେଷ୍ଟା କରିବା ଓ ସଚେତନତା କରିବା ସହ ଏପରି କିଛି ଘଟଣା ଘଟିଲେ ତୁରନ୍ତ ହେଲ୍ପ ଲାଇନ ନମ୍ବର ୧୮୦୦୧୦୨୭୨୨୨ କୁ ତୁରନ୍ତ କଲ କରିବା ପାଇଁ ଉପସ୍ଥିତ ଯାତ୍ରୀ ମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ ।

# ପତ୍ନୀହନ୍ତାକୁ ଆଜୀବନ ଜେଲ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ତଳଗାଁ ପଂଚାୟତର ଗଣ୍ଡାପାଜୁ ଗ୍ରାମରେ ଗତ ୨୦୨୩ ମସିହାରେ ଏକ ହତ୍ୟାକାଣ୍ଡ ଘଟିଥିଲା । ଏହି ମାମଲାର ରାୟ ଆଜି ପ୍ରକାଶ ପାଇଛି । ବୌଦ୍ଧଜିଲ୍ଲା ଦୌରାଜଜ ପ୍ରତାପ କୁମାର ପାତ୍ର ଏହି ମାମଲାର ବିଚାର କରି ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଷ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ କାରାଦଣ୍ଡାଦେଶ ବୋଲି ରାୟରେ ଶୁଣାଇଛନ୍ତି । ସୂଚନା ମତେ, ଗଣ୍ଡାପାଜୁ ଗ୍ରାମର କିଶୋର ନାଏକ କନ୍ଧମାଳ ଜିଲ୍ଲା ଚକାପାଜୁ ଥାନା ମୁଣ୍ଡାଗାଁ ଗ୍ରାମର ଦୁର୍ଲଭା ନାଏକଙ୍କୁ ବିବାହ କରିଥିଲେ । ସେମାନଙ୍କର ଦୁଇଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି । କିଶୋର କୌଣସି କାମ କରୁନ ଥିବାରୁ ଦୁର୍ଲଭା ପରିଶ୍ରମ କରି ପରିବାର ପୋଷଣ କରୁଥିଲା । ତାହା ସହିତ ଶାଶୁ ଓ ଶ୍ୱଶୁରଙ୍କ ମଧ ସେବା କରୁଥିଲା । ସେମାନେ ମଧ ଦୁର୍ଲଭାକୁ ଭଲ ପାଉଥିଲେ । ଗତ ୨୨/୭/୨୦୨୩ ତାରିଖ ସକାଳ ୯.୩୦ ମିନିଟ ସମୟରେ ପୁରନ୍ଦର ନାଏକ ଶୁଣିବାକୁ ପାଇଲେ ଯେ ତାଙ୍କ ଝିଅ ଦୁର୍ଲଭାକୁ ଜ୍ୱାଇଁ କିଶୋର ନାଏକ ଟାଙ୍ଗିଆରେ ହାଣି ହତ୍ୟା କରିଛି । ଖବର ପାଇ ସେଠାକୁ ଯାଇ ଦେଖିବାରୁ ଦୁର୍ଲଭାର ରକ୍ତଜୁଡୁବୁଡୁ ମୃତ ଦେହ ଘର ଅଗଣାରେ ମରିପଡିଛି । ଏନେଇ ଦୁର୍ଲଭାର ବାପା ପୁରନ୍ଦର ପୁରୁଣାକଟକ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ କିଶୋରକୁ ୨୩.୭.୨୩ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଏହି ମାମଲାରେ ୨୫ ଜଣ ସାକ୍ଷୀଙ୍କ ବୟାନକୁ ବିଚାର ଅଦାଲତ ଅଭିଯୁକ୍ତ ସ୍ୱାମୀ କିଶୋର ନାଏକଙ୍କୁ ଆଜୀବନକାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସରକାରୀ ଓକିଲ ସବିତା କୁମାରୀ ପଣ୍ଡା ପରିଚାଳନା କରୁଥିଲେ ।

## ଗନ୍ଧମାର୍ଦ୍ଦନରେ ଫସିଲେ ଛତିଶଗଡ଼ର ୧୭ ପର୍ଯ୍ୟଟକ

ପଦ୍ମପୁର,(ସବ୍ୟୁ): ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଅଧିନ ପବିତ୍ର ଗନ୍ଧମାର୍ଦ୍ଦନ ପାହାଡ଼ରେ ଛତିଶଗଡ଼ର ୧୭ ଜଣ ପର୍ଯ୍ୟଟକ ଫସି ରହିଛନ୍ତି । ତନମଧ୍ୟରେ ଶିଶୁ ମହିଳା ମଧ୍ୟ ରହିଥିବା ଜଣାପଡ଼ିଛି । ପ୍ରଥମେ ନୃସିଂହନାଥ ମନ୍ଦିରରେ ଠାକୁର ଦର୍ଶନ କରିବା ପରେ ଚାଳିଚାଳି ହରିଶଙ୍କର ମନ୍ଦିର ପାହାଡ଼ ରାସ୍ତାରେ ଯାଉଥିବା ବେଳେ ବର୍ଷା କାରଣରୁ ସେମାନେ ରାସ୍ତା ଜାଣିପାରିନଥିବା ଜଣାପଡ଼ିଛି । ଖବର ପାଇ ପୋଲିସ, ଅଗ୍ନିଶମ ବିଭାଗ, ଡ଼ିବିଏଫ ଯବାନ ଓ ବନ ବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳକୁ ଯାଉଥିବା ଜଣାପଡ଼ିଛି । ଗନ୍ଧମାର୍ଦ୍ଦନ ପାହାଡ଼ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ରହିଥିବାରୁ ପୋଲିସ ଓ ସୁରକ୍ଷା ପାଇଁ ଯାଇଥିବା ଅନ୍ୟ ବିଭାଗ ଏହାକୁ ସତର୍କତା ସହିତ ନେଇଛି ।

# ଉପାନ୍ତ ନଙ୍ଗଲବୋଡରେ ବ୍ୟାପୁଛି ଝାଡାବାନ୍ତି, ପହଞ୍ଚିଲା ଡାକ୍ତରୀ ଟିମ



ସିନାପାଲି,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଉପାନ୍ତ ବଣ ପାହାଡ଼ ଘେରା ନଙ୍ଗଲବୋଡ ଗ୍ରାମ ପଞ୍ଚାୟତର ବିଭିନ୍ନ ପଡା ଗ୍ରାମରେ ଝାଡାବାନ୍ତି ରୋଗ ବ୍ୟାପିଛି । ବୁଧବାର ନୂଆପଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ମଞ୍ଜୁରାଣି ସିଂଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ପହଞ୍ଚି ଅଞ୍ଚଳର ରୋଗୀ ତଥା ଝାଡାବାନ୍ତି ହେଉଥିବା କାରଣ ଖୋଜୁଛି । ଆକ୍ରାନ୍ତ ରୋଗୀଙ୍କୁ ଆବଶ୍ୟକ ଔଷଧ ରକ୍ତ ପରୀକ୍ଷା ଓ ପାଣି ନମୁନା ସଂଗ୍ରହ କରି ଫେରିଛି।

ସୁଚନା ଯୋଗ୍ୟ ଯେ ସିନାପାଲି ସଦର ମହକୁମା ଠାରୁ ଦୀର୍ଘ ୩୦ କିଲୋମିଟର ଦୂରବର୍ତି ବଣ ପାହାଡ଼ ଘେରା ନଙ୍ଗଲବୋଡ ଗ୍ରାମ ପଞ୍ଚାୟତର ଅନେକ ପଡା ଗ୍ରାମରେ ଝାଡାବାନ୍ତି ରୋଗ ବ୍ୟାପିବା ଘଟଣା ଜଣାପଡିବା ପରେ ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ପହଞ୍ଚି ଥିଲେ। ସଂପୃକ୍ତ ପଞ୍ଚାୟତର ଟାଙ୍ଗରିପଡା, ଭଟାପାଣି କଳିଙ୍ଗ ଉଚ୍ଚ ବିଦ୍ୟାଳୟ ନଙ୍ଗଲବୋଡ ସେବାଆଶ୍ରମରେ ଡାକ୍ତରୀ ଦଳ ପ୍ରଥମେ ପହଞ୍ଚି ଛାତ୍ରଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରିବା ସହ ସେଠାରେ ବ୍ୟବହାର ହେଉଥିବା ପାନୀୟ ଜଳର ପରୀକ୍ଷା କରିଥିଲେ। ସମ୍ପୃକ୍ତ ଦଳ ପଞ୍ଚାୟତର ବିଭିନ୍ନ ପଡା ଗ୍ରାମକୁ ପହଞ୍ଚି ଡାଇରିଆ ସଂକ୍ରମଣର କାରଣ ଖୋଜୁଥିବା ବେଳେ ଅସ୍ୱାସ୍ଥ୍ୟକର ପରିବେଶ ଓ ଅଶୁଦ୍ଧ ପାନିୟ ଜଳ ସାଙ୍ଗକୁ ଝରଣା ଓ ଜଙ୍ଗଲି ନାଳାର ପାଣିକୁ ଗାଧୋଇବା ଓ ବିଭିନ୍ନ କାର୍ଯ୍ୟରେ ଲଗାଉଥିବା କାରଣରୁ ଝାଡାବାନ୍ତି ବ୍ୟାପିଥିବା ଡାକ୍ତରୀ ଦଳ ପ୍ରକାଶ କରିଛନ୍ତି। ଏଠାରେ ପ୍ରଶ୍ନ ଉଠେ ଯେ ବଣ ପାହାଡ଼ ଘେରା ସୀମାନ୍ତ ନଙ୍ଗଲବୋଡ ଗ୍ରାମ ୪ଗୋଟି ପଡା ଗ୍ରାମକୁ ନେଇ ଏକ ରାଜସ୍ୱ ଗ୍ରାମ । କିନ୍ତୁ ଆଜି ପର୍ଯ୍ୟନ୍ତ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହୋଇ ରହିଛନ୍ତି। ହେଲେ ବିଶୁଦ୍ଧ ପାନୀୟ ଜଳ ନପାଇବାରୁ ପ୍ରତିବର୍ଷ ଏଭଳି ଅସ୍ୱାସ୍ଥ୍ୟକର ପରିବେଶର ଜଳ ବ୍ୟବହାର କରି ଡାଇରିଆ ରୋଗର ଶିକାର ହେଉଛନ୍ତି। ଚଳିତ ବର୍ଷ ମଧ୍ୟ ଏହି ପଞ୍ଚାୟତର ବିଭିନ୍ନ ପଡା ଗ୍ରାମରେ ରୋଗ ବ୍ୟାପିଛି। ଏହି ଖବର ସ୍ଥାନୀୟ ଆଶା କର୍ମି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜଣାଇବା ପରେ ଡାକ୍ତରୀଙ୍କ ପରାମର୍ଶ କ୍ରମେ ସିନାପାଲି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ହେଲେ ରୋଗୀ ସଂଖ୍ୟା କମିବା ବଦଳରେ ବଢିବାରେ ଲାଗିଛି। ଏହି ଘଟଣା ନେଇ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ମଞ୍ଜୁରାଣି ସିଂ , ଅଣଜୀବୀ ବିଷେସଂଜ୍ଞ ସୁଚରିତା ସାହୁ, ମହାମାରୀ ରୋଗ ବିଶେଷଜ୍ଞ ଡାକ୍ତର ଜଗତବନ୍ଧୁ ମହାପାତ୍ର, ଜିଲ୍ଲା ତଥ୍ୟ ପରିଚାଳକ ପ୍ରତାପ ବେହେରା, ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀମାନ ସାହୁ, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ରନ୍ମଣି ଭୋଏ, ସ୍ୱାସ୍ଥ୍ୟ ପରିଦର୍ଶକ ହୃଷିକେଶ ସା, ସୁପର ଭାଇଜର ଧବଳେଶ୍ୱର ମେହେର, ଡାକ୍ତର ନରଗେସ ଜାହାନ, ଏଏନଏମ ମଞ୍ଜୁରୀ ମେହେର, ସ୍ଥାନୀୟ ସରପଂଚ ଜଗଦୀଶ ମାଝି, ପିଇଓ ଭୋଜରାଜ ପ୍ରଧାନି ସମେତ ଅନେକ କର୍ମଚାରୀ ପହଞ୍ଚି ସଂପୃକ୍ତ ଅଞ୍ଚଳରେ ସଚେତନ କରିବାସହ ବିଭିନ୍ନ ପ୍ରକାର ଔଷଧ ବଣ୍ଟନ କରାଯାଇଛି। ଟାଙ୍ଗରିପଡା ରେ ଦେଖା ଯାଇଥିବା ଡାଇରିଆ ରୋଗୀ ସମେତ ଅନେକ ଲୋକଙ୍କ ସ୍ୱାସ୍ଥ୍ୟ ପରିକ୍ଷା କରାଯାଇଥିଲାଛ ଉକ୍ତ ପଡାରେ ୪ଜଣ ଝାଡାବାନ୍ତି ଆକ୍ରାନ୍ତ ଥିବା ବେଳେ ସେମାନଙ୍କୁ ଆବଶ୍ୟକ ଔଷଧ ଦିଆଯାଇଛି। ସେହିପରି ନଙ୍ଗଲବୋଡ ସେବା ଆଶ୍ରମରେ ପରିସ୍ଥିତି ନିରିକ୍ଷଣ କରିବା ସହ ୨ଜଣ ଛାତ୍ରଙ୍କୁ ଆବଶ୍ୟକ ଔଷଧ ଦିଆଯାଇଛି। ପରେ ନଙ୍ଗଲବୋଡ ସ୍ଥିତ ଆଶ୍ରମ ପଡାରେ ମଧ୍ୟ ସ୍ୱାସ୍ଥ୍ୟ ଟିମ୍ ପହଞ୍ଚି ସଚେତନ କରିବା ସହ ବିଭିନ୍ନ ଔଷଧ ବଣ୍ଟନ କରାଯାଇଛି। ତେବେ ସ୍ୱାସ୍ଥ୍ୟ ବିଭାଗ ଆଗାମୀ ଦିନରେ ଉପାନ୍ତ ଅଞ୍ଚଳ ରେ କିଭଳି ପଦକ୍ଷେପ ନେଇ ଝାଡାବାନ୍ତିକୁ ରୋକିବା ରେ ସମର୍ଥ ହେଉଛି ତାକୁ ନେଇ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରିବାରୁ ଏ ଅଞ୍ଚଳର ଲୋକେ ବିଭିନ୍ନ ଜଙ୍ଗଲ ଝରଣା ଓ ଅସ୍ୱାସ୍ଥ୍ୟକର ପରିବେଶର ପାନୀୟ ଜଳ ସାଙ୍ଗକୁ ସଚେତନ ରହୁ ନାହାନ୍ତି। ତେଣୁ ଏଭଳି ଝାଡାବାନ୍ତି ବ୍ୟାପୁଛି। ଆମର ସ୍ୱତନ୍ତ୍ର ମେଡିକାଲ ଟିମ୍ ନଜର ରଖିଛି ବୋଲି କହିଛନ୍ତି ।

## ତ୍ରିସ୍ତରୀୟ ପଞ୍ଚାୟତରାଜ ନିର୍ବାଚନର ସମୀକ୍ଷା ବୈଠକ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ତ୍ରିସ୍ତରୀୟ ପଞ୍ଚାୟତରାଜ ନିର୍ବାଚନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତରାଜ ନିର୍ବାଚନର ସମୀକ୍ଷା କରିବା ସହିତ ଆଗକୁ କ'ଣ କ'ଣ ପଦକ୍ଷେପ ନେଲେ ନିର୍ବାଚନ ସୁରୁଖୁରରେ ହୋଇପାରିବ ଏବଂ ଲୋକମାନେ ଏଥିରେ ବହୁମାତ୍ରାରେ ଭାଗନେଇ ନିଜର ଯୋଗ୍ୟ ପ୍ରତିନିଧି ଚୟନ କରି ଗ୍ରାମ , ପଞ୍ଚାୟତ ଓ ଜିଲ୍ଲାର ବିକାଶରେ ଯୋଗଦାନ ଦେଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ବୈଠକରେ ଜିଲ୍ଲାପାଳ, କନ୍ଧମାଳ ଅମ୍ରିତ ରତୁରାଜ, ଜିଲ୍ଲାପାଳ, ବୌଦ୍ଧ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ କୁଶଳ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ, ବୌଦ୍ଧ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ବୌଦ୍ଧ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ-ଜିଲ୍ଲାପାଳ, ଫୁଲବାଣୀ ଭିକାରୀ ସାହୁ, ଉପଜିଲ୍ଲାପାଳ, ବାଲିଗୁଡା ଡଃ. ରୀନା ପ୍ରଧାନ, ଉପଜିଲ୍ଲାପାଳ, ବୌଦ୍ଧ ପ୍ରବୀଣ କୁମାର ବାଣୁଆ, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ସମସ୍ତ ବିଡ଼ିଓ ଓ ପୌରପରିଷଦର କାର୍ଯ୍ୟନିର୍ବାହ ଅଧିକାରୀ, ପଞ୍ଚାୟତ ଅଧିକାରୀ ନରେନ୍ଦ୍ର ନାୟକ, ସରକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଆନ୍ତଃଜିଲ୍ଲା ସାହାଣୀକପ୍ ଫୁଟବଲ୍ ଚାମ୍ପିଆନସିପ
# ବରଗଡ, ଦେବଗଡ ବିଜୟୀ : କ୍ୱାର୍ଟର ଫାଇନାଲରେ ବରଗଡ



ବୌଦ୍ଧ,(ସବ୍ୟୁ): ଓଡିଶା ଫୁଟବଲ ଆସୋସିଏସନ ଓ ରାଜ୍ୟ କ୍ରୀଡା ଯୁବ ବ୍ୟାପାର ବିଭାଗ ସହାୟତାରେ ବୌଦ୍ଧ ଜିଲ୍ଲା ଏଥଲେଟିକ ଆସୋସିଏସନ ଦ୍ୱାରା ଆୟୋଜିତ ବୌଦ୍ଧ ଜୋନ୍‌ସ୍ତରୀୟ ୬୪ତମ ଆନ୍ତଃ ଜିଲ୍ଲା ସାହାଣୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ବୁଧବାର ସପ୍ତମ ଦିନରେ ଗ୍ରୁପ 'ଏ'ର ପ୍ରଥମ ମ୍ୟାଚ ନୟାଗଡ ଓ ବରଗଡ ମଧରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ ଦଳ ୫-୦ ଗୋଲରେ ବିଜୟୀ ହୋଇଛି। ପ୍ରଥମାର୍ଦ୍ଧରେ ଖେଳଆରମ୍ଭର ୬ ମିନିଟରେ ବରଗଡର ପ୍ରଶାନ୍ତ ବାଗ ଗୋଟିଏ ଓ ୧୯ ମିନିଟରେ ଆଉ ଗୋଟିଏ ଗୋଲ୍ ଦେଇଥିବାବେଳେ ୨୪ ମିନିଟରେ ବରଗଡର ଟିକୁ ମେଲିସ ଗୋଟିଏ ଗୋଲ୍ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ୭୦ ମିନିଟରେ ବରଗଡର ପ୍ରଶାନ୍ତ ବାଗ ଗୋଟିଏ ଓ ୯୦ ମିନିଟରେ ବରଗଡର ଅଙ୍କିତ ବେହେରା ଗୋଟିଏ ଗୋଲ ଦେଇ ୫-୦ ଗୋଲ୍ରେ ଦଳକୁ ବିଜୟୀ କରିଛନ୍ତି। ଲିଗ ର ସମସ୍ତ ମ୍ୟାଚରେ ବିଜୟୀ ହୋଇ ବରଗଡ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି । ପ୍ରଥମ ମ୍ୟାଚରେ ମୁଖ୍ୟ ରେଫରୀ ଭାବେ ରୋଶନ ଖାନ ମ୍ୟାଚ ପରିଚାଳନା କରିଥିବା ବେଳେ ଲାଇନରେ ସୂର୍ଯ୍ୟନାରାୟଣ ମିର୍ଦ୍ଧା ଓ ଅମିତ କୁମାର ନାଏକ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ସଞ୍ଜନ କୁଦେଇ ଦାୟିତ୍ୱ ତୁଲାଇଥିଲେ।

ସେହିପରି ଦ୍ୱିତୀୟ ମ୍ୟାଚ କଳାହାଣ୍ଡି ଓ ଦେବଗଡ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ ଗୋଲରେ ଦେବଗଡ ବିଜୟୀ ହୋଇଛି। ଖେଳ ସଂଘର୍ଷପୂର୍ଣ୍ଣ ଥିବାବେଳେ ପ୍ରଥମାର୍ଦ୍ଧରେ କେହି କାହାକୁ ଗୋଲ୍ ଦେଇନଥିଲେ। ଦ୍ୱିତୀୟାର୍ଦ୍ଧରେ ୭୮ ମିନିଟରେ ଦେବଗଡର ପଙ୍କଜ ତନ୍ତୀ ଗୋଟିଏ ଗୋଲ୍ ଦେଇ ଦଳକୁ ବିଜୟୀ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଅତିଥି ଭାବେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ବିପ୍ରଚରଣ ମହାନ୍ତି, ବୌଦ୍ଧ ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ ସଭାପତି ଦିବ୍ୟ ଶଙ୍କର ରାଉତ, ପୂର୍ବତନ ବରିଷ୍ଠ ଫୁଟବଲ ଖେଳାଳୀ ଅବଦୁଲ ଅଜିଜ୍ ଖାନ, ଅବସରପ୍ରାପ୍ତ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଅଧକ୍ଷ ଡମ୍ବରୁଧର ଭୋଇ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଯୋଗଦେଇ ଖେଳାଳୀ ମାନଙ୍କ ସହିତ ପରିଚିତ ହେବାସହ ଉତ୍ସାହିତ କରିଥିଲେ। ଦ୍ୱିତୀୟ ମ୍ୟାଚକୁ ମୁଖ୍ୟରେଫରୀ ଭାବେ ମନୋଜ ନାଏକ ପରିଚାଳନା କରିଥିବା ବେଳେ ଲାଇନରେ ଧନେଶ୍ୱର ସର୍ଦ୍ଦାର ଓ ସୋମନାଥ ମୁର୍ମୁ ସହାୟତା କରିଥିଲେ। ସେହିପରି ଚତୁର୍ଥ ରେଫରୀ ଭାବେ ସଲିଳ କୁମାର ବେହେରା ଦାୟିତ୍ୱ ତୁଲାଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଦେବଗଡର ସୁଦାମ ମିଞ୍ଜଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଉଭୟ ମ୍ୟାଚକୁ ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାୟକ ପରିଚାଳନା କରିଥିଲେ।

# ବିଷ ପିଇ ଜୀବନ ହାରିବା ଉଦ୍ୟମ କଲେ ଛାତ୍ରୀ
## ଏମ୍ସରେ ମୃତ୍ୟୁ ସହ ସଂଗ୍ରାମ

ନବରଙ୍ଗପୁର,(ସବ୍ୟୁ): ଏକତରଫା ପ୍ରେମ ଜଣେ ନିରୀହ ଛାତ୍ରୀର ଜୀବନ ନେବାକୁ ବସିଛି । ଏକତରଫା ଭାବେ ପ୍ରେମରେ ପଡ଼ିଥିବା ଯୁବକର ଅମାନୁଷିକ କାର୍ଯ୍ୟକୁ ସହି ନପାରି ବିଏସସି ନର୍ସିଂ ଛାତ୍ରୀ ଜଣକ ବିଷ ପିଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଉକ୍ତ ଯୁବକଙ୍କ ଦ୍ୱାରା ଅଶ୍ଳୀଳ ଭିଡିଓ ଭାଇରାଲ ହେବା ପରେ ମାନସିକ ନିର୍ଯ୍ୟାତନା ସହି ନପାରି ଶେଷରେ ଛାତ୍ରୀ (ପୀଡ଼ିତା) ଜଣକ ଏଭଳି ଚରମ ପଦକ୍ଷେପ ଗ୍ରହଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଅନ୍ୟପଟେ ପରିବାର ଲୋକ ନିଜ ଝିଅକୁ ବଞ୍ଚାଇବାକୁ ଚେଷ୍ଟା କରି ବିଭିନ୍ନ ମେଡିକାଲକୁ ନେଇ ନିରାଶ ହୋଇ ଘରକୁ ଫେରାଇ ଆଣିଥିଲେ । ସେ ଏମ୍ସରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ପୁଲିସ ପକ୍ଷରୁ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିବା ଜଣାପଡ଼ିଛି ।ଏଭଳି ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅଞ୍ଚଳରେ । ଅଭିଯୁକ୍ତ ଯୁବକ ଜଣକ ସ୍ଥାନୀୟ ବ୍ଲକର ଗୁରୁସିଂଘା ଗ୍ରାମର ସତ୍ୟଜିତ ସରକାର ଏବଂ ସେ କୃଷି ବିଜ୍ଞାନ ଛାତ୍ର ଭାବେ ଭୁବନେଶ୍ୱରରେ ରହି ପାଠ ପଢୁଥିବା ଜଣାପଡ଼ିଛି । ସତ୍ୟଜିତ ପୀଡ଼ିତାଙ୍କୁ ଏକତରଫା ଭଲପାଇବା ସହିତ ତାଙ୍କୁ ବାରମ୍ବାର ହଇରାଣ କରୁଥିଲେ । ଗତ ୧୩ ତାରିଖ ଦିନ ପୀଡ଼ିତା ଜଣକ ବଜାରକୁ ସଉଦା କିଣିବାକୁ ଯାଇଥିବା ବେଳେ ସତ୍ୟଜିତ ସେଠାରେ ପହଞ୍ଚି ପୀଡ଼ିତାକୁ ବିଚ ବଜାରରେ ମାରପିଟ କରିଥିଲେ । ଏଥିରେ ପୀଡ଼ିତାଙ୍କ ଆଖି ଓ ମୁହଁ ଫୁଲିଯାଇଥିଲା। ସେ ରକ୍ତାକ୍ତ ଅବସ୍ଥାରେ ଜୟପୁର ଟାଉନ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ । ଅଭିଯୋଗ ପରେ ସେ ପରିବାର ଲୋକଙ୍କ ସହ ଘରକୁ ଚାଲି ଆସିଥିଲେ । ଅପରପକ୍ଷରେ ପୁଲିସ ସତ୍ୟଜିତକୁ ଗିରଫ କରି ସର୍ତ୍ତମୂଳକ ଜାମିନରେ ଛାଡ଼ି ଦେଇଥିଲା । ଜାମିନରେ ଫେରି ସତ୍ୟଜିତ ପ୍ରତିଶୋଧ ପରାୟଣ ହୋଇ ପୀଡିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କ କିଛି ଫୋଟ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଥିଲା। ଏଥିରେ ପୀଡିତା ଲୋକାଲଜ୍ଜା ସହି ନପାରି ୧୭ ତାରିଖରେ ଘରେ ଥିବା ଘାସମରା କୀଟ ନାଶକ ଔଷଧ (ବିଷ) ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଘରଲୋକ ଘାସମରା ବିଷ ଖାଇବା ଜାଣିପାରି ତାଙ୍କୁ ଉମରକୋଟ ମେଡିକାଲକୁ ନେଇ ଯାଇଥଲେ । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କୋଣ୍ଡାଗାଁ ଓ ପରେ ରାୟପୁରକୁ ନେଇ ଯାଇଥିଲେ । କିନ୍ତୁ ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ନହେବା ସହ ଡାକ୍ତର ହାତ ଟେକି ଦେଇ ଘରକୁ ନେଇଯିବାକୁ କହିଥିଲେ। ଫଳରେ ଗତ ଜୁଲାଇ ୨୧ରେ ପରିବାର ଲୋକେ ପୀଡିତାଙ୍କୁ ଘରକୁ ନେଇ ଯାଇଥିଲେ । ସେହିଦିନଠାରୁ ପୀଡିତା ଘରେ ଜୀବନ ମରଣ ସହ ସଂଗ୍ରାମ କରି ଆସୁଥିଲେ। ମଙ୍ଗଳବାର ରାଇଘର ଥାନାରେ ପୀଡିତାଙ୍କ ଦାଦା ଏକ ଲିଖିତ ଅଭିଯୋଗ କରିବା ପରେ ରାଇଘର ପୁଲିସ ପୀଡିତାଙ୍କ ବୟାନ (ଜମାନବନ୍ଦୀ) ନେଇଥିବା ଜଣାପଡିଛି। ବୁଧବାର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ କରି ପୀଡ଼ିତାଙ୍କୁ ପ୍ରଥମେ ଉମରକୋଟ ଓ ପରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇକି ଯାଇଥିଲେ । ସେଠାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲକୁ ସ୍ଥାନନ୍ତର କରାଯାଇଛି ।

# ଝାରସୁଗୁଡାରେ ପ୍ରି ସୁବ୍ରତ କପ ଫୁଟବଲ ଉଦ୍‌ଘାଟିତ



ଝାରସୁଗୁଡା,(ସବ୍ୟୁ):ସ୍ଥାନୀୟ ୨ୟ ଓ.ଏସ.ଏ,ପି ମିନି ଷ୍ଟାଡିୟମରେ ବୁଧବାର ସି.ଆଇଏସ.ସି.ଇ ସ୍କୁଲ ସମୁହର ୧୭ ବର୍ଷ ବାଳକ ବୟସ ବର୍ଗର ପ୍ରି ସୁବ୍ରତକପ ଫୁଟବଲ ପ୍ରତିଯୋଗିତାକ ବୁଧବାର ବିଧାୟକ ଟଙ୍ଗଧର ତ୍ରିପାଠି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍ଘାଟନ କରିଥିଲେ । ସ୍ଥାନୀୟ ସେଣ୍ଟ୍ ଥୋମାସ ସ୍କୁଲର ଅଧକ୍ଷା ଶିବା ଡାନିଏଲ୍, ଉପ-ଅଧିକ୍ଷକ ନବୀନ ଏସ.ଡାନିଏଲ,ସି.ଆଇଏସ.ସି.ଇ ସଂପାଦକ ସିଷ୍ଟର ସେଲଭି, ପର୍ଯ୍ୟବେକ୍ଷକ ଅର୍ଣବ ମଞ୍ଚାସୀନ ଥିଲେ।

ପ୍ରଥମ ଲିଗ ମ୍ୟାଚ ନର୍ଥ ଓେଷ୍ଟ ଓ ତେଲେଙ୍ଗାନା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଖେଳାଳି ମାନଙ୍କ ସହିତ ପରିଚିତ ହୋଇ ଥିଲେ। ଏହି ମ୍ୟାଚରେ ତେଲେଙ୍ଗାନା ୨-୦ ଗୋଲରେ ବିଜୟୀ ହୋଇ ଥିଲେ। ପ୍ୟାରେଡ ପଡିଆରେ ୨ୟ ମ୍ୟାଚ ବିହାର ଝାଡଖଣ୍ଡ ଓ କର୍ଣାଟକ ମଧ୍ୟରେ ଅନୁଷ୍ଠିତ ହୋଇ ବିହାର ଝାଡଖଣ୍ଡ ୧-୦ ଗୋଲରେ ବିଜୟୀ ହୋଇଥିଲା। ୩ୟ ମ୍ୟାଚ ଉତରାଖଣ୍ଡ ଓ ଛତିଶଗଡ, ମଧ୍ୟରେ ଅନୁଷ୍ଠିତ ହୋଇ ଉତରାଖଣ୍ଡ ୧-୦ ଗୋଲରେ ବିଜୟୀ ହୋଇ ଥିଲା। ୪ର୍ଥ ମ୍ୟାଚ ମହାରାଷ୍ଟ୍ର ଓ ୟୁପି ମଧ୍ୟରେ ଅନୁଷ୍ଠିତ ହୋଇ ମହାରାଷ୍ଟ୍ର ୨-୦ ଗୋଲରେ ବିଜୟୀ ହୋଇଥିଲା। ୫ ମ୍ୟାଚ ଏପି ତେଲେଙ୍ଗାନା ମଧ୍ୟରେ ଅନୁଷ୍ଠିତ ହୋଇ କେହି କାହାକୁ ଗୋଲ ଦେଇ ନପାରି ସମାନ ଅଙ୍କ ପାଇ ଥିଲେ। ୬ଷ୍ଠ ବେଙ୍ଗଲ ଓ କର୍ଣାଟକ ମଧ୍ୟରେ ଅନୁଷ୍ଠିତ ହୋଇ କର୍ଣାଟକ ୩-୦ ଗୋଲରେ ବିଜୟୀ ହୋଇ ଥଲା । ଶେଷ ମ୍ୟାଚ କେରଳ ଓ ଓଡିଶା ମଧ୍ୟରେ ଅନୁଷ୍ଠିତ ହୋଇ କେରଳ ୫-୦ ଗୋଲରେ ବିଜୟୀ ହୋଇଛି।

# ଜମିବାଡ଼ି ମାମଲାରୁ କାର ଉପରକୁ ଗୁଳିମାଡ଼

ରାଉରକେଲା,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା ବିରମିତ୍ରପୁର ତହସିଲ୍ କାର୍ଯ୍ୟାଳୟ ନିକଟରେ ବୁଧବାର ସ୍ୱଷ୍ଟ ଦିବାଲୋକରେ ଗୁଳିକାଣ୍ଡ ଯୋଗୁ ଆତଙ୍କ ଖେଳି ଯାଇଥିଲା। ଦିନ ଗୋଟାଏ ବେଳେ ବାଇକ୍ ରେ ଦୁଇ ଜଣ ଦୁର୍ବୃତ୍ତ ଆସି ଏକ କାର୍ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଗୁଳି ମାଡ଼ରେ କାରର କାଚ ଭାଙ୍ଗି ଯାଇଥିବା ବେଳେ ଗାଡ଼ିରେ ଥିବା ରାଉରକେଲାର ଉତ୍ତମ କୁମାର ଘୋଷ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଉତ୍ତମ ଜମି ବାଡ଼ି କିଣାବିକା ବ୍ୟବସାୟରେ ସଂଶ୍ଲିଷ୍ଟ ଥିବା ଜଣା ପଡିଛି। ସେ ରାଉରକେଲାର ୨୦ ନମ୍ବର୍ ସେକ୍ଟରରେ ରୁହନ୍ତି। ସେ କୌଣସି ଜମି ରେଜିଷ୍ଟ୍ରି କରିବାକୁ ବିରମିତ୍ରପୁର ତହସିଲ୍ ଆସିଥିବା ବେଳେ ଦୁଇ ଦୁର୍ବୃତ୍ତ ବାଇକ୍ ରେ ଆସି ତାଙ୍କ କାର୍ ଉପରକୁ ଗୁଳି ଚଳାଇଥିଲେ ବୋଲି କୁହାଯାଇଛି । ସୌଭାଗ୍ୟ ବଶତଃ ଗୁଳି ତାଙ୍କ ଦେହରେ ବାଜି ନଥିଲା। ଖବରପାଇ ଘଟଣା ସ୍ଥଳରେ ବିରମିତ୍ରପୁର ଥାନା ପୁଲିସ ପହଞ୍ଚି ତଦନ୍ତ କରୁଛି । ବିଭିନ୍ନ ସ୍ଥାନରେ ବ୍ଲକେଡ୍ କରି ପୁଲିସ ଯାଞ୍ଚ କରୁଥିବା ଜଣାପଡ଼ିଛି ।

# ତ୍ରିବଣପୁର ଉଚ୍ଚ ବିଦ୍ୟାଳୟର ମୁଖ୍ୟଗେଟରେ ତାଲା



ରେଢ଼ାଖୋଲ,(ସବ୍ୟୁ):ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ତ୍ରିବଣପୁର ଗ୍ରାମରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ର ମୁଖ୍ୟଗେଟ ରେ ତାଲା ପକାଇଲେ ଜୈନିକ ଭିନ୍ନକ୍ଷମଙ୍କ ପତ୍ନୀ । ଖବରରୁ ପ୍ରକାଶ ଯେ, ଗ୍ରାମର ସୌଦାମିନୀ ବେହେରା ସ୍କୁଲରେ ଅସ୍ଥାୟୀ ରୂପରେ ମଧାହ୍ନ ଭୋଜନ ପାଚିକା ରୂପେ ତିନିମାସ ପୂର୍ବରୁ ରହି ଆଜିଯାଏ କାର୍ଯ୍ୟ ତୁଲାଇ ଆସୁଥିଲେ ।ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁନଃ ନିଯୁକ୍ତି ଦେଇ ତାଙ୍କୁ ହଟାଇ ନୁତନ ଦୁଇଜଣଙ୍କ ସମେତ ଜଣେ ଆଗରୁ ଥିବା ପୁରୁଣା ପାଚିକାଙ୍କୁ ନିଯୁକ୍ତି ଦେଇଛନ୍ତି । ସୌଦାମିନୀଙ୍କ ଦୁଇଟି ଝିଅ ଓ ସ୍ୱାମୀ ୯୦ଶତକଡା ବିକଳାଙ୍ଗ ଥିବାବେଳେ ସବୁ ପରିବାର ନିର୍ଭରଶୀଳ ସୌଦାମିନୀଙ୍କ ଉପରେ । ସୌଦାମିନୀଙ୍କ ପରିବାର ଗରିବ ଶ୍ରେଣୀର ସ୍କୁଲ ଗେଟରେ ତାଲା ପକାଇ ସୌଦାମିନି ପ୍ରତିବାଦ କରିଥିଲେ । ଫଳରେ ଛାତ୍ର ଛାତ୍ରୀ, ଶିକ୍ଷକ ଓ ଶିକ୍ଷୟତ୍ରୀ ଗେଟ ବାହାରେ ଛିଡା ହୋଇ ରହିଥିଲେ । ଖବର ପାଇ ଘଟଣା ସ୍ଥଳକୁ ରେଢ଼ାଖୋଲ ବିଇଓ ପହଁଞ୍ଚି ଲୋକଙ୍କୁ ବୁଝାଇଥିଲେ । ଉତ୍ତେଜନା ଅଧିକ ଜଟିଳ ହେବାରୁ ରେଢ଼ାଖୋଲ ପୋଲିସ ପହଞ୍ଚିଥିଲେ । ବିଇଓ ସୌଦାମିନୀଙ୍କୁ ବୁଝାଇବାପରେ ଅସ୍ଥାୟୀ ଭାବରେ ପାଚିକା ଭାବରେ ରହିବାକୁ ପ୍ରତିଶୃତି ଦେବା ପରେ ଗେଟ ର ତାଲା ଖୋଲା ଯାଇଥିଲା । ଏଥିରେ ଗ୍ରାମବାସୀ ମଧ ସାମିଲ ହୋଇଥିଲେ ।

# ମଦଭାଟି କର୍ମଚାରୀଙ୍କୁ ପିଟିପିଟି ହତ୍ୟା



ବଲାଙ୍ଗିର,(ସବ୍ୟୁ): ଭାଟି କର୍ମଚାରୀଙ୍କୁ ପିଟି ପିଟି ହତ୍ୟା । ଅତି ନୃଶଂସ ଭାବରେ ମାଡ ମାରି ପୋଖରୀ ହୁଡାରେ ଫିଙ୍ଗିଦେଲେ ହତ୍ୟାକାରୀ । ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡ଼ାକ୍ତରଖାନା ନେଇଥିଲେ ସହଯୋଗୀ । କିନ୍ତୁ ଆଖି ବୁଜିଦେଲେ, ଭାଟି କର୍ମଚାରୀ ସାରଦା ଯାଦବ । ଭାଟି ମ୍ୟାନେଜରଙ୍କୁ ହତ୍ୟା କରିବା ପାଇଁ ଷଡଯନ୍ତ୍ର କରିଥିଲେ , ହେଲେ ମୃତ୍ୟୁର ଜାଳରେ ଫଶିଗଲେ ଭାଟି କର୍ମଚାରୀ । ହତ୍ୟାକାରୀ ଧରାପଡିନଥିବା ବେଳେ, ହତ୍ୟାର କାରଣ ମୋବାଇଲ ପ୍ରେମ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । ହତ୍ୟାରେ ଚାରିଜଣ ସଂପୃକ୍ତ ଥିବା ବେଳେ, ହତ୍ୟାକରୀଙ୍କୁ ଖୋଜୁଛି ପୋଲିସ । ବଲାଙ୍ଗିର ଉପକଣ୍ଠ ସଦରଥାନା ସିନଖମନ ଗାଁ । ଗାଁ ମୁଣ୍ଡରେ ରହିଛି ମଦଭାଟି । ଭାଟିରେ ମ୍ୟାନେଜର ଭାବରେ କାମ କରନ୍ତି ବିଶାଳ ଯାଦବ । ଗତ ୧୫ ଦିନ ହେବ, ସିନଖମନ ଭାଟିରେ କାମରେ ଯୋଗଦେଇଥିଲେ ମୃତ କର୍ମଚାରୀ ସାରଦା ଯାଦବ । ମଙ୍ଗଳବାର ସନ୍ଧ୍ୟାରେ ସିନଖମନର ଯୁବକ ବଳରାମ ବାରିକ, ମ୍ୟାନେଜର ବିଶାଳ ଯାଦବକୁ ଫୋନ କରି ସାହାଯ୍ୟ ପାଇଁ ଅନୁରୋଧ କରିଥିଲା । ମୋର ରାସ୍ତା ଦୁର୍ଘଟଣା ହୋଇଛି , ତେଣୁ ତୁରନ୍ତ ଆସି, ତାଙ୍କୁ ହସପିଟାଲ ନେବା ପାଇଁ ଭାଟି ମ୍ୟାନେଜରଙ୍କୁ ଫୋନ ଯୋଗେ କହିଥିଲେ ବଳରାମ । ତେଣୁ ଭାଟି କର୍ମଚାରୀ ସାରଦା ଯାଦବ ଓ ଅନ୍ୟ ଦୁଇଜଣଙ୍କୁ ବଳରାମକୁ ସାହାଯ୍ୟ କରିବା ପାଇଁ ପଠାଇଥିଲେ ମ୍ୟାନେଜର । ହେଲେ ଏମାନେ ପହଞ୍ଚିବା ଆଗରୁ ଅନ୍ୟ ତିନିଜଣ ସହଯୋଗୀଙ୍କ ସହିତ, ପ୍ରଥମେ ବାଇକର ଚାବି ଛଡାଇ ନେଇଥିଲା ବଳରାମ । ତାପରେ ଆରମ୍ଭ କରିଥିଲେ ଆକ୍ରମଣ । ଦୁଇଜଣ ମାଡ ଖାଇ ଖସିଆସିଥିବା ବେଳେ, ଫସି ଯାଇଥିଲେ ସାରଦା । ସାରଦାଙ୍କୁ ଏକାକୀ ପାଇ ବଳରାମ ଓ ତାର ତିନିଜଣ ସହଯୋଗୀ, ବିଭିନ୍ନ ଠେଙ୍ଗାବାଡିରେ ଗୁରୁତର କରି ବନ୍ଧହିଡରେ ଫିଙ୍ଗିଦେଇଥିଲେ । ପରେ ସାରଦାଙ୍କ ସହଯୋଗୀ ଉଦ୍ଧାର କରି, ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ଆଣିଥିଲେ , ହେଲେ ଆଖି ବୁଜିଦେଇଥିଲେ ସାରଦା । ଗାଁ ମୁଣ୍ଡରେ କାହିଁକି କଣ ପାଇଁ ଭାଟି କର୍ମଚାରୀଙ୍କ ହତ୍ୟା କଲେ, ଗାଁର ଯୁବକ । ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି, ହତ୍ୟାର କାରଣ । ମଦଭାଟି ନିକଟରେ ଏକ ତେଜରାତି ଦୋକାନ କରିଛି। ମୁଖ୍ୟ ଅଭିଯୁକ୍ତ ବଳରାମ ବାରିକ । ଭାଟି କର୍ମଚାରୀ, ତେଜରାତି ଦୋକାନରୁ ଜିନିଷ କିଣାବିକା କରୁଥିଲେ । କିନ୍ତୁ ମିଳିଥିବା ସୂଚନା ଅନୁଯାୟୀ, ବଳରାମ ବାରିକଙ୍କ ସ୍ତ୍ରୀଙ୍କ ମୋବାଇଲକୁ କିଛି ମେସେଜ କରିଥିଲେ ଭାଟି ମ୍ୟାନେଜର । ତେଣୁ ଘଟଣାକୁ ନେଇ ମଙ୍ଗଳବାର, ସ୍ୱାମୀ,ସ୍ତ୍ରୀ ଭିତରେ ବଚସା ହୋଇଥିଲା । ଏପରିକି ସ୍ତ୍ରୀକୁ ମାଡ ମାରିଥିଲେ ବଳରାମ । ଆଉ ଶେଷରେ ମ୍ୟାନେଜରକୁ ହତ୍ୟା କରିବାର ଷଡଯନ୍ତ୍ର ରଚିଥିଲା ବଳରାମ । ନିଜ ତିନି ସାଂଗ ସହିତ, ମ୍ୟାନେଜରକୁ ଦୁର୍ଘଟଣା କଥା କହି, ଗାଁ ମୁଣ୍ଡକୁ ଡକାଇଥିଲା । କିନ୍ତୁ ମ୍ୟାନେଜର ବିଶାଳ କୁମାର, ନଆସି ଅନ୍ୟ ମାନଙ୍କୁ ପଠାଇ ଦେବାରୁ, ହାତ ପାହାନ୍ତାରେ ସାରଦାକୁ ପାଇ ପିଟି ପିଟି ମାରିଦେଲେ ହତ୍ୟାକାରୀ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ।

# କଣ୍ଟାବାଞ୍ଜି ପ୍ରେସ୍ କ୍ଲବର ବାର୍ଷିକ ସମାରୋହ




କଣ୍ଟାବାଞ୍ଜି,(ସବ୍ୟୁ): କଣ୍ଟାବାଞ୍ଜି ଠାରେ ୨୦୨୫ ମସିହାର କଣ୍ଟାବାଞ୍ଜି ପ୍ରେସ୍ କ୍ଲବର ବାର୍ଷିକ ସମାରୋହ ବୁଧବାର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ, ଏନଏସି ଅଧ୍ୟକ୍ଷ ଓ ପ୍ରେସ କ୍ଲବର ସଭାପତି, ସମ୍ପାଦକ ଓ ଅନ୍ୟ ଅତିଥି ମାନେ ମଞ୍ଚାସୀନ ଥିଲେ । ଗଣମାଧ୍ୟମର ଭୂମିକା ଉପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ମତ ରଖିଥିଲେ ।

## କାର ସହ ଗଞ୍ଜେଇ ଜବତ, ୪ଗିରଫ

ସମ୍ବଲପୁର,(ସବ୍ୟୁ): ବେଆଇନ ଭାବେ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଅବକାରୀ ସଦର ରେଞ୍ଜ ପୋଲିସ ୪ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ମହିଳା ଥିବା ଜଣାପଡିଛି । ସେମାନଙ୍କ ଠାରୁ ୧୪.୫କିଗ୍ରା ଗଞ୍ଜେଇ, ଏକ କାର ଓ ୩ଟି ମୋବାଇଲ ଫୋନ ଜବତ ହୋଇଛି । ଏନେଇ ୩୫/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ସଦର ରେଞ୍ଜ ପୋଲିସ ଭାଲୁପାଲି ଛକରେ କାର ଗାଡି ନମ୍ବର( ସିଜି୧୪ଏମ୍‌ପି- ୪୩୦୩)କୁ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚବେଳେ ଗାଡିରୁ ଉପରୋକ୍ତ ଗଞ୍ଜେଇ ଜବତ ହୋଇଛି । ଅଭିଯୋଗରେ ଛତିଶଗଡ ବର୍ତ୍ତକାଲାର କୁଞ୍ଜନ ରଜକ(୨୮) ଓ ରାଜା ବାବୁ ପଟେଲ(୧୯), ଚାଚିଦାଣ୍ଡର ସୁବେଲାଲ ଦେବଗନ୍(୨୮), ଭଟଗାଁର ସରିତା ସିଂ(୩୩)ଙ୍କୁ ଗିରଫ କରାଯାଇଛି ।

# ଜୟହିନ୍ଦ୍ କ୍ଲବ ଲିଗ କମ ନକ ଆଉଟ ଫୁଟବଲ: ବିଏମସି କ୍ଲବ କୁଚିଣ୍ଡା ବିଜୟୀ

ଝାରସୁଗୁଡା,(ସବ୍ୟୁ):ସ୍ଥାନୀୟ ମନମୋହନ ସ୍କୁଲ ଫୁଟବଲ ପଡିଆରେ ଜୟହିନ୍ଦ କ୍ଲବ ପକ୍ଷରୁ ଲିଗ କମ ନକ ଆଉଟ ଫୁଟବଲ ପ୍ରତିଯୋଗିତା ଆରମ୍ଭ ହୋଇଛି। ବୁଧବାର ୪ର୍ଥ ଦିବସର ମ୍ୟାଚ ବିଏମସି କ୍ଲବ କୁଚିଣ୍ଡା ଓ ପଣ୍ଡରି ପଥର ଝାରସୁଗୁଡା ମଧରେ ଅନୁଷ୍ଠତ ହୋଇଥିଲା । ବିଏମସି କ୍ଲବ କୁଚିଣ୍ଡା ୨-୦ ଗୋଲରେ ବିଜୟୀ ହୋଇଥିଲା । ମ୍ୟାଚରେ ଜିଲ୍ଲା ଅବକାରୀ ବିଭାଗର ମୁଖ୍ୟ ପ୍ରଭାତ କୁମାର ସେଠି, ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ଅତିଥି ଭାବେ ଅବକାରୀ ବିଭାଗର ବରିଷ୍ଠ ଅଧିକାରୀ ଶ୍ରୀଲି ଏକ୍କା ଓ ବନ୍ଦନା ପଟ୍ଟନାୟକ,କ୍ଷିତିଶ ଦାସ ଖେଳାଳି ମାନଙ୍କ ସହିତ ପରିଚିତ ହୋଇଥିଲେ । ଖେଳକୁ ଗିରିଷ ପ୍ରଧାନ, ଶରତ କିଶାନ, ସଂଜୟ କିଶାନ ,ଲଛମନ ବାଗ ପ୍ରମୁଖ ପରିଚାଳନା କରିଥିଲେ ।

(ଶ୍ରୀମଭଗବଦ୍ ଗୀତା ୧୭/୨୫)
-ଶ୍ରଦ୍ଧାତ୍ରୟ ବିଭାଗ ଯୋଗ-
(ଶ୍ରୀଭଗବାନୁବାଚ)

**ତଦିତ୍ୟନଭିସନ୍ଧାୟ ଫଳଂ ଯଜ୍ଞତପଃକ୍ରିୟାଃ ।**
**ଦାନକ୍ରିୟାଶ୍ଚ ବିବିଧାଃ କ୍ରିୟନ୍ତେ ମୋକ୍ଷକାଙ୍କ୍ଷିଭିଃ ।।୨୫।।**

(ଦ୍ୱିତୀୟଂ ନାମ ସ୍ତୌତି)-ତତ୍ ଇତି (ଉଚ୍ଚାର୍ଯ୍ୟ) (ଶୁଦ୍ଧଚିତ୍ତୈଃ) ମୋକ୍ଷକାଙ୍କ୍ଷିଭିଃ (ମୁମୁକ୍ଷୁଭିଃ ପୁରୁଷୈଃ) (କଣ୍ଠଣଃ) ଫଳଂ ଅନଭିସନ୍ଧାୟ (ଫଳସଂକଳ୍ପତ୍ୟାଗେନ) ବିବିଧାଃ ଯଜ୍ଞତପଃକ୍ରିୟାଃ ଦାନକ୍ରିୟାଶ୍ଚ କ୍ରିୟନ୍ତେ ।। ୨୫।।

# ରାଷ୍ଟ୍ରପତିଙ୍କ ପ୍ରଶ୍ନର ଉତ୍ତର ସର୍ବୋଚ୍ଚ ନ୍ୟାୟାଳୟ କିପରି ଦେବେ ?

ସମ୍ପାଦକୀୟ

ବିଧାନସଭାରେ ପାରିତ ହୋଇଥିବା ବିଲ୍ ବା ବିଧେୟକଗୁଡ଼ିକ ଉପରେ ରାଜ୍ୟପାଳ ବା ରାଷ୍ଟ୍ରପତି ସମ୍ମତି ପ୍ରଦାନ କରିବା ବିଷୟରେ ସର୍ବୋଚ୍ଚ ଅଦାଲତ ସମୟ ସୀମା ନିର୍ଦ୍ଧାରଣ କରି ପାରିବେ କି ବୋଲି ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯେଉଁ ପ୍ରଶ୍ନ ସର୍ବୋଚ୍ଚ ଅଦାଲତଙ୍କୁ କରିଛନ୍ତି, ଗତ ମଙ୍ଗଳବାର (୨୨ ଜୁଲାଇ ୨୦୨୫) ଏ ନେଇ ସର୍ବୋଚ୍ଚ ଅଦାଲତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି । ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି ବି.ଆର୍. ଗଭାଇଙ୍କ ସମେତ ଜଷ୍ଟିସ ସୂର୍ଯ୍ୟକାନ୍ତ, ବିକ୍ରମନାଥ, ପି.ଏସ୍. ନରସିଂହ ଓ ଏ.ସି. ଚନ୍ଦୁରକରଙ୍କୁ ନେଇ ବିଚାରପତି ମଣ୍ଡଳୀ ସମ୍ବିଧାନର ଧାରା ୧୪୩ (୧) ଅନୁଯାୟୀ ରାଷ୍ଟ୍ରପତିଙ୍କ ପ୍ରଶ୍ନ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନୋଟିସ ଜାରି କରିଛନ୍ତି ।

ଉଲ୍ଲେଖନୀୟ ଯେ ତାମିଲନାଡୁ ବିଧାନସଭାର କେତେକ ବିଲ୍‌କୁ ରାଜ୍ୟପାଳ ଓ ରାଷ୍ଟ୍ରପତି ସମ୍ମତି ଦେବାରେ ଅହେତୁକ ବିଳମ୍ବ ହେବାରୁ ସମ୍ବିଧାନର ଅନୁଚ୍ଛେଦ ୧୪୨ ବଳରେ ସର୍ବୋଚ୍ଚ ଅଦାଲତ 'ସମ୍ପୂର୍ଣ୍ଣ ନ୍ୟାୟ' କ୍ଷମତା ବଳରେ ସେମାନଙ୍କ ସମ୍ମତିକୁ ଧରି ନିଆଗଲା ବୋଲି ଆଦେଶ ଦେଇଥିଲେ । ଗତ ଏପ୍ରିଲ ୮ ତାରିଖ ଏହି ମାମଲା ଉପରେ ସର୍ବୋଚ୍ଚ ଅଦାଲତ ଆଦେଶ ଦେଇଥିଲେ । ଏହି ବିଚାରପତି ମଣ୍ଡଳୀ ଆସନ୍ତା ଜୁଲାଇ ୨୯ ତାରିଖକୁ ଏହାର ପ୍ରାଥମିକ ଶୁଣାଣୀ ପାଇଁ ଦିନ ଧାର୍ଯ୍ୟ କରିଛନ୍ତି । ସେତେବେଳେ ସମସ୍ତ ପକ୍ଷ ଓ ଅଂଶୀଦାର ଯେଉଁମାନେ ସର୍ବୋଚ୍ଚ ଅଦାଲତଙ୍କ ନିକଟରେ ପ୍ରତିନିଧିତ୍ୱ ସେତେବେଳେ କରିଥିବେ, ସେମାନେ ରାଷ୍ଟ୍ରପତିଙ୍କ ପ୍ରଶ୍ନ ଉପରେ ପୁଙ୍ଖାନୁପୁଙ୍ଖ ଶୁଣାଣୀ ପାଇଁ ସମୟ ଧାର୍ଯ୍ୟ କରିବେ ।

ରାଷ୍ଟ୍ରପତିଙ୍କଦ୍ୱାରା ପଚରା ଯାଇଥିବା ପ୍ରଶ୍ନର ଯଥାର୍ଥତା ଉପରେ ବରିଷ୍ଠ ଆଡଭୋକେଟ କେ. କେ. ବେନୁଗୋପାଳ ଓ ପି. ଉଇଲସନ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ଏହି ବିଚାରପତିମଣ୍ଡଳୀ କହିଛନ୍ତି ଯେ ଯେଉଁ ସବୁ ପ୍ରଶ୍ନ ରାଷ୍ଟ୍ରପତି ପଚାରିଛନ୍ତି, ସେ ସବୁ ଖୋଲାଖୋଲି ଆଲୋଚନା ହୋଇ ବିଚାର କରାଯିବ । ସମସ୍ତ ପକ୍ଷ ଏହାର ଯଥାର୍ଥତା ଉପରେ ମତ ରଖିପାରିବେ । ଏହି ବିଚାରପତିମଣ୍ଡଳୀ ମଧ୍ୟ ମତବ୍ୟକ୍ତ କରିଥିଲେ ଯେ ଆଟୋର୍ଣ୍ଣି ଜେନେରାଲ ଆର୍. ଭେଙ୍କଟରମଣ ଅଦାଲତଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରିବେ ଏବଂ ସଲିସିଟର ଜେନେରାଲ ତୁଷାର ମେହେଟା କେନ୍ଦ୍ର ସରକାରଙ୍କର ପ୍ରତିନିଧିତ୍ୱ କରିବେ । ପ୍ରତିପକ୍ଷରେ ବରିଷ୍ଠ ଆଇନଜୀବୀ କପିଲ ଶିବାଲ, ଏ.ଏମ୍. ସିଙ୍ଘଭି, ଗୋପାଳ ସୁବ୍ରମନିୟମ ଓ ରାକେଶ ଦ୍ୱିବେଦୀ ପ୍ରତିନିଧିତ୍ୱ କରିବେ ବୋଲି ଜଣାଯାଇଛି ।

ଗତ ମେ ୧୫(୨୦୨୫)ରେ ରାଷ୍ଟ୍ରପତି ସର୍ବୋଚ୍ଚ ଅଦାଲତଙ୍କୁ ବିଧେୟକ ସମ୍ମତି ସଂକ୍ରାନ୍ତରେ ଜବାବ ରଖିବାକୁ ଚାହିଁଥିଲେ । କାରଣ ସମ୍ବିଧାନରେ ସୁପ୍ରିମକୋର୍ଟ ବା ସର୍ବୋଚ୍ଚ ଅଦାଲତଙ୍କୁ ଏପରି କ୍ଷମତା ଦେଇଛି କି ନାହିଁ, ସେ ସଂକ୍ରାନ୍ତରେ ରାଷ୍ଟ୍ରପତି ଜାଣିବାକୁ ଚାହିଁଥିଲେ ।

ସମ୍ବିଧାନରେ ଅନୁଚ୍ଛେଦ ୨୦୦ ବଳରେ ରାଜ୍ୟ ବିଧାନସଭାରେ ପାରିତ ହୋଇଥିବା ବିଧେୟକ ବା ବିଲ୍ ଉପରେ ରାଜ୍ୟପାଳଙ୍କର ଚାରିଗୋଟି କ୍ଷମତା ରହିଛି । ୧) ସେ ବିଲ୍ ଉପରେ ସମ୍ମତି ଦେଇପାରିବେ ୨) ସେ ବିଲ୍‌ଟିକୁ ଅଟକାଇ ରଖିପାରିବେ , ୩) ବିଲଟିକୁ ପୁର୍ନବିଚାର ପାଇଁ ଫେରାଇ ଦେଇ ପାରିବେ, ୪) ବିଲ୍‌ଟିକୁ ରାଷ୍ଟ୍ରପତିଙ୍କ ବିଚାର ପାଇଁ ସଂରକ୍ଷିତ ରଖିପାରିବେ । ସେହିପରି ସଂବିଧାନର ୨୦୧ ଅନୁଚ୍ଛେଦ ବଳରେ ରାଷ୍ଟ୍ରପତି ବିଲ୍‌ର ବିଚାର ପାଇଁ ସଂରକ୍ଷିତ କରି ରଖିପାରିବେ ।

ତାମିଲନାଡୁ ସରକାରଙ୍କ ଆବେଦନ କ୍ରମେ ସର୍ବୋଚ୍ଚ ଅଦାଲତ ଏହି ପାରିତ ହୋଇଥିବା ବିଲ୍ ଉପରେ ନିଜର କ୍ଷମତା ପ୍ରୟୋଗ କରିବା କେତେଦୂର ଯଥାର୍ଥ ତାହା ସମୟ ହିଁ କହିବ ।

## ଗୁରୁଦେବ

**ହେ ମୋର ପୂଜ୍ୟ ଗୁରୁଦେବ ! ତୁମେ ନଭୋମଣ୍ଡଳରେ ଦୀପ୍ତିମନ୍ତ ସୂର୍ଯ୍ୟ, ମୁଁ ତାହାର ଆଲୋକ । ତୁମେ ମୋ ପାଇଁ ହିମାଳୟରୁ ପ୍ରବାହିତ ପବିତ୍ର ଗଙ୍ଗା, ମୁଁ ତାହାର ସ୍ୱଚ୍ଛ ଧାରା । ତୁମେ ଦିଗନ୍ତବିସ୍ତରୀ ପ୍ରକୃତି, ମୁଁ ତାହାର ସୌନ୍ଦର୍ଯ୍ୟ । ହେ ମୋର ଗୁରୁଦେବ ! ମୁ ତୁମର ଶ୍ରୀଚରଣରେ ନତମସ୍ତକ ହେଉଅଛି, ତୁମେ ତୁମ ଚରଣ କମଳ ତଳେ ମୋତେ ସର୍ବଦା ରଖିଥାଅ ଓ ସଦା କୃପାବାରି ମୋ ଉପରେ ବର୍ଷା କରୁଥାଅ ।**

***ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ***

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଜଗତସିଂହପୁର ଡାଏରି

# ସଂସ୍କୃତି ଭବନ ଓ ବାଣୀ କ୍ଷେତ୍ର



ସଂଗ୍ରାମ ମହାପାତ୍ର

ମାଥ୍ୟୁ ଆରନଲଡ୍ କହିଥିଲେ, ସଭ୍ୟତାର ଶ୍ରେଷ୍ଠ ଭାବନା ଓ ଏହାର ପରିପ୍ରକାଶ ହେଉଛି ସଂସ୍କୃତି । ପ୍ରବହମାନ ଜୀବନଧାରାରେ ଯାହା ମୂଲ୍ୟବାନ, ପ୍ରାଣବନ୍ତ ଓ ଶାଶ୍ୱତ, ତାହାର ନାମ ହେଉଛି ସଂସ୍କୃତି । ଏହା ଏକ ଶକ୍ତି ଯାହା ଗୋଟିଏ ଜାତିକୁ ତା'ର ନିର୍ଦ୍ଦିଷ୍ଟ ସାହିତ୍ୟ, କଳା, ନୃତ୍ୟ, ସ୍ଥାପତ୍ୟ, ସଂଗୀତ ସହିତ ଜାତିର ବୈଶିଷ୍ଟ୍ୟ, ସ୍ୱାତନ୍ତ୍ର୍ୟ ଓ ସ୍ଥିତିକୁ ପ୍ରତିପାଦିତ କରିଥାଏ । ଏହି କ୍ରମରେ ଜଗତସିଂହପୁର ଭୂଖଣ୍ଡ ଓଡ଼ିଆ ସମାଜକୁ ଋଦ୍ଧିମନ୍ତ କରିବା ସହ ଓଡ଼ିଆ ସଂସ୍କୃତିକୁ କାଳଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି । ଏ ମାଟି କଥା କହେ, ମହକ ଦିଏ, ମୂଲ୍ୟବୋଧ ଶିଖାଏ । କାଳଖଣ୍ଡରେ ଏ ମାଟି ସାହିତ୍ୟରେ ଦେଇଛି ସାରଳା ଦାସ, ଜଗନ୍ନାଥ ପରମ୍ପରାରେ ଦେଇଛି ବିସର ମହାନ୍ତି, ବିଜ୍ଞାନରେ ଦେଇଛି ପ୍ରାଣକୃଷ୍ଣ ପରିଜା, ରାଜନୈତିକ ମୂଲ୍ୟବୋଧରେ ଦେଇଛି ନବକୃଷ୍ଣ ଚୌଧୁରୀ, ଏହାର ତାଲିକା ଲମ୍ବା ।

୨୦୨୧ ମସିହା, ସଂସ୍କୃତି ଭବନରେ ଏକ ସାଧାରଣତନ୍ତ୍ର ଦିବସ ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ଭବନରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥାଏଁ । ସଂସ୍କୃତି ଭବନ ଭିତର ଦୟନୀୟ ଅବସ୍ଥା । ପ୍ରେକ୍ଷାଳୟ ଭିତରେ ଭଡାରେ ଅଣାଯାଇଥିବା ପ୍ଲାଷ୍ଟିକ ଚୌକି, ମଞ୍ଚ ଉପରେ ଭଡା ମାଇକ, ଭଙ୍ଗା କାନ୍ଥ, କାନ୍ଥରେ ଅନେକ ଫାଟ ! ଏହା ମୋ ମନକୁ ଆନ୍ଦୋଳିତ କଲା ! କେମିତି ଏକ ଶ୍ରୀହୀନ ଅବସ୍ଥାରେ ସଂସ୍କୃତି ଭବନ ! ସରକାରଙ୍କ ତରଫରୁ କୌଣସି ଆର୍ଥିକ ଅନୁଦାନ ନଥାଏ । ସେତେବେଳେ ମୋର ଜେ.ଏନ.ୟୁ ପଢା ସାଥୀ ରିଂକେଶ ରାୟ ଥାନ୍ତି ପାରଦୀପ ବନ୍ଦରର ଅଧକ୍ଷ । ଦିନେ ତାଙ୍କ ପାଖକୁ ଯାଇ ଅନୁରୋଧ କଲି ବନ୍ଦର କର୍ତ୍ତୃପକ୍ଷ ଫଣ୍ଡରୁ ଅର୍ଥ ଅନୁଦାନ ମାଧ୍ୟମରେ ସଂସ୍କୃତି ଭବନର ପୁନରୁଦ୍ଧାର କରିବା ପାଇଁ, ସେ ଅଗତ୍ୟା ରାଜି ହେଲେ, ତାଙ୍କ ସହ କଥାବାର୍ତ୍ତା ହେଲାବେଳେ ମନରେ ଭାବନା ଜାଗ୍ରତ ହେଲା ଯେ ସି.ଏସ.ଆର୍ ଫଣ୍ଡରୁ ମଧ୍ୟ ଅର୍ଥ ବିନିଯୋଗ କରି ଜିଲ୍ଲାର ଅନେକ ଉନ୍ନତି କରିହେବ ।

ଦପ୍ତରକୁ ଫେରି ଦେଖିଲି ଯଦିଓ ଜଗତସିଂହପୁର ଜିଲ୍ଲାରେ ଅନେକ ବୃହତ ଶିଳ୍ପ ଅଛି, କିନ୍ତୁ ସେମାନେ ସି.ଏସ.ଆଇ. ବା ସି.ଆଇ.ଆର. ଫଣ୍ଡରେ ଜଗତସିଂହପୁର ଜିଲ୍ଲାର ଉନ୍ନତି ପାଇଁ ବିଗତ ବର୍ଷରେ ପ୍ରଶାସନକୁ କୌଣସି ଅର୍ଥ ପ୍ରଦାନ କରିନାହାନ୍ତି । ଏହା ମୋତେ ଆଚମ୍ବିତ କଲା ! ଅଧିକ ଆଶ୍ଚର୍ଯ୍ୟ ହେଲି କିଛି ଶିଳ୍ପ ସଂସ୍ଥା କେନ୍ଦ୍ରପଡ଼ା ଜିଲ୍ଲାକୁ ଅର୍ଥ ପ୍ରଦାନ କରୁଛନ୍ତି କିନ୍ତୁ ଜଗତସିଂହପୁର ଜିଲ୍ଲାକୁ ନୁହେଁ । ପାରଦ୍ୱୀପ ଅତିରିକ୍ତ ଜିଲ୍ଲାପାଳଙ୍କ ଦପ୍ତରରେ ପ୍ରାରମ୍ଭିକ ପର୍ଯ୍ୟାୟରେ ସେମାନଙ୍କ ସହ ବୈଠକ କଲାପରେ ଶିଳ୍ପ ସଂସ୍ଥାର ପ୍ରତିନିଧିଗଣ ସାଧ ମୁତାବକ ରାଜି ହେଲେ । ମୁଁ ଗ୍ରାମ୍ୟ ଉନ୍ନୟନ, ଯୋଜନା ଓ ସମନ୍ୱୟ ବିଭାଗ ଅଧିକାରୀଙ୍କ ସହ ବୈଠକ କରି ଏକ ତାଲିକା ପ୍ରସ୍ତୁତ କରି ଏ ଦିଗରେ ଅଗ୍ରସର ହେଲି ।

ଦିନେ ରବିବାର ସନ୍ଧ୍ୟାରେ ଘରେ ବସିଥାଏ । ମୋ ମନରେ ଭାବନା ଆସିଲା ଜିଲ୍ଲା ସଂସ୍କୃତି ଭବନକୁ ଆଦିକବି ସରଳା ଦାସଙ୍କ ନାମରେ ନାମିତ କଲେ ଏହା ସେ ମହାନ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ହୋଇପାରିବ । ଆଦିକବି ତ ଏ ମାଟିର ସୁଯୋଗ୍ୟ ସନ୍ତାନ । ପରଦିନ ଜିଲ୍ଲାର ବୁଦ୍ଧିଜୀବୀ, ସାମ୍ବାଦିକ, ରାଜନେତା ସମସ୍ତଙ୍କ ସହ ବିଚାର ବିମର୍ଷ କରି ସରକାରଙ୍କୁଏ ପ୍ରସ୍ତାବ ପଠେଇଲି । ସରକାରୀ କଳରେ ଯାହା ହୁଏ ଏହା ପ୍ରାୟ ସମସ୍ତଙ୍କୁ ଜଣା । ମାସ ମାସ ଧରି ସଂସ୍କୃତି ବିଭାଗରେ ଜିଲ୍ଲାପାଳଙ୍କ ଚିଠି ପଡି ରହିଲା । ମଝିରେ ମଝିରେ ମୁଁ ତତ୍କାଳୀନ ସଂସ୍କୃତି ବିଭାଗ ସଚିବ ତଥା ନିର୍ଦ୍ଦେଶକଙ୍କୁ ଫୋନ ଯୋଗେ ଅନୁରୋଧ କରେ । ଛଅ ମାସ ଗଲା ପରେ ନିଷ୍ପତ୍ତି ନେଲି ଭୁବନେଶ୍ୱର ଗସ୍ତ କରି ସେମାନଙ୍କୁ ସାକ୍ଷାତ କରି ମୋର କ୍ଷୋଭ ତଥା ଦାବୀ ଜଣେଇବି । ସେମାନଙ୍କୁ ଭେଟି ମୋର କ୍ଷୋଭ ଜଣାଇଲା ପରେ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଚିଠି ସଂଖ୍ୟା ୪୯୭୪ ତା. ୨୧.୦୮.୨୦୨୧ ରେ ସରକାର ସଂସ୍କୃତି ଭବନକୁ ଆଦି କବି ସାରଳା ଦାସଙ୍କ ନାମରେ ନାମିତ କରିବା ପାଇଁ ଅନୁମୋଦନ କଲେ । ଏହା କେବଳ ମୋତେ ନୁହେଁ ସମଗ୍ର ଜିଲ୍ଲାବାସୀଙ୍କୁ ଗର୍ବିତ କରିଥିଲା ଓ ଏଯାବତ୍ କରୁଛି ମଧ୍ୟ । ଇତି ମଧ୍ୟରେ ସି.ଏସ.ଆର, ଅର୍ଥରେ ପୂର୍ତ୍ତ ବିଭାଗ ଦ୍ୱାରା ସଂସ୍କୃତି ଭାବନକୁ ସଠିକ ଭାବରେ ପୁନରୁଦ୍ଧାର କରାଗଲା ।

ଉଚ୍ଚ ମାନର ପୁଷ୍-ବ୍ୟାକ୍ଚୌକି, ଏ.ସି, ମଞ୍ଚରେ ଡିଜିଟାଲ ପରଦା, ଉତ୍ତମ ମାନର ମାଇକ, ଆଲୋକ, ଟାଇଲ, ପ୍ରେକ୍ଷାଳୟ ବାହାର ମଧ୍ୟ ପେଭର ଟାଇଲ ପକାଯାଇ ନୂତନ ସ୍ୱାଦରେ ତିଆରି କରାଗଲା ଯାହା ଆଜି ଯାଏ ଜିଲ୍ଲାବାସୀଙ୍କ ବ୍ୟବହାରରେ ଲାଗୁଛି । ଏଥିପାଇଁ ପାଖାପାଖି ପ୍ରାୟ ପଚାଶ ଷାଠିଏ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା, ଜିଲ୍ଲାବାସୀଙ୍କ ଅର୍ଥ ସେମାନଙ୍କ କାର୍ଯ୍ୟରେ ଲାଗିଲା । ଏଠାରେ କହିବା ବାହୁଲ୍ୟ ଏହି ଅନୁଭୂତିକୁ ପାଥେୟ କରି ଏ ଲେଖକ ଖୋର୍ଦ୍ଧା ଜିଲ୍ଲାପାଳ ଥିବା ବେଳେ ମଧ୍ୟ ଜିଲ୍ଲା ସଂସ୍କୃତି ଭବନ ଯାହା ଜୟୀ ରାଜଗୁରୁ ଭବନ ନାମରେ ନାମିତ ତାକୁ ମଧ୍ୟ ଅତ୍ୟନ୍ତ ଉଚ୍ଚ ମାନର ପୁନରୁଦ୍ଧାର କରାଯାଇଥିଲା । ପାଖାପାଖି କୋଟିଏ ଟଙ୍କା ଖର୍ଚ୍ଚ କରାଯାଇ ସୁନ୍ଦର ପ୍ରେକ୍ଷାଳୟ ଖୋର୍ଦ୍ଧା ଜିଲ୍ଲାବାସୀଙ୍କ ପାଇଁ କରାଯାଇ ପାରିଲା, ଯାହା ଆଜି ଯାଏଁ ମଧ୍ୟ ବ୍ୟବହାରରେ ଲାଗୁଛି । କଥାରେ ପରା ଅଛି ମନ ଥିଲେ ଉପାୟ ଆପେ ଆସେ ।

ସେହିପରି କୁଜଙ୍ଗରେ ଐତିହାସିକ କୋଠା ଯେଉଁଥିରେ ପୁରାତନ ତହସିଲ ଥିଲା ନୂତନ ତହସିଲ ନିର୍ମାଣ ସମାପ୍ତ ହେବା ପରେ ସରକାରଙ୍କୁ ପ୍ରସ୍ତାବ ଦେଲି ଯେ କୁଜଙ୍ଗରେ ଐତିହାସିକ ପୁରାତନ ତହସିଲ କୋଠାକୁ ରକ୍ଷଣାବେକ୍ଷଣ କରାଯାଇ ସେଥିରେ ଜିଲ୍ଲା ସଂଗ୍ରହାଳୟ ସ୍ଥାପନା କରାଯାଉ । କ୍ଷେଣ୍ଟ ରାଜାଙ୍କ ସମୟରେ ପାଇକମାନଙ୍କ କିଛି ଅସ୍ତ୍ରଶସ୍ତ୍ର ଗୋଟିଏ ରୁଦ୍ଧ କୋଠରୀରେ ଏଯାବତ୍ ଅଳିଆ ଭାବରେ ଗଦା ହୋଇଛି ! ଏସବୁକୁ ସଂରକ୍ଷଣ କରାଯାଇପାରିବ । ସଂସ୍କୃତି ବିଭାଗକୁ ଅନୁରୋଧ କରାଗଲା । ସେମାନେ ମଧ୍ୟ ରାଜି ହୋଇ ଏକ ବିଭାଗୀୟ ଟିମ୍ ପଠେଇ ସେସବୁର ଅନୁଧ୍ୟାନ କରି ଫେରିଥିଲେ ।

ମୁଁ ମଧ୍ୟ ସରକାରଙ୍କୁ କହିଥିଲି ଯେ ଅର୍ଥର ଅଭାବ ରହିବ ନାହିଁ କାରଣ ବନ୍ଦରର ତତ୍କାଳୀନ ଅଧକ୍ଷ ବନ୍ଧୁ ରିଂକେଶ ରାୟ ମଧ୍ୟ ସମ୍ମତି ପ୍ରଦାନ କରିଥିଲେ ଖର୍ଚ୍ଚର ସମସ୍ତ ଅର୍ଥ ପ୍ରଦାନ କରିବା ପାଇଁ ! ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷ ଅଧୀନରେ କୁଜଙ୍ଗ ଯାଉଥିବାରୁ ପି.ଡି.ଏ ଫଣ୍ଡରୁ ମଧ୍ୟ ଅର୍ଥ ବ୍ୟୟ କରାଯାଇ ଏହାକୁ ସୁନ୍ଦର ଜିଲ୍ଲା ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇପାରିବ ! ମୋର ବଦଳି ପରେ ଏ ପ୍ରସ୍ତାବ ବାଟ ହୁଡ଼ି ଶୀତଳ ଭଣ୍ଡାରକୁ ଚାଲିଗଲା । କିନ୍ତୁ କୁଜଙ୍ଗ ସଂସ୍କୃତି ଭବନକୁ ନୂତନ ଢାଞ୍ଚାରେ ରୂପାନ୍ତର କରାଯାଇଥିଲା ।

ପ୍ରଶାସନ ତଥା ସରକାରୀ କର୍ମଚାରୀଙ୍କ ପାଇଁ ପ୍ରତ୍ୟେକ ମାସ ଚତୁର୍ଥ ଶନିବାର ଯାହାକୁ ସରକାର ଛୁଟି ଘୋଷଣା କରିଛନ୍ତି, ସେଦିନ ଏ ଲେଖକ ସାରସ୍ୱତ ବାତାୟନ ନାମରେ ଏକ ଭାଷା ସଂସ୍କୃତି ଚର୍ଚ୍ଚା କାର୍ଯ୍ୟକ୍ରମ ଆରମ୍ଭ କରିଥିଲା. ଯେପରି ଜିଲ୍ଲାର ସମସ୍ତ ପ୍ରଶାସକ, ଡାକ୍ତର, ଯନ୍ତ୍ରୀ ଏବଂ ଅନ୍ୟାନ୍ୟ ସରକାରୀ କର୍ମଚାରୀ ଆସିବେ ଏବଂ ନିମନ୍ତ୍ରିତ ଅତିଥିଙ୍କୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରିବେ ! ଏପରି ସାରସ୍ୱତ ବାତାୟନ ଆରମ୍ଭ କରିବା ଜଗତସିଂହପୁର ଜିଲ୍ଲାରେ ମଧ୍ୟ ପ୍ରଥମ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ପଯ୍ୟାୟରେ ସୀତାକାନ୍ତ ମହାପାତ୍ର, ହରପ୍ରସାଦ ଦାସ, ଦେବଦାସ ଛୋଟରାୟ, ସ୍ୱର୍ଗତ ଦେବାଶିଷ ପାଣିଗ୍ରାହୀ ଆସି ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ନିଜର ମତାମତ ଦେବା ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଉଥିଲେ । ଏହା ପରେ କୋଭିଡ ଆସିଲା ଓ ଏହା ଆଗେଇ ପାରିଲା ନାହିଁ ଏବଂ ମୋ ପରେ ଏହା ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା ।

ଜିଲ୍ଲାର ଆରାଧ ଦେବୀ ମା' ଶାରଳାଙ୍କ ମନ୍ଦିର ଭିତରକୁ ପ୍ରଶସ୍ତ କରିବା ସହ ମହାପ୍ରଭୁ ବଳଭଦ୍ରଙ୍କ ଦାରୁ ଚିହ୍ନଟ ହୋଇଥିବା ମନ୍ଦିର ସମ୍ମୁଖ ଜାଗାରେ ଏକ କ୍ଷୁଦ୍ର ସ୍ମାରକୀ ମନ୍ଦିର ମଧ୍ୟ ନିର୍ମାଣ କରାଇଲି । ମନ୍ଦିରର ଚତୁଃପାର୍ଶ୍ୱରେ ମଧ୍ୟ ପାଚେରୀ ନିର୍ମାଣ କରାଗଲା । ମନ୍ଦିରର ଚନ୍ଦନ ପୋଖରୀ ଦଳ ଶିଉଳିରେ ଭର୍ତ୍ତି, ଶୌଚ ହେବା ତା ଦୂରର କେହି ପାଦ ପୁରେଇବାକୁ ମଧ୍ୟ ମନ କରିବ ନାହିଁ ! ଏଣୁ ଭୁବନେଶ୍ୱରରୁ ସ୍ୱରେଜ ବୋର୍ଡ଼ ସହ କଥାବାର୍ତ୍ତା କରି ଏକ ଯୋଜନା କରିଥିଲି । ଏହା କାର୍ଯ୍ୟକାରୀ ହୋଇଥିଲେ ଏକ ସୁନ୍ଦର ଭବ୍ୟ ଚନ୍ଦନ ପୋଖରୀ ହୋଇପାରିଥାନ୍ତା ! ଏହା ଏବେ ମଧ୍ୟ ଅବହେଳିତ !

ଜଗତସିଂହପୁର ଜିଲ୍ଲାକୁ ଆନୁଷ୍ଠାନିକ ଭାବରେ ବାଣୀକ୍ଷେତ୍ର ଭାବରେ ପରିଗଣିତ କରିବା ପାଇଁ ମଧ୍ୟ ସରକାରଙ୍କୁ ପ୍ରସ୍ତାବ ଦେବା ସହ ଜିଲ୍ଲାପାଳଙ୍କ ଦପ୍ତର ରାସ୍ତାରେ ବାଣୀକ୍ଷେତ୍ର ନାମରେ ଏକ ଫଳକ ସହ ତାକୁ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା କରାଯାଇଥିଲା । ସନ୍ଧ୍ୟାବେଳେ ଅନେକ ଲୋକ ଆସି ପ୍ରମୋଦ ଉଦ୍ୟାନରେ ବୁଲିବା ସହ ବାଣୀକ୍ଷେତ୍ର ଫଟୋ ମଧ୍ୟ ଉଠାଉଥିଲେ । ସମୟ କ୍ରମେ ସଭା ସମିତିରେ ବକ୍ତାମାନେ ବାଣୀ କ୍ଷେତ୍ର ଭାବରେ ସମ୍ବୋଧନ କରିବାକୁ ଉତ୍ସାହିତ ହେଲେ । ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାବା ଗୋରଖନାଥ ମନ୍ଦିରକୁ ସୁପରିଚାଳନା କରାଯିବା ସହ ଜବରଦଖଲ ଉଚ୍ଛେଦ କରିବା ପାଇଁ ନିଷ୍ପତ୍ତି ନେବାର ଅଳ୍ପ ଦିନ ମଧ୍ୟରେ ମୋର ବଦଳି ହେବାରୁ ସେ କାମ ମଧ୍ୟ ଅସମ୍ପୂର୍ଣ୍ଣ ରହିଗଲା । ସେଠାରେ ଶ୍ରାବଣ ମାସରେ ଭକ୍ତମାନଙ୍କର ଜଳାଭିଷେକ ପାଇଁ ପ୍ରବଳ ଭିଡ ହୁଏ । ଜିଲ୍ଲାରେ ଗୋଟିଏ ପାଠାଗାର ସ୍ଥାପନ ପାଇଁ ଚଟରା ଗ୍ରାମରେ ଏକ ପରିତ୍ୟକ୍ତ ସରକାରୀ ବିଦ୍ୟାଳୟର କୋଠାଘରକୁ ନିରୂପଣ କରିଥିଲି କିନ୍ତୁ ମୋ ପାଖରେ ସମୟ ସ୍ୱଳ୍ପ ଥିଲା ।

ସ୍ୱାଧୀନତା ସଂଗ୍ରାମୀ ଭବନକୁ ମଧ୍ୟ ପୌର ପ୍ରଶାସନ ତରଫରୁ ପୁନରୁଦ୍ଧାର କରାଯିବା ସହ ଅଗଷ୍ଟ ପନ୍ଦରରେ ତାହାକୁ ଉନ୍ମୋଚନ କରିଥିଲି । ଜଗତସିଂହପୁର ଜିଲ୍ଲାର ବୁଦ୍ଧିଜୀବୀ, ଗଣନେତା, ସାମ୍ବାଦିକମାନେ ଏ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମୋର ସ୍ମରଣୀୟ ମୁହୂର୍ତ୍ତ ଥିଲା ଯେତେବେଳେ ଅଳକାଶ୍ରମ ଯାହାକୁ ସ୍ୱାଧୀନତା ସଂଗ୍ରାମର ଏନ୍ତୁଡ଼ିଶାଳ ବୋଲି କୁହାଯାଏ,ଏ ଲେଖକ ତାହାକୁ ନୂତନ ଭାବରେ ସ୍ମାରକୀ ଭବନ ଭାବରେ ନିର୍ମାଣ କରାଯାଇଥିଲା । ଏସବୁ କାର୍ଯ୍ୟ ପାଇଁ ମୋ ଉପରେ ଚାପ ବା ଦାବୀ ନଥିଲା ବା ଅର୍ଥ ବରାଦ ନଥିଲା କିନ୍ତୁ ସ୍ୱତଃସ୍ଫୂର୍ତ୍ତ ଭାବରେ ପୌରପାଳିକା ପ୍ରଶାସକ ଭାବରେ ମୁଁ ଆଗେଇ ଆସି ଏହି ସ୍ମାରକୀ ଭବନକୁ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲି । ଏହା ଅଳକାଶ୍ରମର ଶତବାର୍ଷିକୀ ଅବସରରେ ଉନ୍ମୋଚନ ହୋଇପାରିଲା ।

ଜିଲ୍ଲାପାଳଙ୍କ କକ୍ଷ କଡରେ ଥିବା ଏକ ପ୍ରଶସ୍ତ ପ୍ରକୋଷ୍ଠର ପୁନଃନିର୍ମାଣ କରି ସେଥିରେ ସାଧାରଣ ଲୋକଙ୍କ ପାଇଁ ବସିବା ବ୍ୟବସ୍ଥା କରି କକ୍ଷ କାନ୍ଥରେ ଜିଲ୍ଲାର ସୁଯୋଗ୍ୟ ବରପୁତ୍ରଙ୍କର ଫଟୋ ଚିତ୍ରକୁ ଲଗାଯଇଥିଲା । ସେମାନେ ତ ପ୍ରେରଣାର ଉତ୍ସ ! ମୋ ପରେ ଜଣେ ଜିଲ୍ଲାପାଳ ନିଜ କକ୍ଷକୁ ସୁନ୍ଦର ଓ ପ୍ରଶସ୍ତ କରିବା ମୋହରେ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିବା କକ୍ଷକୁ ନିଜ କକ୍ଷରେ ମିଶାଇ ନିଜ କକ୍ଷର ସୌନ୍ଦର୍ଯ୍ୟ ବୃଦ୍ଧି କଲେ । ବରପୁତ୍ରଙ୍କର ଫଟୋ ଚିତ୍ର କୁଆଡ଼େ ଗଲା ସ୍ୱାଭିମାନୀ ଜିଲ୍ଲାବାସୀଙ୍କ ପାଖରେ ଖବର ଥିବ ।

**(ଲେଖକ ପୂର୍ବତନ ଜିଲ୍ଲାପାଳ, କଥାଶିଳ୍ପୀ ତଥା ଅଧୁନା ଦକ୍ଷିଣାଞ୍ଚଳ ଆରଇଡିସି ଭାବେ ଅବସ୍ଥାପିତ)**

# ଚିତାଲାଗି ଅମାବାସ୍ୟା




ଜୟଶ୍ରୀ ପଟ୍ଟନାୟକ

ଶ୍ରୀମନ୍ଦିରରେ ବର୍ଷ ତମାମ ପାଳିତ ହୁଏ ଅନେକ ଉପଯାତ୍ରା । ତା' ମଧ୍ୟରୁ ଶ୍ରାବଣ ମାସ ଅମାବାସ୍ୟା ଦିନ ପାଳିତ ହେଉଥିବା ଯାତ୍ରା ହେଉଛି ଚିତାଲାଗି ଅମାବାସ୍ୟା ବା ଲଲାଟ ଭୁଷଣ ଯାତ୍ରା । ଏହି ଅମାବାସ୍ୟା ତିଥିରେ ଠାକୁରମାନଙ୍କ ମସ୍ତକରେ ସୁବର୍ଣ୍ଣ ଚିତା ଲଗାଯାଉଥିବାରୁ ଏହା ଚିତାଲାଗି ଅମାବାସ୍ୟା ନାମରେ ନାମିତ । ଶ୍ରାବଣ ଅମାବାସ୍ୟା ଦିନ ପ୍ରାତଃ ସମୟର ପୂଜା ପରେ ବିଶ୍ୱାବସୁ କୁଳର ସେବକମାନେ ମହାପ୍ରଭୁଙ୍କୁ ଚିତା ପିନ୍ଧାଇବା ପରମ୍ପରା ବାମଦେବ ସଂହିତାରେ ଉଲ୍ଲେଖ ରହିଛି ।

ଏହିଦିନ ଚିତଉ ପିଠା, ମିଠା, ନାନାଦି ବ୍ୟଞ୍ଜନ କ୍ଷୀରି ପୂଜା ହେବା ପରେ ଶ୍ରୀ ଜିଉମାନଙ୍କୁ ସୁବର୍ଣ୍ଣ ଚିତା ପିନ୍ଧେଇବାର ପରମ୍ପରା ରହିଛି । କୁହାଯାଏ ଯେ ଏହିଦିନ ସାଗର ମନ୍ଥନ ସମୟରେ ଯେଉଁ ନାନା ରତ୍ନ, ଐରାବତ ହାତୀ , ମୂଲ୍ୟବାନ ହୀରା, ମଣି, ମାଣିକ୍ୟ ଆବିର୍ଭୁତ ହୋଇଥିଲା ତାହା ବିଷ୍ଣୁ ନାରାୟଣ ଗ୍ରହଣ କରିଥିଲେ । ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାଯାଏ ଗୋବର୍ଦ୍ଧନ ପୀଠରେ ଆଦି ଶଙ୍କରାଚାର୍ଯ୍ୟଙ୍କ ସମୟରୁ ଏହି ଚିତାଲାଗି ଉତ୍ସବ ପାଳିତ ହୋଇ ଆସୁଅଛି କାରଣ ଯଯାତିକେଶରୀଙ୍କ ସମୟରେ ଆଦି ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ କ୍ରମେ ଯଯାତିକେଶରୀ ସ୍ୱର୍ଣ୍ଣପୁରରୁ ପାତାଳି ଅବସ୍ଥାରେ ଉଦ୍ଧାର କରି ଚତୁର୍ଦ୍ଧା ମୂର୍ତ୍ତିକୁ ଶଙ୍ଖନାଭି ମଣ୍ଡଳରେ ପ୍ରତିଷ୍ଠା କରାଇ ତାଙ୍କୁ ଏହି ଅମାବାସ୍ୟା ତିଥିରେ ରତ୍ନବେଦୀରେ ଠାକୁରମାନଙ୍କର ଅଭିଷେକ କରାଇ ସୁବର୍ଣ୍ଣ ହୀରା ଖଚିତ ରତ୍ନମାନ ପରିଧାନ କରାଇଥିଲେ । ସେହି ଦିନ ଠାରୁ ଏହି ଉତ୍ସବ ଚିତାଲାଗି ନାମରେ ପରିଚିତ ହୋଇ ଆସୁଅଛି ।

ସାଧାରଣ ଭାବରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ନିଜ ନିଜ ମସ୍ତକରେ ଯଥାକ୍ରମେ ଶ୍ୱେତହୀରା ଚିତା, ନୀଳମର୍କତମଣି ଚିତା ଓ ନାଲିମାଣିକ୍ୟ ଚିତା ଧାରଣ କରିଥାନ୍ତି । ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ବା ଦେବସ୍ନାନ ପୂର୍ଣ୍ଣିମା ଦିନ ଠାକୁରମାନେ ସ୍ନାନଯାତ୍ରା ପରେ ସ୍ନାନବେଦୀରୁ ଅଣସର ପିଣ୍ଡିକୁ ଫେରିବା ପରେ ଦଇତାମାନେ, ଠାକୁରମାନେ ଲଗାଇଥିବା ଚିତାଗୁଡିକୁ ବାହାର କରି ଭଣ୍ଡାର ମେକାପଙ୍କ ସୁରକ୍ଷାରେ ଦେଇଥାନ୍ତି । ରଥଯାତ୍ରା ଦିନ ରଥାରୁଢ଼ ଠାକୁରମାନେ ଏହି ଚିତାର ପ୍ରତୀକାତ୍ମକ ଭାବରେ ସୋଲ ଚିତା ଲଗାଇ ଶ୍ରୀଗୁଣ୍ଡିଚାକୁ ଯାତ୍ରା କରିଥାନ୍ତି । ବାହୁଡାରେ ଫେରି ଆସି ସୁନାବେଶ, ଅଧରପଣା ନୀତି ପରେ ନିଳାଦ୍ରୀ ବିଜେ କରିଥାନ୍ତି । ଜ୍ୟେଷ୍ଠ ପୂର୍ଣ୍ଣିମା ଠାରୁ ଶ୍ରାବଣ ଅମାବାସ୍ୟା ପର୍ଯ୍ୟନ୍ତ ଶ୍ରୀଜିଉମାନେ ସୋଲଚିତା ପରିଧାନ କରିଥାନ୍ତି । ଶ୍ରାବଣ ଅମାବାସ୍ୟା ବା ଚିତାଲାଗି ଅମାବାସ୍ୟା ଦିନ ଠାକୁରମାନଙ୍କୁ ଉକ୍ତ ଚିତାଗୁଡିକୁ ବିଧିପୂର୍ବକ ପୁନର୍ବାର ଲଗାଇ ଦିଆଯାଉଥିବାରୁ ଏହାକୁ ଚିତାଲାଗି ଅମାବାସ୍ୟା କୁହାଯାଏ ।



ଏହିଦିନ ସକାଳଧୂପ ବସିବା ସମୟରେ ଭଣ୍ଡାରମେକାପ ଭଣ୍ଡାର ଘରୁ ଚିତାଗୁଡିକୁ ଆଣି ଦେଉଳକରଣଙ୍କୁ ଦେଇଥାନ୍ତି ।

ଏହି ଚିତାଗୁଡିକୁ ପ୍ରଶାସନ ତରଫରୁ ବଣିଆକୁ ଦିଆଯାଏ । ବଣିଆ ଦେଉଳକରଣ ଓ ତଡାଉକରଣ ସମ୍ମୁଖରେ ଏହି ଚିତାଗୁଡିକୁ ରୋଷ ଅଗ୍ନିରେ ସଫା କରି ସାରିଲା ପରେ ଦେଉଳକରଣ ଚାଙ୍ଗଡା ମେକାପ ଠାରୁ ଶ୍ରୀକପଡା ଆଣି ସେଥିରେ ଏହି ଚିତାଗୁଡିକୁ ବାନ୍ଧି ମଦନମୋହନ ମୁଦ ଦେଇ ଭଣ୍ଡାର ମେକାପଙ୍କୁ ଦେବାପରେ ସେ ତାକୁ ଭଣ୍ଡାର ଘରେ ସାଇତି ରଖିଥାନ୍ତି । । ସକାଳଧୂପ ଓ ଭୋଗମଣ୍ଡପ ପୂଜା ସରିବାପରେ ପୁଷ୍ପାଳକ ସିଂହାସନ ଉପରକୁ ଚଢ଼ି ତିନିବାଡର ମଇଲମ କରିଥାନ୍ତି । ତିନିବାଡର ଝୋବାକଣ୍ଠି ମାଳକୁ କାଢ଼ି ପାଳିଆ ମେକାପ ଭଣ୍ଡାର ମେକାପଙ୍କୁ ଦେଇଥାନ୍ତି ତାପରେ ପୁଷ୍ପାଳକ ସେବକ ସିଂହାସନରୁ ଓହ୍ଲାଇ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ନେଇ ଖଟ ଶେଯ ଘରେ ବିଜେ କରାଇଥାଆନ୍ତି । ଏ ସମସ୍ତ କର୍ମ ପରେ ଦଇତାପତିମାନେ ବେହରଣ ତଳେ ଗୋଡ ଧୋଇ ସିଂହାସନ ପାଖକୁ ଯାଇଥାନ୍ତି । ସିଂହାସନ ଉପରେ ପକାଯାଇଥିବା କାଠଘୋଡାରେ ଚଢ଼ି ଠାକୁରମାନଙ୍କୁ ସୁବର୍ଣ୍ଣ ଚିତାମାନ ଲାଗି କରାଇଥାଆନ୍ତି ।

ଏହି ଚିତା ଲାଗି ଝୁଣା ଓ ରାଶିତେଲ ମିଶ୍ରଣରେ ପ୍ରସ୍ତୁତ ସ୍ୱତନ୍ତ୍ର ଅଠା (ଓସୁଅଁ) କରାଯାଏ ସେଥିରେ ପୂର୍ବରୁ ଲାଗିଥିବା ସୋଲ ଚିତାଗୁଡିକ କଢ଼ାଯାଇ ସୁବର୍ଣ୍ଣ ଚିତାମାନ ଲଗାଇ ପାଟରା ଦେଇଥିବା ପାଟଡୋରରେ ବାନ୍ଧି ତ୍ରିମୁଣ୍ଡି ତଳକୁ ଶ୍ରୀମୁଖ ଉପରକୁ ଲଲାଟରେ ଲାଗି କରାଇଥାଆନ୍ତି । ସୁବର୍ଣ୍ଣରେ ନିର୍ମିତ ଏହି ଚିତାଗୁଡିକରେ ହୀରା ନୀଳା ମାଣିକ୍ୟ ଓ ଅନ୍ୟାନ୍ୟ ରତ୍ନମାନ ସୁସଜ୍ଜିତ ରହିଥାଏ । ଶ୍ରୀଜଗନ୍ନାଥଙ୍କର ବ୍ରହ୍ମଜ୍ୟୋତି ହୀରା ଯାହା ଧଳା ରଙ୍ଗର, ଶ୍ରୀବଳଭଦ୍ରଙ୍କର ନୀଳା (ନୀଳ) ଓ ଦେବୀ ସୁଭଦ୍ରାଙ୍କର ଚିତାରେ ମାଣିକ୍ୟ (ଲାଲ) ରଙ୍ଗର ହୋଇଥାଏ । ଦଇତାମାନେ ସିଂହାସନରୁ ଓହ୍ଲାଇ ଆସିବାପରେ ପାଳିଆ ମେକାପ ସିଂହାସନ ଉପରକୁ ଉଠି ସିଂହାସନ ଧୂଆଧୋଇ କରିବାପରେ ତିନିଜଣ ପୂଜାପଣ୍ଡା ତିନିବାଡର ମହାସ୍ନାନ ବିଧି ପୂର୍ବକ ସମାପନ କରିଥାନ୍ତି । ଏହାପରେ ପାଣି ପଡି ଗମ୍ଭୀରା ଧୂଆଧୋଇ ହେଲେ ପାଳିଆ ଖୁଣ୍ଟିଆ ଡାକିଗଲେ ପୁଷ୍ପାଳକ ଆସି ଠାକୁରଙ୍କ ମଇଲମ କରିଥାନ୍ତି । ତା'ପରେ ଖଟ ଶେଯ ଘରକୁ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ହାତରେ ଅଣାଯାଇ ସିଂହାସନ ଉପରେ ବିଜେ କରାଯାଏ । ଠାକୁରମାନଙ୍କର ମଇଲମ, କର୍ପୁର ଲାଗି ଆଦି ସରିବା ପରେ ଭଣ୍ଡାର ମେକାପ ଠାରୁ ପାଳିଆ ମେକାପ ଛଅ ମୂର୍ତ୍ତି ତଡାଉ ନେଇ ପୁଷ୍ପାଳକଙ୍କୁ ଦେଲେ ସେ ତାହାକୁ ଠାକୁରମାନଙ୍କୁ ଲାଗି କରାଇବା ପରେ ମଧ୍ୟାହ୍ନ ଧୂପ ଓ ତିନିବାଡରେ ବନ୍ଦାପନା ଆଦି ନୀତି ହୋଇଥାଏ । ଏହିଦିନ ଠାକୁରଙ୍କୁ ଚିତଉ ପିଠା ଭୋଗ ହୋଇଥାଏ । ପ୍ରାୟ ଚାରିଘଣ୍ଟା ସମୟ ଲାଗିଥାଏ ଏସବୁ ଗୋପନୀୟ ନୀତିକାନ୍ତି ପାଇଁ । ତେଣୁ ମନ୍ଦିରର ସର୍ବସାଧାରଣ ଦର୍ଶନ ବନ୍ଦ ରୁହେ ଏହି ସମୟତକ । ଠାକୁରଙ୍କ ବନ୍ଦାପନା ନୀତି ପରେ ସର୍ବସାଧାରଣ ଦର୍ଶନ ପାଇଁ ଦ୍ୱାର ଖୋଲାହୁଏ । ସଂସ୍କୃତରେ ଗୋଟିଏ ଶ୍ଳୋକ ଅଛି ଯେ,



***'ଶ୍ରାବଣେ କୃଷ୍ଣପକ୍ଷେ ତୁ ଦର୍ଶନ ପ୍ରାନ୍ତେ ଶୁଭ ଦିନେ, ଲଲାଟ ଭୁଷଣଂ ଯାତ୍ରାଂ ଜଗନ୍ନାଥସ୍ୟ କାରୟେତ୍ ।'***

ଅର୍ଥାତ୍ ଶ୍ରାବଣ କୃଷ୍ଣପକ୍ଷରେ ଜଗନ୍ନାଥ ଦେବଙ୍କ ଲଲାଟ ଭୁଷଣ ଯାତ୍ରା କରାଯାଏ । କିମ୍ବଦନ୍ତୀରୁ ଜଣାଯାଏ ଯଯାତିକେଶରୀ ଠାକୁରମାନଙ୍କୁ ଆଣିବା ପରେ ଶଙ୍କରାଚାର୍ଯ୍ୟଙ୍କ ନିର୍ଦ୍ଦେଶ କ୍ରମେ ରତ୍ନବେଦୀରେ ସ୍ଥାପନ କରି ଶ୍ରାବଣ ଅମାବାସ୍ୟାରେ ଚିତାଲାଗି କରାଇଥିଲେ । ସେହି ଦିନଠାରୁ ଏହା ଚିତାଲାଗି ଅମାବାସ୍ୟା ନାମରେ ନାମିତ ହୋଇଥିଲା ।

ଅନ୍ୟ କେତେକଙ୍କ ମତରେ କୋଣାର୍କ ମନ୍ଦିରର ନିର୍ମାତା ଲାଙ୍ଗୁଳା ନରସିଂହଦେବ ଗୌଡ ରାଜ୍ୟ ଜୟ କରିବା ପରେ , ନିଜର ମାନସିକ ପୂରଣ ପାଇଁ ତିନିଠାକୁରଙ୍କୁ ଏହିଦିନ ମୂଲ୍ୟବାନ ଚିତା ଲାଗି କରାଇଥିଲେ । ସ୍କନ୍ଦ ପୁରାଣ ଅନୁସାରେ ଠାକୁରଙ୍କୁ ଏହି ଦିନ ଚିତା ଲାଗି କରାନଗଲେ ଠାକୁରଙ୍କର ବର୍ଷକ ମଧ୍ୟରେ ପାଳିତ ହେଉଥିବା ଯାତ୍ରାରୁ ମିଳୁଥିବା ପୁଣ୍ୟ କ୍ଷୟପ୍ରାପ୍ତ ହୋଇଥାଏ । ଅନ୍ୟ ମତରେ କହିବାକୁ ଗଲେ ଠାକୁର ଲଗାଇଥିବା ଚିତାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ନିମନ୍ତେ ଏପରି ଏକ ନୀତିର ପ୍ରଚଳନ କଥା ଅନୁମାନ କରାଯାଇପାରେ । ଏହି ଯାତ୍ରା ପ୍ରଭୁଙ୍କର ସୌନ୍ଦର୍ଯ୍ୟ ବଢ଼ାଏ । ପରବର୍ତ୍ତୀ ଦେବସ୍ନାନ ପୂର୍ଣ୍ଣିମା ଯାଏଁ ଲଲାଟରେ ସେମିତି ଝଟକୁଥାଏ । ମନ ଗାଇ ଉଠେ,

***'ପ୍ରଭୁ କି ସୁନ୍ଦର ଦିଶ ବସି ରତ୍ନ ସିଂହାସନ, ପାପୀମାନେ ତରିଗଲେ କରି ତୁମ୍ଭ ଦରଶନ ।'***

**ଭୁବନେଶ୍ୱର, ମୋ-୭୯୭୮୧୧୦୪୭୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଉଭୟ...

ବିରତୀ ପାଇଁ ରାଜି କରାଇଥିବା ଦାବି କରିଚାଲିଛନ୍ତି । ବିରୋଧୀ ମଧ୍ୟ ଏ ପ୍ରସଙ୍ଗରେ ଉତ୍ତର ଚାହୁଁଛନ୍ତି । ବିରୋଧୀ ଚାହୁଁଥିଲେ ଯେ ଏହି ସପ୍ତାହରେ ଆଲୋନା ହେଉ । ମାତ୍ର ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରେ ଯାଇଥିବା ଦର୍ଶାଇ ଏହାକୁ ଟାଳି ଦିଆଯାଇଥିଲା । ଅପରେସନ୍ ସିନ୍ଦୂର ସମୟରେ ୩ ସେନାର ସାମରିକ ମିଶନ ସମ୍ପର୍କରେ ଆଲୋଚନା କରାଯିବ । ସେନା ପକ୍ଷରୁ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ଆତଙ୍କୀ ଶିବିରଗୁଡ଼ିକୁ ମେ' ୭ରେ ଧ୍ୱଂଶ କରାଯାଇଥିଲା । ସେହିଭଳି ପାକିସ୍ତାନ ପକ୍ଷରୁ ମଧ୍ୟ ଭାରତର କେତେକ ସାମରିକ ବେସ୍ ଓ ନାଗରିକ କେନ୍ଦ୍ର ଉପରେ ଡ୍ରୋନ୍ ଓ ମିଶାଇଲ ଆକ୍ରମଣ କରାଯାଇଥିଲା । ଅପରେସନ୍ ସିନ୍ଦୂରରେ ଯେଉଁ ମିଶାଇଲ ଉଭୟ ପକ୍ଷରୁ ଆକ୍ରମଣ ହେଲା, କାହାର କେତେ କ୍ଷତି ହୋଇଛି ସେ ସମ୍ପର୍କରେ ମଧ୍ୟ ବିରୋଧୀ ସ୍ୱଷ୍ଟୀକରଣ ଲୋଡିଛନ୍ତି । ପୂର୍ବରୁ ଅପରେସନ୍ ସିନ୍ଦୂରକୁ ରାଷ୍ଟ୍ରର ବିଜୟ ଉତ୍ସବ ବୋଲି ପ୍ରଧାନମନ୍ତ୍ରୀ ବର୍ଣ୍ଣନା କରିସାରିଛନ୍ତି ।

## ଉପ-ରାଷ୍ଟ୍ରପତି...

୩୯୨ ଭୋଟର ଆବଶ୍ୟକତା ରହିଛି । ତେବେ ଲୋକସଭାରେ ବିଜେପି ନେତୃତ୍ୱାଧୀନ ଏନଡିଏ ସପକ୍ଷରେ ୨୯୩ ସଦସ୍ୟ ଥିବାବେଳେ ରାଜ୍ୟ ସଭାରେ ୧୨୯ ସଦସ୍ୟ ଅଛନ୍ତି । କ୍ଷମତାସୀନ ମେଣ୍ଟ ସପକ୍ଷରେ ୪୨୨ ସମର୍ଥନ ରହିଛି । ସୁବିଧାଜନକ ସ୍ଥିତିରେ ଏନଡିଏ ପ୍ରାର୍ଥୀ ରହିବା ଜଣାପଡିଛି । ସେହିଭଳି କଂଗ୍ରେସର ଲୋକସଭାରେ ୯୯ ସଦସ୍ୟ ଥିବାବେଳେ ରାଜ୍ୟସଭାରେ ୨୭ ସଦସ୍ୟ ଅଛନ୍ତି । ବିରୋଧୀ ମେଣ୍ଟ ଇଣ୍ଡିଆର ମୋଟ୍ ସଦସ୍ୟଙ୍କ ସଂଖ୍ୟା ୩୫୦ ରହିଛି ।

## ଉତ୍କଳ...

ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ଦର୍ଶାଇଥିଲେ ଯେ, ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର୍ ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ୨୦୨୪ ନଭେମ୍ବର ୨୩ରେ ସମ୍ପୂର୍ଣ୍ଣ ହେବାପରେ କୁଳାଧିପତି (ଚାନସେଲର) ତାଙ୍କର କାର୍ଯ୍ୟକାଳ ଛଅମାସ ବୃଦ୍ଧି କରିଥିଲେ। ତାଙ୍କର ବର୍ଦ୍ଧିତ କାର୍ଯ୍ୟକାଳ ଗତ ମେ' ୨୩ ରେ ଶେଷ ହେଲାପରେ କୁଳାଧିପତି ଉତ୍କଳ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗର ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ଭାବରେ ମେ' ୨୭ ରେ ନିଯୁକ୍ତି ଦେଇଥିଲେ। କିନ୍ତୁ କୌଣସି କାରଣବଶତଃ ସ୍ଥାୟୀ କୁଳପତି ନିଯୁକ୍ତି ସମ୍ଭବ ନହେଲେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁସାରେ ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେବାର ପ୍ରାବଧାନ ରହିଛି। ତେଣୁ କୁଳାଧିପତିଙ୍କ ଦ୍ୱାରା ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ବେଆଇନ ହୋଇଥିବାରୁ ଏହାକୁ ରଦ୍ଦ କରି ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁସାରେ ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେବାକୁ କୁଳାଧିପତିଙ୍କୁ ଆଦେଶ ଦେବାକୁ ପ୍ରାର୍ଥନା କରାଯାଇଥିଲା। ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଏଜି ପୀତାମ୍ବର ଆଚାର୍ଯ୍ୟ ଭାରପ୍ରାପ୍ତ କୁଳପତିଙ୍କ ନିଯୁକ୍ତି ରଦ୍ଦ ସଂକ୍ରାନ୍ତ ନିଆଯାଇଥିବା ନିଷ୍ପତ୍ତି ସଂକ୍ରାନ୍ତରେ ଅଦାଲତଙ୍କୁ ଅବଗତ କରିବା ପରେ ମାମଲାର ଅନ୍ତ ଘଟିଛି। ଆବେଦନକାରୀ ଶ୍ରୀ ଦାସ ନିଜେ ମାମଲା ପରିଚାଳନା କରୁଥିଲେ।

## ଆପୋଷ...

ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ଫେବୃୟାରୀ ମାସରେ ରାଜସ୍ଥାନରେ ହୋଇଥିବା ସର୍ବଭାରତୀୟ ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀମାନଙ୍କର ସମ୍ମିଳନୀ ଅବସରରେ ଏବଂ ମାର୍ଚ୍ଚ ମାସରେ ଭୁବନେଶ୍ୱରରେ ହୋଇଥିବା ବିଶ୍ୱ ଜଳଦିବସ ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ଏ ବିଷୟରେ ଆଲୋଚନା ହୋଇଥିଲା । ଉଭୟ ମୁଖ୍ୟମନ୍ତ୍ରୀ ଏହାର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ ।

ଏହା ସହିତ ଦୁଇ ରାଜ୍ୟର ଉଚ୍ଚସ୍ତରୀୟ ପଦାଧିକାରୀ ମାନଙ୍କ ମଧ୍ୟରେ ଏ ସମ୍ପର୍କରେ ଆଲୋଚନା ଜାରି ରହିଛି ବୋଲି ବୈଠକରୁ ଜଣାଯାଇଛି ।

ବୈଠକରେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଓ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ ।

## ସୁନା...

ତାଙ୍କ ସ୍ତ୍ରୀ ନିଜକୁ ବଡ଼ଧରଣର ସୁନା ବ୍ୟବସାୟୀ ବୋଲି ପରିଚୟ ଦେବା ସହ ତାଙ୍କ ପାଖରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅନୁମତି ଥିବା ଏତଲାକାରୀଙ୍କୁ କହିଥିଲେ । ତାଙ୍କ କଥାରେ ବିଶ୍ୱାସ କରି ସୁନା ବ୍ୟବସାୟ ପାଇଁ ଏତଲାକାରୀ ଟଙ୍କା ବିନିଯୋଗ କରିଥିଲେ । ଏତଲାକାରୀ ୫.୬ କୋଟି ଟଙ୍କା ବ୍ୟାଙ୍କ ମାଧ୍ୟମରେ ଦେଇଥିବା କଥା କହିଛନ୍ତି । ୨୦୨୨-୨୩ ମସିହା ମଧ୍ୟରେ ଟଙ୍କା ଦେଇଥିଲେ ମଧ୍ୟ ସେ ଟଙ୍କା ଫେରାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ଏତଲାକାରୀଙ୍କ କହିବା ଅନୁଯାୟୀ ୫ କୋଟି ୬୦ ଲକ୍ଷ ଟଙ୍କା ଲାଭ ସହିତ । ୨୦୨୫ ମସିହା ପର୍ଯ୍ୟନ୍ତ ସେ ଟଙ୍କା ଫେରାଇଲେ ନାହିଁ । ଅଭିଯୁକ୍ତ ରମେଶ ତାଙ୍କ ମୋବାଇଲକୁ ସ୍ୱିଚ୍ଅଫ୍ କରି ରଖିବା ସହ ଏତଲାକାରୀଙ୍କୁ ଧରାଛୁଆଁ ଦେଲେ ନାହିଁ । କେବଳ ତାଙ୍କଠାରୁ ନୁହେଁ ଅନ୍ୟ ୧୫ ଜଣଙ୍କଠାରୁ ୭ କୋଟି ଟଙ୍କା ଠକି ନେଇଥିବା ଜଣାପଡ଼ିଛି । ଏତଲାକାରୀ ଭୋଳାନାଥଙ୍କୁ ଛାଡ଼ି ଅନ୍ୟ ୧୦ ଜଣ ବୁଧବାର ଦିନ କମିଶନରଙ୍କୁ ଭେଟି ସେମାନେ ଠକେଇର ଶିକାର ହୋଇଥିବା କହିଛନ୍ତି । ଅଭିଯୁକ୍ତ ରମେଶ ଚନ୍ଦ୍ର ମାଝୀଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲେ ମଧ୍ୟ ତଦନ୍ତ ଜାରି ରହିଛି । ଦମ୍ପତି କେତେ ଲୋକଙ୍କଠାରୁ କେତେ କୋଟି ଟଙ୍କା ଠକିଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ । ତଦନ୍ତ ଆଗକୁ ବଢ଼ିଲେ ଠକେଇର ପରିମାଣ ବଢ଼ିପାରେ ବୋଲି କୁହାଯାଉଛି ।

## ଭିଜିଲାନ୍ସ...

ଦୁଇଟି ପ୍ଲଟ୍ ଠାବ ହୋଇଥିବା ଭିଜିଲାନ୍ସ କହିଛି । ଏଥିସହ ୪୬୦ ଗ୍ରାମ ସୁନା ଅଳଙ୍କାର, ଜମାରାଶି ୮୦ ଲକ୍ଷ, କାର୍ ଓ ଦେଶୀ ବନ୍ଧୁକ ତାଙ୍କ ଘରୁ ଠାବ ହୋଇଥିବା ଭିଜିଲାନ୍ସ କହିଛି । ନଗଦ ଟଙ୍କା ଓ ଗୃହ ଉପକରଣ ମିଶି ୭ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି । ଭିଜିଲାନ୍ସ ଟେକ୍ନିକାଲ ଟିମ୍ ଆକଳନ କରିଛନ୍ତି, ଠାବ ହୋଇଥିବା ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ପ୍ରକୃତ ମୂଲ୍ୟ କେତେ କୋଟି ଟଙ୍କା ହେବ ?

## ଏନ୍‌ସିଆରଟି...

ଦିଆଯାଇଛି । ଦ୍ୱିତୀୟ ଖଣ୍ଡରେ ଭାରତବର୍ଷର ପ୍ରମୁଖ ଆଞ୍ଚଳିକ ବିଦ୍ରୋହ ବିଶେଷତଃ ଓଡ଼ିଶାର ପାଇକ ବିଦ୍ରୋହ ବିସ୍ତୃତ ଭାବେ ସ୍ଥାନ ପାଇବ। ଏହା ଫଳରେ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ଆମ ଦେଶର ଗୌରବମୟ ଇତିହାସ ସହ ଆଞ୍ଚଳିକ ବିବିଧତାର ବୈଶିଷ୍ଟ୍ୟ ବିଷୟରେ ଅବଗତ ହୋଇପାରିବେ । ତେଣୁ ପାଇକ ବିଦ୍ରୋହ ବାଦ୍ ପଡ଼ିଛି ବୋଲି ଉଠୁଥିବା ଚର୍ଚ୍ଚାକୁ ଆଦୌ ସତ୍ୟ କି ତଥ୍ୟ ଆଧାରିତ ଭାବେ ଗ୍ରହଣ ନ କରିବାକୁ ପରିଷଦ ପକ୍ଷରୁ ସ୍ୱଷ୍ଟୀକରଣ କରାଯାଇଛି ।

## ଆଜିଠୁ...

୨୪ ଘଣ୍ଟା ମଧ୍ୟରେ ଲଘୁଚାପର ରୂପ ନେବ । ଏହାର ପ୍ରଭାବରେ ଆସନ୍ତାକାଲି (ଗୁରୁବାର)ଠାରୁ ବର୍ଷା ଆରମ୍ଭ ହେବ । ମୟୂରଭଞ୍ଜ, କେନ୍ଦୁଝର, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଏଥିସହ ସୁନ୍ଦରଗଡ଼, ଦେବଗଡ଼, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବାକି ଜିଲ୍ଲାଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଆକଳନ କରାଯାଇଛି ।

୨୫ ତାରିଖରେ ମାଲକାନଗିରି ଓ କେନ୍ଦୁଝର ଜିଲ୍ଲାକୁ ଭୀଷଣ ବର୍ଷା ନେଇ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୁଳ, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ସୁନ୍ଦରଗଡ଼ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଦେବଗଡ଼, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ସମ୍ବଲପୁର, ବୌଦ୍ଧ, ସୋନପୁର, ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

୨୬ ଓ ୨୭ ତାରିଖ ଦୁଇଦିନ ଧରି ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ମାଲକାନଗିରି, କୋରାପୁଟ ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ନିମନ୍ତେ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ତିନି ଦିନ ସମୁଦ୍ର ଅଶାନ୍ତ ରହିବା ଯୋଗୁଁ ଏହା ମଧ୍ୟକୁ ପ୍ରବେଶ ନକରିବା ପାଇଁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ବିହାରର...

ଯେ ଏସଆଇଆର୍ହେଉଛି ତାଙ୍କର ସାମ୍ବିଧାନିକ କର୍ତ୍ତବ୍ୟ । କୋର୍ଟରେ ଏହି ମାମଲା ପଡିଛି । ସମଗ୍ର ପ୍ରକ୍ରିୟା ଉପରେ ଜବାବ ସୁଆଲ କରାଯାଉଛି । ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ ସଂଶୋଧନ ଆଳରେ କିଛି ନିର୍ଦ୍ଦିଷ୍ଟ ଭୋଟରଙ୍କୁ କଟା ଯାଉଛି ଓ ଆଉକିଛି ଜଣଙ୍କୁ ଚିହ୍ନଟ କରାଯାଉଛି । ଚିଠା ଭୋଟର ତାଲିକା ଯାହା ଘୋଷଣା ହୋଇଛି ତାହା ଦେହରେ ୫୨ ଲକ୍ଷ ଲୋକଙ୍କ ନାମ ନାହିଁ । କମିଶନ କହିଛନ୍ତି ଯେ ଯେଉଁମାନେ ମୃତ୍ୟୁବରଣ କରିଛନ୍ତି କମ୍ବା ଅନ୍ୟ ସ୍ଥାନକୁ ଯାଇଛନ୍ତି ଓ ଯାହାର ନାମ ଦୁଇଟି ନିର୍ବାଚନମଣ୍ଡିଳିରେ ରହିଛି ସେମାନଙ୍କୁ ବାଦ୍ ଦିଆଯାଇଛି । କଂଗ୍ରେସ ସାଂସଦ ମନୋଜ ତିୱାରି କହିଛନ୍ତି ଯେ ପୂର୍ବରୁ କେବେ ଏତେ ସଂଖ୍ୟକ ଲୋକଙ୍କ ନାମ କଟିବା ସେ ଦେଖିନଥିଲେ । ଏହା ଗଣତନ୍ତ୍ରକୁ ହତ୍ୟା କରିବା ପାଇଁ ଉଦ୍ୟମ । ହରିୟାଣା ଓ ମହାରାଷ୍ଟ୍ରରେ ଏଭଳି କରାଯାଇଥିଲା । ଆମେ ଏହାର ପ୍ରତିବାଦରେ ସମସ୍ତଙ୍କ ଦ୍ୱାରକୁ ଯାଇଥିଲୁ । ସାଂସଦ ଗୌରବ ଗୋଗୋଇ କହିଛନ୍ତି ଯେ ବିହାରରେ ଏହା ଭୋଟ୍ ବନ୍ଦୀ କରାଯାଉଛି । ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହମତିରେ ଏଭଳି ହେଉଛି ।

## ରାଜ୍ୟରେ...

ବାଣିଜ୍ୟିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର ସୁରକ୍ଷା ଜରୁରୀ ହୋଇପଡ଼ିଛି । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହୁରି ଦୁଇଟି ବାଟାଲିଅନ ଗଠନକୁ ମଞ୍ଜୁରୀ ଦେଇଛନ୍ତି ।

ରାଜ୍ୟରେ ଓଆଇଏସଏଫରେ ଗୋଟିଏ ବାଟାଲିୟନ କାର୍ଯ୍ୟରତ ଥିଲା । ଏହାର ସମୁଦାୟ ପଦବୀ ସଂଖ୍ୟା ୧୮୦୭ । ମୁଖ୍ୟମନ୍ତ୍ରୀ ଚଳିତବର୍ଷ ଗତ ଏପ୍ରିଲରେ ଗୋଟିଏ ନୂଆ ବାଟାଲିଅନ ସୃଷ୍ଟି କରିଥିଲେ । ଏହାଦ୍ୱାରା ସମୁଦାୟ ୨ଟି ବାଟାଲିୟନ କାର୍ଯ୍ୟ କରୁଥିଲା ଏବଂ ଏହି ୨ଟି ବାଟାଲିଅନର ପଦବୀ ସଂଖ୍ୟା ୨୮୪୭ ଥିଲା । ତୃତୀୟ ଓ ଚତୁର୍ଥ ବାଟାଲିଅନ ସୃଷ୍ଟି ହେବା ପରେ "ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ'ରେ ସମୁଦାୟ ପଦବୀ ସଂଖ୍ୟା ୪୯୨୭ ପଦବୀ ସୃଷ୍ଟି ହେଲା ।

## ଗୋଦରେଜ୍‌ର ଏଆଇ ପାୱାର୍ଡ ଫ୍ରଣ୍ଟ ଲୋଡିଂ ୱାସିଂ ମେସିନ୍

ଭୁବନେଶ୍ୱର: ଗୋଦରେଜ୍‌ର ଏଆଇ ପାୱାର୍ଡ ଫ୍ରଣ୍ଟ ଲୋଡିଂ ଲୋଡିଂ ୱାସିଂ ମେସିନ୍ ଏହାର ଉନ୍ନତ ପ୍ରଯୁକ୍ତି ଓ ଆକର୍ଷଣୀୟ ଡିଜାଇନ୍‌ଜରିଆରେ "ଲଣ୍ଡ୍ରି କେୟାର'କୁ ପୁନଃନିର୍ଦ୍ଧାରିତ କରିଥିବା ବେଳେ ତାହା ଉତ୍କୃଷ୍ଟ ସଫା କରିବା ପ୍ରକ୍ରିୟା ପୋଷାକରେ ନୂତନତ୍ୱକୁ ବଜାୟରଖିଛି । ଫଳରେ ପ୍ରତି ଥର ସଫା କରିବା ପରେବି ଏହା ସର୍ବଦା ନୂଆ ପୋଷାକ ଭଳି ରହୁଛି । ଏହି ବର୍ଗମାଳା ୬.୫ କେଜିରୁ ୧୦କେଜି କ୍ଷମତାରେ ଉପଲବ୍ଧ ହେଉଥିବା ବେଳେ ଏହାକୁ ବିଭିନ୍ନ ଅଂଚଳ ଓ ପାଣିପାଗ ସ୍ଥିତି, ପରିବାର ଆକାର ଓ ସଫା କରିବା ଅଭ୍ୟାସଅନୁସାରେ ଗ୍ରାହକମାନଙ୍କ ଆବଶ୍ୟକତା ଓ ପସନ୍ଦକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି ।ଏହି ମେସିନ୍‌ଗୁଡ଼ିକରେ ଏଆଇ ପାୱାର୍ଡ ପ୍ରଯୁକ୍ତି ଯାହା ବୁଦ୍ଧିମାନର ସହ ସଫା କରିବାରେ ଉନ୍ନତି ଆଣି ଏହାର ସ୍ମାର୍ଟ ଲୋଡ୍ ଚିହ୍ନଟଏବଂ ଜଳ ସ୍ତର ଆଡଜଷ୍ଟମେଣ୍ଟ ସୁବିଧା ଜରିଆରେ ପୋଷାକର ଉତ୍କୃଷ୍ଟ ଯନି ସହ କାର୍ଯ୍ୟ ସମ୍ପାଦନ କରୁଛି ।

## ଓଡ଼ିଶା ଡିସ୍‌କମ୍ ଦ୍ୱାରା ୪୦ ହଜାର ନୂତନ ଟ୍ରାନ୍ସଫର୍ମର ସ୍ଥାପନ

ଭୁବନେଶ୍ୱର: ଗତ ପାଂଚ ବର୍ଷ ଧରି ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ ରାଜ୍ୟର ବିଦ୍ୟୁତ୍ ବଂଟନ କ୍ଷେତ୍ରରେଉଲ୍ଲେଖନୀୟ ରୂପାନ୍ତରଣ କରାଯାଇ ଶକ୍ତି ଭରସାଯୋଗ୍ୟତା, ସମସ୍ତଙ୍କ ପାଖରେ ବିଦ୍ୟୁତ୍ ପହଂଚାଇବା ଓ ଭବିଷ୍ୟତ ପାଇଁ ପ୍ରସ୍ତୁତଭିତ୍ତିଭୂମି ପାଇଁ ଦୃଢ଼ ମୂଳଦୁଆ ସ୍ଥାପନ କରାଯାଇଛି । ଏହି କ୍ରମରେ ଚାରିଟି ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ ପ୍ରାୟ ୪୦୦୦୦ରୁ ଅଧିକଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି ।ଏହି ବ୍ୟାପକ ଧରଣର କ୍ଷମତା ବୃଦ୍ଧି ଭୋଲଟେଜ୍‌ରେ ସ୍ଥିରତା ଆଣିବା, ବୈଷୟିକ କ୍ଷତିରେ ହ୍ରାସ ଏବଂ ଉଭୟ ଗ୍ରାମୀଣ ଓସହରାଂଚଳରେ ବିଦ୍ୟୁତ୍ ଯୋଗାଣର ଗୁଣାତ୍ମକ ମାନରେ ଉନ୍ନତି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହା ପିକ୍‌ସମୟରେ ଉନ୍ନତ ଲୋଡ୍ ପରିଚାଳନା, ସ୍ଥାନୀୟ ଓଭରଲୋଡିଂକୁ ରୋକିବା ଏବଂ ନୂତନ ଭାବେ ବିଦ୍ୟୁତ ସଂଯୋଗ ପ୍ରଦାନକରାଯାଉଥିବା ଏବଂ ଉଚ୍ଚ ଅଭିବୃଦ୍ଧି ଅଂଚଳରେ ଭରସାଯୋଗ୍ୟ ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିଛି ।

## ପତ୍ରପଡା ଆଶ୍ରମ ବିଦ୍ୟାଳୟରେ ଝାଡ଼ାବାନ୍ତି : ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ଠାକୁରମୁଣ୍ଡା, ୨୩ ।୭ (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ପତ୍ରପଡା ଆଶ୍ରମ ବିଦ୍ୟାଳୟରେ ଝାଡ଼ାବାନ୍ତିରେ ୩୦ରୁ ଉର୍ଦ୍ଧ୍ୱର୍ ଛାତ୍ର ଛାତ୍ରୀ ଆକ୍ରାନ୍ତ । ସମସ୍ତେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତିହୋଇଛନ୍ତି । ଏମାନଙ୍କ ମଧ୍ୟରୁ ଗୁରୁତର ଥିବା ସର୍ଣ୍ଣଲତା ଡାଙ୍ଗିଲ, ଚାନ୍ଦିନୀ ହୋଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ମଙ୍ଗୁଲୁ ସୟ, ଶୁଭଶ୍ରୀ ମଢେଇ,ଦେଓଲା ମାରାଣ୍ଡି,କାଇରି କାଲୁଣ୍ଡିଆ , ଲକ୍ଷ୍ମୀରାଣୀ ହାଇବ୍ରୁ, ପ୍ରତାପ ହୋ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟ ରେ ଚିକିତ୍ସିତ ହେଉଛନ୍ତି । ଖବର ପାଇ ଠାକୁରମୁଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶର ବେହେରା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ପହଞ୍ଚି ଛାତ୍ରଛାତ୍ରୀମାନଙ୍କ ଚିକିତ୍ସା ଖବର ପଚାରି ବୁଝିଥିବା ବେଳେ ମୟୁରଭଞ୍ଜ ଜିଲ୍ଲାପାଳ । ମଧ୍ୟ ବୁଧବାର ଅପରାହ୍ନରେ ଡ଼ାକ୍ତରଖାନାକୁ ଆସି ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି । ତେବେ କେଉଁ କାରଣରୁ ଝାଡାବାନ୍ତି ବ୍ୟାପିଲା ତାର କାରଣ ଅନୁସନ୍ଧାନ କରାଯାଉଛି ।

## ଏସବିଆଇକୁ ବିଶ୍ୱର ଶ୍ରେଷ୍ଠ ଉପଭୋକ୍ତା ବ୍ୟାଙ୍କ ମାନ୍ୟତା

ଭୁବନେଶ୍ୱର: ଦେଶର ସର୍ବବୃହତ ବ୍ୟାଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କକୁ ଗ୍ଲୋବାଲ ଫାଇନାନ୍ସ ପତ୍ରିକା ପକ୍ଷରୁ ୨୦୨୫ପାଇଁ ବିଶ୍ୱର ଶ୍ରେଷ୍ଠ ଉପଭୋକ୍ତା ବ୍ୟାଙ୍କ ମାନ୍ୟତା ପ୍ରଦାନ କରାଯାଇଛି । ସାରା ବିଶ୍ୱର କର୍ପୋରେଟ ଫାଇନାନ୍ସ ଏକଜିକ୍ୟୁଟିଭ, ଆନାଲିଷ୍ଟ ଓ ବ୍ୟାଙ୍କରମାନଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ କରାଯାଇଥିବା ବ୍ୟାପକ ଗବେଷଣା ଓ ଅନୁଶୀଳନ ଆଧାରରେ ଏହି ମାନ୍ୟତା ପ୍ରଦାନ କରାଯାଇଛି । ଆଇଏମଏଫ/ ବିଶ୍ୱବ୍ୟାଙ୍କ ବାର୍ଷିକ ବୈଠକ ଉପଲକ୍ଷେ୨୦୨୫ ଅକ୍ଟୋବର ୧୮ରେ ୱାସିଂଟନରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ବିଶ୍ୱ ଶ୍ରେଷ୍ଠ ବ୍ୟାଙ୍କ କାର୍ଯ୍ୟକ୍ରମରେଏସବିଆଇ ଅଧ୍ୟକ୍ଷ ଶ୍ରୀ ସି ଏସ ସେଟିଙ୍କୁ ଗ୍ଲୋବାଲ ଫାଇନାନ୍ସ ପତ୍ରିକା ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯିବ ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-TELE-ZONAL-KDJR-481, ତା.17.07.2025ରିଖ

**କାର୍ଯ୍ୟର ନାମ :** ଏକ ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର ଦୂରସଂଚାର / କେନ୍ଦୁଝରଗଡ଼ ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ :** ₹ 48,72,773.09, EMD : ₹ 97,500/-

ବିଡ୍ ଆରମ୍ଭ ହେବା ତାରିଖ : ତା.25.07.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.08.2025ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦସ୍ତାବିଜ ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନା ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-391/O/25-26

**AFFIDAVIT**

By virtue of an affidavit sworn before the Executive Magistrate, Rairakhol, dated. 16.07.2025 I, Enjilina Kerketa, D/o- Rajesh Kerketa, At- Satyanandapali @ Gayalchara, P.O.- Mochibahal, P.S.- Charmal, Dist - Sambalpur, Odisha, Pin-768105 declare that I have changed my name from Angilina Kerketa to Enjilina Kerketa. Henceforth, I shall be known as Enjilina Kerketa for all purposes.

Enjilina Kerketa (New Name)

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, dated 27/02/2025. I Gayatri Swain At - Khasapa Badasahi , Po- Thuruburai , Ps- Sergarh , Dist- Ganjam , Odisha, Pin-761146 declare that I have changed My name from Sabita Swain to Gayatri Swain .Henceforth I shall be known as Gayatri Swain for all future purposes.

Gayatri Swain

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, dated 27/02/2025. I Srikanta Swain At - Khasapa Badasahi , Po- Thuruburai , Ps- Sergarh , Dist- Ganjam , Odisha, Pin-761146 declare that I have changed My name from Babu Swain to Srikanta Swain .Henceforth I shall be known as **Srikanta Swain** for all future purposes.

Srikanta Swain

**AFFIDAVIT**

By virtue of an affidavit sworn before Notary Public, Kendrapara , dated 22/07/2025 I ,Annapurna Mishra, W/o Prakash Chandra Sahoo, Vill-Julukipada, Po-Sukarapada, PS- Nischintakoili, Dist-Cuttack, Pin-754209 declare that I have changed my daughter's name from Priyadarshani Sahoo to Mamata Sahoo. Henceforth, She shall be known as Mamata Sahoo for all purposes.

Sd/- Annapurna Mishra

**AFFIDAVIT**

By virtue of an affidavit sworn before Notary Public ,Kendrapara , dated 22/07/2025 I ,Biswamohan Das, S/o Late Damodar Das, Vill-Dumukahat, Po-Derabish, PS- Derabish, Dist-Kendrapara, Pin-754289 declare that I have changed my son's name from DK Vaibhab to Vaibhab Das. Henceforth, he shall be known as Vaibhab Das for all purposes.

Sd/- Biswamohan Das

**AFFIDAVIT**

By virtue of an affidavit sworn before Notary Public ,Kendrapara , dated 22/07/2025 I ,Dillip Kumar Barik, S/o Late Purusottam Barik, Vill-Chasakhanda, Po-Derabish, PS- Derabish, Dist-Kendrapara, Pin-754289 declare that I have changed my son's name from Dayananda Barik to Nirendra Barik. Henceforth, he shall be known as Nirendra Barik for all purposes.

Sd/- Dillip Kumar Barik

**AFFIDAVIT MINOR**

By virtue of an affidavit sworn before Notary Public ,Kendrapara , dated 09/07/2025 I ,Laxmidhar Rout, S/o Akshaya Kumar Rout, Vill-Barabatia, Po-Baghilobabanpur, PS-Derabish, Dist-Kendrapara, Pin-754208 declare that I have changed my daughter's name from Priya Sahu to Rudrakhee Rout.Henceforth, she shall be known as Rudrakhee Rout for all purposes.

Sd/- Laxmidhar Rout

**AFFIDAVIT MINOR**

By virtue of an affidavit sworn before Notary Public ,Kendrapara , dated 09/07/2025 I ,Laxmidhar Rout, S/o Akshaya Kumar Rout, Vill-Barabatia, Po-Baghilobabanpur, PS-Derabish, Dist-Kendrapara, Pin-754208 declare that I have changed my son's name from Ishan Sahu to Ashutosh Rout.Henceforth, he shall be known as Ashutosh Rout for all purposes.

Sd/- Laxmidhar Rout

**AFFIDAVIT MINOR**

By virtue of an affidavit sworn before Notary Public ,Kendrapara, dated 21/07/2025 I ,Ranjit Kumar Jena, S/o Prashant Kumar Jena, Vill-Paramahansa, Po-Paramahansa, PS-Kandarpur, Dist-Cuttack, Pin-754100 declare that I have changed my daughter's name from Sonali Jena to Swatismita Jena.Henceforth, she shall be known as Swatismita Jena for all purposes.

Sd/- Ranjit Kumar Jena

Email mechanicaldivision0417@gmail.com

**GOVERNMENT OF ODISHA. DEPARTMENT OF WATER RESOURCES**

**OFFICE OF THE SUPERINTENDING ENGINEER, MECHANICAL DIVISION, BRAHMAPUR**

A-421

**E-Procurement Notice No-04/ 2025-26**

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : SE-MDB -04/2025-26 |
| 5. | Estimated Cost | : Rs.8,79,425.23 |
| 6. | Period of Completion | : 30 days |
| 7. | Date & time of availability of bid Documents in the Portal | : From dt.24.07.2025 (11.00 AM) to dt 01.08.2025(5.30 PM) |
| 8. | Last date/ time for receipt of bid In the Portal | : dt.01.08.2025 (up to 5.30 PM) |
| 9. | Date and Place of opening of Technical Bid | : dt.02.08.2025 (1.00 P.M onwards in O/o the undersigned) |
| 10 | Date and Place of opening of Financial Bid | : To be intimated to the qualified Bidders after evaluation of Technical Bid. |
| 11 | Name and address of the O.I.T | : Superintending Engineer, Mechanical Division, Brahmapur 760007 |

Further details can be seen from the e-procurement portal, https://tendersodisha.gov.in. Any further Addenda, Corrigenda, or cancellation Notice shall be uploaded to the aforesaid website only.

Sd/- Superintending Engineer, Mechanical Division, Brahmapur

OIPR : 32401/11/0005/2526

**GOVT. OF ODISHA**

**DEPARTMENT OF PANCHAYATI RAJ & DRINKING WATER**

**OFFICE OF THE PANCHAYAT SAMITI, JAMANKIRA, SAMBALPUR**

Email ID:- ori-jamankira@nic.in

I-235

**'E'- PROCUREMENT NOTICE NO:-04/BDO JAMANKIRA/2025-26 DATED 22/07/2025**

| | | | |
|---|---|---|---|
| 1 | Name of work | : | Construction of Block Conference Hall & Block Office Building as per DTCN |
| 2 | Tender Cost | : | Rs 25 42 lakhs & 16 94 lakhs as per DTCN |
| 3 | Class of contractor | : | D & C as per DTCN |
| 4 | Period of completion | : | 4 months |
| 5 | Date and time of availability of bid documents in the portal | : | 23 07 2025 , 10 00AM |
| 6 | Last date/Time for receipt of bids in the portal | : | 02 08 2025. 05 00PM |
| 7 | Last date/Time to receive offline documents through Drop Box only | : | 04 08 2025 04 00 PM |
| 8 | Date and time of opening of bid | : | 05.08 2025, 11:00 AM |
| 9 | Name and address of the Officer Inviting Bid | : | Block Development Officer, Jamankira, O/O Panchayat Samiti, Jamankira, Sambalpur |

Further details can be seen from the Govt, web site www.tendersodisha.gov.in.

OIPR : 19442/11/0004/2526

Sd/- Block Development Officer, Jamankira

**GOVERNMENT OF ODISHA**

**WATER CORPORATION OF ODISHA**

**OFFICE OF THE GENERAL MANAGER, WATCO DIVISION, SAMBALPUR.**

Email ID : gmwatcosbp@gmail.com

www.watcoodisha.in

C-724

**NOTICE INVITING TENDERS**

**NATIONAL COMPETITIVE BIDDING THROUGH e-Procurement**

**Bid Identification No. GMWATCOSBP-08/2025-26 Dt. 22.07.2025**

| | | |
|---|---|---|
| 1. | Name of the Work | : 1 no. work |
| 2. | Type of Bid. | : Single Bid System |
| 3. | Estimated Cost | : Rs. 41.13 lakh |
| 4. | Period of Completion | : 1 (One) Calendar Month. |
| 5. | Date & Time of availability of bid document in the portal | : From 11.00 AM of dt. 25.07.2025 to 5.00 PM of 05.08.2025 |
| 6. | Last date / time of receipt of bids in the portal | : 5.00 PM of 05.08.2025. |
| 7. | Date & Time of opening of technical bids | : At 11.30 AM of 06.08.2025. |
| 8. | Name and Address of the Officer Inviting Bid | : General Manager, WATCO Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768001. |

Further details can be seen from the web site http://tenders.ori.nic.in or www.tendersorissa.gov.in

Sd/- General Manager, WATCO Division, Sambalpur

OIPR : 13247/11/0020/2526

**ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା**

**OFFICE OF THE NOTIFIED AREA COUNCIL, KUCHINDA**

At/Po-Kuchinda, Dist-Sambalpur, Odisha, Pin-768222, Phone : (06642) 220060

Email : kuchinda_nac@yahoo.com, Website : www.nackuchinda.in

C-733

**COMPETITIVE BIDDING THROUGH e-Procurement**

**NOTICE INVITING TENDER**

No. 1861/NAC, Date : 21.07.2025

**Bid Reference No. KCDA/NAC-2/2025-26**

On behalf of the Kuchinda NAC , on-line e-tender Rate Bids under two Bids system i.e. Technical Bid & Financial Bid from intending experienced, financial sound registered & authorized Manpower Service Provider Agency/Firms/Trust/NGOs having similarnature of work experience of at last Ten (10) years (count of experience i.e valid PAN Card and Registration Certificate) for outsourcing the service of manpower to Sanitation Works including collection of solid waste from Door to Door, Road sweeping, Drain Cleaning, Bush Cutting from Kuchinda NAC area on the terms & conditions mentioned in the tender document. Further details canalso be seen from the Website i.e. https://tendersodisha.gov.in. In case of any addendum /corrigendum/ cancellation/ clarification/ extension regarding this tender, the same will be published in the above-mentioned official websites only.

1. Total No. of works for which Tenders invited: 01 No.
2. Place of Execution: Kuchinda NAC
3. Estimated Cost of Individual Work:
4. Eligible Class of Contractors: Eligible Intending Registered & Financially Sound Manpower Service Provider Agency/Firms/ Trust/ N.G.Os having similar nature of work experience of at least Ten year and fulfilling the other criteria as given in the D.T.C.N.
5. Intending bidders have to participate through "On-Line" bidding only. The website for online bidding is www.tendersodisha.gov.in.
6. The bid documents will be available in the above website from 11.00 A.M on Dt. 24.07.2025 to 5.30 P.M on 07.08.2025 for online bidding.
7. Bids received online will be opened at 11.00 A .M on 08.08.2025
8. The bidder must possess valid and compatible Digital Signature Certificate (DSC).
9. The DTCN for 01 Nos. of works shall be available in the e-procurement portal www.tendersodisha.gov.in for on-line bidding.

Sd/- Executive Officer, Notified Area Council, Kuchinda

OIPR : 13121/11/0015/2526

**GOVERNMENT OF ODISHA**

**OFFICE OF THE CHIEF CONSTRUCTION ENGINEER**

**RURAL WORKS CIRCLE, RAYAGADA**

O-482

Email ID-ccerwcrayagada@gmail.com

Letter No. 1510 / Date : 23.07.2025

**1st Corrigendum**

In Continuation to this office bid identification No. NCB-12/ RWCRGDA/ 2025-26 invited vide this office letter No-1255 dated-23.06.2025 partial modification of TCN has been made as follows:

The Sl. No. 04 for the work "Construction and Maintenance of Lalibi to Dumupadu Road in the district of Rayagada under MMSY-Transferred Road Improvement Programme (MMSY-TRIP) for the year 2024-25" is hereby cancelled due to unavoidable circumstances.

All other terms & conditions will remain unchanged.

Sd/- Chief Construction Engineer, Rural Works Circle, Rayagada

OIPR : 25196/11/0023/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଅନାସ୍ଥା ବିଜେଡ଼ି ଆଣୁ , ନଚେତ୍ କଂଗ୍ରେସ ଆଣିବ



ଭୁବନେଶ୍ୱର,(ସବ୍ୟୁ): ରାଜ୍ୟବ୍ୟାପୀ ହେଉଥିବା ନାରୀ ଅନ୍ୟାୟ ଏବଂ ଅତ୍ୟାଚାର ବିରୋଧରେ କଂଗ୍ରେସ ଦଳର ଅବିରାମ ସଂଗ୍ରାମ ପରିପ୍ରେକ୍ଷୀରେ ବୁଧବାର କଂଗ୍ରେସ ଭବନ ଠାରେ ପିସିସି ସଭାପତିଙ୍କ ଆବାହନ କ୍ରମେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ପ୍ରମୁଖ ନାରୀ ନ୍ୟାୟ ଆନ୍ଦୋଳନ ଏକ ସନ୍ତୋଷଜନକ ପର୍ଯ୍ୟାୟକୁ ଏବଂ ଅତ୍ୟାଚାରୀତ ନାରୀଙ୍କ ପାଇଁ ନ୍ୟାୟର ଉପଯୁକ୍ତ ବ୍ୟବସ୍ଥା ନକଲା ପର୍ଯ୍ୟନ୍ତ ଏହା ଆଗକୁ ଯୋରଦାର ହେବା ସହିତ ଅବିରାମ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି। ତେବେ ଏତେସବୁ ବିଭତ୍ସ ଘଟଣା ଘଟିବା ପରେ ମଧ୍ୟ ସରକାରଙ୍କୁ ସାମାନ୍ୟତମ ଲଜ୍ଜାବୋଧ ହେଉନି ବୋଲି ସଭାପତି ଶ୍ରୀ ଦାସ କଟୁକ୍ତି ପ୍ରକାଶ କରିଥିଲେ। ଗଣମାଧ୍ୟମକୁ ନିଜ ବକ୍ତବ୍ୟରେ ସଭାପତି ଶ୍ରୀ ଦାସ କହିଥିଲେ ଯେ ପ୍ରତ୍ୟହ ନାରୀ ନିର୍ଯାତନା ପାଇଁ ରାଜ୍ୟର ଜନତା ମର୍ମାହତ ଏବଂ ଲଜ୍ଜିତ। ସରକାର ନା କିଛି କରୁଛନ୍ତି ନା ଗାଦି ଛାଡୁଛନ୍ତି। ତେଣୁ ମୁଖ୍ୟ ବିରୋଧି ଦଳ ହିସାବରେ ବିଜେଡ଼ି ଅନାସ୍ଥା ପ୍ରସ୍ତାବ ଆଣୁ ଏବଂ କଂଗ୍ରେସ ତାକୁ ସମର୍ଥନ କରିବ। ଯଦି ନ ଆଣୁଛି ତେବେ କଂଗ୍ରେସ ଅନସ୍ଥା ପ୍ରସ୍ତାବ ଆଣିବ ଏବଂ ବିଜେଡ଼ି ସମର୍ଥନ କରୁ। ଯଦି ବିଜେଡ଼ି କିଛିବି କରେନାହିଁ ତେବେ ନାରୀଙ୍କ ନ୍ୟାୟ ପାଇଁ ମୂଲ୍ୟହୀନ ପ୍ରହସନ ରାଜରାସ୍ତାରେ ବନ୍ଦ କରୁ। ଗଣମାଧ୍ୟମଙ୍କ ପ୍ରଶ୍ନର ଉତ୍ତରରେ ପିସିସି ସଭାପତି ଶ୍ରୀ ଦାସ ଡବଲ ଇଞ୍ଜିନ ସରକାରର ମୁଖ୍ୟମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀ କେହି ମଧ୍ୟ ଲଜ୍ଜିତ ନୁହଁନ୍ତି, ଯଦି ଥା'ନ୍ତେ ତେବେ ଘଟୁଥିବା ନାରୀ ଅତ୍ୟାଚାର ବାବଦରେ ରାଜ୍ୟବାସୀଙ୍କୁ ପଦୁଟିଏ ନିଶ୍ଚିତ କହିଥାନ୍ତେ। ଦମ ଯଦି ଅଛି ତେବେ ଛାତିଫାଡ଼ି ନ୍ୟାୟଦିଅ। ନହେଲେ ହଟିଯାଅ ବୋଲି ସେ ସରକାରଙ୍କୁ ଆହ୍ୱାନ କରିଥିଲେ। ସଭାପତି ଶ୍ରୀ ଦାସ କହିଲେ ଯେ ନବୀନ ସବୁବେଳେ ଅନ୍ଧକାର ଭିତରେ ତାଙ୍କୁ ଭେଟିବାକୁ କେବଳ ଜଣଙ୍କୁ ଅନୁମତି ଅଛି। ଭଗବାନ କରନ୍ତୁ ଆମେ ଆହ୍ୱାନ କରିଥିବା ଅନାସ୍ଥା ପ୍ରସ୍ତାବ ବିଷୟ ତାଙ୍କ ପାଖରେ ପହଞ୍ଚୁ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ଉପସଭାପତି ତାରା ପ୍ରସାଦ ବାହିନୀପତି, ଡ. ଦେବାଶିଷ ପଟ୍ଟନାୟକ, ଡ. ଲଲାଟେନ୍ଦୁ ମହାପାତ୍ର, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ଓ ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର ଉପସ୍ଥିତ ଥିଲେ।

# ବଡ଼ବିଲ ରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ଡିଜିଟାଲ ଦକ୍ଷତା କେନ୍ଦ୍ର ଉଦ୍ଘାଟିତ

ବଡ଼ବିଲ,(ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର)ପଦକ୍ଷେପ ପ୍ରକଳ୍ପ 'ଦକ୍ଷ' ଅନ୍ତର୍ଗତ କେନ୍ଦୁଝର ଜିଲ୍ଲା ବଡ଼ବିଲଠାରେ ଏକ ଡିଜିଟାଲ୍ ଦକ୍ଷତା କେନ୍ଦ୍ର ଉଦଘାଟନ କରିଛି । ସ୍ଥାନୀୟ ଯୁବକମାନଙ୍କ ଡିଜିଟାଲ୍ ଜ୍ଞାନ ବୃଦ୍ଧି କରିବା ସହିତ ବୃତ୍ତିଗତ ତାଲିମ ମାଧ୍ୟମରେ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ନାସକମ୍ ଫାଉଣ୍ଡେସନ୍ ସହଭାଗୀତାରେ ଏହି କେନ୍ଦ୍ରଟିସ୍ଥାପନ କରାଯାଇଛି ।

ଏହି କେନ୍ଦ୍ର, ସ୍ଥାନୀୟ ଯୁବକମାନଙ୍କୁ ଡାଟା ଏଣ୍ଟ୍ରି ଅପରେଟର ଏବଂ ଘରୋଇ ଆଇଟି ହେଲପଡେସ୍କ ଆଟେଣ୍ଡାଣ୍ଟ ଭଳି ବ୍ୟବସାୟ ପ୍ରକ୍ରିୟା ପରିଚାଳନା (ବିପିଏମ୍) ଭୂମିକାରେ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ଦକ୍ଷତାଉପରେ ତାଲିମ ଦେବାକୁ ଲକ୍ଷ୍ୟ ରଖିଛି, ଯାହାଦ୍ୱାରା ଏହି ଅଞ୍ଚଳର ସ୍ଥାନୀୟ ଯୁବକଯୁବତୀମାନଙ୍କ ପାଇଁ ଜୀବିକା ନିର୍ବାହର ନୂତନ ସୁଯୋଗ ସୃଷ୍ଟି ହେବ । ଅଂଶଗ୍ରହଣକାରୀମାନେ୨୦୦ ରୁ୨୨୫ ଘଣ୍ଟାର ସୁବିସ୍ତୃତ ପାଠ୍ୟକ୍ରମମଧ୍ୟରେ ଉଭୟ ନିର୍ଦ୍ଦିଷ୍ଟ ଡୋମେନ୍ ବିଶେଷଜ୍ଞତା ଏବଂ ଅତ୍ୟାବଶ୍ୟକ ସୂକ୍ଷ୍ମ ଦକ୍ଷତାସହିତ ବାସ୍ତବ ଜଗତ ଅନୁଭୂତି ଏବଂ ଶିଳ୍ପଜଗତ ସମ୍ପର୍କିତ ପରାମର୍ଶ ମଧ୍ୟପାଇପାରିବେ । ୬୦ ପ୍ରତିଶତ ମହିଳା ପ୍ରାର୍ଥୀଙ୍କ ପଞ୍ଜିକରଣ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଲିଙ୍ଗଗତ ସମାନତାକୁ ମଧ୍ୟ ପ୍ରୋତ୍ସାହିତ କରୁଛି । ପ୍ରତିବର୍ଷ, ଏହି ପ୍ରକଳ୍ପ ବଡ଼ବିଲର୨୦୦ଜଣ ଯୁବକଯୁବତୀଙ୍କୁ ଲାଭ ପହଞ୍ଚାଇବ ।

ସବ ଡିଭିଜନାଲ ପୋଲିସ ଅଫିସର (ଏସଡିପିଓ) ଶ୍ରୀ ଦେବେନ୍ଦ୍ରନାଥ ପିଙ୍ଗୁଆ ବଡ଼ବିଲର ଏହି କେନ୍ଦ୍ରକୁ ଉଦଘାଟନ କରିଥିଲେ । ଏହି ଅବସରରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ସିଏସଆର ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦୁ,ଏଏମ୍/ଏନ୍ଏସ୍ ଇଣ୍ଡିଆ ଠାକୁରାଣୀ ଲୌହଖଣି ପ୍ରବନ୍ଧକ ଇନ୍ଦ୍ରକାନ୍ତ ସାହା, ଏଏମ୍/ଏନ୍ଏସ୍ ଇଣ୍ଡିଆସୁରକ୍ଷା ବିଭାଗ ମୁଖ୍ୟ ଉଦୟ ବର୍ମା,ଏଏମ୍/ଏନ୍ଏସ୍ ଇଣ୍ଡିଆ ଠାକୁରାଣୀ ଖଣି କଲ୍ୟାଣ ଅଧିକାରୀ ପ୍ରମୋଦ ଆଚାର୍ଯ୍ୟ, ନାସକମ୍ ଉଣ୍ଡେସନପ୍ରକଳ୍ପ ପ୍ରବନ୍ଧକଶ୍ରୀ ତିଳକ ଦ୍ୱିବେଦୀ ସହିତ ଏଏମ୍/ଏନ୍ଏସ୍ ଇଣ୍ଡିଆର କର୍ମଚାରୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।



ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ବଡ଼ବିଲର ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ । ଏଏମ୍/ଏନ୍ଏସ୍ ଇଣ୍ଡିଆ ସିଏସଆର ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦୁ କହିଛନ୍ତି, ପ୍ରକଳ୍ପ 'ଦକ୍ଷ' ମାଧ୍ୟମରେ, ଏଏମ୍/ଏନ୍ଏସ୍ ଇଣ୍ଡିଆ ଅନ୍ତର୍ଭୁକ୍ତକାରୀ ଏବଂ ଦୀର୍ଘସ୍ଥାୟୀ ଦକ୍ଷତା ବିକାଶ ସୁଯୋଗ ସୃଷ୍ଟି କରିବାକୁ ପ୍ରତିବଦ୍ଧ । ଏଏମ୍/ଏନ୍ଏସ୍ ଇଣ୍ଡିଆ ପୂର୍ବରୁ ଓଡ଼ିଶାର କେନ୍ଦୁଝର, ପାରାଦ୍ୱୀପଏବଂ କେନ୍ଦ୍ରାପଡ଼ାର ଆଉ ୬୦୦ ଯୁବକଙ୍କୁ ତାଲିମ ଦେବା ପାଇଁ ତିନୋଟି ଡିଜିଟାଲ୍ ଦକ୍ଷତା କେନ୍ଦ୍ର ଆରମ୍ଭ କରିସାରିଛି ।

# ସୋଆ ଏସ୍ଏଚ୍ଏମ୍ର ବାର୍ଷିକ ଉତ୍ସବ



ଭୁବନେଶ୍ୱର,(ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍ଏଚ୍ଏମ୍)ର ୧୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବୁଧବାର ଏସଏଚ୍ଏମ୍ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଓଲିଉଡ୍ ଅଭିନେତା ପୁପିନ୍ଦର ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟ୍ରାଇଡେଣ୍ଟ ହୋଟେଲର ଜେନେରାଲ ମ୍ୟାନେଜର ରୋହିତ ତିୱାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଓଡ଼ିଶାର ଖାଦ୍ୟ ଆସନ୍ତା ୪ ରୁ ୫ ବର୍ଷ ମଧ୍ୟରେ ସାରା ବିଶ୍ୱରେ ଅଧିକ ପ୍ରସିଦ୍ଧି ଲାଭ କରିବ ବୋଲି ପୁପିନ୍ଦର କହିବା ସହ ଏସ୍ଏଚ୍ଏମ୍ର ଛାତ୍ରଛାତ୍ରୀଙ୍କ କାର୍ଯ୍ୟ ଓ ଦକ୍ଷତାକୁ ପ୍ରଶଂସା କରିଥିଲେ । ସେହିପରି ଶ୍ରୀ ତିୱାରୀ ଏସ୍ଏଚ୍ଏମ୍ର ଛାତ୍ରଛାତ୍ରୀ ଖୁବ ଭଲ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ ।

ଏହି ଅବସରରେ ଏସ୍ଏଚ୍ଏମ୍ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର ସ୍ମିତା ସୁଚରିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଉତ୍ସବରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥିଲା।

## ଖଜୁରୀଆ ମୌଜାରେ କମ୍ପାନୀ କାର୍ଯ୍ୟକୁ ହାଇକୋର୍ଟର ରହିତାଦେଶ

ନିରାକାରପୁର,(ସବ୍ୟୁ): ଖାର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ମୁଣ୍ଡାଆମ୍ବ ନିକଟସ୍ଥ ଓଲସିଂହ ପଞ୍ଚାୟତ ଡମଣଭୂମି ଖଜୁରୀଆ ମୌଜାରେ ଇଡକୋ ଦ୍ୱାରା ପ୍ରଦତ୍ତ ଜମିରେ ଭାରତୀୟ ଗ୍ରୁପ, ରିଲାନ୍ସ କଞ୍ଜୁମର ପ୍ରଡକ୍ଟ ଲିମିଟେଡ ଓ ଭୁବନେଶରୀ ଫୁଡ ଏଣ୍ଡ ଭେବେରେଜ ପ୍ରାଇଭେଟ ଲିମିଟେଡର ଦାରା ଜୁନ ମାସ ୫ ତାରିଖରେ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇ କ୍ୟାମ୍ପା କମ୍ପାନୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବାବେଳେ ତାଙ୍କ ଗ୍ରାମକୁ ପ୍ରସ୍ତାବିତ ରାସ୍ତା ଜମିକୁ କମ୍ପାନୀକୁ ଦିଆଯାଇଥିବା ବିରୋଧରେ ଶତାଧିକ ଲୋକ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ପୂର୍ବରୁ କାର୍ଯ୍ୟକୁ ବନ୍ଦ କରିବାକୁ ବିକ୍ଷୋଭ କରିଥିବାବେଳେ ବୁଧବାର ଦିନ ଉକ୍ତ ପ୍ରସ୍ତାବିତ ରାସ୍ତା ଜମି ଉପରେ ଚାଲୁଥିବା କାର୍ଯ୍ୟକୁ ସ୍ଥଗିତ ରଖିବା ପାଇଁ ମାନ୍ୟବର ହାଇକୋର୍ଟ ତାରିଖ ୧୬/୭/୨୦୨୫ ରେ ଡବ୍ଲୁପି ( ସି) ୧୯୩୩୬/୨୫ ରେ ରହିତାଦେଶ ଜାରି କରିଥିବା ଜଣାପଡିଛି। ଆବେଦନକାରୀ ଓଲସିଂହ ସରପଂଚ ଶୁଭଦର୍ଶନୀ ଭୋଳ ଓ ଅନ୍ୟମାନେ ଥିବାବେଳେ ଅନ୍ୟ ପକ୍ଷରେ ଇଡକୋ ଜେନେରାଲ ମ୍ୟାନେଜର, ଆରଡି କମିଶନର , ଟାଙ୍ଗୀ ତହସିଲଦାର, ବିଡ଼ିଓ , ଠିକାଦାର ଓ ନିର୍ମାଣାଧୀନ କାମ୍ପା କମ୍ପାନୀ କର୍ତ୍ତୃପକ୍ଷ ରହିଥିବା ଜଣାପଡିଛି।

# ବଦଳିଲା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ର ନାମ

ଭୁବନେଶ୍ୱର,(ସବ୍ୟୁ): ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡର ନାମ ବଦଳି ୨୨ ଜୁଲାଇ ୨୦୨୫ରୁ ଜିନ୍ଦଲ ଷ୍ଟିଲ ଲିମିଟେଡ ହୋଇଛି । ଭାରତ ସରକାରଙ୍କ କର୍ପୋରେଟ୍ ବ୍ୟାପାର ମନ୍ତ୍ରାଳୟର ରେଜିଷ୍ଟ୍ରାର ଅଫ୍ କମ୍ପାନିଜର ମଞ୍ଜୁରୀ ପରେ ଏହି ପରିବର୍ତ୍ତନ କାର୍ଯ୍ୟକାରୀ ହୋଇଛି ।

ଜିନ୍ଦଲ ଷ୍ଟିଲ୍ ଏଣ୍ଡ୍ ପାୱାର ଲିମିଟେଡର ନାମ ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍କୁ ପରିବର୍ତ୍ତନ କରିବା ପଛରେ ମୁଖ୍ୟ କାରଣ ହେଉଛି ଯେ କମ୍ପାନୀ କେବଳ ଏହାର ପ୍ରମୁଖ ବ୍ୟବସାୟ ଅର୍ଥାତ୍ ଇସ୍ପାତ ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦେବ ଏବଂ ଭବିଷ୍ୟତରେ ଏକ ମଜଭୁତ ଇସ୍ପାତ କମ୍ପାନି ଭାବେ ଆଗକୁ ବଢ଼ିବ । ଏହି ନୂତନ ନାମ ଦେଶ ଓ ବିଦେଶରେ ପରିଚିତ ହେବା ସହିତ କମ୍ପାନୀ ତାର ପୂର୍ବ ପୂର୍ବ ମୂଲ୍ୟବୋଧକୁ ବଜାୟ ରଖିବ । ଏହି ନାମ ପରିବର୍ତ୍ତନ କମ୍ପାନୀ (ଇନକର୍ପୋରେସନ୍) ନିୟମ, ୨୦୧୪ ର ନିୟମ ୨୯ ଅନୁଯାୟୀ କରାଯାଇଛି । ନୂତନ ନାମକୁ ପ୍ରତିଫଳିତ କରୁଥିବା ଇନକର୍ପୋରେସନ୍ ପ୍ରମାଣପତ୍ର ରେଜିଷ୍ଟ୍ରାର ଅଫ୍ କମ୍ପାନିଜଙ୍କ ଦ୍ୱାରା ପଞ୍ଜିକା ଦ୍ୱାରା ଜାରି କରାଯାଇଛି ।

### ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ ପାଇଁ


# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଗ୍ରାହକ ଅଭିଯୋଗ ସମାଧାନ ଶିବିର

ଭୁବନେଶ୍ୱର,(ସବ୍ୟୁ): ବିଦ୍ୟୁତ ଉପଭୋକ୍ତାଙ୍କ ସମସ୍ୟାର ସ୍ଥାୟୀ ସମାଧାନ ଓ ଗ୍ରାହକ ସେବାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏକ ସକ୍ରିୟ ପଦକ୍ଷେପ ସ୍ୱରୂପ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ ପକ୍ଷରୁ ଆସନ୍ତା ଗୁରୁବାର ଦିନ ସମ୍ବଲପୁର ପୂର୍ବ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ବୁର୍ଲା। ଭୁତାପଡାଠାରେ ସକାଳ ୧୦:୦୦ ରୁ ଅପରାହ୍ନ ୧:୦୦ ପର୍ଯ୍ୟନ୍ତ ଏକ ଗ୍ରାହକ ଅଭିଯୋଗ ସମାଧାନ ଶିବିର ଆୟୋଜନ କରାଯାଇଛି ।

ଏହି ଶିବିରର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ବିବାଦୀୟ ବିଦ୍ୟୁତ୍ ବିଲ୍ ଏବଂ ଦୀର୍ଘଦିନର ଧରି ପଡ଼ି ରହିଥିବା ବିଦ୍ୟୁତ୍ ସଂଯୋଗ ସମ୍ବନ୍ଧୀୟ ଅଭିଯୋଗର ତ୍ୱରିତ ନିରାକରଣ । ଏହି ପଦକ୍ଷେପ ସ୍ୱଚ୍ଛ ଏବଂ ଗ୍ରାହକ-ଅନୁକୂଳ ସେବା ପ୍ରଦାନ କରିବା ପାଇଁ ଟିପିଡବ୍ଲୁଓଡିଏଲର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହି ଅଭିଯୋଗ ସମାଧାନ ଶିବିରରେ କମ୍ପାନୀର କିଛି ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବେ ।

ଭୂତପଡ଼ା, ସାକ୍ଷୀପଡ଼ା, ଗୋଲବଜାର, ମାନେଶ୍ୱର, ଧନୁପାଲି, ଧମା, ପଡ଼ିଆବାହାଲ, ସାହସପୁର, ରେଢାଖୋଲ, ହାତୀବାରି, ନାକଟିଦେଉଳ, ରେଙ୍ଗାଲି, ଶାସନ, ପରମାଣପୁର ଏବଂ ଲଇଡା ଆଦି ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳର ବିଦ୍ୟୁ ଉପଭୋକ୍ତାମାନେ ଏହି ଶିବିରରେ ଅଂଶଗ୍ରହଣ କରି ସେମାନଙ୍କର ଅଭିଯୋଗ ସମାଧାନ କରିପାରିବେ । ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଗ୍ରାହକମାନେ ଏହି ସୁଯୋଗ ଉପରେ ଲାଭ ଉଠାଇବା ପାଇଁ ଅନୁରୋଧ କରାଯାଉଛି ।

# ହାଇଟେକ୍ ଫାର୍ମାସୀ କଲେଜର ବିଶେଷ ସଫଳତା



ଭୁବନେଶ୍ୱର,(ସବ୍ୟୁ): ହାଇଟେକ ଫାର୍ମାସୀ କଲେଜ ଭୁବନେଶ୍ୱରର ଏକ ବିଶେଷ ସଫଳତାର ଫର୍ଦ୍ଦ ଯୋଡି ହୋଇଛି । ଶେଷ ବର୍ଷର ବିଦ୍ୟାର୍ଥୀ ସାଇ ସରସ୍ୱତୀ ଖୁଣ୍ଟିଆ, ଋତୁପର୍ଣ୍ଣା ରାଉତ, ଅନନ୍ୟା କୁମାରୀ ସେଠୀ ସର୍ବଭାରତୀୟ ସ୍ତରରେ 'ଜିପଏଟି'ରେ ଆଗୁଆ ଥିବାବେଳେ ଦମୟନ୍ତୀ ପଓ୍ୱର, ଅର୍ପିତା ବାରିକ, ଜନ୍ମେଜୟ କାସ୍ତା, ବିକାଶ ଟୁଡୁ, ଅର୍ଘ୍ୟରୂପା ରାଉତ, ଭୂମିକା ସାହୁ, ରାଜଶ୍ରୀ କାସ୍ତା, ସାସ୍ୱତୀ ମହାନ୍ତି, ଋତୁପର୍ଣ୍ଣା ରାଉତ, ସ୍ମୃତିରୋଖା ଲେଙ୍କା, ସ୍ୱସ୍ତି ସାର, ସ୍ମାରକ ରଏ ଆଦି ୧୩ ଜଣ ବିଦ୍ୟାର୍ଥୀ କ୍ରମାନ୍ୱୟରେ ଶତକଡା ୯୦% ମାର୍କ ରଖି ସଫଳତାର ଶୀର୍ଷରେ ପହଁଞ୍ଚିଛନ୍ତି । ସମସ୍ତ ବିଦ୍ୟାର୍ଥୀମାନେ ଏଥିପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଅଧ୍ୟାପିକାଙ୍କର ଶ୍ରେୟ ବୋଲି କହିଥିବା ବେଳେ ହାଇଟେକ୍ ଗ୍ରୁପ୍ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଓ ମ୍ୟାନେଜିଂ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ ସମସ୍ତ ବିଦ୍ୟାର୍ଥୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ସହ ଅଧ୍ୟାପକ, ଅଧ୍ୟାପିକା ଓ ଅଧ୍ୟକ୍ଷଙ୍କୁ ଧନ୍ୟବାଦ୍ ଦେଇଥିଲେ । ଏହି ଅବସରରେ ହାଇଟେକ୍ ଗ୍ରୁପର ଉପ-ନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀ, ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର କର, ଉପାଧ୍ୟକ୍ଷା ବବିତା ସାହୁ , ଅଧ୍ୟାପକ ଦେବାଶିଷ କରନ୍, ନମିତ ନାୟକ, ସୌମ୍ୟରଞ୍ଜନ ଘରେଇ, ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ, ତମନ୍ନା ତୁଷ୍ଟା ସାହୁ ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ଦିନରେ ଓଡିଶାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ତ ଜନସାଧାରଣଙ୍କ ପାଇଁ ସେମାନଙ୍କର ସ୍ୱାସ୍ଥ୍ୟ ସେବା ନିରନ୍ତର ଜାରି ରହୁ ବୋଲି ଆହ୍ୱାନ ଦେଇଥିଲେ ।

## ବେଦାନ୍ତ ଆଲୁମିନିୟମର ତୀରନ୍ଦାଜ ତାଲିମ୍ ପଦକ୍ଷେପ

# କଳାହାଣ୍ଡି ପାଇଁ ଗୌରବ ଆଣିଲେ ଯୁବ ତୀରନ୍ଦାଜ

ଭୁବନେଶ୍ୱର,(ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ରେ ଏହାର ପ୍ରମୁଖ କ୍ରୀଡା ତାଲିମ ପଦକ୍ଷେପ ମାଧ୍ୟମରେ କଳାହାଣ୍ଡିର ଯୁବ ତୀରନ୍ଦାଜମାନଙ୍କୁ ସମର୍ଥନ କରିଆସୁଛି । ଏହି ଅଞ୍ଚଳର ଜଣେ ଯୁବ ତୀରନ୍ଦାଜ ଖିରୋଦ କୁମାର କୋଲକାତାରେ ଅନୁଷ୍ଠିତ ପୂର୍ବ ଜୋନାଲ ତୀରନ୍ଦାଜ ଚାମ୍ପିଅନସିପରେ ଦୁଇଟି ସ୍ୱର୍ଣ୍ଣ ଏବଂ ଗୋଟିଏ କାଂସ୍ୟ ପଦକ ଜିତିଛନ୍ତି । ୧୯ ବର୍ଷରୁ କମ୍ ଭାରତୀୟ ରାଉଣ୍ଡ ବର୍ଗରେ ପ୍ରତିଯୋଗିତା କରି, ଖିରୋଦ ଉଲ୍ଲେଖନୀୟ ଧ୍ୟାନ ଏବଂ ସଠିକତା ପ୍ରଦର୍ଶନ କରି ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବରେ ଉଭା ହୋଇଛନ୍ତି । ଜଣେ ଅନୁଶାସିତ ଓ କ୍ରୀଡା - ଅନୁରାଗୀ ଛାତ୍ର ଭାବରେ, ସେ ପୂର୍ବରୁ ଜାତୀୟ ସ୍କୁଲ ତୀରନ୍ଦାଜ ଚାମ୍ପିଅନସିପରେ ପାଞ୍ଚଟି ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଗତ ତିନି ବର୍ଷ ଧରି ବେଦାନ୍ତର ତୀରନ୍ଦାଜ ତାଲିମ ପଦକ୍ଷେପ ଅଧୀନରେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି । ଏହି ଅବସରରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଖିରୋଦର ସଫଳତା ଆମର ତୃଣମୂଳସ୍ତରୀୟ କ୍ରୀଡା ପଦକ୍ଷେପର ପରିବର୍ତ୍ତନକାରୀ ପ୍ରଭାବର ଏକ ଶକ୍ତିଶାଳୀ ପ୍ରମାଣ । ବେଦାନ୍ତରେ, ଆମେ କ୍ରୀଡା ମାଧ୍ୟମରେ ଗ୍ରାମୀଣ ଯୁବପିଢ଼ିଙ୍କୁ ସଶକ୍ତ କରିବା, ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଜାତୀୟ ଗର୍ବକୁ ପ୍ରୋତ୍ସାହିତ କରିବା ପାଇଁ ଗଭୀର ଭାବରେ ପ୍ରତିବଦ୍ଧ । ଆମେ ଖିରୋଦର ଉତ୍ସର୍ଗ ଏବଂ ପ୍ରତିଭା ପାଇଁ ଗର୍ବିତ, ଏବଂ ଆମେ କଳାହାଣ୍ଡିରୁ ଏପରି ଆହୁରି ଅନେକ ଚାମ୍ପିଅନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ । ୨୦୧୮ ମସିହାରେ ଆରମ୍ଭ ହୋଇଥିବା, ବେଦାନ୍ତର କ୍ରୀଡା ତାଲିମ ପଦକ୍ଷେପ ଅନୁନ୍ନତ ସମ୍ପ୍ରଦାୟର କ୍ରୀଡା ପ୍ରତିଭାଙ୍କୁ ଚିହ୍ନଟ ଏବଂ ପ୍ରୋତ୍ସାହିତ କରେ, ଗୁଣାତ୍ମକ ଉପକରଣ ଏବଂ ତାଲିମ ଭିତ୍ତିଭୂମିର ଉପଲବ୍ଧତା ସହିତ ଧନୁର୍ବିଦ୍ୟା ଏବଂ ଆଥଲେଟିକ୍ସରେ ବିଶେଷଜ୍ଞଙ୍କ ନେତୃତ୍ୱରେ ତାଲିମ ପ୍ରଦାନ କରେ।ଛ କମ୍ପାନୀ ଦେଶବ୍ୟାପୀ ବିଭିନ୍ନ ପ୍ରତିଯୋଗିତାରେ ସେମାନଙ୍କର ଅଂଶଗ୍ରହଣକୁ ମଧ୍ୟ ସୁବିଧା ପ୍ରଦାନ କରେ । ଆଜି ପର୍ଯ୍ୟନ୍ତ, ଏହି କାର୍ଯ୍ୟକ୍ରମ ଅଧୀନରେ ୧୦୦ରୁ ଅଧିକ ଯୁବ ତୀରନ୍ଦାଜଙ୍କୁ ତାଲିମ ଦିଆଯାଇଛି, ଯେଉଁମାନେ ଗତ ବର୍ଷ ରାଜ୍ୟ ଏବଂ ଜାତୀୟ ଚାମ୍ପିଅନସିପରେ ସାମୂହିକ ଭାବରେ ୪୦ ପଦକ ଜିତିଛନ୍ତି । ଗ୍ରାମୀଣ ଭାରତର ଯୁବ ଖେଳାଳିମାନଙ୍କ ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ସୃଷ୍ଟି କରିବା, ସେମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୋଚନ କରିବା ଏବଂ ବିଶ୍ୱସ୍ତରୀୟ କ୍ରୀଡ଼ାରେ ଦେଶର ଉଦୀୟମାନ ଯୋଗଦାନ ପାଇଁ ବେଦାନ୍ତ ଆଲୁମିନିୟମ ତାର ମିଶନରେ ସ୍ଥିର ରହିଛି ।

# ଶ୍ରୀ ଜଗନ୍ନାଥ ସହସ୍ର ପଠନ ଓ ଗୀତ ଗୋବିନ୍ଦ



ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ସ୍ଥିତ ଧଉଳି ପାହାଡ଼ ନିକଟ ଭୌରଙ୍ଗେଶ୍ୱର ମନ୍ଦିରଠାରେ ଶ୍ରୀ ଭଗବାନ ଦାସ ସମ୍ପାଦକ ଜଗନ୍ନାଥ ପରିବାର ଚାରି ଟେବୁଲ ଟ୍ରଷ୍ଟ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ଼ ନାରାୟଣ ମହାପାତ୍ର, ସୁରେଶ କୁମାର ମିଶ୍ର, ତ୍ରିଲୋଚନ ନାୟକ, ଅଜୟ ଦାସ, ଅନୁପମା ମିଶ୍ର, ଭାରତୀ ଭୂଷଣ ପଟ୍ଟନାୟକଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥ ସହସ୍ର ନାମ, ଗୀତ ଗୋବିନ୍ଦ ପଠନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ବର୍ତ୍ତମାନ ସମାଜର ଆଧ୍ୟାତ୍ମିକ ଓ ଧାର୍ମିକ ପରିସ୍ଥିତିକୁ ନେଇ ଏକ ନୂତନ ବହି ଶ୍ରୀ ଜଗନ୍ନାଥ ମନ୍ତ୍ର ଓ ସ୍ତୋତ୍ର ପ୍ରସ୍ତୁତ କରାଯାଇଛି। ଏହି ବହିରେ ପ୍ରଥମେ ଓଁ, ପରେ ରାମଙ୍କ ତ୍ରେତୟା ଯୁଗ ମହାମନ୍ତ୍ର ତା ପରେ ଶ୍ରୀକୃଷ୍ଣଙ୍କ ଦ୍ୱାପର ଯୁଗର ମହାମନ୍ତ୍ର ଓ କଳିଯୁଗର ମହାମନ୍ତ୍ର ଜଗନ୍ନାଥ ପାହିମାମ। ଶ୍ରୀଜଗନ୍ନାଥ ସହସ୍ର ନାମ, ମହାଲକ୍ଷ୍ମୀ ଅଷ୍ଟକମ, ବିମଳା ଅଷ୍ଟକମ ଓ ଶ୍ରୀତ କମଲ( ଗୀତ ଗୋବିନ୍ଦ)ଏହା ସହିତ ଅନ୍ୟ ମନ୍ତ୍ର ଓ ସ୍ତୋତ୍ର ରଖି ଏକ ସ୍ୱତନ୍ତ୍ର ବହି କରାଯାଇଛି। ଏହା ପଛର ଏହି ଯୁକ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ତ୍ର ଓ ସ୍ତୋତ୍ର ରେ ଅଧିକା ଧ୍ୟାନ ଦେବା ଓ ତାଙ୍କୁ ଅଧିକା ଭଲ ପାଇବା,ଏହା ଦ୍ୱାରା ପ୍ରଭୁ ଶ୍ରୀ ଜଗନ୍ନାଥ ଆମକୁ ଆଶୀର୍ବାଦ ପ୍ରଦାନ କରିବେ । ୧୫୧୦ ମସିହା ପୂର୍ବରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ମୂର୍ତ୍ତି ପୂଜା ପାଉଥିଲେ। ତା ପରେ ଭଗବାନ ଚୈତନ୍ୟ ଶ୍ରୀକୃଷ୍ଣ ଙ୍କୁ ଭଲ ପାଉ ଥିବାରୁ ଶ୍ରୀ ଜଗନ୍ନାଥ ଙ୍କୁ ଶ୍ରୀକୃଷ୍ଣ ରୂପ ଦେବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ଆଗାମୀ ଦିନରେ ଓଡିଶାରେ ଏହାର ବ୍ୟାପକ ପ୍ରଚାର ଓ ପ୍ରସାର ନିମନ୍ତେ ଟ୍ରଷ୍ଟ ପକ୍ଷରୁ ପ୍ରୟାସ କରାଯିବ । କିଛି ଅନୁଷ୍ଠାନ ଦ୍ୱାରା ଅଦିନିଆ ରଥଯାତ୍ରା, ଅଦିନିଆ ସ୍ନାନ ଯାତ୍ରା କରା ଯାଉଛି । ଏହା ଆମ ପୂର୍ବଜ ମାନେ ଆଶଙ୍କା ପ୍ରକାଶ କରିଛନ୍ତି ଏଣୁ ସମସ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କୁ ସଂସାରର ସମସ୍ତ ଜୀବ ଜଗତକୁ ସଦବୁଦ୍ଧି ପ୍ରଦାନ କରିବା ପାଇଁ ପ୍ରାର୍ଥନା କରିବା ପାଇଁ ଏହି ଅବସରରେ କାମନା କରାଯାଇଥିଲା ।

# ଚାଷ କରୁଥିବା ବେଳେ ବଜ୍ରପାତରେ ମହିଳା ମୃତ

ଚୌଦ୍ୱାର,(ସବ୍ୟୁ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବ୍ରହ୍ମପୁର ପଞ୍ଚାୟତ କାଞ୍ଜିଆ ଗ୍ରାମର ମହିଳା ବୁଲି ସାମଲ (୫୦) ବିଲରେ ତଳି ରୋଉଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା । ଏହି ବଜ୍ରପାତ ମହିଳାଙ୍କ ଉପରେ ପଡିବାରୁ ବିଲରେ ହିଁ ସେ ଟଳି ପଡ଼ିଥିଲେ । ଖବର ପାଇ ତାଙ୍କ ସ୍ୱାମୀ ନକୁଳ ସାମଲ ଓ ଗ୍ରାମବାସୀ ମହିଳାଙ୍କୁ ଉଦ୍ଧାର କରିବା ବେଳେ ମହିଳା ଜଣକ ମୃତ୍ୟୁବରଣ କରିଥିବା ନେଇ ଗ୍ରାମବାସୀ ଜାଣିବାକୁ ପାଇଥିଲେ । ପରେ ସେ ଚୌଦ୍ୱାର ଥାନା ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ପୁଲିସ୍ ପହଂଚି ତଦନ୍ତ ଜାରି ରଖିବା ସହ ମୃତ ଶରୀରକୁ ଶବବ୍ୟବଚ୍ଛେଦ ନିମନ୍ତେ କଟକ ବଡଡାକ୍ତରଖାନା ପଠାଇଥିବା ଜଣାପଡ଼ିଛି । ବୁଲି ସାମଲ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ତାଙ୍କର ବଜ୍ରପାତ ଜନିତ ମୃତ୍ୟୁ ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ପାଇଁ ଗ୍ରାମବାସୀମାନେ ଅନୁରୋଧ କରିଛନ୍ତି ।

### ଏସ୍‌ବିଆଇ କାର୍ଡ ଏବଂ ଫୋନ ପେ ସହଭାଗିତା

# କୋ-ବ୍ରାଣ୍ଡେଡ୍ ଫୋନ ପେ ଏସ୍‌ବିଆଇ କାର୍ଡ ଶୁଭାରମ୍ଭ




ଭୁବନେଶ୍ୱର,(ସବ୍ୟୁ): ଭାରତର ସର୍ବବୃହତ ପିଓର୍-ପ୍ଲେ କ୍ରେଡିଟ୍ କାର୍ଡ ପ୍ରଦାନକାରୀ ଏସବିଆଇ କାର୍ଡ, ଫୋନପେ ସହିତ ସହଭାଗୀତାରେ ଫୋନପେ ଏସବିଆଇ କାର୍ଡ ଶୁଭାରମ୍ଭ ଘୋଷଣା କରିଛି । ଏହି ନୂତନ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡର ଲକ୍ଷ୍ୟ ହେଉଛି ପ୍ରତିଦିନ ଖର୍ଚ୍ଚ ଉପରେ ଏକ ପୁରସ୍କାରପ୍ରାପ୍ତ ଅଭିଜ୍ଞତା ପ୍ରଦାନ କରିବା, ଯାହା ସାରା ଭାରତରେ ଗ୍ରାହକଙ୍କ ବିକଶିତ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି । କ୍ରେଡିଟ୍ କାର୍ଡ ଦୁଇଟି ପ୍ରକାରରେ ଆସିଥାଏ, ଫୋନପେ ଏସବିଆଇ କାର୍ଡ ପର୍ପଲ ଏବଂ ଫୋନପେ ଏସବିଆଇ କାର୍ଡ ସିଲେକ୍ଟ ବ୍ଲାକ୍, ଯାହା ବିଭିନ୍ନ ଗ୍ରାହକଙ୍କ ପସନ୍ଦ ଏବଂ ଜୀବନଶୈଳୀ ଖର୍ଚ୍ଚ ଆବଶ୍ୟକତାକୁ ପୂରଣ କରେ । ଏହା ସହିତ, ଏହି କଣ୍ଟାକ୍ଟଲେସ୍ କ୍ରେଡିଟ୍ କାର୍ଡର ଉଭୟ ପ୍ରକାର ରୁପେ ଏବଂ ଭିସା । ପେମେଣ୍ଟ ନେଟୱାର୍କରେ ଉପଲବ୍ଧ, ଯାହା । ଗ୍ରାହକମାନଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ସର୍ବୋତମ ନେଟୱାର୍କର ପସନ୍ଦ ପ୍ରଦାନ କରେ । ରୂପେ କାର୍ଡଗୁଡ଼ିକୁ ୟୁପିଆଇ ସହିତ ମଧ୍ୟ ଲିଙ୍କ୍ କରାଯାଇପାରିବ । ନୂତନ ଫୋନପେ ଏସବିଆଇ କାର୍ଡ ସହିତ, ଗ୍ରାହକମାନେ ଅନଲାଇନ୍ ଏବଂ ଅଫଲାଇନ୍ ସପିଂ ପ୍ଲାଟଫର୍ମରେ ବିଭିନ୍ନ ଦୈନନ୍ଦିନ କାରବାରରେ ପୁରସ୍କାର ପଏଣ୍ଟ ଅର୍ଜନ କରିପାରିବେ, ଯେଉଁଥିରେ ଗ୍ରୋସେରୀ, ବିଲ୍ ପେମେଣ୍ଟ, ଯାତ୍ରା ବୁକିଂ, ଉପଯୋଗୀତା ପେମେଣ୍ଟ, ବୀମା ପ୍ରିମିୟମ୍ ପେମେଣ୍ଟ ଏବଂ ଅନ୍ୟାନ୍ୟ ଅନ୍ତର୍ଭୁକ୍ତ ।

## ମୋଦୀଙ୍କ ଦକ୍ଷ କୂଟନୀତିର ପ୍ରତିଫଳନ

# ମାଳଦ୍ୱୀପ-ଶ୍ରୀଲଙ୍କା ସହ ଭାରତର ସମ୍ପର୍କ ସୁଦୃଢ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର କୂଟନୀତି ସବୁବେଳେ ରାଷ୍ଟ୍ର ପ୍ରଥମ ନୀତି ଉପରେ ଗୁରୁତ୍ୱ ଦେଇ ଆସିଛି । ଉଭୟ ଅନ୍ତର୍ଜାତୀୟ ମଞ୍ଚ ଏବଂ ଘରୋଇ କ୍ଷେତ୍ରରେ ଭାରତକୁ ଏହାର ସୁଫଳ ମିଳୁଛି ।ନିକଟରେ ମାଳଦ୍ୱୀପ ଏବଂ ଶ୍ରୀଲଙ୍କା ସହ ଭାରତର ସମ୍ପର୍କକୁ ନେଇ ପରିବର୍ତ୍ତିତ ଘଟଣାକ୍ରମରେ ଏହାର ଲାଭ ଦେଖିବାକୁ ମିଳିଛି ।

ଦୁଇ ବର୍ଷ ପୂର୍ବେ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ମୁକ୍ତ ଭାବେ "ଇଣ୍ଡିଆ ଆଉଟ୍" ନୀତି ନେଇ ମାଳଦ୍ୱୀପରେ କ୍ଷମତାକୁ ଆସିଥିଲେ । ସେତେବେଳେ ଗଣମାଧ୍ୟମ ସମ୍ପାଦକୀୟଗୁଡ଼ିକ ଭାରତର ମାଳଦ୍ୱୀପ ନୀତିକୁ ନେଇ ପ୍ରଶ୍ନ ଉଠାଇବାର ସହ ଏହାର ପରିସମାପ୍ତି ହୋଇଛି ବୋଲି ଲେଖିଥିଲେ । ଭୂରାଜନୈତିକ ପ୍ରତିଦ୍ୱନ୍ଦୀଙ୍କ ତୁଳନାରେ ନୂଆଦିଲ୍ଲୀ ନିଜର ନିକଟତମ ସାମୁଦ୍ରିକ ସହଯୋଗୀ ସହ ରଖିଥିବା ସମ୍ପର୍କ ହରାଇବାକୁ ଯାଉଛି ବୋଲି ସେମାନେ ମତ ଦେଇଥିଲେ । କେତେକ ଅଗ୍ରଣୀ ଗଣମାଧ୍ୟମ ମତ ଦେଇଥିଲେ ଯେ ଭାରତ ନିଜର ବିଶ୍ୱସ୍ତ ସହଯୋଗୀକୁ ହରେଇବାକୁ ଯାଉଛି । ଏହା ଭାରତ ପାଇଁ ଧକ୍କା ବୋଲି କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଏହି ସମ୍ପର୍କର ଭବିଷ୍ୟତକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା । ଭାରତ କୂଟନୀତିରେ ନିଜର ଦୃଷ୍ଟିକୋଣ ବଦଳାଇବା ଆବଶ୍ୟକ ବୋଲି ମଧ୍ୟ କୁହାଗଲା । ବିଦେଶୀ ଗଣମାଧ୍ୟମ ଭାରତର ରଣନୀତିକୁ ନେଇ ମଧ୍ୟ ସନ୍ଦେହ ପ୍ରକଟ କରିଥିଲେ ।

ଏଭଳି ପରିସ୍ଥିତିରେ ଭାରତ ସବୁଠୁ ଉପଯୁକ୍ତ ପଦକ୍ଷେପ ନେଇ ସଂଯମତା ଅବଲମ୍ବନ କରିଥିଲା । ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ନକରି ନିରବ ଏବଂ ସ୍ଥିର ରହିଥିଲା । ଭାରତ ଜବାବୀ ପଦକ୍ଷେପ ଗ୍ରହଣ କରିବ ବୋଲି ସମସ୍ତେ ଭାବୁଥିବା ସମୟରେ ଏହାର ବିପରୀତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ବିଶ୍ୱନେତା ଭାବେ ରାଷ୍ଟ୍ରପତି ମୁଇଜ୍ଜୁଙ୍କୁ ନିର୍ବାଚନ ସଫଳତା ପାଇଁ ଶୁଭକାମନା ଜଣାଇଥିଲେ । ସମୟକ୍ରମେ ଏହି ସମ୍ପର୍କ ଅଧିକ ସୁଦୃଢ଼ହେଲା ।ଚଳିତ ସପ୍ତାହରେ ପ୍ରଥମ ବିଦେଶୀ ନେତା ଭାବେ ପ୍ରଧାନମନ୍ତ୍ରୀ ମୋଦୀ ମାଳଦ୍ୱୀପ ଗସ୍ତରେ ଯାଉଛନ୍ତି । ରାଷ୍ଟ୍ରପତି ମୁଇଜ୍ଜୁଙ୍କ ନିମନ୍ତ୍ରଣକ୍ରମେ ସେ ମାଳଦ୍ୱୀପର ୬୦ତମ ସ୍ୱାଧୀନତା ଦିବସ ସମାରୋହରେ ସମ୍ମାନିତ ଅତିଥି ଭାବେ ଅଂଶଗ୍ରହଣ କରିବେ ।

ରାଷ୍ଟ୍ରପତି ମୁଇଜ୍ଜୁ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଭାରତ ନିଜକୁ ମାଳଦ୍ୱୀପ ପାଇଁ ବିପଦ ବେଳର ବନ୍ଧୁ ଭାବେ ପ୍ରମାଣିତ କରି ଆସିଛି । ୪୦୦ ନିୟୁତ ଡଲାରର ଆର୍ଥିକ ସହାୟତା ସହିତ ମୁଦ୍ରା ବିନିମୟ ଜରିଆରେ ୩ହଜାର କୋଟି ଟଙ୍କାର ସହଯୋଗ ଯୋଗାଇ ଦେଇଛି ଭାରତ । ମାଳଦ୍ୱୀପର ବିଭିନ୍ନ ଅଞ୍ଚଳକୁ ନୌକା ସେବା ପାଇଁ ୧୩ଟି ନୂଆ ବୁଝାମଣା ସ୍ୱାକ୍ଷର କରିଛି ।



ଭାରତର ନିରବ କୂଟନୀତିର କାହାଣୀ କେବଳ ମାଳଦ୍ୱୀପ ସହ ସମ୍ପର୍କରେ ସୀମିତ ହୋଇ ରହିନାହ । ଶ୍ରୀଲଙ୍କାରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି । ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକେ ଦାୟିତ୍ୱ ଗ୍ରହଣ କରିବା ପରେ ନୂଆଦିଲ୍ଲୀ-କଲୋମ୍ବୋ ମଧ୍ୟରେ ସମ୍ପର୍କକୁ ନେଇ ଅନେକ ସମାଲୋଚକ ପ୍ରଶ୍ନ ଉଠାଇଥିଲେ । ଶ୍ରୀଲଙ୍କାରେ ବାମପନ୍ଥୀ ସରକାର ଆସିବା ଭାରତ ପାଇଁ ଚିନ୍ତାର ବିଷୟ ବୋଲି ସେମାନେ କହିଥିଲେ । ଶ୍ରୀଲଙ୍କାର ନବନିର୍ବାଚିତ ରାଷ୍ଟ୍ରପତି ଭାରତ ଠାରୁ ନିଜକୁ ଦୂରେଇ ରଖିବେ ବୋଲି ବିଦେଶୀ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା ।

ମାତ୍ର ଏହାର ବିପରୀତ ଭାରତ-ଶ୍ରୀଲଙ୍କା ସମ୍ପର୍କ ଅଧିକ ସୁଦୃଢ଼ହୋଇଥିଲା । ସମ୍ପର୍କକୁ ସମ୍ମାନ, ସମୟୋଚିତ ସହାୟତା ଏବଂ ରଣନୀତିକ ସଂଯମତା ପ୍ରଦର୍ଶନ କରି ଭାରତ ଏହି ସମ୍ପର୍କକୁ ବଜାୟ ରଖିଥିଲା ।ପ୍ରଧାନମନ୍ତ୍ରୀ ମୋଦୀ ଚଳିତ ବର୍ଷ ପ୍ରାରମ୍ଭରେ ଶ୍ରୀଲଙ୍କା ଗସ୍ତ କରିଥିଲେ । ଏହା ଦୁଇ ଦେଶର ସମ୍ପର୍କରେ ଭରସାର ଭାବନାକୁ ସୁଦୃଢ଼କରିଥିଲା । ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଶ୍ରୀଲଙ୍କାର ସର୍ବୋଚ୍ଚ ନାଗରିକ ସମ୍ମାନ "ମିତ୍ର ବିଭୂଷଣ'ରେ ସମ୍ମାନିତ କରାଯାଇଥିଲା ।

## ଭାରତ-ନେପାଳ ଗୃହ ସଚିବ ସ୍ତରୀୟ ଆଲୋଚନା

ନୂଆଦିଲ୍ଲୀ:ଭାରତ ଏବଂ ନେପାଳ ମଧ୍ୟରେ ଗୃହ ସଚିବ ସ୍ତରୀୟ ଆଲୋଚନା ୨୨ ଜୁଲାଇ ୨୦୨୫ ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା । ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ଭାରତ ସରକାରଙ୍କ ଗୃହ ସଚିବ ଗୋବିନ୍ଦ ମୋହନ ଏବଂ ନେପାଳୀ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଲେ ନେପାଳ ସରକାରଙ୍କ ଗୃହ ସଚିବ ଗୋକର୍ଣ୍ଣ ମଣି ଦୁଓ୍ୱାଦି ।

ଆଲୋଚନା ସମୟରେ, ଉଭୟ ପକ୍ଷଦ୍ୱିପାକ୍ଷିକ ସୁରକ୍ଷା ସହଯୋଗର ସମ୍ପୂର୍ଣ୍ଣ ପରିସର ଓ ସୀମା ପରିଚାଳନା ସମୀକ୍ଷା କଲେ ଏବଂ ଏହାକୁ ଆହୁରି ମଜବୁତ କରିବାକୁ ସହମତ ହେଲେ । ସେମାନଙ୍କର ଆଲୋଚନାରେ ସୀମା ସ୍ତମ୍ଭଗୁଡ଼ିକର ମରାମତି ଏବଂ ରକ୍ଷଣାବେକ୍ଷଣ, ସୀମାପାର ଅପରାଧିକ କାର୍ଯ୍ୟକଳାପ, ସୀମା ଜିଲ୍ଲା ସମନ୍ୱୟ କମିଟିର କାର୍ଯ୍ୟ, ସୀମା ଭିତ୍ତିଭୂମି ବିଶେଷକରି ଆଇସିପି, ରାସ୍ତା ଏବଂ ରେଳ ନେଟଓ୍ୱାର୍କର ସୁଦୃଢ଼ୀକରଣ, ବିଭିନ୍ନ ସୁରକ୍ଷା ସମ୍ବନ୍ଧୀୟ ପ୍ରତିଷ୍ଠାନର ସଶକ୍ତିକରଣ



ଏବଂ କ୍ଷମତା ନିର୍ମାଣ ଏବଂ ବିପର୍ଯ୍ୟୟ ବିପଦ ହ୍ରାସ ଏବଂ ପରିଚାଳନାରେ ସହଯୋଗକୁ ମଜବୁତ କରିବାର ଉପାୟ ଅନ୍ତର୍ଭୁକ୍ତ ଥିଲା । ସେମାନେ ଅପରାଧିକ ମାମଲାରେ ପାରସ୍ପରିକ ଆଇନଗତ ସହାୟତା ଚୁକ୍ତିନାମାର ପାଠ୍ୟ ଚୂଡ଼ାନ୍ତକୁ ସ୍ୱାଗତ କରିଥିଲେ ଏବଂ ସଂଶୋଧିତ ପ୍ରତ୍ୟର୍ପଣ ଚୁକ୍ତିନାମାର ଶୀଘ୍ର ସମାପ୍ତି ପାଇଁ କାର୍ଯ୍ୟ କରିବାକୁ ସହମତ ହୋଇଥିଲେ । ପରବର୍ତ୍ତୀ ଗୃହ ସଚିବ ସ୍ତରୀୟ ଆଲୋଚନା ପାରସ୍ପରିକ ସୁବିଧାଜନକ ତାରିଖରେ ନେପାଳରେ ଅନୁଷ୍ଠିତ ହେବା ପାଇଁ ସହମତ ହୋଇଥିଲା ।

## ଖୁବ୍ ଶୀଘ୍ର ଉପରାଷ୍ଟ୍ରପତିଙ୍କ ଭବନ ଖାଲି କରିବେ ଧନଖଡ଼

ନୂଆଦିଲ୍ଲୀ: ଉପରାଷ୍ଟ୍ରପତି ପଦରୁ ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପରେ ସେ ଖୁବ୍ ଶୀଘ୍ର ଉପରାଷ୍ଟ୍ରପତିଙ୍କ ଭବନ ଖାଲି କରିବାକୁ ଯାଉଛନ୍ତି ବୋଲି ସୂଚନା ରହିଛି । ସୂତ୍ର ଅନୁଯାୟୀ, ପୂର୍ବତନ ଉପରାଷ୍ଟ୍ରପତି ତାଙ୍କ ଇସ୍ତଫା ଦେବା ଦିନ ରାତିରେ ଘର ଛାଡ଼ିବା ପାଇଁ ଜିନିଷପତ୍ର ସଜାଡ଼ିବା ଆରମ୍ଭ କରି ଦେଇଥିଲେ । ଅନେକ ବିରୋଧୀ ଦଳର ନେତା ଧନଖଡ଼ଙ୍କୁ ସାକ୍ଷାତ କରିବାକୁ ସମୟ ମାଗିଥିଲେ । ମାତ୍ର ସେମାନଙ୍କୁ ଦେଖା କରିବା ପାଇଁ ଅନୁମତି ଏଯାଏ ମିଳିନାହିଁ ଉଲ୍ଲେଖଯୋଗ୍ୟ, ଇସ୍ତଫା ପଛର କାରଣ ନେଇ ନାନା କଳ୍ପନାଜଳ୍ପନା ଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଏକ ସଂକ୍ଷିପ୍ତ ବିଦାୟ ବାର୍ତ୍ତା ଦେଇଛନ୍ତି । ଶ୍ରୀ ଧନଖଡ଼ଙ୍କୁ ଭାରତର ଉପରାଷ୍ଟ୍ରପତି ସମେତ ବିଭିନ୍ନ ପଦପଦବିରେ ଦେଶସେବା କରିବାର ଅନେକ ସୁଯୋଗ ମିଳିଛି । ତାଙ୍କ ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି ବୋଲି ପ୍ରଧାନମନ୍ତ୍ରୀ ଟ୍ୱିଟ୍ କରିଛନ୍ତି । ତେବେ ସେ ତାଙ୍କ ସ୍ୱାସ୍ଥ୍ୟ କାରଣରୁ ଇସ୍ତଫା ଦେଉଥିବା ମୋଦୀ କହିଛନ୍ତି ।



## ୫ବର୍ଷ ପରେ ଉଠିଲା କଟକଣା

# ଆଜିଠୁ ଚୀନ୍ ପାଇଁ ଆରମ୍ଭ ହେବ ପର୍ଯ୍ୟଟନ ଭିସା

ନୂଆଦିଲ୍ଲୀ: ଏବେ ଭାରତ ଭ୍ରମଣରେ ଆସିପାରିବେ ଚୀନ୍ ନାଗରିକ । ଦୀର୍ଘ ପାଞ୍ଚ ବର୍ଷ ପରେ ଭାରତ ସରକାର, ଚୀନ୍ ନାଗରିକଙ୍କୁ ପର୍ଯ୍ୟଟନ ଭିସା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି । ଏହି ପ୍ରକ୍ରିୟା ଆଜିଠୁ ପୁନଃ ଆରମ୍ଭ ହେବ । ବେଜିଂରେ ଥିବା ଭାରତୀୟ ଦୂତାବାସ ବୁଧବାର ଏହି ନିଷ୍ପତ୍ତି ବିଷୟରେ ସୂଚନା ଦେଇଛି । ସୂଚନାଯୋଗ୍ୟ ଯେ, ମାର୍ଚ୍ଚ ୨୦୨୦ରେ କୋଭିଡ୍ -୧୯ ମହାମାରୀ ସମୟରେ ସଂକ୍ରମଣକୁ ରୋକିବା ପାଇଁ ଭାରତ ସମସ୍ତ ପର୍ଯ୍ୟଟନ ଭିସାକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିଥିଲା । ସେବେଠାରୁ ଚୀନ୍ ନାଗରିକଙ୍କ ପାଇଁ ଭିସା ସେବା ବନ୍ଦ ଥିଲା । ଭାରତୀୟ ଦୂତାବାସ ଦ୍ୱାରା ସେୟାର କରାଯାଇଥିବା ପୋଷ୍ଟରେ କୁହାଯାଇଛି ଯେ, 'ଭାରତ ଭ୍ରମଣ ପାଇଁ ୨୪ ଜୁଲାଇ, ୨୦୨୫ଠାରୁ, ଚୀନ୍ ନାଗରିକମାନେ ପର୍ଯ୍ୟଟନ ଭିସା ପାଇଁ ଆବେଦନ କରିପାରିବେ । ସେମାନଙ୍କୁ ପ୍ରଥମେ ଓ୍ୱେବ୍ ଲିଙ୍କରେ ଅନଲାଇନ୍ ଭିସା ଆବେଦନ ଫର୍ମ ପୂରଣ କରିବାକୁ ପଡିବ ଏବଂ ଏହାର ପ୍ରିଣ୍ଟଆଉଟ୍ ନେବାକୁ ପଡିବ । ଏହା ପରେ, ଓ୍ୱେବ୍ ଲିଙ୍କରେ ଏକ ନିଯୁକ୍ତି ନେବାକୁ ପଡିବ । ଭାରତୀୟ ଭିସା ଆବେଦନ କେନ୍ଦ୍ରରେ ଆବେଦନ ଦାଖଲ କରିବା ପାଇଁ ସେମାନଙ୍କୁ ପାସପୋର୍ଟ, ଭିସା ଆବେଦନ ପତ୍ର ଏବଂ ଅନ୍ୟାନ୍ୟ ଆନୁସଂଗିକ ଡକ୍ୟୁମେଣ୍ଟ ଆଣିବାକୁ ପଡିବ ।'




## ଅଷ୍ଟ୍ରେଲିଆ ଓ ଆୟର୍ଲ୍ୟାଣ୍ଡରେ ଭାରତୀୟଙ୍କୁ ମାଡ଼

ନୂଆଦିଲ୍ଲୀ : ବିଦେଶରେ ପଢୁଥିବା ରହୁଥିବା ଭାରତୀୟ ସୁରକ୍ଷିତ ନୁହନ୍ତିଛ ଏହାର ଜ୍ୱଳନ୍ତ ଉଦାହରଣ ପୁଣି ଅଷ୍ଟ୍ରେଲିଆ ଓ ଆୟର୍ଲ୍ୟାଣ୍ଡରୁ ସାମ୍ନାକୁ ଆସିଛି । ବର୍ଣ୍ଣ ବୈଷମ୍ୟର ଶିକାର ହୋଇ ଦୁଇ ଜଣ ଭାରତୀୟ ଏବେ ଜୀବନମରଣ ସହ ସଂଘର୍ଷ କରୁଛନ୍ତି । ସେମାନଙ୍କୁ ସଂଘବଦ୍ଧ ଭାବେ ବିଚ ରାସ୍ତାରେ ମାଡ଼ ମରାଯାଇଛି ।ଅଷ୍ଟ୍ରେଲିଆର ଆଡିଲେଡରେ ଆକ୍ରମଣ ହୋଇଥିବା ଭାରତୀୟ ଛାତ୍ର ଜଣଙ୍କ ଏବେ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ସମ୍ଭାବ୍ୟ ବର୍ଣ୍ଣ ବୈଷମ୍ୟ ବିବାଦ କାରଣରୁ ତାଙ୍କୁ ଆକ୍ରମଣ କରାଯାଇଛି ।ଏହି ଘଟଣା ପରେ ଅଷ୍ଟ୍ରେଲିଆରେ ରହୁଥିବା ଭାରତୀୟ ଲୋକମାନେ ଚିନ୍ତା ପ୍ରକଟ କରିଛନ୍ତି । ଅନ୍ତର୍ଜାତୀୟ ଶିକ୍ଷାର୍ଥୀଙ୍କୁ ଅଧିକ ସୁରକ୍ଷା ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି ।୨୩ ବର୍ଷୀୟ ଚରଣପ୍ରୀତ ସିଂହ ନିଜର ପତ୍ନୀଙ୍କ ସହ ଶନିବାର ସନ୍ଧ୍ୟାରେ କିଣ୍ଟୋରେ ଠାରେ ବୁଲୁଥିଲେ । ଏତିକି ବେଳେ ୫ ଜଣ ଯୁବକ ସେମାନଙ୍କ ଉପରେ ହଠାତ ଆକ୍ରମଣ କରି ଦେଇଥିଲେ । ଅଷ୍ଟ୍ରେଲିଆ ଟୁଡେର ରିପୋର୍ଟ ଅନୁସାରେ, ଦମ୍ପତି ସେମାନଙ୍କ କାର ପାର୍କ କରିବା ସହ ସହରରେ ଲାଗିଥିବା ସୁନ୍ଦର ଲାଇଟକୁ ରାତି ୯ .୨୨ରେ ଉପଭୋଗ କରିବାକୁ ଚାହୁଁଥିଲେ । ଆକ୍ରମଣକାରୀମାନେ ଆଉ ଗୋଟିଏ କାରରେ ଆସି ସେମାନଙ୍କୁ ଆକ୍ରମଣ କରିଥିଲେ ।ପ୍ରତ୍ୟେକ୍ଷଦର୍ଶୀ ଓ ସୋଶଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରୁ ସ୍ପଷ୍ଟ ହୋଇଛି ଯେ କିଛି ଧାରୁଆ ଅସ୍ତ୍ର ଓ ଲୁହା ରଡରେ ସେମାନେ ଚରଣପ୍ରୀତଙ୍କୁ ଆକ୍ରମଣ କରିଛନ୍ତି । ସେମାନେ ଆକ୍ରମଣ କରିବା ବେଳେ ବର୍ଣ୍ଣ ବୈଷମ୍ୟ ଶବ୍ଦର ବ୍ୟବହାର କରିଥିଲେ । ଭାରତୀୟଙ୍କୁ ସେମାନେ ଘୃଣା କରୁଥିବା ମଧ୍ୟ ମାଡ଼ ମାରିବା ବେଳେ କହିଥିଲେ ।

## ଭାରତ-ପାକ୍ ଆକାଶ ସୀମାରେ ପୁଣି କଟକଣା

ନୂଆଦିଲ୍ଲୀ: ଭାରତ ଓ ପାକିସ୍ତାନ ପୁଣି ଥରେ ସୀମାରେ ନିଜ ନିଜ ଆକାଶପଥକୁ କଡ଼ାକଡ଼ି କରିଛନ୍ତି । ମେ ମାସ ପ୍ରାରମ୍ଭରେ ଗମ୍ଭୀର ଉତ୍ତେଜନା ସୃଷ୍ଟି ହେବାର ତିନି ମାସରୁ କମ୍ ସମୟ ପରେ ଉଭୟ ଦେଶ ଏୟାର ମ୍ୟାନମାନଙ୍କୁ ନୂତନ ନୋଟାମ୍ ଜାରି କରିଛନ୍ତି, ଯେଉଁଥିରେ ସାମରିକ ସତର୍କତା ଜାରି ରହିବ ବୋଲି ସଙ୍କେତ ଦିଆଯାଇଛି । ଭାରତୀୟ ବାୟୁସେନାର ଦକ୍ଷିଣ-ପଶ୍ଚିମ ବାୟୁସେନା କମାଣ୍ଡ ଜୁଲାଇ ୨୩ରୁ ୨୫ ପର୍ଯ୍ୟନ୍ତ ଏକ ବାୟୁଯୁଦ୍ଧ ଅଭ୍ୟାସ କରିବ । ଅନ୍ତର୍ଜାତୀୟ ସୀମାଠାରୁ ଅଳ୍ପ ଦୂରେର ରାଜସ୍ଥାନ-ଗୁଜରାଟ ଅଞ୍ଚଳରେ ଏହି ଅଭ୍ୟାସ କରାଯିବ । ସେପଟେ ପାକିସ୍ତାନ ତା'ର କେନ୍ଦ୍ରୀୟ ଓ ଦକ୍ଷିଣ ଆକାଶମାର୍ଗକୁ ଅବରୋଧ କରିଛି । କେନ୍ଦ୍ରୀୟ ଅଞ୍ଚଳକୁ ନିଷିଦ୍ଧ କରାଯିବା ସହ ଦକ୍ଷିଣ ସେକଟର ବନ୍ଦ ରଖିବା ଉପରେ ଫୋକସ୍ କରାଯାଉଛି ।ମେ ୭ ତାରିଖରେ ଭାରତ ଅପରେସନ୍ ସିନ୍ଦୂର ଅଧୀନରେ ପାକିସ୍ତାନ ଓ ପାକ୍-ଅଧିକୃତ କାଶ୍ମୀରରେ ଆକ୍ରମଣ କରିଥିଲା । ଏଥିରେ ୯ଟି ଆତଙ୍କୀ କେନ୍ଦ୍ରକୁ ଧ୍ୱଂସ କରାଯାଇ ଥିଲା । ଭାରତର ଉଦ୍ଦେଶ୍ୟ ଥିଲା କେବଳ ଆତଙ୍କବାଦୀ ଭିତ୍ତିଭୂମିକୁ ନିଷ୍କ୍ରିୟ କରିବା, ଅଧିକ ଉତ୍ତେଜନା ସୃଷ୍ଟି କରିବା ନୁହେଁ । କିନ୍ତୁ ପାକିସ୍ତାନ ଏହାର ଜବାବ ଦେଇଥିଲା । ଭାରତୀୟ ଏୟାରବେସ୍, ସାମରିକ ପ୍ରତିଷ୍ଠାନ ଓ ଏପରିକି ବେସାମରିକ ଅଞ୍ଚଳକୁ ଟାର୍ଗେଟ୍ କରି କ୍ରମାଗତ ଭାବେ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼ କରିଥିଲା ।ଏହାପରେ ମେ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଯୁଦ୍ଧରେ ଭାରତୀୟ ବାୟୁସେନା ପାକିସ୍ତାନର ୯ଟି ଏୟାରବେସ୍ ଓ ୩ଟି ରାଡାର ପ୍ରତିଷ୍ଠାନକୁ ଟାର୍ଗେଟ କରିଥିଲା । ଏମାନଙ୍କ ମଧ୍ୟରୁ କେତେକ ସମ୍ବେଦନଶୀଳ ଅଞ୍ଚଳ, ପରମାଣୁ ସ୍ଥଳ ଓ ପ୍ରମୁଖ କମାଣ୍ଡ ଢାଞ୍ଚା ନିକଟରେ ଥିଲା । ବିଶେଷ କରି ସୀମା ନିକଟରେ ସାମରିକ ଅଭ୍ୟାସ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ୱାଭାବିକ ନୁହେଁ । ମେ ୧୦ରେ ଶତ୍ରୁତା ଶେଷ ହେବା ସେ%o ଛାୟା ଉତ୍ତେଜନା ଲାଗିରହିଛି । ଅଭ୍ୟାସର ନୂତନ ଲହର ଦର୍ଶାଉଛି ଯେ ଉଭୟ ପକ୍ଷ ନିଜର ପ୍ରସ୍ତୁତି ଚଳାଇଛନ୍ତି ।



## ପିବି -ଶବ୍ଦ ପ୍ଲାଟଫର୍ମରେ ପଞ୍ଜୀକରଣ କରିବାକୁ ଅନୁରୋଧ କଲା ପ୍ରସାର ଭାରତୀ

ନୂଆଦିଲ୍ଲୀ : ପ୍ରସାର ଭାରତୀ ସମଗ୍ର ଭାରତର ସମସ୍ତ ସମ୍ବାଦପତ୍ର, ପତ୍ରିକା ଏବଂ ଟିଭି ଚ୍ୟାନେଲଗୁଡ଼ିକୁ ଏହାର ନ୍ୟୁଜଓ୍ୱାୟାର ପ୍ଲାଟଫର୍ମ, ପ୍ରସାର ଭାରତୀ ସେୟାରଡ୍ ଅଡିଓ ଭିଜୁଆଲ୍ସ ଫର୍ ବ୍ରଡକାଷ୍ଟ ଆଣ୍ଡ୍ ଡିସେମିନେସନ୍ (ପିବି-ଶବ୍ଦ) ରେ ପଞ୍ଜୀକରଣ କରିବାକୁ ନିମନ୍ତ୍ରଣ କରିଛି, ଯାହା ଦ୍ୱାରା ଉଚ୍ଚମାନର ସମାଚାର ଏବଂ ମଲଫିମିଡିଆ ବିଷୟବସ୍ତୁ ମାଗଣାରେ ଉପଲବ୍ଧ ହୋଇପାରିବ ।

ମାର୍ଚ୍ଚ ୨୦୨୪ ରେ ଆରମ୍ଭ ହୋଇଥିବା, ପିବି-ଶବ୍ଦ ପ୍ରତିଦିନ ବହୁବିଧ ଭାରତୀୟ ଭାଷାରେ ୮୦୦ ରୁ ଅଧିକ ସମାଚାର କାହାଣୀ ପ୍ରଦାନ କରେ, ଯାହା ୪୦ ରୁ ଅଧିକ ବିବିଧ ବର୍ଗକୁ କଭର କରେ । ଏହି ପ୍ଲାଟଫର୍ମରେ ପ୍ରମୁଖ ଜାତୀୟ ଏବଂ ଅନ୍ତର୍ଜାତୀୟ ଘଟଣାଗୁଡ଼ିକର ଲାଇଭ୍ ଫିଡ୍, ଦୃଶ୍ୟ ବିଷୟବସ୍ତୁର ଏକ ସମୃଦ୍ଧ ଅଭିଲେଖାଗାର ଏବଂ ନିୟମିତ ଭାବରେ ପ୍ରକାଶିତ ବ୍ୟାଖ୍ୟାମୂଳକ ଏବଂ ଗବେଷଣା-ଆଧାରିତ ଲେଖା ମଧ୍ୟ ରହିଛି । ସମସ୍ତ ବିଷୟବସ୍ତୁ ବ୍ୟବହାରଯୋଗ୍ୟ ଫର୍ମାଟରେ ଉପଲବ୍ଧ କରାଯାଇଛି, ଯାହା ମିଡିଆ ସଂଗଠନ ଏବଂ କଣ୍ଟେଣ୍ଟ କ୍ରିଏଟରଙ୍କ ପାଇଁ ସହଜ ଉପଲବ୍ଧତା ସୁନିଶ୍ଚିତ କରିଥାଏ ।

ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଶ୍ରୀ ସଞ୍ଜୟ ଜାଜୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ, ପ୍ରାମାଣିକ ଏବଂ ବୋଧଗମ୍ୟ ସୂଚନା ବ୍ୟାପକ ଭାବରେ ପ୍ରସାର ନିଶ୍ଚିତ କରିବା ପାଇଁ ସମସ୍ତ ବିଶ୍ୱସନୀୟ ଗଣମାଧ୍ୟମ ସଂଗଠନଗୁଡ଼ିକୁ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି ।

# ତେଜସ୍ୱୀଙ୍କ ଉପରେ ବର୍ଷିଲେ ନୀତିଶ

ପାଟନା: ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗରେ ବୁଧବାର ବିହାର ବିଧାନସଭାରେ ଏକ ବଡ଼ ହଟ୍ଟଗୋଳ ଦେଖିବାକୁ ମିଳିଥିଲା । ଯେତେବେଳେ ଆରଜେଡି ନେତା ତେଜସ୍ୱୀ ଯାଦବ ସ୍ୱତନ୍ତ୍ର ସଂଶୋଧନ କରିବା ନେଇ ପ୍ରଶ୍ନ ପଚାରିଲେ, ସେତେବେଳେ ନୀତିଶ କୁମାର ତାଙ୍କ ଆସନରୁ ଉଠିପଡ଼ି ତାଙ୍କୁ ଛୁଆ ବୋଲି କହିଥିଲେ । ଏହା ସହ ତାଙ୍କ ବାପାଙ୍କ ସରକାରରେ କୌଣସି ଉନ୍ନତିମୂଳକ କାମ ହୋଇନଥିବା କହିଥିଲେ ।ଆଗକୁ ନିର୍ବାଚନ ଥିବା ବେଳେ ଏବେ ବିହାରରେ ରାଜନୀତି ଜୋରସୋରରେ ଆରମ୍ଭ ହୋଇଛି । ବିହାରରେ କ୍ଷମତା ହାସଲ କରିବା ପାଇଁ ବିଭିନ୍ନ ଦଳ ନିଜର ପ୍ରୟାସ ଆରମ୍ଭ କରିଛନ୍ତି । ଏମଧ୍ୟରେ ମୁହାଁମୁହିଁ ହୋଇଛନ୍ତି ତେଜସ୍ୱୀ-ନୀତିଶ । ଅତୀତରେ ଉଭୟ ମିଶି ସରକାର ଚଳାଇଥିବା ବେଳେ ଏବେ ବିରୋଧୀ ପାଲଟିଛନ୍ତି ।



ବିହାର ବିଧାନସଭାର ମୌସୁମୀ ଅଧିବେଶନର ତୃତୀୟ ଦିନରେ ତେଜସ୍ୱୀଙ୍କ ଉପରେ ବିରକ୍ତି ପ୍ରକାଶ କରି ନୀତିଶ କହିଛନ୍ତି, ତୁମେ ଛୋଟ ଥିଲ ଯେତେବେଳେ ତୁମର ପିତାମାତା (ଲାଲୁ ପ୍ରସାଦ ଯାଦବ ଏବଂ ରାବ୍ରୀ ଦେବୀ) ମୁଖ୍ୟମନ୍ତ୍ରୀ ଥିଲେ । ସେ ସମୟରେ ସେମାନେ ରାଜ୍ୟ ପାଇଁ କ'ଣ କାମ କରିଥିଲେ? ଆମେ ତୁମକୁ ସାଙ୍ଗରେ ନେଇ ସରକାର ଗଢିଲୁ ।କିନ୍ତୁ ତୁମେମାନେ ଠିକ୍ କାମ କରୁନଥିବା ଜାଣି ଆମେ ପୁଣି ତୁମମାନଙ୍କଠାରୁ ଅଲଗା ହୋଇଗଲୁ । ତୁମେ ଏବେ ଛୋଟ ପିଲାଛ କିଛି ଜାଣିନ । ସମସ୍ତେ ଦେଖିଛନ୍ତି ଆମେ କେତେ କାମ କରିଛୁ । କିଛି ମାସ ପରେ ନିବାଚନ ହେବ । ଜନତା ଯାହାକୁ ବାଛିବାକୁ ଚାହୁଁଛନ୍ତି ତାଙ୍କୁ ବାଛିବେ ।

ତେଜସ୍ୱୀଙ୍କୁ ସିଧାସଳଖ ସମାଲୋଚନା କରି ସେ କହିଛନ୍ତି, ତୁମ ସରକାରରେ କିଏ ମହିଳାଙ୍କ ପାଇଁ କିଛି କରିଛି କି? ଯଦି ନିର୍ବାଚନ ଲଢ଼ିବାକୁ ଚାହୁଁଛ, ତେବେ ର୍ନିବାଚନ ଲଢ଼ । କିନ୍ତୁ ର୍ନିବାଚନ ଲଢ଼ିବା ପାଇଁ ଅଯଥା କଥା କୁହ ନାହିଁ । ତାଙ୍କ ସରକାର ମହିଳାଙ୍କ ପାଇଁ କରିଥିବା କାର୍ଯ୍ୟର ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ନୀତିଶ କହିଥିଲେ ଯେ, ପ୍ରଥମେ ମହିଳାଙ୍କ ପାଇଁ କେହି କିଛି କରିଥିଲେ କି? ଆମେ ତାଙ୍କ ପାଇଁ ୫୦ପ୍ରତିଶତ ସଂରକ୍ଷଣ ଆରମ୍ଭ କଲୁ । ଆଜି ଗୃହରେ ତିନି-ଚାରି ଜଣ ମହିଳା ବିଧାୟକ ଅଛନ୍ତି ।

# ବ୍ରିଟେନ ସହ ମୁକ୍ତ ବାଣିଜ୍ୟ ବୁଝାମଣା

ନୂଆଦିଲ୍ଲୀ: ଭାରତ ଓ ବ୍ରିଟେନ ମଧ୍ୟରେ ଐତିହାସିକ ମୁକ୍ତ ବାଣିଜ୍ୟ ବୁଝାମଣା(ଏଫଟିଏ) ସ୍ୱାକ୍ଷରିତ ହେବାକୁ ଯାଉଛି । ଗୁରୁବାର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରିଟେନ ଗସ୍ତ ସମୟରେ ଏହି ଚୁକ୍ତି ଉପରେ ମୋହର ବାଜିବ । ଦୀର୍ଘ ୩ ବର୍ଷର ଧରି ଦୁଇ ଦେଶ ମଧ୍ୟରେ ଚାଲିଥିବା ବୁଝାମଣା ଗୁରୁବାର ସଫଳ ରୂପ ନେବାକୁ ଯାଉଛି ।ଗୋଟିଏ ଦଶନ୍ଧି ମଧ୍ୟରେ କୌଣସି ବିକଶିତ ଅର୍ଥନୀତିକ ରାଷ୍ଟ୍ର ସହ ଭାରତ ପ୍ରଥମଥର ପାଇଁ ମୁକ୍ତ ବାଣିଜ୍ୟ ଚୁକ୍ତି କରିବାକୁ ଯାଉଛି । ବ୍ରିଟେନର ସଂସଦ ଓ ଭାରତର କ୍ୟାବିନେଟ ଆଇନଗତ ମଞ୍ଜୁରୀ ମଧ୍ୟ ପ୍ରଦାନ କରିବା କ୍ଷଣି ଏହା ଲାଗୁ ହେବାକୁ ଯାଉଛି ।ନିଶାଯୁକ୍ତ ପାନୀୟଦ୍ରବ୍ୟ ଉପରେ ଲାଗୁ ହେଉଥିବା ଆମଦାନୀ ଶୁଳ୍କ ୧୫୦%ରୁ ୭୫% ଖସି ଆସିବ । ବ୍ରିଟେନ ନିର୍ମିତ କାର ଉପରେ ବର୍ତ୍ତମାନ ଶୁଳ୍କ ୧୦୦%ରୁ ଅଧିକ ଲାଗୁ ହେଉଛି । ଏଫଟିଏ ପରେ ଏହା ୧୦%କୁ ଖସି ଆସିବ । ବ୍ରିଟେନରୁ ଆସୁଥିବା କସମେଟିକ, ଚୋକୋଲେଟ, ବିସ୍କୁଟ ଓ ମେଡିକାଲ ଯନ୍ତ୍ରପାତି ଉପରେ ଲାଗୁ ହେଉଥିବା ଶୁଳ୍କ ଆଶାତୀତ ଭାବେ ହ୍ରାସ ପାଇବ ।ଏଫଟିଏ ପରେ ବ୍ରିଟେନ ମାର୍କେଟକୁ ଭାରତରୁ ରପ୍ତାନୀ ହେଉଥିବା ୯୯% ଜିନିଷ ଉପରେ କୌଣସି ପ୍ରକାରର ସୀମା ଶୁଳ୍କ ଲାଗୁ ହେବନି ।ବ୍ରିଟିଶ ସରକାରଙ୍କ ଆକଳନ କରିଛନ୍ତି ଯେ ଏଫଟିଏ ଦ୍ୱାରା ବ୍ରିଟେନର ଜିଡିପି ବାର୍ଷିକ ୫୬,୧୫୦ କୋଟି ଟଙ୍କାରେ ପହଞ୍ଚିବ । ଭାରତୀୟ ଜନିଷ ଓ ଖାଦ୍ୟ ସାମଗ୍ରୀ ବ୍ରିଟେନର ଲୋକମାନେ ଶସ୍ତାରେ ପାଇବେ । ଭାରତ ମଧ୍ୟ ବ୍ରିଟେନର ସାମଗ୍ରୀ ଉପରେ ଲାଗୁ କରୁଥିବା ଶୁଳ୍କକୁ ୯୦% ଯାଏ ହ୍ରାସ କରିବ ।



# ଚାନ୍ଦା ମାଗି ଲୋକହସା ହେଲେ ୟୁନୁସ୍

ଢାକା: ଢାକା ବିମାନ ଦୁର୍ଘଟଣା ମଧ୍ୟରେ ବାଂଲାଦେଶର ମୁଖ୍ୟ ପରାମର୍ଶଦାତା ମହମ୍ମଦୟୁନୁସ ସରକାରଙ୍କ ବିଫଳତା ପାଇଁ ନିଜ ନାଗରିକଙ୍କ ଦ୍ୱାରା ଟାର୍ଗେଟ୍ ହେଉଛନ୍ତି ।ଏହାରି ମଧ୍ୟରେୟୁନୁସ୍ଙ୍କର ଏକ ଫେସ୍ବୁକ୍ ପୋଷ୍ଟ ସଭିଙ୍କ ମୁଣ୍ଡବିନ୍ଧାର କାରଣ ବନିଛି । ବାଂଲାଦେଶ ବିମାନ ଦୁର୍ଘଟଣା ପରେ ମହମ୍ମଦୟୁନୁସଙ୍କ ଚାନ୍ଦା ମାଗିବା ଘଟଣା ଏବେ ଚର୍ଚ୍ଚାରେ । ସୋସିଆଲ ମିଡିଆରେ ତୀବ୍ର ସମାଲୋଚନାର ଶିକାର ହୋଇଛନ୍ତିୟୁନୁସ । ନୋବେଲ ଶାନ୍ତି ପୁରସ୍କାର ବିଜେତା ତଥା ବାଂଲାଦେଶର ଅନ୍ତରୀଣ ସରକାରର ମୁଖ୍ୟ ପରାମର୍ଶଦାତା ମହମ୍ମଦୟୁନୁସ୍, ଏକ ବିମାନ ଦୁର୍ଘଟଣା ପରେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଥିଲେ ଛ । ଏହି ପୋଷ୍ଟରେ ବିମାନ ଦୁର୍ଘଟଣାରେ ଆହତ ହୋଇଥିବା ଯାତ୍ରୀଙ୍କ ପାଇଁ ଚାନ୍ଦା ବା ସହାୟତା ମାଗିଥିଲେ । ସୋସିଆଲ ମିଡିଆରେ ଏପରି ଚାନ୍ଦା ମାଗିବାକୁ ନେଇ ଲୋକଙ୍କ ଆକ୍ରୋଶ ଏତେ ବଢ଼ିଯାଇଥିଲା ଯେୟୁନୁସ ନିଜ ପୋଷ୍ଟକୁ ଡିଲିଟ୍ କରିବାକୁ ବାଧ୍ୟ ହୋଇଥିଲେ । ପୋଷ୍ଟରେ ଲୋକେ କମେଣ୍ଟ ଦେଇଥିଲେ ଯେ, ସରକାରଙ୍କ ପାଖରେ ଟଙ୍କା ନାହିଁ ଗୁରୁତର ମାନଙ୍କୁ ଚିକିତ୍ସା କରିବା ପାଇଁ । ଆଉ ଜଣେ କହିଥିଲେ ଦେଶ ଚଳାଇବା ପାଇଁ ଭିକ ମାଗିବାକୁ ପଡୁଛ ।ଉଲ୍ଲେଖଯୋଗ୍ୟ, ଗତ ସୋମବାର ଦିନ ବାଂଲାଦେଶ ବାୟୁସେନାର ତାଲିମ ବିମାନ ଅପରାହ୍ନ ୧ଟା ୧୦ ସମୟରେ ଢାକାର ଉତ୍ତରା ଅଞ୍ଚଳରେ ଥିବା ମାଇଲଷ୍ଟୋନ୍ ସ୍କୁଲ ଆଣ୍ଡ କଲେଜ ପରିସରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ବିଦ୍ୟାଳୟରେ ପାଠପଢ଼ା ଚାଲିଥିବା ବେଳେ ବିମାନଟି ଖସିପଡିଥିଲା, ଯେଉଁ ସ୍କୁଲରେ ପ୍ରାୟ ୨୦୦୦ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଦୁର୍ଘଟଣା ସ୍ଥଳରୁ ନିଆଁ ଓ କଳା ଧୂଆଁ ଉଠୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା କି, ବିମାନଟି ସ୍କୁଲର ଗେଟ୍ ନିକଟରେ ପଡି ନିଆଁ ଲାଗିଯାଇଥିଲା । ଆହତଙ୍କୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ବର୍ଣ୍ଣ ଆଣ୍ଡ ପ୍ଲାଷ୍ଟିକ ସର୍ଜରୀ ସମେତ ବିଭିନ୍ନ ହସ୍ପିଟାଲକୁ ନିଆଯାଇଥିଲା । ଘଟଣା ପରେ ବାଂଲାଦେଶ ସେନା ଓ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ମୁଖ୍ୟ ଉପଦେଷ୍ଟା ମହମ୍ମଦୟୁନୁସ ଏହି ଘଟଣାକୁ ଦୁଃଖର ମୁହୂର୍ତ୍ତ ବୋଲି ବର୍ଣ୍ଣନା କରି ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଥିଲେ ।



# ଇତିହାସ ରଚିଲା ଭାରତୀୟ ମହିଳା ଦଳ

ଲଣ୍ଡନ, ୨୩।୭(ଏଜେନ୍ସି) : ଇଂଲଣ୍ଡ ମାଟିରେ ଇତିହାସ ରଚିଛି ଭାରତୀୟ ମହିଳା କ୍ରିକେଟ୍ ଦଳ। ହରମନପ୍ରୀତ କୌରଙ୍କ ଟିମ୍ ଇଣ୍ଡିଆ ଦିନିକିଆ କ୍ରିକେଟ୍‌ରେ ଏହି କୀର୍ତ୍ତିମାନ କରିଛି। ଭ୍ରମଣକାରୀ ଭାରତୀୟ ଦଳ ଦମଦାର ପ୍ରଦର୍ଶନ କରି ଇଂଲଣ୍ଡ ବିପକ୍ଷ ତୃତୀୟ ତଥା ନିର୍ଣ୍ଣାୟକ ଦିନିକିଆକୁ ୧୩ ରନରେ ଜିତିଯାଇଛି। ଏହି ବିଜୟ ସହ ଭାରତୀୟ ଦଳ ୨-୧ରେ ଦିନିକିଆ ଶୃଙ୍ଖଳାକୁ କବ୍‌ଜା କରିଛି।




ଅଧିନାୟକ ହରମନପ୍ରୀତ ୮୪ ବଲରେ ବିସ୍ଫୋରକ ୧୦୨ ରନ କରିବା ଯୋଗୁଁ ଭାରତୀୟ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୪ ୱିକେଟ୍ ହରାଇ ୩୧୮ ରନ୍ କରିଥିଲା। ଜେମିମା ରୋଡ୍ରିଗୁଏଜ ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିଲେ। ରିଚା ଘୋଷ ୧୮ ବଲରେ ୩୮ ରନ୍ କରିଥିଲେ। ୩୧୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୪୯.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୩୦୫ ରନ୍ କରିବାକୁ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ଯୁବ ବୋଲର କ୍ରାନ୍ତି ଗୌଡ ଏକାକି ୬ ୱିକେଟ୍ ନେଇଥିଲେ। ଭାରତ ୧୩ ରନ୍ ବ୍ୟବଧାନରେ ଶୃଙ୍ଖଳାକୁ ୨-୧ରେ ଜିତିଛି। ଭାରତ ଇତିହାସରେ ଦ୍ୱିତୀୟ ଦଳ ଭାବେ ଇଂଲଣ୍ଡ ମାଟିରେ କ୍ରମାଗତ ଦ୍ୱିତୀୟ ଥର ଦିନିକିଆ ଶୃଙ୍ଖଳା ଜିତି ୨୦୨୨ ଦିନିକିଆ ଶୃଙ୍ଖଳାରେ ଭାରତୀୟ ଦଳ ୩-୦ରେ ଇଂଲଣ୍ଡକୁ ହରାଇଥିଲା। ଭାରତ ବ୍ୟତୀତ ଏଭଳି କୀର୍ତ୍ତିମାନ କେବଳ ଅଷ୍ଟ୍ରେଲିଆ ମହିଳା ଦଳ ନାଁରେ ରହିଛି। ଭାରତ ଏହି ତାଲିକାରେ ଯୋଡି ହୋଇଛି।

ଭାରତ ପାଇଁ ମିତାଲି ଇଂଲଣ୍ଡ ମାଟିରେ ୪୧ ଟି ଦିନିକିଆ ଖେଳି ୧୫୫୫ ରନ କରିଥିଲେ। ସେ ପ୍ରଥମ ଅଣଇଂଲଣ୍ଡ ବ୍ୟାଟର ଭାବେ ଇଂଲଣ୍ଡରେ ହଜାରେ କିମ୍ବା ତାଠାରୁ ଅଧିକ ରନ କରିଥିଲେ। ୩୬ ବର୍ଷୀୟ ହରମନପ୍ରୀତ ମିତାଲିଙ୍କ ସମକକ୍ଷ ହୋଇଛନ୍ତି। ସେ ୩୦ ତମ ଦିନିକିଆ ଖେଳିବା ସହ ୧୦୦୦ ରନ ପୂରଣ କରିଛନ୍ତି। ଏହା ମଧ୍ୟରେ ୩ ଟି ଶତକ ଏବଂ ୫ ଟି ଅର୍ଦ୍ଧଶତକ ରହିଛି। ହରମନପ୍ରୀତ ତୃତୀୟ ଭାରତୀୟ ଭାବେ ଦିନିକିଆରେ ୪୦୦୦ ରନ୍ ପୂରଣ କରିଛନ୍ତି। ତାଙ୍କ ପୂର୍ବରୁ ମିତାଲି ରାଜ ୭୮୦୫ ରନ ଓ ସ୍ମୃତି ମନ୍ଧାନା ୪୫୮୮ ରନ୍ ହାସଲ କରିଛନ୍ତି।

## ମାଞ୍ଚେଷ୍ଟର ଟେଷ୍ଟ

# ଯଶସ୍ୱୀ, ସାଇଙ୍କ ଅର୍ଦ୍ଧଶତକ

## ଭାରତ ୨୬୪/୪




ମାଞ୍ଚେଷ୍ଟର, ୨୩।୭ (ଏଜେନ୍ସି) : ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଣ୍ଡରସନ - ତେନ୍ଦୁଲକର ଟ୍ରଫିର ଚତୁର୍ଥ ମ୍ୟାଚ ମାଞ୍ଚେଷ୍ଟରରେ ଆରମ୍ଭ ହୋଇଛି। ଏହି ମ୍ୟାଚ ପୂର୍ବରୁ ଆହତ ସମସ୍ୟା ଦେଇ ଗତିକରୁଥିବା ଟିମ୍ ଇଣ୍ଡିଆ ୩ ଟି ପରିବର୍ତ୍ତନ ସହ ପଡିଆକୁ ଓହ୍ଲାଇଥିଲେ ବି ଦଳ ପୁଣି ବିପର୍ଯ୍ୟର ସମ୍ମୁଖୀନ ହୋଇଛି। ଷ୍ଟମ୍ପ ଅପସାରଣ ସୁଦ୍ଧା ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଭାରତ ୮୩ ଓଭରରେ ୪ ୱିକେଟ୍ ହରାଇ ୨୬୪ ରନ କରିଛି। ପୁଣି ଥରେ ଦଳର ୩ ପ୍ରମୁଖ ବ୍ୟାଟର ଫେଲ ମାରିଛନ୍ତି। ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ ଓ ଶୁଭମନ୍ ଗିଲ ଭଲ ଆରମ୍ଭ ସତ୍ତ୍ୱେ ୱିକେଟ୍ ଫିଙ୍ଗି ପାଭିଲିୟନ ଫେରିବା ଦଳକୁ ଚାପକୁ ଠେଲି ଦେଇଛି। କିନ୍ତୁ ସାଇ ସୁଦର୍ଶନଙ୍କ ୬୧ ରନର ଅର୍ଦ୍ଧଶତକ ଇନିଂସ ଯୋଗୁଁ ଭାରତ ଅଣ୍ଟା ସଳଖିବାକୁ ସକ୍ଷମ ହୋଇଛି।

ଏହି ଶୃଙ୍ଖଳାରେ ଅଧିନାୟକ ଶୁଭମନ୍ ଗିଲ କ୍ରମାଗତ ଚତୁର୍ଥ ଥର ପାଇଁ ଟସ୍ ହାରିଛନ୍ତି। ଇଂଲଣ୍ଡ ଟସ୍ ଜିତି ଭ୍ରମଣକାରୀ ଭାରତକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଲୋକେଶ ରାହୁଲଙ୍କ ସହ ଯଶସ୍ୱୀ ଜୟସ୍ୱାଲ ଏପରି ଆରମ୍ଭ କଲେ ଯେ, ଇଂଲଣ୍ଡର ଟସ୍ ଜିତି ବୋଲିଂ କରିବା ନିଷ୍ପତ୍ତି ଭୁଲ ବୋଲି ଲାଗୁଥିଲା। କାରଣ ପ୍ରଥମ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ୩୦ ଓଭରରେ ୯୪ ରନର ପାର୍ଟନରସିପ୍ ହୋଇଥିଲା।୩୦ ଓଭରର ଶେଷ ବଲରେ ୪୬ ରନ କରି ଖେଳୁଥିବା ଲୋକେଶ ରାହୁଲ ସଞ୍ଜମତା ହରାଇ କ୍ରିସ୍ ୱୋକ୍ସଙ୍କ ବଲରେ କ୍ରାଓଲିଙ୍କ ହାତରେ ଧରା ପଡିଥିଲେ। ଯୋଡି ଭାଙ୍ଗିବାର ଆଉ ୧୦ ଓଭର ପରେ ଯଶସ୍ୱୀ ଜୟସ୍ୱାଲ ସ୍ପିନର ଡାଓସନଙ୍କ ବଲରେ ପ୍ରଥମ ସ୍ଲିପରେ ଜଗିଥିବା ବ୍ରୁକ୍‌ଙ୍କ ହାତରେ ଧରାପଡିଥିଲେ। ଆଉ ୯ ଓଭର ପରେ ଅର୍ଥାତ୍ ୪୯.୧ ଓଭରରେ ଶୁଭମନ୍ ଗିଲ ଦ୍ରୁତ ବୋଲର ବେନ୍ ଷ୍ଟୋକ୍ସଙ୍କ ଏକ ଇନସୁଇଙ୍ଗ ବଲକୁ ଛାଡିବାକୁ ଯାଇ ଏଲବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ସେ ପାଭିଲିୟନ୍ ଫେରିବା ବେଳକୁ ଦଳୀୟ ସ୍କୋର ୧୪୦ ରନ ହୋଇଥିଲା। ଗୋଟିଏ ଚୌକା ସହ ୨୩ ବଲରୁ ୧୨ ରନ କରିଥିଲେ ଗିଲ। ସାଇ ସୁଦର୍ଶନଙ୍କୁ ଯେଉଁ ସୁଯୋଗ ମିଳିଛି ତାହାର ସେ ସଦୁପଯୋଗ କରିଛନ୍ତି। ସେ ୧୫୧ ବଲର ସମ୍ମୁଖୀନ ହୋଇ ୬୧ ରନ ସ୍କୋର କରିଛନ୍ତି। ତାଙ୍କ ସହ ପନ୍ତ ୩୭ ରନ କରି ରିଟାୟର୍ଡ ହର୍ଟ ହୋଇଥିଲେ। ରବିନ୍ଦ୍ର ଜାଡେଜା ୧୯ ଓ ସାର୍ଦ୍ଦୁଲ ଠାକୁର ୧୯ ରନ କରି ଅପରାଜିତ ଅଛନ୍ତି। ଇଂଲଣ୍ଡର ବେନ୍ ଷ୍ଟୋକ୍ସ ୨ଟି, କ୍ରିସ ୱୋକ୍ସ ଓ ଲିୟାମ୍ ଡାଓସନ୍ ପ୍ରତ୍ୟେକ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ। ଭାରତର ଦଳୀୟ ସ୍କୋର ୫୦ ରନ ୧୦୬ ବଲରେ ପୂରଣ ହୋଇଥିଲା। ମଧ୍ୟାହ୍ନ ଭୋଜନ ବିରତି ବେଳକୁ ଭାରତର ଦଳୀୟ ସ୍କୋର ୭୮ ହୋଇଥିଲା। ୩୩.୩ ଓଭରରେ ୧୦୦ ରନ ପୂରଣ ହୋଇଥିଲା। ଜୟସ୍ୱାଲ ୯୬ ବଲରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ଜଳପାନ ବିରତି ବେଳକୁ ଭାରତ ୧ ୱିକେଟରେ ୧୨୦ ରନ୍ ସଂଗ୍ରହ କରିଥିଲା। ସେହିଭଳି ଚା ପାନ ବିରତି ବେଳକୁ ଭାରତ ୫୨ ଓଭରରେ ୩ ୱିକେଟ୍ ହରାଇ ୧୫୦ ରନ୍ ସଂଗ୍ରହ କରିଥିଲା। ୭୮.୨ ଓଭରରେ ୨୫୦ ରନ ପୂରଣ ହୋଇଥିଲା। ଖରାପ ପାଗ ସାଙ୍ଗକୁ ଆବଶ୍ୟକ ଆଲୋକ ଅଭାବ ଯୋଗୁଁ ମ୍ୟାଚକୁ ୮୩ ଓଭରରେ ବନ୍ଦ ରଖାଯାଇଥିଲା।

# ୧୪ ଥର ଟସ୍ ହାରିଲା ଭାରତ

ମାଞ୍ଚେଷ୍ଟର, ୨୩।୭ (ଏଜେନ୍ସି) : ଭାରତ ଓ ଇଂଲଣ୍ଡ ମଧ୍ୟରେ ମାଞ୍ଚେଷ୍ଟର ଚତୁର୍ଥ ଟେଷ୍ଟ ଆରମ୍ଭ ହୋଇଛି। ଇଂଲଣ୍ଡ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଏହି ଆଣ୍ଡରସନ -ତେନ୍ଦୁଲକର ଶୃଙ୍ଖଳାରେ ଭାରତ ଲଗାଦାର ଚତୁର୍ଥ ଥର ପାଇଁ ଟସ୍ ହାରିଛି। ଅଧିନାୟକ ଭାବେ ଶୁଭମନ୍ ଗିଲ୍ ଏପର୍ଯ୍ୟନ୍ତ ଗୋଟିଏ ବି ଟସ୍ ଜିତିପାରିନାହାଁନ୍ତି। ଏଥିସହ ଭାରତ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସବୁଠୁ ଅଧିକ ଥର ଟସ୍ ହାରିବାର ରେକର୍ଡ ବଜାୟ ରଖିଛି। ଭାରତ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଟସ୍ ହାରିବା ସହ ୱେଷ୍ଟଇଣ୍ଡିଜର ଅନ୍ତର୍ଜାତୀୟ ଟସ୍ ରେକର୍ଡକୁ ପଛରେ ପକାଇଥିଲା। ଅନ୍ତର୍ଜାତୀୟ କ୍ରିକେଟରେ ସବୁଠୁ ଅଧିକ ଥର ଟସ୍ ହାରିବାର ରେକର୍ଡ ଭାରତ ନାଁରେ ରହିଛି। ୨୦୨୫ ଜାନୁଆରୀ ୩୧ ରୁ ଜୁଲାଇ ୨୩ ତାରିଖ ପର୍ଯ୍ୟନ୍ତ ଭାରତ ୧୪ ଥର ଟସ୍ ହାରିଛି। ଏହି ତାଲିକାର ୨ୟ ସ୍ଥାନରେ ରହିଛି ଇଣ୍ଡିଜ୍। ୧୯୯୯ରେ ଇଣ୍ଡିଜ୍ ୧୨ ଥର କ୍ରମାଗତ ଟସ୍ ହାରିଥିଲା। ଇଂଲଣ୍ଡ ୨୦୨୨ ଡିସେମ୍ବରରୁ ୨୦୨୩ ମାର୍ଚ୍ଚ ମଧ୍ୟରେ ୧୧ ଥର ଟସ୍ ହାରିଥିଲା।



ମାଞ୍ଚେଷ୍ଟର ଟେଷ୍ଟରେ ଭାରତ ୩ ଟି ପରିବର୍ତ୍ତନ ସହ ପଡିଆକୁ ଓହ୍ଲାଇଛି। ୩ ନଂ ସ୍ଥାନରେ ସାଇ ସୁଦର୍ଶନଙ୍କୁ ସୁଯୋଗ ମିଳିଛି। ଆହତ ହୋଇ ଶୃଙ୍ଖଳାରୁ ବାଦ ପଡିଥିବା ନୀତିଶ କୁମାର ରେଡ୍ଡିଙ୍କ ସ୍ଥାନରେ ସାର୍ଦ୍ଦୁଲ ଠାକୁରଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିଛି। ଆହତ ଯୋଗୁଁ ଆକାଶ ଦୀପ ଚତୁର୍ଥ ଟେଷ୍ଟରୁ ବାଦ ପଡିଛନ୍ତି। ଅଂଶୁଲ କାମ୍ବୋଜ୍ ଟେଷ୍ଟ ପଦାର୍ପଣ କରିଛନ୍ତି।

# କୁମ୍ବଲେ ଓ ଅଂଶୁଲଙ୍କ ମଧ୍ୟରେ ସଂଯୋଗ



ମାଞ୍ଚେଷ୍ଟର, ୨୩।୭(ଏଜେନ୍ସି) : ମାଞ୍ଚେଷ୍ଟର ଟେଷ୍ଟ ପାଇଁ ଭାରତୀୟ ଚୂଡାନ୍ତ ଏକାଦଶରେ ଯୁବ ବୋଲର ଅଂଶୁଲ କାମ୍ବୋଜଙ୍କୁ ସୁଯୋଗ ମିଳିଛି। ସେ ଟେଷ୍ଟ ଡେବ୍ୟୁ କରିଛନ୍ତି। କରୁଣ ନାଏର, ନୀତିଶ କୁମାର ରେଡ୍ଡି ଓ ଆକାଶ ଦୀପଙ୍କ ସ୍ଥାନରେ ସାଇ ସୁଦର୍ଶନ, ଅଂଶୁଲ କାମ୍ବୋଜ୍ ଓ ସାର୍ଦ୍ଦୁଲ ଠାକୁରଙ୍କୁ ସୁଯୋଗ ମିଳିଛି। ରଣଜୀ କ୍ରିକେଟ୍‌ରେ ଗୋଟିଏ ଇନିଂସରେ ୧୦ ଟି ୱିକେଟ୍ ନେଇ ଅଂଶୁଲ ଚର୍ଚ୍ଚାକୁ ଆସିଥିଲେ। ଅନିଲ କୁମ୍ବଲେ ଓ ଅଂଶୁଲ କାମ୍ବୋଜଙ୍କ ମଧ୍ୟରେ ଏକ ଚମତ୍କାର ସଂଯୋଗ ରହିଛି। ୧୯୯୦ରେ ଭାରତ ମହାନ ସ୍ପିନର କୁମ୍ବଲେ ମାଞ୍ଚେଷ୍ଟରରେ ତାଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ଅଂଶୁଲ ମଧ୍ୟ ତାଙ୍କ କ୍ୟାରିୟର ମାଞ୍ଚେଷ୍ଟରରେ ଆରମ୍ଭ କରିଛନ୍ତି। ଦୁଇଜଣ ଯାକ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ୧୦ ଟି ଲେଖାଏଁ ୱିକେଟ୍ ନେଇଛନ୍ତି। ଉଭୟଙ୍କ ନାଁକୁ ସର୍ଟକଟ୍‌ରେ ଏ.କେ ଲେଖାଯାଏ। ଭାରତ ମାଞ୍ଚେଷ୍ଟରରେ ଏ ପର୍ଯ୍ୟାନ୍ତ ଗୋଟିଏ ବି ଟେଷ୍ଟ ଜିତି ପାରିନାହିଁ। ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ଇଂଲଣ୍ଡ ୨-୧ରେ ଅଗ୍ରଣୀ ରହିଛି। ସିରିଜରେ ତିଷ୍ଟି ରହିବା ପାଇଁ ଭାରତକୁ ଏହି ମ୍ୟାଚରେ ନିଶ୍ଚିତ ବିଜୟ ଲାଭ କରିବାକୁ ହେବ।

କାମ୍ବୋଜ ଭାରତ ପାଇଁ ଡେବ୍ୟୁ କରିଛନ୍ତି । ୨୪ ବର୍ଷୀୟ ଡାହାଣହାତୀ ଦ୍ରୁତ ବୋଲର କାମ୍ବୋଜ ଭାରତର ୩୧୮ ତମ ଖେଳାଳି ଭାବେ ଟେଷ୍ଟ ଡେବ୍ୟୁ କରିଛନ୍ତି। ଇଂଲଣ୍ଡ ବିପକ୍ଷ ଭାରତୀୟ ଦଳରେ କାମ୍ବୋଜ ନଥିଲେ। ତାଙ୍କୁ ଶେଷ ଦୁଇ ମ୍ୟାଚ ପାଇଁ ସାମିଲ କରାଯାଇଥିଲା। ଆକାଶ ଦୀପ ଆହତ ହେବାରୁ ତାଙ୍କ ସ୍ଥାନରେ କାମ୍ବୋଜଙ୍କୁ ସୁଯୋଗ ମିଳିଛି। କାମ୍ବୋଜ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଭାରତ ଏ ପାଇଁ ଦମଦାର ବୋଲିଂ କରିଥିଲେ। ହରିୟାଣାର ଏହି ବୋଲର ଜଣଙ୍କ ଆଇପିଏଲ୍‌ରେ ନିଜର ଦକ୍ଷତା ଦେଖାଇଥିଲେ। ଗତ ବର୍ଷ ନଭେମ୍ବର ମାସରେ ରଣଜୀ ଟ୍ରଫିରେ କାମ୍ବୋଜ ଗୋଟିଏ ଇନିଂସରେ ଏକାକି ୧୦ ୱିକେଟ୍ ନେଇ ଚର୍ଚ୍ଚାକୁ ଆସିଥିଲେ। ସେ ଭାରତ ପାଇଁ କିଛି କରିବାକୁ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇବେ। କାମ୍ବୋଜ ମାଞ୍ଚେଷ୍ଟରରେ କୁମ୍ବଲେଙ୍କ ଡେବ୍ୟୁର ୩୫ ବର୍ଷ ପରେ ଭାରତ ପାଇଁ ଡେବ୍ୟୁ କରିଛନ୍ତି। ୨୦୨୨ ଫେବୃଆରୀରେ କାମ୍ବୋଜ ହରିୟାଣା ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଡେବ୍ୟୁ କରିଥିଲେ। ୨୦୨୪ ରେ କେରଳ ବିପକ୍ଷ ରଣଜୀ ମୁକାବିଲାରେ ଗୋଟିଏ ଇନିଂସରେ ସମସ୍ତ ୧୦ ୱିକେଟ୍ ନେଇଥିଲେ। ୨୦୨୪ରେ ଆଇପିଏଲ୍‌ରେ ଡେବ୍ୟୁ କରିଥିଲେ। ମୁମ୍ବାଇ ତାଙ୍କୁ କୋଡିଏ ଲକ୍ଷ ଟଙ୍କାରେ କିଣିଥିଲା। ୨୦୨୪ରେ ସେ ମାତ୍ର ୩ ଟି ମ୍ୟାଚ ଖେଳିଥିଲେ। ପରେ ଅପସନ୍ ପୂର୍ବରୁ ତାଙ୍କୁ ମୁମ୍ବାଇ ରିଲିଜ୍ କରିଦେଇଥିଲା। ୨୦୨୫ରେ ଚେନ୍ନାଇ ତାଙ୍କୁ କିଣିଥିଲା। ସେ ମଧ୍ୟ ଆଇପିଏଲରେ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ।

# ଚାଇନା ଓପନ : ପ୍ରିକ୍ୱାର୍ଟରରେ ସିନ୍ଧୁ

ଚାଙ୍ଗଝୌ, ୨୩।୭ (ଏଜେନ୍ସି) : ଦୁଇଥର ଅଲିମ୍ପିକ୍ ବିଜୟିନି ପି. ଭି ସିନ୍ଧୁ ଚାଇନା ଓପନ ବିଡବ୍ଲ୍ୟୁଏଫ୍ ସୁପର ହଜାରେ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଚାଙ୍ଗଝୌର ଅଲିମ୍ପିକ୍ସ ସ୍ପୋର୍ଟ୍ସ ସେଣ୍ଟର ଜିମ୍ନାସିୟମ୍‌ରେ ଅନୁଷ୍ଠିତ ମ୍ୟାଚରେ ବିଶ୍ୱର ୬ ନଂ ଖେଳାଳି ଜାପାନର ତୋମୋକା ମିୟାଜାକିଙ୍କୁ ଭେଟିଥିଲେ ସିନ୍ଧୁ। ଏହି ମ୍ୟାଚରେ ସିନ୍ଧୁ ୨୧-୧୫, ୮-୨୧, ୨୧-୧୭, ଗେମରେ ତୋମୋକାଙ୍କୁ ପରାଜିତ କରିଥିଲେ।

ପୁରୁଷ ଡବ୍ଲସରେ ଭାରତର ସାତ୍ତ୍ୱିକ - ଚିରାଗ ଯୋଡି ଜମାଣିଆ ପ୍ରଦର୍ଶନ ସହ ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଏହି ଯୋଡି ୨୧-୧୩, ୨୧-୯ ଗେମ୍‌ରେ ଜାପାନର କିନ୍ୟା ମିଟସୁହାସି ହିରୋକି ଓକାମୋରାଙ୍କୁ ପରାଜିତ କରିଥିଲେ। ମହିଳା ଡବଲ୍ସରେ ଓଡିଶାର ପଣ୍ଡା ଭଉଣୀ ରୁତପର୍ନା ଓ ସ୍ୱେତପର୍ନା ହଙ୍ଗକଙ୍ଗର ପ୍ରତିପକ୍ଷଙ୍କୁ ଠାରୁ ପରାଜିତ ହୋଇ ଅଭିଯାନ ଶେଷ କରିଛନ୍ତି।

# ଆତଙ୍କବାଦୀଙ୍କ ଗୁଳି ମାଡରୁ ବର୍ତ୍ତିଥିଲେ ଅମ୍ପାୟାର



ମାଞ୍ଚେଷ୍ଟର ଟେଷ୍ଟରେ ରୋଡ ଟକ୍କର ଓ ଏହସାନ ରାଜା ଫିଲ୍ଡ ଅମ୍ପାୟାରିଂ ଦାୟିତ୍ୱ ତୁଲାଉଛନ୍ତି। ଶ୍ରୀଲଙ୍କାର କୁମାର ଧର୍ମସେନା ତୃତୀୟ ଅମ୍ପାୟାର ଓ ଜ୍ୟେଫ କ୍ରୋ ମ୍ୟାଚ ରେଫରି ଅଛନ୍ତି। ଭାରତ ମ୍ୟାଚ ପାକିସ୍ତାନ ଏହସାନ ରାଜା ଅମ୍ପାୟାରିଂ କରିବା ଚର୍ଚ୍ଚାର କାରଣ ସାଜିଛି। ୨୦୦୯ ମାର୍ଚ୍ଚ ୩ରେ ଲାହୋରରେ ଶ୍ରୀଲଙ୍କା କ୍ରିକେଟ୍ ଦଳ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ଏହସାନଙ୍କ ଦେହରେ ଦୁଇଟି ଗୁଳି ବାଜିଥିଲା। ଲାହୋର ଡାକ୍ତରଖାନାରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେବା ପରେ ଏହସାନ ସୁସ୍ଥ ହୋଇଥିଲେ। ୨୦୧୦ ରୁ ଏହସାନ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଅମ୍ପାୟାରିଂ କରି ଆସୁଛନ୍ତି। ଟି -୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପ୍ରଥମ ଅମ୍ପାୟାର ଭାବେ ସେ ୫୦ ରୁ ଅଧିକ ମ୍ୟାଚ ପରିଚାଳନା କରିଛନ୍ତି। ୨୦୨୩ ବିଶ୍ୱ କପ୍ ଓ ୨୦୨୪ ଟି -୨୦ ବିଶ୍ୱ କପରେ ମଧ୍ୟ ସେ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ୨୦୨୩ରେ ସେ ଆଇସିସି ଏଲିଟ ପ୍ୟାନେଲରେ ସାମିଲ ହୋଇଥିଲେ।

# ଆକ୍ରମଙ୍କ ରେକର୍ଡ ଭାଙ୍ଗିବେ ବୁମରା




ବୁମରା ମାଞ୍ଚେଷ୍ଟର ଟେଷ୍ଟରେ ପାକିସ୍ତାନର ୱାସିମ୍ ଆକ୍ରମଙ୍କ ରେକର୍ଡ ଭାଙ୍ଗିବାର ସୁଯୋଗ ରହିଛି। ସେନା ଦେଶ ବିପକ୍ଷରେ ବୁମରା ୧୧ ଥର ୫ ୱିକେଟ୍ ସଫଳତା ହାସଲ କରିଛନ୍ତି। ୱାସିମ୍ ଆକ୍ରମ ମଧ୍ୟ ୩୨ ଟେଷ୍ଟରେ ୧୧ ଥର ୫ ୱିକେଟ୍ ସଫଳତା ଲାଭ କରିଛନ୍ତି। ବୁମରା ଆଉ ଥରେ ଯଦି ୫ ୱିକେଟ୍ ଅକ୍ତିଆର କରିନ୍ତି ତାହା ହେଲେ ଆକ୍ରମଙ୍କୁ ପଛରେ ପକାଇବେ। ଶ୍ରୀଲଙ୍କାର ମୁଥିଆ ମୁରଲୀଧରନ ସେନାଦେଶ ବିପକ୍ଷରେ ୧୦ ଥର ୫ ୱିକେଟ୍ ସଫଳତା ହାସଲ କରିଛନ୍ତି। ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ବୁମରା ୩ ଟି ମ୍ୟାଚ ଖେଳି ଭଲ ଫର୍ମରେ ଅଛନ୍ତି। ଲିଡ୍ସ ଓ ଲର୍ଡ୍ସରେ ବୁମରା ୫ ୱିକେଟ୍ ସଫଳତା ହାସଲ କରିଛନ୍ତି।

# ସାହାଣୀ କପ ଫାଇନାଲରେ ସୁନ୍ଦରଗଡ଼

କେନ୍ଦୁଝର, (ସବ୍ୟୁ): କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆ ଠାରେ ଆଜି ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟର ଜୋନାଲ ଫାଇନାଲ ଖେଳ ଅନୁଷ୍ଠି ହୋଇଯାଇଛଇ। ଏଥିରେ ଟ୍ରାଇବେକରରେ ସୁନ୍ଦର ଗଡ଼୩-୧ ଗୋଲରେ ରାଉରକେଲାକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ବର୍ଷା ସତ୍ତ୍ୱେ ଭରପୁର ଦର୍ଶକ ମଧ୍ୟରେ କେନ୍ଦୁଝର ଷ୍ଟାଡିୟମ ଖେଳ ଅନୁଷ୍ଠିତ ହୋଇଥିଲ। ତୀବ୍ର ପ୍ରତିଦ୍ୱନ୍ଦୀତା ତଥା ସଂଘର୍ଷପୂର୍ଣ୍ଣ ଭବେ ଅନୁଷ୍ଠିତ ଆଜିର ଏହି ଖେଳ ଆରମ୍ଭ ହେବା ଠାରୁ ଶେଷ ହୁଇସିଲ ବାଜିବା ପର୍ଯ୍ୟନ୍ତ ବେଶ ଉପଭୋଗ୍ୟ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ଭାବେ ଖେଳ ସମାପ୍ତ ହେବାରୁ ଟାଇ ବ୍ରେକର ପଦ୍ଧତିର ଆଶ୍ରୟ ନିଆଯାଇଥିଲା। ଏଥିରେ ସୁନ୍ଦରଗଡ଼ର ଗୋଲ କିପର ଆକାଶ ଓରାମ ଅତି ଚମତ୍କାର ଭାବେ ତିନୋଟି ପେନାଲଟି କିକକୁ ଗୋଲ ହେବାରୁ ରକ୍ଷା କରି ସୁନ୍ଦରଗଡ଼ ଦଳକୁ ୩-୧ ଟାଇ ବ୍ରେକର ଗୋଲରେ ଜିତାଇବାରେ ମୁଖ୍ୟ ପୁରୋଧା ସାଜିଥିଲେ। ଏଥିସହ କେନ୍ଦୁଝର ଜୋନରୁ ସୁନ୍ଦରଗଡ଼ ଜିଲ୍ଲା ସେମି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଖେଳ ଆରମ୍ଭ ହେବା ପୂର୍ବରୁ ମୁଖ୍ୟ ଅତିଥି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ତଥା କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଉପ ସଭାପତି ନୀତିନ କୁଶଲକରଙ୍କ ସହ ଖେଳାଳି ମାନଙ୍କୁ ପରିଚିତ କରାଇ ଦିଆ ଯାଇଥିଲା। ଏହି ଟୁର୍ନାମେଣ୍ଟର ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲ୍ଲା କ୍ରୀଡା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ,ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା,



କାଉନସିଲ ସଦସ୍ୟ ସୁରେଶ ରଣା, ରାଜକୁମାର ମିଶ୍ର, , ସନାତନ ବେହେରା, ସନ୍ଦୀପ ବେହେରା,ଗିରୀଶ ଚନ୍ଦ୍ର ହୋତା,ବୀରେନ୍ଦ୍ର ମହାନ୍ତ, ଦିଲ୍ଲୀପ କୁମାର ପଣ୍ଡା ଏବଂ ମାର୍କଣ୍ଡ ସାମଲ ପ୍ରମୁଖ ମଞ୍ଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

# ଝାରସୁଗୁଡାକୁ ହରାଇ ସେମିରେ କଟକ

ରାଜକନିକା,(ସବ୍ୟୁ) : ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡା ସଂସଦ ଓ ଫୁଟବଲ ଆସୋସିଏସନ ଅଫ ଓଡିଶା ସହଯୋଗରେ ରାଜକନିକା ଠାରେ ଚାଲିଥିବା ୬୪ ତମ ସିନିଅର ଆନ୍ତ ଜିଲ୍ଲା ସାହାଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର୍ କ୍ୱାଟର ଫାଇନାଲ ଖେଳ କଟକ ଓ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ଏଥିରେ କଟକ ୫ - ୦ ଗୋଲ ରେ ବିଜୟ ଲାଭ କରି ସେମିଫାଇନାଲ ରେ ପ୍ରବେଶ କରିଛି ଏହି ଖେଳରେ ମୁଖ୍ୟ ଅତିଥି ଭାବେ ପି ସି ସି ସମ୍ପାଦିକା ତଥା ଆଳି ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତ୍ରୀ ଦେବସ୍ମିତା ଶର୍ମା,ସମ୍ମାନିତ ଅତିଥି ଭାବେ ଫାଓ ର ଉପସଭାପତି ବୀରେନ୍ଦ୍ର କୁମାର ବେହେରା,ଓ ସହଦେ ରାଉତ,ଟି ଆଣ୍ଡ ଟି କମିଟି ସଦସ୍ୟ ରମେଶ ଚନ୍ଦ୍ର ମଲ୍ଲିକ, ଓ କାର୍ଯ୍ୟକାରୀ ସଦସ୍ୟ ସେକ ଏହସାନ ପ୍ରମୁଖ ଯୋଗ ଦେଇଥିଲେ ଏହି ଅବସରରେ ଆସୋସିଏସନ ର ସଭାପତି ଦୋଳ ଗୋବିନ୍ଦ ନାୟକ,ଉପସଭାପତି କପିଳେନ୍ଦ୍ର ମଲ୍ଲିକ,ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ,ଯୁଗ୍ମ ସମ୍ପାଦକ ଡ.ଫକୀର ଚନ୍ଦ୍ର ପ୍ରଧାନ, କୋଷାଧକ୍ଷ ଦେବେନ୍ଦ୍ର କୁମାର ନାୟକ,ମିଡ଼ିଆ ସମ୍ପାଦକ ଅଜୟ କୁମାର ରାଉତ,ଉପଦେଷ୍ଟା ଆଦିକନ୍ଦ ଦାସ, ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ଆଶୀର୍ବାଦ କାନୁନଗୋ ଖେଳ ପରିଚାଳନା କରିଥିବା ବେଳେ ଦିଲୀପ ରାଉତ ମ୍ୟାଚ କମିଶନ ର କାର୍ଯ୍ୟ ସମ୍ପାଦନ କରିଥିଲେ କଟକ ଦଳର ଦୀନବନ୍ଧୁ ଦାସ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ ଗୋଲକିହାରୀ ମଲ୍ଲିକ, ବାସୁଦେବ ବେହେରା, ପର୍ଶୁରାମ ସାହୁ, ବିଜୟ ଭୂୟାଁ, ଅରୁଣ ବାରିକ, ବେଣୁଧର ପରିଡା,ମିର୍ଜା ଇବ୍ରାହିମ ବେଗ,ଅକ୍ଷୟ ନାଥ,ରଙ୍ଗାଧର ବେହୁରା,ସୋମ୍ୟ କାନ୍ତ ନାୟକ, ବିଶ୍ୱନାଥ ଦାଶ,ପ୍ରହଲ୍ଲାଦ ଜେନା ଆଦି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି